# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଅକ୍ଟୋବର ୨୨/୨୦୨୦ (୧୬ ପୃଷ୍ଠା) | Rayagada, Thursday, October 22/2020 | ★

୧୦ମ ଭାଗ ୧୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଆଇପିଏଲ୍‌ରୁ ବ୍ରାଭୋ ଓହରିଲେ**

ଚେନ୍ନାଇ ସୁପରକିଙ୍ଗ୍ସ ଅଲରାଉଣ୍ଡର ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ଆହତ ସମସ୍ୟା ଯୋଗୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରୁ ଓହରି ଯାଇଛନ୍ତି।

୧୬

୧୪

**କର୍କଟ ଲଢ଼େଇ ଜିତିଲେ ସଞ୍ଜୟ**

ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ କର୍କଟ ଲଢ଼େଇ ଜିତିଛନ୍ତି। ଏନେଇ ସେ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି।





ଭୁବନେଶ୍ୱରରେ ବୁଧବାର ଲଘୁଚାପଜନିତ ପ୍ରବଳ ବର୍ଷା।

# ଆର୍‌ଟିଆଇ: ଉଦାସୀନତାରୁ ଅଚଳାବସ୍ଥା

ନୂଆଦିଲ୍ଲୀ,୨୧।୧୦

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପ୍ରଣୟନ ହେବାର ୧୫ ବର୍ଷ ବିତିଗଲାଣି। କିନ୍ତୁ ଏହା ଲୋକଙ୍କ କାମରେ କେତେ ଆସିପାରୁଛି। ଏହି ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ, କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନଗୁଡ଼ିକରେ କମିଶନର ପଦବୀ ଖାଲି ପଡ଼ିଥିଲେ ସୁଦ୍ଧା ସେଗୁଡ଼ିକୁ ପୂରଣ କରିବାରେ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଥିବା ଭଳି ମନେହେଉନାହିଁ। ପୂର୍ବରୁ ଦ୍ୱିତୀୟ ଅପିଲଗୁଡ଼ିକର ସମାଧାନ କ୍ଷେତ୍ରରେ ହେଉଥିବା ବିଳମ୍ବ ସୂଚନା ଅଧିକାର ଆଇନର ନୈତିକ ମନୋବଳକୁ ହତ୍ୟା କରିଥିଲା। ଏବେ କେନ୍ଦ୍ରରେ ମୁଖ୍ୟ ସୂଚନା କମିଶନର ଓ ଅନେକ ରାଜ୍ୟରେ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଉ ନ ଥିବାରୁ ଆର୍‌ଟିଆଇ ସଙ୍କଟ ଜଟିଳ ହୋଇଛି। ସିଆଇସିଙ୍କ ନିକଟରେ ପ୍ରାୟ ୪୦,୦୦୦ ଅପିଲ ଓ କମ୍ପ୍ଲେଣ୍ଟ ଗଦା ହୋଇଥିବାବେଳେ ରାଜ୍ୟ ଆଇସିମାନଙ୍କ ପାଖରେ ଏପରି ୨ ଲକ୍ଷ ମାମଲା ପଡ଼ିରହିଥିବାରୁ ଆର୍‌ଟିଆଇର କାର୍ଯ୍ୟକାରିତା ନୈରାଶ୍ୟଜନକ ସ୍ଥିତିରେ ରହିଛି। କୌଣସି କାର୍ଯ୍ୟ ସମୟବଦ୍ଧ ଭାବେ ହେଉ ନ ଥିବାରୁ ଲୋକେ ମାସ ମାସ ଧରି ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଅନେକ ସ୍ଥଳେ ନାଗରିକଙ୍କ ଆବେଦନର ଶୁଣାଣି ଲାଗି ବର୍ଷ ବର୍ଷ ଲାଗିଯାଉଛି।

ଆର୍‌ଟିଆଇ ଆଇନ ପାର୍ଲାମେଣ୍ଟରେ ୨୦୦୫ ଜୁନ ୧୫ରେ ଗୃହୀତ ହୋଇ ସେହିବର୍ଷ ଅକ୍ଟୋବର ୧୨ରୁ ଦେଶରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଥିଲା। ଦୁର୍ନୀତି ବିରୋଧରେ ଲୋକଙ୍କ ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ବୋଲି ବିବେଚନା କରାଯାଉଥିବା ଆର୍‌ଟିଆଇ ଆଇନକୁ ଇତିମଧ୍ୟରେ ୧୫ ବର୍ଷ ବିତିଗଲାଣି। ସରକାରଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲାଗି ପ୍ରତିଶ୍ରୁତି ଦେଇ ପ୍ରଣୟନ କରାଯାଇଥିବା ଏହି ଆଇନ କ୍ରମଶଃ ନିଷ୍କ୍ରିୟ ହୋଇ ପଙ୍ଗୁ ଅବସ୍ଥା ଆଡ଼କୁ ଅଗ୍ରସର ହେଉଛି। ☞ପୃଷ୍ଠା–୪

## ୬ ବର୍ଷରେ ସିଆଇସି ୫ ଥର ମୁଣ୍ଡବିହୀନ

■ ୨୦୧୪ ଅଗଷ୍ଟ ୨୨ ତାରିଖରେ ରାଜୀବ ମାଥୁର ଅବସର ନେବା ପରେ ୨୦୧୫ ଜୁନ୍ ୧୦ ପର୍ଯ୍ୟନ୍ତ ସିଆଇସି ପଦବୀ ଖାଲି ପଡ଼ିଥିଲା।



■ ୨୦୧୫ ଡିସେମ୍ବର ୧ରେ ବିଜୟ ଶର୍ମାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ୨୦୧୬ ଜାନୁୟାରୀ ୪ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହି ପଦବୀ ପୂରଣ କରି ନ ଥିଲେ।

■ ୨୦୧୮ ନଭେମ୍ବର ୨୪ରେ ତତ୍କାଳୀନ ସିଆଇସି ଆର୍.କେ. ମାଥୁର ଚାକିରିରୁ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ୨୦୧୯ ଜାନୁୟାରୀ ୧ ଯାଏ କାହାକୁ ଅବସ୍ଥାପିତ କରାଯାଇ ନ ଥିଲା।

■ ୨୦୨୦ ଜାନୁୟାରୀ ୧୦ରେ ସୁଧୀର ଭାର୍ଗବ ଅବସର ନେବା ପରଠାରୁ ୨୦୨୦ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଏହି ପଦବୀ ଖାଲି ପଡ଼ିଥିଲା।

■ ୨୦୨୦ ଅଗଷ୍ଟ ୨୬ରେ ବିମଲ ଜୁଲ୍କା ଅବସର ନେଇଥିଲେ। ସେବେଠୁ ସିଆଇସି ପଦରେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ।

## ସୁପ୍ରିମକୋର୍ଟରେ ପିଟିଶନ

ନୂଆଦିଲ୍ଲୀ,୨୧।୧୦: କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ଅଧା ଷ୍ଟାଫ୍‌ଙ୍କୁ ନେଇ କାମ କରୁଛି। ମୁଖ୍ୟ ସୂଚନା କମିଶନର ଓ ଅନ୍ୟ ୧୧ ସୂଚନା କମିଶନର ରହିବା ବ୍ୟବସ୍ଥା ଥିବାବେଳେ ଏବେ ମାତ୍ର ୫ ଜଣ ଯଶବର୍ଦ୍ଧନ କୁମାର ସିହ୍ନା, ବନଜା ଏନ୍. ସର୍ନା, ନୀରଜ କୁମାର ଗୁପ୍ତା, ସୁରେଶ ଚନ୍ଦ୍ରା ଏବଂ ଡ. ଅମିତାଭ ପାଣ୍ଡୋଭ୍ ଆଇସି ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିବା ସିଆଇସିଙ୍କ ସୁନ୍ଦର ବିଲ୍ଡିଂ ଅଫିସରେ ୫୦%ରୁ ଅଧିକ ପଦବୀ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ଅଞ୍ଜଳି ଭରଦ୍ୱାଜ, ଲୋକେଶ କେ. ବାତ୍ରା ଓ ଅମ୍ରିତା ଜୋହରିଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପୂର୍ବରୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଏହା ବିଚାରାଧୀନ ଥିବାବେଳେ ୩ ଆବେଦନକାରୀ ଏହାର ତ୍ୱରିତ ଶୁଣାଣି ପାଇଁ ପୁଣି ଏକ ପିଟିଶନ ଦାଏର କରିଛନ୍ତି। ସିଆଇସି ଭଳି ସାମ୍ବିଧାନିକ ସଂସ୍ଥାରେ ୫ ଆଇସି ଏବଂ ମୁଖ୍ୟ ପଦବୀରେ ତୁରନ୍ତ ନିଯୁକ୍ତି ନିମନ୍ତେ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀମାନେ ଶୀର୍ଷ ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

# ୩୦ ଲକ୍ଷ କେନ୍ଦ୍ର କର୍ମଚାରୀଙ୍କୁ ମିଳିବ ବୋନସ

ନୂଆଦିଲ୍ଲୀ,୨୧।୧୦

କରୋନା ପ୍ରଭାବିତ ଦେଶର ଅର୍ଥ ବ୍ୟବସ୍ଥାରେ ବଜାର ଚାହିଦା ଫେରାଇ ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ ପ୍ରାୟ ୩୦ ଲକ୍ଷ ଅଣଗେଜେଟେଡ୍ କର୍ମଚାରୀଙ୍କୁ ବୋନସ ପ୍ରଦାନ ପ୍ରସ୍ତାବକୁ କ୍ୟାବିନେଟ୍ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏଥିରେ କର୍ମଚାରୀଙ୍କୁ ୩,୭୩୭ କୋଟି ଟଙ୍କା ପ୍ରଦାନ କରାଯିବା ନେଇ ଯୋଜନା ରଖାଯାଇଛି। ୨୦୧୯–୨୦ ଲାଗି ଉତ୍ପାଦକତା ସଂଯୋଗୀ ଏବଂ ଅଣ ଉତ୍ପାଦକତା ସଂଯୋଗୀ ବୋନସକୁ କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଅନୁମୋଦନ ମିଳିଛି। ବିଜୟା ଦଶମୀ ପୂର୍ବରୁ କର୍ମଚାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟରେ ଏକାଥରକେ ଏହି ଅର୍ଥ ☞ପୃଷ୍ଠା–୪

# ଦୁଇଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

■ ୱେଲ୍‌ମାର୍କର ରୂପ ନେଲା ଲଘୁଚାପ
■ ଆଜି ଅବପାତରେ ପରିଣତ ହେବ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ୱେଲ୍‌ମାର୍କର ରୂପ ନେଇ ସାରିଛି। ଗୁରୁବାର ଏହା ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଗଭୀର ଅବପାତରେ ପରିଣତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଦୁଇଦିନ ☞ପୃଷ୍ଠା–୪

# ଜମି ଲୋଭରୁ ଟ୍ରିପଲ ମର୍ଡର

ସମ୍ବଲପୁର,୨୧।୧୦(ବ୍ୟୁରୋ)

■ ଗୋଟିଏ ପରିବାର ମୂଳପୋଛ
■ ରକ୍ତରେ ଭିଜିଲା ଲପଡା ଗାଁ
■ ଅଭିଯୁକ୍ତ ବାପ, ପୁଅ ଗିରଫ
■ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା ପୋଲିସ

ଜମି ବିବାଦକୁ କେନ୍ଦ୍ର କରି ସମ୍ବଲପୁର ଜିଲା ମହୁଲପାଲି ଥାନା ଲପଡା ଗ୍ରାମରେ ବୁଧବାର ଟ୍ରିପଲ ମର୍ଡର ଘଟିଛି। ୩ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଫଳରେ ଗୋଟିଏ ପରିବାର ମୂଳପୋଛ ହୋଇଯାଇଛି। ମୃତକ ହେଲେ ପୀରବତୀ ବେହେରା (୫୫), ତାଙ୍କ ଝିଅ ସାବିତ୍ରୀ ସାହୁ (୩୦) ଓ ଜ୍ୱାଇଁ ଗିରିଧାରୀ ସାହୁ (୩୮) । ଧାନ ଜମିରେ ଗିରିଧାରୀଙ୍କୁ ହତ୍ୟା କରାଯାଇଥିବାବେଳେ ଗାଁ ଦାଣ୍ଡରେ ପୀରବତୀ ଓ ନଳକୂଅ ନିକଟରେ ସାବିତ୍ରୀଙ୍କୁ ହତ୍ୟା କରାଯାଇଥିଲା। ବହୁ ସମୟ ଧରି ୩ ମୃତଦେହ ଗାଁରେ ପଡି ରହିଥିଲା। ଖବର ପାଇ ମହୁଲପାଲି ଥାନା ଅଧିକାରୀ ଜ୍ୟୋସ୍ନାରାଣୀ ବେହେରା ଓ କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର ସଦଳବଳେ ପହଞ୍ଚି ଅଭିଯୁକ୍ତ ନବୀନ ଦେହୁରୀ ଓ ତାଙ୍କ ପୁଅ ହେମାନନ୍ଦଙ୍କୁ ଗିରଫ କରିଛନ୍ତି। ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଥାନାରେ ଏକ ମାମଲା(ନଂ.୧୭୫/୨୦) ରୁଜୁ ହୋଇଛି। ସମ୍ବଲପୁର ଏସ୍‌ପି କନୱାର ବିଶାଳ ☞ପୃଷ୍ଠା–୪

# କେନ୍ଦ୍ର ଆଣିବ ଆଉ ଏକ ପ୍ୟାକେଜ

ନୂଆଦିଲ୍ଲୀ,୨୧।୧୦

କରୋନା ଦ୍ୱାରା ଅର୍ଥ ବ୍ୟବସ୍ଥା ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇ ରହିଛି। ସରକାର ପୂର୍ବରୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ପୁଣି ଥରେ ଆଉ ଏକ ପ୍ୟାକେଜ ଆଣିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବର୍ତ୍ତମାନ ବିଭିନ୍ନ ମନ୍ତ୍ରଣାଳୟ ଏବଂ କ୍ଷେତ୍ରର ପରାମର୍ଶ ଗ୍ରହଣ କରାଯାଇଥିବା ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଚାହିଦା ଫେରାଇ ଆଣିବା ଦିଗରେ ପ୍ରୋତ୍ସାହନ ପ୍ୟାକେଜ ଉପରେ ସରକାର ଧ୍ୟାନ ଦେଇପାରନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ଅନ୍ୟ ଏକ ପ୍ରୋତ୍ସାହନ ☞ପୃଷ୍ଠା–୪

# ଏଲ୍‌ଏସିରେ ଲ୍ୟାଣ୍ଡମାଇନ ବିଛାଉଛି ଚାଇନା

ନୂଆଦିଲ୍ଲୀ,୨୧।୧୦



ରକେଟ ଲଞ୍ଚର ପରୀକ୍ଷଣ କଲା ପିଏଲ୍‌ଏ

ଭାରତ–ଚାଇନା ସୀମା ବିବାଦ ଥମିବାର ନାଁ ନେଉନାହିଁ। ଗତ ଜୁନ୍ ମାସରୁ ଦୁଇଦେଶ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଲ୍ୟାଣ୍ଡମାଇନ୍ ବିଛାଇବା ଆରମ୍ଭ କରିଛି। ଲ୍ୟାଣ୍ଡମାଇନ୍ ପାଇଁ ପିଏଲ୍‌ଏ ଏକ ସ୍ୱତନ୍ତ୍ର ରକେଟ ଲଞ୍ଚର ମଧ୍ୟ ପରୀକ୍ଷଣ କରିଛି। ଶତ୍ରୁ ପକ୍ଷର ସେନା ଓ ଟ୍ୟାଙ୍କ ଯେପରି ନିଜ ପଟକୁ ପ୍ରବେଶ କରି ନ ପାରିବେ ସେଥିଲାଗି ଲ୍ୟାଣ୍ଡମାଇନ୍ ବିଛାଯାଇଥାଏ। ଚାଇନାର ନ୍ୟୁଜ୍ ଚ୍ୟାନେଲ ସିସିଟିଭି–ମିଲିଟାରି ଅନୁସାରେ ପିଏଲ୍‌ଏ ତିବ୍ବତର କମାଣ୍ଡ ନିକଟରେ ରକେଟ ଲଞ୍ଚର୍‌ର ସଫଳ ପରୀକ୍ଷଣ କରିଛି। ଏହି ରକେଟ ଲଞ୍ଚର୍‌କୁ ଟ୍ରକ୍‌ରେ ଅଣାଯାଇଥାଏ। ପରେ ଲ୍ୟାଣ୍ଡମାଇନ୍‌କୁ ରକେଟରୁ କୌଣସି ସୀମା ବା ଅଞ୍ଚଳ ଆଖପାଖରେ ବିଛାଯାଇଥାଏ। ଗୋଟିଏ ଟ୍ରକ୍‌ରେ ୪୦ଟି ଲଞ୍ଚର୍‌କୁ ପରିବହନ କରାଯାଇପାରେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ମାଂସାହାର ଓ ପୁରୁଷତ୍ୱ**

# ଭାରତରେ ବାୟୁ ପ୍ରଦୂଷଣ | ୨୦୧୯ରେ ୧.୧୬ ଲକ୍ଷ ଶିଶୁ ମୃତ

ନୂଆଦିଲ୍ଲୀ, ୨୧।୧୦

ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ବିଶ୍ୱରେ ଏହାର ପ୍ରଭାବ ବଢ଼ି ବିଭିନ୍ନ ସମସ୍ୟା ଦେଖାଯାଉଛି। ଭାରତରେ ବାୟୁ ପ୍ରଦୂଷଣ ଉଗ୍ରରୂପ ଧାରଣ କରିଥିବାବେଳେ ଏହାର ପ୍ରଭାବରେ ୨୦୧୯ରେ ୧.୧୬ ଲକ୍ଷ ଶିଶୁଙ୍କ ପ୍ରାଣହାନି ଘଟିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଶିଶୁ ଜନ୍ମନେବାର ଏକମାସ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଥିବା ପ୍ରକାଶ। ଘରେ ଓ ବାହାରେ ପ୍ରଦୂଷିତ ବାୟୁ କଣିବା ଦ୍ୱାରା ଏମାନଙ୍କ ଜୀବନ ଯାଇଥିବା କୁହାଯାଇଛି। ହେଲ୍ଥ ଇଫେକ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ‘ଷ୍ଟେଟ୍ ଅଫ୍ ଗ୍ଲୋବାଲ ଏୟାର ୨୦୨୦’ ରିପୋର୍ଟ ମୁତାବକ ବାହ୍ୟ



ପରିବେଶ ପ୍ରଦୂଷଣ ଯୋଗୁ ଅଧିକାଂଶ ଶିଶୁ ପ୍ରାଣ ହରାଇଛନ୍ତି। କାଠ, କୋଇଲା, ଘସି ଜାଳିବା ଦ୍ୱାରା ବାୟୁ ପ୍ରଦୂଷଣ ଉପରେ ଏହାର ଭୟଙ୍କର ପ୍ରଭାବ ପଡୁଥିବା ଦର୍ଶାଯାଇଛି। ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ ରାଜ୍ୟ ତଥା ସହରରେ ପରିବେଶ ସୁଧାର ଲାଗି କାର୍ଯ୍ୟାରମ୍ଭ କରିଛି।

ସୂଚନା ଥାଉକି, ବାୟୁ ପ୍ରଦୂଷଣ ଯୋଗୁ ବାର୍ଷିକ ୧.୬୭ ନିୟୁତ ଲୋକଙ୍କ ବିଭିନ୍ନ ରୋଗରେ ମୃତ୍ୟୁ ଘଟୁଛି। ଏଥିଯୋଗୁ ହୃଦ୍‌ଘାତ, ଡାଇବେଟିସ୍, ଫୁସ୍‌ଫୁସ୍ କ୍ୟାନ୍‌ସର ଭଳି ଅନେକ ରୋଗ ଜାତ ହେଉଛି। ସ୍ୱାସ୍ଥ୍ୟ ପ୍ରତି ବାୟୁ ପ୍ରଦୂଷଣ ଏବେ ଏକ ସତର୍କଘଣ୍ଟି ପାଲଟିଛି। ବିଶେଷକରି ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ ଭଳି ଦେଶଗୁଡ଼ିକ ଏହାର ପରିଣାମ ଭୋଗ କରୁଛନ୍ତି। କରୋନା କାଳରେ ଲୋକମାନେ ହୃଦ୍‌ଘାତ ଓ ଫୁସ୍‌ଫୁସ୍ ଜନୀତ ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି। ଭାରତରେ ଏହି ସଂଖ୍ୟା ୧.୧୦ ଲକ୍ଷ ବୋଲି ଜଣାପଡ଼ିଛି।





ନିର୍ବାଚନ ପ୍ରଚାର ଲାଗି ପାଟନାରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ହେଲିକପ୍ଟରକୁ ସମର୍ଥକମାନେ ଚାହିଁ ରହିଛନ୍ତି।



କୋଲ୍‌କାତାର ଏକ ପେଣ୍ଡାଲରେ ଦୁର୍ଗାପୂଜା ପୂର୍ବରୁ ଗାଁ ପରିବେଶ ଥିମ୍‌ରେ ବଳଦଗାଡ଼ି ଷ୍ଟାଚ୍ୟୁ ପ୍ରଦର୍ଶନ କରାଯାଇଛି।

# ପାକିସ୍ତାନ ସଙ୍କଟ ଘନେଇଲା

**କରାଚୀ/ନୂଆଦିଲ୍ଲୀ,୨୧।୧୦**

ପାକିସ୍ତାନରେ ଜଣେ ହାଇପ୍ରୋଫାଇଲ ପୋଲିସ ମୁଖ୍ୟଙ୍କୁ ଅପହରଣ କରାଯାଇଛି। ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ଯୁଦ୍ଧ ଡାକରା ଦେଇଥିବାବେଳେ ଉପରୋକ୍ତ ଏହି ଅପହରଣ ଅଭିଯୋଗ ଆସିଛି। ଉକ୍ତ ବିବାଦକୁ ନେଇ ପୋଲିସ ଓ ସେନା ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁ ପାକିସ୍ତାନରେ ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି।

ରେଞ୍ଜର୍ସ ନାମରେ ପରିଚିତ ଅର୍ଦ୍ଧସାମରିକ ବାହିନୀ ସିନ୍ଧ୍ ପ୍ରଦେଶର ପୋଲିସ ଇନ୍ସପେକ୍ଟର ଜେନେରାଲ (ଆଇଜି) ମୁସ୍ତାକ୍ ଅହମଦ ମାହାରଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ସେମାନେ ତାଙ୍କୁ ଅପହରଣ କରିବା ପରେ ବିରୋଧୀ ନେତା ମହମ୍ମଦ ସଫଦର ଆୱାନଙ୍କୁ ଗିରଫ କରିବା ପାଇଁ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବାକୁ


ଇମ୍ରାନ୍ ଖାନ୍


ମୁସ୍ତାକ୍ ଅହମଦ ମାହାର

ବାଧ୍ୟ କରିଥିଲେ। ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କ ମୁଖପାତ୍ର ମୁସ୍ତାଫା ନୱାଜ ଖୋଖର ଦୁନିଆ ଟିଭିକୁ ମଙ୍ଗଳବାର ସାକ୍ଷାତ୍‌କାର ଦେଇ ଏହି ବିଷୟ ପ୍ରଘଟ କରିବା ପରେ ପାକିସ୍ତାନରେ ହଟଚମଟ ସୃଷ୍ଟି ହୋଇଛି। ବିଲାୱଲ ହେଉଛନ୍ତି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଅଧ୍ୟକ୍ଷ। ତାଙ୍କ ଦଳ ସିନ୍ଧ୍ ପ୍ରଦେଶରେ ସରକାର ଚଳାଉଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍‌ଙ୍କ ସେନା ସପକ୍ଷବାଦୀ ପାକିସ୍ତାନ ତେହରିକ୍-ଇ-ଇନ୍‌ଶାଫ୍ (ପିଟିଆଇ) ସରକାର ପକ୍ଷରୁ ଏହି ପ୍ରସଙ୍ଗର ସମାଧାନ କରାଯାଇ ନ ଥିବାବେଳେ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ ବାଜୱା ଏନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅପ୍ରତ୍ୟାଶିତ ଘଟଣା ପରେ ସିନ୍ଧ୍ ପ୍ରଦେଶର ପ୍ରାୟ ସମସ୍ତ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଛୁଟିରେ ଚାଲିଯାଇଛନ୍ତି। ସେନା ଓ ପ୍ରାଦେଶିକ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ତଦନ୍ତ ଶେଷ ନ

**■ସିନ୍ଧ୍ ଆଇଜିଙ୍କୁ ଅପହରଣ**
**■ପୋଲିସ-ସେନା ମୁହାଁମୁହିଁ**

ହେବା ଯାଏ ପୋଲିସ ମୁଖ୍ୟ ମାହାର ନିଜ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଯୋଗ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସିନ୍ଧ୍ ପୋଲିସ ମଙ୍ଗଳବାର ରାତିରେ ଟୁଇଟ୍ କରି ଜଣାଇଛି।

ପାକିସ୍ତାନରେ ଖାଦ୍ୟ ସଙ୍କଟ ଓ ଜରୁରୀ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦ କରିବା ସହ ରାଜନୀତିରେ ସାମରିକ ହସ୍ତକ୍ଷେପ ବନ୍ଦ ଦାବିରେ ୧୧ ବିରୋଧୀ ଦଳ ଏକାଠି ହୋଇଛନ୍ତି। ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍) ନାମରେ ଏକ ମେଣ୍ଟ ଗଠନ କରି ବିରୋଧୀ ନେତାମାନେ ଇମ୍ରାନ ସରକାରଙ୍କୁ ହଟାଇବା ପାଇଁ ଦେଶବ୍ୟାପୀ ବିକ୍ଷୋଭ ସଭା କରୁଛନ୍ତି। କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଝିଅ ମରିୟମ ନୱାଜ ଶରିଫ ଏହାର ନେତୃତ୍ୱ ନେଉଛନ୍ତି। ଶରିଫଙ୍କ ଜ୍ୱାଇଁ କ୍ୟାପଟେନ (ଅବସରପ୍ରାପ୍ତ) ମହମ୍ମଦ ସଫଦର ଆୱାନଙ୍କୁ ସୋମବାର କରାଚୀରେ ପୋଲିସ ଗିରଫ କରିବାର କିଛି ସମୟ ପୂର୍ବରୁ ପୋଲିସ ଆଇଜିଙ୍କୁ ଅପହରଣ କରାଯାଇଥିଲା। ଶରିଫଙ୍କ ଝିଅ ମରିୟମ ନୱାଜ ଶରିଫ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏସବୁ ଭିତରେ ୨ ବର୍ଷ ତଳେ କ୍ଷମତାସୀନ ହୋଇଥିବା ଇମ୍ରାନ୍‌ଙ୍କୁ ସବୁଠୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଛି।

ପ୍ରକାଶ ଯେ, ୧୯୪୭ରେ ପାକିସ୍ତାନ ଗଠନ ହେବା ପରଠାରୁ ସେନା ଅଦ୍ୟାବଧି ଏହାର ଅଧା ଅବଧି ପ୍ରତ୍ୟକ୍ଷ ଭାବେ ଦେଶକୁ ଶାସନ କରିବା ସହ ବହିର୍ବ୍ୟାପାର ଓ ଜାତୀୟ ନିରାପତ୍ତା ନୀତିରେ ପ୍ରମୁଖ ଭୂମିକା ନେଇଆସିଛି। ବିଶେଷକରି ବର୍ତ୍ତମାନର ସରକାରରେ ସେନା ନିଜ ଭୂମିକା ବିସ୍ତାର କରିଚାଲିଛି। ପାକିସ୍ତାନର ସମ୍ବିଧାନ ଅନୁସାରେ ଏହାର ସେନା ଓ ନ୍ୟାୟପାଳିକାକୁ ସର୍ବସାଧାରଣରେ ସମାଲୋଚନା କରାଯାଇ ପାରିବ ନାହିଁ।

# ସିବିଆଇକୁ ମହାରାଷ୍ଟ୍ର ମନା

**ମୁମ୍ବାଇ,୨୧।୧୦**


ବାଟ ବନ୍ଦକଲେ ଉଦ୍ଧବ ଠାକ୍‌ରେ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏଣିକି ମହାରାଷ୍ଟ୍ର ସରକାରଙ୍କ ବିନା ଅନୁମତିରେ ରାଜ୍ୟକୁ ଯାଇ କୌଣସି ମାମଲାର ତଦନ୍ତ କରିପାରିବ ନାହିଁ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବୁଧବାର ସିବିଆଇର ବାଟ ବନ୍ଦ କରିଦେଇଛନ୍ତି।

ମହାରାଷ୍ଟ୍ରର ମହାବିକାଶ ଅଘାଡ଼ି ସରକାର ରାଜ୍ୟରେ ମାମଲାଗୁଡ଼ିକର ତଦନ୍ତ ପାଇଁ ସିବିଆଇକୁ ଦିଆଯାଇଥିବା ସାଧାରଣ ସହମତି (ଜେନେରାଲ କନ୍‌ସେଣ୍ଟ)କୁ ପ୍ରତ୍ୟାହାର କରିନେଇଛନ୍ତି। ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ରୁଜୁ କରାଯାଇଥିବା ମାମଲା ଆଧାରରେ ମଙ୍ଗଳବାର ସିବିଆଇ ଟିଆର୍‌ପି ସ୍କାମ୍‌କୁ ନେଇ ଏକ ମାମଲା ଦାଏର କରିଥିଲା। ମୁମ୍ବାଇରେ ମୁଖ୍ୟାଳୟ ଥିବା ରିପବ୍ଲିକ୍ ଟିଭିକୁ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଦର୍ଶାଯାଇଛି। ପୂର୍ବରୁ ଏକ ବିଜ୍ଞାପନ କମ୍ପାନୀର ପ୍ରମୋଟରଙ୍କ ପକ୍ଷରୁ ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ଟିଆର୍‌ପି ମାମଲା ଦାଏର କରାଯାଇଥିବାବେଳେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଏହାକୁ ସିବିଆଇକୁ ହସ୍ତାନ୍ତର କରିଛନ୍ତି। କେତେକ ନିର୍ଦ୍ଦିଷ୍ଟ ଚ୍ୟାନେଲ ବିଜ୍ଞାପନଦାତାଙ୍କୁ ପ୍ରଲୋଭିତ କରିବା ପାଇଁ ଟଙ୍କା ଖର୍ଚ୍ଚ କରି ଟିଆର୍‌ପିରେ ହେରଫେର କରିଥିବା ସାମ୍ନାକୁ ଆସିବା ପରେ ବ୍ରଡ୍‌କାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍ସିଲ (ବିଏଆର୍‌ସି) ଥାନାରେ ଅଭିଯୋଗ କରିଥିଲା। ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଏକ ଖବରଦାତା ସମ୍ମିଳନୀ କରି ରିପବ୍ଲିକ୍ ଟିଭି ସମେତ ୩ ଟିଭି ଚ୍ୟାନେଲ ଟିଆର୍‌ପି ସ୍କାମରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ସିବିଆଇକୁ ଦିଆଯାଇଥିବା ସାଧାରଣ ସହମତିକୁ ପ୍ରତ୍ୟାହାର କରିଥିଲେ।

# କମଳନାଥଙ୍କୁ ଇସି ନୋଟିସ

**ନୂଆଦିଲ୍ଲୀ, ୨୧।୧୦**

**‘ଆଇଟମ୍’ ମନ୍ତବ୍ୟ**



ମଧ୍ୟପ୍ରଦେଶର ମନ୍ତ୍ରୀ ଇମର୍ତ୍ତୀ ଦେବୀଙ୍କ ବିରୋଧରେ ‘ଆଇଟମ୍’ ମନ୍ତବ୍ୟ ଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା କମଳନାଥଙ୍କୁ ନିର୍ବାଚନ ଆୟୋଗ (ଇସି) ବୁଧବାର ନୋଟିସ ଜାରି କରିଛନ୍ତି। ନୋଟିସ ପାଇବାର ୪୮ ଘଣ୍ଟା ମଧ୍ୟରେ ଏନେଇ ଉତ୍ତର ରଖିବା ଲାଗି ଇସି ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଦାବ୍ରାରେ ଅନୁଷ୍ଠିତ ନିର୍ବାଚନ ବୈଠକରେ କମଳନାଥ ଇମର୍ତ୍ତୀ ଦେବୀଙ୍କୁ ‘ଆଇଟମ୍’ ବୋଲି କହିଥିଲେ। ଏହାକୁ ଭାଜପା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା। ଏମିତିକି ରାହୁଲ ଗାନ୍ଧୀ ମଧ୍ୟ କମଳନାଥଙ୍କ ଏଭଳି ମନ୍ତବ୍ୟକୁ ସମାଲୋଚନା କରିଥିଲେ।

# ଏନ୍‌ସିପିରେ ଭାଜପା ନେତା ଖାଡ୍‌ସେ


ଏକ୍‌ନାଥ ଖାଡ୍‌ସେ

ନୂଆଦିଲ୍ଲୀ, ୨୧।୧୦: ମହାରାଷ୍ଟ୍ରର ବରିଷ୍ଠ ଭାଜପା ନେତା ଏକ୍‌ନାଥ ଖାଡ୍‌ସେ ଦଳ ଛାଡ଼ିଛନ୍ତି। ଶୁକ୍ରବାର ସେ ନିଜ ସମର୍ଥକଙ୍କ ସହ ଏନ୍‌ସିପିରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏନେଇ ବୁଧବାର ପ୍ରଦେଶ ଏନ୍‌ସିପି ମୁଖ୍ୟ ଜୟନ୍ତ ପାଟିଲ ଘୋଷଣା କରିଛନ୍ତି। ଏକାଧିକ ଭାଜପା ନେତା ଓ ବିଧାୟକ ତଥା ଖାଡ୍‌ସେଙ୍କ ସମର୍ଥକ ଏନ୍‌ସିପିରେ ଯୋଗଦେବାକୁ ଚାହୁଁଥିବା ପାଟିଲ ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତି ନେବା ପଛରେ ଖାଡ୍‌ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ଦାୟୀ କରିଛନ୍ତି। ତାଙ୍କ ଯୋଗୁ ମିଥ୍ୟା ମାମଲାରେ ଫସିଥିବା ସେ ଅଭିଯୋଗ କରିଛନ୍ତି। ଗତବର୍ଷ ଟିକେଟ ପାଇବାରୁ ମଧ୍ୟ ସେ ବଞ୍ଚିତ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟପାଳଙ୍କ କୋଟାରେ ସେ ବିଧାନ ପରିଷଦକୁ ଯିବା ଲାଗି ଆଶା ରଖିଛନ୍ତି।

# କଂଗ୍ରେସ ଇସ୍ତାହାରରେ ମାଗଣା ନାରୀଶିକ୍ଷାକୁ ଗୁରୁତ୍ୱ

**ପାଟନା, ୨୧।୧୦**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ବୁଧବାର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ମାଗଣା ନାରୀଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। କେଜିରୁ ପିଜି ପର୍ଯ୍ୟନ୍ତ ସମସ୍ତ ନାରୀଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଛି। ଏଥିସହ ସ୍ୱଚ୍ଛ ପାନୀୟ ଜଳଯୋଗାଣ, କୃଷିଋଣ ଛାଡ଼, ବିଦ୍ୟୁତ ବିଲ୍ ଛାଡ଼ ନେଇ ମଧ୍ୟ ଘୋଷଣା କରାଯାଇଛି। ବିହାର ମହାମେଣ୍ଟରେ କଂଗ୍ରେସ ସାମିଲ ଥିବାବେଳେ ବୁଧବାର ପାଟନା କଂଗ୍ରେସ ମୁଖ୍ୟାଳୟରେ ପ୍ରଦେଶ ମୁଖ୍ୟ ଶକ୍ତିସିଂ ଗୋହିଲ ଭାଜପା ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦଳ କ୍ଷମତାକୁ ଫେରିଲେ କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନକୁ ହଟାଇ ଦିଆଯାଇ ପଞ୍ଜାବ ଭଳି ନୂଆ ଆଇନ ପ୍ରଣୟନ କରାଯିବ। ଦଳୀୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ରାଜୀବ ଗାନ୍ଧୀ କୃଷି ନ୍ୟାୟ ଯୋଜନା ଲାଗୁକରିବା ସପକ୍ଷରେ ମତ ଦେଇଛନ୍ତି। ସେହିଭଳି କଂଗ୍ରେସ ନେତା ରାଜ୍ ବାବର କଂଗ୍ରେସ କ୍ଷମତାକୁ ଆସିଲେ ବେକାର ଯୁବତୀ ଯୁବକମାନଙ୍କୁ ମାସିକ ୧,୫୦୦ ଟଙ୍କାର ଭତ୍ତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ୧୦ ଲକ୍ଷ ଯୁବକଙ୍କୁ ରୋଜଗାରକ୍ଷମ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, କଂଗ୍ରେସ, ଆର୍‌ଜେଡି ଓ ବାମପନ୍ଥୀ ଦଳ ମିଶି ବିହାରରେ ମହାମେଣ୍ଟ କରି ନିର୍ବାଚନ ଲଢୁଛନ୍ତି।

# ‘କୋଭିରାପ୍’କୁ ଆଇସିଏମ୍‌ଆର୍ ସ୍ୱୀକୃତି

**ନୂଆଦିଲ୍ଲୀ, ୨୧।୧୦ (ଆଇଏଏନ୍‌ଏସ୍)**

କରୋନା ସଂକ୍ରମଣ ଚିହ୍ନଟ ଲାଗି ଆଇଆଇଟି ଖଡ଼୍‌ଗପୁରର ଗବେଷକଙ୍କ ଦ୍ୱାରା ଏକ ରୋଗ ନିରୂପଣ ଯନ୍ତ୍ର (ଡାଇଗ୍ନୋଷ୍ଟିକ୍ ଟେଷ୍ଟ ମେଶିନ) ବିକଶିତ କରାଯାଇଛି। ଏହାର ନାମ ‘କୋଭିରାପ୍’ ରଖାଯାଇଥିବାବେଳେ ଇଣ୍ଡିଆନ୍ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଅତି ସହଜ ଉପାୟରେ ଏହି ମେଶିନ ରୋଗକୁ ମାତ୍ର ଘଣ୍ଟାକ ମଧ୍ୟରେ ଚିହ୍ନଟ କରିପାରେ। ମେଡିକାଲ ସାଇନ୍ସ କ୍ଷେତ୍ରରେ ଏହା ବେଶ୍ ଫଳପ୍ରଦ ହୋଇପାରିବ ବୋଲି ଆଇସିଏମ୍‌ଆର୍ ପକ୍ଷରୁ କୁହାଯାଇଛି। ବିଶେଷକରି ଭୂତାଣୁ ଚିହ୍ନଟ ଲାଗି ‘କୋଭିରାପ୍’ର ଉପାଦେୟତା ଅନେକ ବୋଲି ଆଇଆଇଟି ଖଡ଼୍‌ଗପୁରର ପ୍ରଫେସର ଭି.କେ. ତିୱାରୀ କହିଛନ୍ତି। ଏଥିରେ ଟେଷ୍ଟ ରିପୋର୍ଟ ସ୍ୱତନ୍ତ୍ର ଭାବେ




ନିର୍ମିତ ମୋବାଇଲ ଆପ୍ ଜରିଆରେ ମିଳିପାରିବ।

‘କୋଭିରାପ୍’ ଜରିଆରେ ସାଧାରଣ ଲୋକ ମାତ୍ର ୫୦୦ ଟଙ୍କା ଦେଇ ଏହି ପରୀକ୍ଷା କରିପାରିବେ। ସରକାରଙ୍କ ହସ୍ତକ୍ଷେପ ପରେ ଏହି ମୂଲ୍ୟ କମିପାରେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖ୍‌ରିୟାଲ ନିଶାଙ୍କ ପ୍ରକାଶ କରିଛନ୍ତି। ୧୦ ହଜାରରୁ କମ୍ ଟଙ୍କାରେ ଏହି ମେଶିନଟିକୁ ସାଧାରଣ ଲୋକଙ୍କ ଲାଗି ବିକଶିତ କରାଯାଇପାରିବ।

# ଚାଇନା ସୈନ୍ୟଙ୍କୁ ଛାଡ଼ିଦେଲା ଭାରତ

**ନୂଆଦିଲ୍ଲୀ,୨୧।୧୦**

ପୂର୍ବ ଲଦାଖର ଡେମ୍‌ଚୋକ୍ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ସୋମବାର ଧରାପଡ଼ିଥିବା ଚାଇନା ସୈନ୍ୟଙ୍କୁ ଭାରତୀୟ ସେନା ଛାଡ଼ିଦେଇଛି। କେନ୍ଦ୍ର ସରକାରଙ୍କ ସୂତ୍ରରୁ କୁହାଯାଇଛି ଯେ, କର୍ପୋରିଆଲ ୱାଙ୍ଗ୍ ୟା ଲୋଙ୍ଗ୍‌ଙ୍କୁ ପ୍ରୋଟୋକଲ ଅନୁସାରେ ପଚରାଉଚରା କରାଯାଇଥିଲା। ପୂର୍ବ ଲଦାଖର ଚୁଶୁଲ୍-ମୋଲଡୋ ବର୍ଡର ପଏଣ୍ଟରେ ଥିବା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଶିବିରକୁ ମଙ୍ଗଳବାର ରାତିରେ ସେ ଫେରିଛନ୍ତି। ଭାରତ-ଚାଇନା ମଧ୍ୟରେ କିଛି ଦିନ ମଧ୍ୟରେ ଆଉ ଏକ ପର୍ଯ୍ୟାୟ କମାଣ୍ଡରସ୍ତରୀୟ ଆଲୋଚନା ହେବାକୁ ଥିବାବେଳେ ଏହା ପୂର୍ବରୁ ତାଙ୍କୁ ମୁକ୍ତ କରାଯାଇଛି।


ଋଣଛାଡ଼ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦାବିରେ ଚେନ୍ନାଇରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଜଣେ ଚାଷୀଙ୍କୁ ମୁଣ୍ଡନ କରାଯାଉଛି।

# ରାହୁଲଙ୍କୁ ଭେଟିଲେ ଗିରଫ ସିଦ୍ଦିକ କାପ୍ପାନଙ୍କ ସ୍ତ୍ରୀ

**ଥିରୁଭାନନ୍ତପୁରମ୍, ୨୧।୧୦**

ହାଥ୍‌ରସରେ ପୀଡ଼ିତା ପରିବାରକୁ ଭେଟିବା ଲାଗି ଯିବା ବାଟରେ ଉତ୍ତରପ୍ରଦେଶ ପୋଲିସ କେରଳର ଖବରଦାତା ସିଦ୍ଦିକ କାପ୍ପାନଙ୍କ ସହ ଅନ୍ୟ ୩ ଜଣଙ୍କୁ ଗିରଫ କରିଥିଲା। ଇସ୍‌ଲାମିକ୍ ଆତଙ୍କବାଦୀ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଓ ଏହାର ମଥୁରା ଶାଖା ସହ ସମ୍ପର୍କ ରଖିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା। ଏହାକୁ ନେଇ ବୁଧବାର ସିଦ୍ଦିକଙ୍କ ସ୍ତ୍ରୀ ରାଇହାନାଥ ୱାୟନାଡ୍ ଏମ୍‌ପି ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ସିଦ୍ଦିକଙ୍କୁ ବିଭିନ୍ନ ଅଭିଯୋଗରେ ଛନ୍ଦିଦେବାର ଆଶଙ୍କା କରି ସେ ରାହୁଲଙ୍କୁ ନ୍ୟାୟ ଲାଗି ନିବେଦନ କରିଛନ୍ତି। ରାହୁଲ ଗତ ୩ ଦିନ ହେବ କେରଳ ଗସ୍ତରେ ଥିବାବେଳେ କାଲ୍‌ପେଟ୍ଟା ଗେଷ୍ଟହାଉସ୍‌ଠାରେ ରାଇହାନାଥ ତାଙ୍କୁ ଭେଟିଥିଲେ। ସିଦ୍ଦିକ କୌଣସି ଭୁଲ୍ କାମ କରିନାହାନ୍ତି ଓ ତାଙ୍କ ସହ ସମ୍ପର୍କ ରକ୍ଷା ହୋଇପାରୁନି ବୋଲି ରାଇହାନାଥ ମିଡିଆକୁ କହିଛନ୍ତି। ପ୍ରକାଶଥାଉ କି, ଅକ୍ଟୋବର ୭ରେ ଦେଶଦ୍ରୋହ ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇ ୧୪ ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ମଥୁରା କୋର୍ଟ ସେମାନଙ୍କ ହାଜତ ମିଆଦକୁ ପୁଣି ବୃଦ୍ଧି କରିଛନ୍ତି।


ରାଇହାନାଥ

# କଶ୍ମୀର-ଲଦାଖରେ ହେବ ୧୦ ସୁଡ଼ଙ୍ଗ

**ନୂଆଦିଲ୍ଲୀ, ୨୧।୧୦**

ଏଲ୍‌ଏସି ଏବଂ ଏଲ୍‌ଓସିରେ ଯବାନଙ୍କ ପାଖରେ ଶୀଘ୍ର ସହାୟତା ପହଞ୍ଚାଇବା ପାଇଁ ଲଦାଖ ଏବଂ କଶ୍ମୀରର ଉଚ୍ଚ ପାହାଡ଼ରେ ୧୦ ସୁଡ଼ଙ୍ଗ ନିର୍ମାଣ କରାଯିବ। ଏସବୁ ସୁଡ଼ଙ୍ଗ ପଥ ଦେଇ ଭାରତୀୟ ସେନା ବର୍ଷସାରା ଯିବା ଆସିବା କରିପାରିବେ। କେତେକ ସୁଡ଼ଙ୍ଗ ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ ଉପରେ ନିର୍ମାଣ କରାଯିବ। ଏଥି ମଧ୍ୟରେ ଲେହକୁ ନୁବ୍ରା ଘାଟି ସହି ସଂଯୋଗ କରୁଥିବା ୭ କିମି ଲମ୍ବର ଏକ ସୁଡ଼ଙ୍ଗ ରହିଛି। ସେହିପରି ୧୭ ହଜାର ୫୮୦ ଫୁଟ ଉଚ୍ଚରେ ନିର୍ମିତ ହେବାକୁ ଥିବା ୮ କିମିର ସୁଡ଼ଙ୍ଗ କାରୁ ଏବଂ ଲଦାଖର ଟଙ୍ଗେଷ୍ଟେ ମଧ୍ୟରେ ସଂଯୋଗ ସ୍ଥାପନ କରିବ। ଏହାଦ୍ୱାରା ପୋଙ୍ଗାଙ୍ଗ ହ୍ରଦ ନିକଟରେ ସହାୟତା ସହଜରେ ପହଞ୍ଚି ପାରିବ ବୋଲି କୁହାଯାଉଛି। ଲଦାଖର ଶଙ୍କୁ-ଲା ଗିରିପଥ ଏବଂ ନିମ୍ମୁ-ଦାରଚା-ପଦମ୍ ରୋଡ ମଧ୍ୟରେ ସଂଯୋଗ ସ୍ଥାପନ କରୁଥିବା ୭ କିମି ଲମ୍ବ ସୁଡ଼ଙ୍ଗ ୧୬ ହଜାର ୭୦୩ ଫୁଟ ଉଚ୍ଚରେ ନିର୍ମିତ ହେବ। ଶ୍ରୀନଗରରେ କଶ୍ମୀର,ଲେହ ଏବଂ ଦ୍ରାସ୍‌ରେ ଯୋଗାଯୋଗ ପାଇଁ ୧୧ ହଜାର ୫୦୦ ଫୁଟ ଉଚ୍ଚରେ ଜୋଜିଲାଠାରେ ୧୪ କିମି ଲମ୍ବର ଏକ ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇ ସାରିଛି। ପୂର୍ବ ଲଦାଖର ଦୌଲତ ବେଗ୍ ଓଲ୍ଡି ଏବଂ ଡେପସାଙ୍ଗ ମଧ୍ୟରେ ଯୋଗାଯୋଗ ଲାଗି ୧୭ ହଜାର ୮୦୦ଫୁଟ ଉଚ୍ଚରେ ଏକ ସୁଡ଼ଙ୍ଗ ନିର୍ମାଣ କରାଯିବ। ରଣନୀତି ଦୃଷ୍ଟିକୋଣରୁ ଭାରତ ପାଇଁ ଏସବୁ ସୁଡ଼ଙ୍ଗ ଗୁଡ଼ିକ ବିଶେଷ ଗୁରୁତ୍ୱ ବହନ କରୁଛି। ଏହାକୁ ନେଇ ଚାଇନା ଏବଂ ପାକିସ୍ତାନର ଚିନ୍ତା ବଢ଼ିବାରେ ଲାଗିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୧୨,୬୮,୯୫୩ | ୧୧,୩୨,୫୦୩ | ୩,୦୭,୭୦,୯୫୫ |
| ଭାରତ | ୭୭,୦୧,୩୭୫ | ୧,୧୬,୫୮୫ | ୬୮,୬୭,୯୮୮ |
| ଓଡ଼ିଶା | ୨,୭୪,୧୮୧ | ୧୧୮୧(+୫୩) | ୨,୫୪,୯୧୩ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ଖଲ୍ଲିକୋଟ,୨୧।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମ ନିକଟ ପୋଖରୀରେ ବୁଡ଼ି ବୁଧବାର ଦୁଇ ନାବାଳିକା ଭଉଣୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୁରେଶ ପାହାନଙ୍କ ଦୁଇ ଝିଅ ଖୁସି (୧୦) ଓ ପୂଜା (୮)। ଖୁସି ପଞ୍ଚମ ଶ୍ରେଣୀ ଓ ପୂଜା ଚତୁର୍ଥ ଶ୍ରେଣୀ ଛାତ୍ରୀ ଥିଲେ। ପୂର୍ବାହ୍ନରେ ଦୁଇ ଭଉଣୀ ଗ୍ରାମ ନିକଟ ଲକ୍ଷ୍ମୀସାଗର ପୋଖରୀକୁ ଗାଧୋଇ ଯାଇଥିଲେ। ଅସାବଧାନତାରୁ ଉଭୟେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇ ନ ଥିଲେ। ପରେ ଗାଁ ଲୋକେ ଦୁଇ ଭଉଣୀଙ୍କୁ ପୋଖରୀରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଖୁସି ଓ ପୂଜାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖଲ୍ଲିକୋଟ ଥାନାରେ ନଂ.୧୭/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି/ଚିତ୍ରକୋଣ୍ଡା, ୨୧।୧୦ (ଡି.ଏନ୍.ଏ.):** ବହୁଦିନର ନୀରବତା ପରେ ମାଓବାଦୀମାନେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ହିଂସାକାଣ୍ଡ ଘଟାଇଛନ୍ତି। ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରିବା ସହ ୨ ଜଣଙ୍କୁ ମାଡ଼ ମାରି ଆହତ କରିଛନ୍ତି। ମୃତକ ହେଲେ ଦାସ ଖେମୁଡୁ। ତାଙ୍କ ଘର ଯୋଡାମ୍ବ ପଞ୍ଚାୟତର ଖଜୁରିଗୁଡା ଗ୍ରାମରେ। ଖବରରୁ ଜଣାପଡିଛି ମଙ୍ଗଳବାର ରାତି ସାଢେ ୯ଟାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମାଓବାଦୀ ଖଜୁରିଗୁଡାକୁ ଆସି ଗ୍ରାମର ସନା ହନ୍ତାଳ, ସମାରୁ ଖିଲ ଓ ଖେମୁଡୁଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ଖେମୁଡୁଙ୍କ ଗଳାକାଟି ହତ୍ୟା କରିଥିଲେ। ସନା ଓ ସମାରୁ ଗୁରୁତର ଆହତ ହୋଇଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଯବାନଙ୍କୁ ଟାର୍ଗେଟ୍ କରି ମଙ୍ଗଳବାର ପଣସପୁଟ ପଞ୍ଚାୟତର ଗୋରାସେତୁ ଗ୍ରାମ ନିକଟସ୍ଥ ସୁଟିଗଣ୍ଡି ପୁରୁଣା ବ୍ରିଜଠାରେ ମାଓବାଦୀମାନେ ୭ଟି ଟିଫିନ ବୋମା ପୋତିଥିଲେ। କୋମ୍ବିଂ ଅପରେଶନ ବେଳେ ବିଏସଏଫ୍ ଯବାନମାନେ ଏହା ଜାଣିପାରି ବୋମାଗୁଡିକୁ ନିଷ୍କ୍ରିୟ କରିଥିଲେ। ଟିଫିନ ବୋମା ପୋତାଯାଇଥିବା ସମ୍ପର୍କରେ ଉପରୋକ୍ତ ୩ଜଣ ବିଏସ୍ଏଫ୍‌କୁ ସୂଚନା ଦେଇଥିବା ସନ୍ଦେହରେ ରାତିରେ ମାଓବାଦୀମାନେ ଗ୍ରାମରେ ଏପରି ଘଟଣା ଘଟାଇଥିବା ଅନୁମାନ କରାଯାଉଛି।

# ମଧୁରଜଳ ମାଛଚାଷରେ ଓଡ଼ିଶା ପଛୁଆ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

## ପଡ଼ୋଶୀ ରାଜ୍ୟ ଚାହିଦା ମେଣ୍ଟାଉଛି



ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ଦେଶର ପ୍ରଥମ ରାଜ୍ୟ ଭାବେ ୨୦୧୫ରେ ଓଡ଼ିଶା ମତ୍ସ୍ୟନୀତି ପ୍ରଣୟନ କରିଥିଲା। ମତ୍ସ୍ୟ ଚାଷର ଉନ୍ନତି ଓ ସମ୍ପ୍ରସାରଣ ସହ ମତ୍ସ୍ୟଜୀବୀଙ୍କ ଜୀବିକା ଓ ସାମାଜିକ ନିରାପତ୍ତା ଏବଂ ନୂତନ ନିଯୁକ୍ତି କ୍ଷେତ୍ରରେ ଏହି ନୀତି ସହାୟକ ହେବ ବୋଲି କୁହାଯାଇଥିଲା। ହେଲେ ଦୀର୍ଘ ୫ବର୍ଷ ପରେ ବି ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପଡ଼ୋଶୀ ରାଜ୍ୟଗୁଡ଼ିକଠାରୁ ବହୁ ପଛରେ ପଡ଼ିଛି। ରାଜ୍ୟରେ ୪୮୦ କି.ମି. ସୁଦୀର୍ଘ ବେଳାଭୂମି ସହ ୬.୮୪ଲକ୍ଷ ହେକ୍ଟର ପରିମିତ ବିସ୍ତୃତ ମଧୁର ଜଳ ଉତ୍ସ ରହିଥିଲେ ମଧ୍ୟ ଆଶା ମୁତାବକ ମତ୍ସ୍ୟ ଉତ୍ପାଦନ ହୋଇପାରୁ ନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇଥିଲେ ସୁଦ୍ଧା ମଧୁର ଜଳ ମାଛ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ଓଡ଼ିଶା ନିର୍ଭର କରୁଛି।

ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ବାର୍ଷିକ ପ୍ରାୟ ୬,୪୯,୫୫୦ ମେଟ୍ରିକ୍ ଟନ୍ ମାଛର ଆବଶ୍ୟକତା ରହିଛି। ତେବେ ବିଭିନ୍ନ ଉତ୍ସ ଯଥା ନଦୀ, ପୋଖରୀ, ସମୁଦ୍ର ଓ ହ୍ରଦରୁ ବାର୍ଷିକ ପ୍ରାୟ ୮,୧୬,୪୫୮ ମେଟ୍ରିକ୍ ଟନ୍ ମାଛ ରାଜ୍ୟରେ ଉତ୍ପାଦିତ ହେଉଛି। ଉତ୍ପାଦିତ ମାଛରୁ ୨,୧୩,୧୮୧ ମେଟ୍ରିକ୍ ଟନ୍ ମାଛ ବାହାର ରାଜ୍ୟ ଓ ବିଦେଶକୁ ମଧ ରପ୍ତାନି ହେଉଛି। ହେଲେ ଚାହିଦା ମୁତାବକ ମଧୁର ଜଳ ମାଛ ଉତ୍ପାଦନ ହୋଇପାରୁ ନ ଥିବାରୁ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଭଳି ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ବାର୍ଷିକ ପ୍ରାୟ ୪୬,୨୭୩ ମେଟ୍ରିକ୍ ଟନ୍ ମଧୁର ଜଳ ମାଛ ଆମଦାନୀ କରାଯାଉଛି। ରାଜ୍ୟରେ ମଧୁର ଜଳ ମାଛର ଚାହିଦା ବଢୁଥିବାବେଳେ ସେହି ପରିମାଣରେ ଉତ୍ପାଦନ ହୋଇପାରୁ ନାହିଁ। ୨୦୧୩-୧୪ରେ ୨,୬୩,୮୬୨ ମେଟ୍ରିକ୍ ଟନ୍ ମଧୁର ଜଳ ମାଛ ଉତ୍ପାଦନ ହେଉଥିବାବେଳେ ୨୦୧୮-୧୯ ବେଳକୁ ଏହା ବୃଦ୍ଧିପାଇ ୫,୦୬,୬୦୮ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ହେଲେ ଏହାପରେ ମଧ ରୋହି ଓ ଭାକୁର ପାଇଁ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ୨୦୧୩-୧୪ରେ ପଡ଼ୋଶୀ ରାଜ୍ୟରୁ ୨୬,୫୦୧ ମେଟ୍ରିକ୍ ଟନ୍ ମାଛ ଆମଦାନୀ କରାଯାଇଥିବାବେଳେ ୨୦୧୪-୧୫ରେ ୩୮,୧୧୮, ୨୦୧୫-୧୬ରେ ୪୬,୨୭୫, ୨୦୧୬-୧୭ରେ ୩୫,୧୫୬, ୨୦୧୭-୧୮ରେ ୪୦,୭୪୨ ଏବଂ ୨୦୧୮-୧୯ରେ ୪୯,୬୦୭ ମେଟ୍ରିକ୍ ଟନ୍ ମାଛ ଅଣାଯାଇଥିଲା।

ରାଜ୍ୟରେ ମତ୍ସ୍ୟ ଚାଷ ଏବଂ ବ୍ୟବସାୟ କରି ପ୍ରାୟ ୪,୫୮୪ଜଣ ବ୍ୟକ୍ତି ୨୦୧୯-୨୦ଆର୍ଥିକବର୍ଷରେ ଆତ୍ମନିଯୁକ୍ତିର ସୁଯୋଗ ପାଇଛନ୍ତି। ଗୋପାଳନ, କୁକୁଡ଼ା, ମଇଁଷି, ଘୁଷୁରି, ଛେଳି, ମେଣ୍ଢା ପାଳନ କରି ଓ କୁକୁଡ଼ା ମାଂସ, ଅଣ୍ଡା ବିକ୍ରୟ କରି ୨୦୧୯-୨୦ବର୍ଷରେ ୧୩,୩୪୩ଜଣ ଆତ୍ମନିଯୁକ୍ତି ସୁଯୋଗ ପାଇଛନ୍ତି। ତେବେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟିପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ମଧ ତାହାର ସୁବିଧା ଚାଷୀମାନଙ୍କ ନିକଟରେ ପହଞ୍ଚି ପାରୁନି। ବିଶେଷକରି କନ୍ଧମାଳ, ରାୟଗଡ଼ା, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ସୁବର୍ଣ୍ଣପୁର, ବୌଦ୍ଧ, ଗଜପତି ଓ ବରଗଡ଼ ଭଳି ଜିଲା ମାଛଚାଷ କ୍ଷେତ୍ରରେ ବହୁ ପଛରେ ପଡ଼ିଛନ୍ତି। ନୀଳ ବିପ୍ଳବ ଯୋଜନା ଏହି ଜିଲାଗୁଡ଼ିକରେ ବିଶେଷଭାବେ କାର୍ଯ୍ୟକ୍ଷମ ହୋଇପାରିନି। ଯାଆଁଳ ଉତ୍ପାଦନ ଓ ମାଛ ଚାଷ ପାଇଁ ଆସୁଥିବା ଅନୁଦାନ ଚାଷୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଠିକ୍ ସମୟରେ ବ୍ୟାଙ୍କଗୁଡ଼ିକ ଋଣ ଦେଉନାହାନ୍ତି। ଯାଆଁଳ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥାନୀୟ ବ୍ୟବସାୟୀମାନେ କମ୍ ଦରରେ ମାଛ କିଣି ତାହାକୁ ଚଢ଼ା ଦରରେ ବଜାରରେ ବିକ୍ରି କରୁଛନ୍ତି। ମାଛ ଉତ୍ପାଦନ ପରିସଂଖ୍ୟାନ ଠିକ୍ ନୁହେଁ। ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଅଣାଯାଉଥିବା ତଥ୍ୟ ଓ ବଜାରରେ ଉପଲବ୍ଧ ମାଛ ଭିତରେ ବଡ଼ ବ୍ୟବଧାନ ଅଛି ବୋଲି ପୁରୀ ଜିଲାର ଜଣେ ମାଛଚାଷୀ ଭାଗୀରଥି ଜେନା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ୨୦୧୯-୨୦ରେ ମାତ୍ର ୧୫,୪୨୩ଜଣ ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୨୨୨.୭୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ତେବେ ୨୦୨୦-୨୧ ଆର୍ଥିକବର୍ଷରେ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ୧୦୮୩.୭୩ କୋଟି ଟଙ୍କାର ଋଣ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଗୋପାଳନ, କୁକୁଡ଼ା ପାଳନ ଓ ଛେଳି, ମେଣ୍ଢା ପାଳନ ପାଇଁ ମାତ୍ର ୧୩୭୯ ହିତାଧିକାରୀଙ୍କୁ ଋଣ ଯୋଗାଇ ଦିଆଯାଇଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟର ମତ୍ସ୍ୟ ରପ୍ତାନି ଏବେ ୨ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଏହାକୁ ୧୦ହଜାର କୋଟିରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୃହତ୍ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକରେ ଜାଲ ଭିତରେ ମାଛ ଚାଷ ଏବଂ ବାୟୋଫ୍ଲକ୍ ମାଛ ଚାଷ ଦ୍ୱାରା ମଧୁର ଜଳ ମାଛ ଉତ୍ପାଦନ ବୃଦ୍ଧି ପାଇବ। ଏହାଦ୍ୱାରା ରାଜ୍ୟ ମାଛର ଆବଶ୍ୟକତା ପୂରଣ କରିବା ସହିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

# ଗୁଣପୁର ତହସିଲଦାର ନିଲମ୍ବିତ

**ଗୁଣପୁର,୨୧।୧୦(ଡି.ଏନ୍.ଏ.)**



ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନ-୧ରେ ବିସ୍ଫୋରଣ ଘଟି ୩ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ବୁଧବାର ଗୁଣପୁର ତହସିଲଦାର ଲକ୍ଷ୍ମୀନାରାୟଣ ସାବତ ନିଲମ୍ବିତ ହୋଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲମ୍ବନ ସମୟରେ ତହସିଲଦାର ସାବତ ଜିଲାପାଳଙ୍କ ନିକଟରେ ରିପୋର୍ଟ କରିବାକୁ କୁହାଯାଇଛି। ଏଥିସହ ରାୟଗଡ଼ା ଜିଲାପାଳଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ରହିଛି। ସେହିପରି ସାବତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଡ୍ରାଫ୍ଟ ଚାର୍ଜ ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଞ୍ଚଳରେ ବେଆଇନ ପଥର ଖାଦାନ ଚାଲିଥିବାବେଳେ ତହସିଲଦାର ସାବତ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ଯୋଗୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲାପାଳ ରାଜ୍ୟ ସରାକରଙ୍କୁ ସୁପାରିସ କରିଥିଲେ। ଏହି ଘଟଣାରେ ପୂର୍ବରୁ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଗୁଣପୁର ଏଆର୍‌ଆଇ ଅନୁପ କୁମାର ମାର୍ଥାଙ୍କୁ ମଧ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ, ଗୁଣପୁର ପଥର ଖାଦାନ-୧ରେ ଗତ ୧୬ତାରିଖରେବିସ୍ଫୋରଣଘଟି୩ଶ୍ରମିକଙ୍କମୃତ୍ୟୁସହ୯ଜଣଆହତହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି।






# ରାଜଧାନୀରେ ଏନ୍‌ଆଇଏର ଖୋଳତାଡ଼

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

- ଖଣ୍ଡଗିରିରୁ ଛାତ୍ରଙ୍କୁ ଉଠାଇନେଇ ୫ ଘଣ୍ଟା ପଚରାଉଚରା
- ଆତଙ୍କବାଦ ସଂକ୍ରାନ୍ତ ନୁହେଁ ବୋଲି କହିଲେ ପୋଲିସ କମିଶନର

କୌଣସି ଏକ ସୁରକ୍ଷା ପ୍ରସଙ୍ଗକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବୁଧବାର ଭୁବନେଶ୍ୱରରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ଖଣ୍ଡଗିରି ଥାନାଞ୍ଚଳରେ ରହୁଥିବା ଜଣେ ଛାତ୍ରଙ୍କୁ ୫ ଘଣ୍ଟାଧରି ଜେରା କରିବା ପରେ ଛାଡ଼ି ଦେଇଛି। ଏନ୍‌ଆଇଏ ସାଧାରଣତଃ ଆତଙ୍କବାଦ ପରି ଜାତୀୟ ସୁରକ୍ଷା ସହ ଜଡ଼ିତ ମାମଲାଗୁଡ଼ିକ ଉପରେ ତଦନ୍ତ କରିଥାଏ। ତେବେ ରାଜଧାନୀରେ ଏନ୍‌ଆଇଏର ଏପରି ହଠାତ୍ ଚଢ଼ାଉ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ ଏନେଇ ନାନା ଚର୍ଚ୍ଚା ଚାଲିଛି। ଛାତ୍ର ଜଣକ ଇଣ୍ଟରନେଟ୍ ଜରିଆରେ ଦେଶର ସୁରକ୍ଷାକୁ ନେଇ କିଛି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଥାଇପାରନ୍ତି ବୋଲି କୁହାଯାଉଛି।

ସୂଚନା ମୁତାବକ, ଦିଲ୍ଲୀରୁ ଆସିଥିବା ଏନ୍‌ଆଇଏର ୪ ଜଣିଆ ସ୍ୱତନ୍ତ୍ର ଟିମ୍ ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ଓ କମିଶନରେଟ୍ ପୋଲିସ ସହଯୋଗରେ ଉକ୍ତ ଛାତ୍ରଙ୍କୁ ଉଠାଇ ନେଇଥିଲା। ଖଣ୍ଡଗିରି ଥାନାରେ ତାଙ୍କୁ ସକାଳ ସାଢେ ୯ଟାରୁ ପ୍ରାୟ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ପଚରାଉଚରା କରିଥିଲା। ଏନ୍‌ଆଇଏ ଟିମ୍ ଉକ୍ତ ଛାତ୍ରଙ୍କୁ ଛାଡ଼ିବାବେଳେ ତାଙ୍କୁ ପିଛା ନ କରିବାକୁ ମିଡିଆକୁ ପରାମର୍ଶ ଦେଇଥିଲା। ଏପରି କି ତାଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପର୍ଯ୍ୟନ୍ତ ଛାତ୍ରଙ୍କ ନାମ ପ୍ରକାଶ ନ କରିବାକୁ ଏନ୍‌ଆଇଏ ପକ୍ଷରୁ ଅନୁରୋଧ କରାଯାଇଛି।

ଏନେଇ କଟକ-ଭୁବନେଶ୍ୱର ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏନ୍‌ଆଇଏ କରୁଥିବା ଏକ ତଦନ୍ତ ସଂକ୍ରାନ୍ତରେ ଜଣେ ଛାତ୍ରଙ୍କୁ ପଚରାଉଚରା କରାଯାଉଛି। ଆମକୁ ମିଳିଥିବା ସୂଚନା ଅନୁସାରେ, ଏହି ତଦନ୍ତ ଆତଙ୍କବାଦ ସଂକ୍ରାନ୍ତରେ ନୁହେଁ। ଛାତ୍ରଙ୍କୁ ଖଣ୍ଡଗିରି ଥାନାରେପଚରାଉଚରାକରାଯାଇଛି।ଅନାବଶ୍ୟକ ଭାବେ ଅଯଥା କଳ୍ପନାଜଳ୍ପନା ନ କରିବାକୁ ଷଡଙ୍ଗୀ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।






# ଶୀତ ବଢ଼ିଲେ କରୋନା ସଂକ୍ରମଣ ବଢ଼ିବା ଆଶଙ୍କା

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

**ରାଜ୍ୟରେ ଆଉ ୧,୯୩୧ ଚିହ୍ନଟ, ୨,୭୧୬ ସୁସ୍ଥ, ୧୩ ମୃତ**

ରାଜ୍ୟରେ କରୋନା ସଂକ୍ରମଣ କମୁଛି। କିନ୍ତୁ ମୃତ୍ୟୁ ସଂଖ୍ୟା କମୁନାହିଁ। ଅନେକ ରୋଗରେ ପୀଡ଼ିତ ଥିବା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ମୃତ୍ୟୁ ସଂଖ୍ୟା ମଧ ଅଧିକ ରହୁଛି। କୋଭିଡ୍-୧୯ ଭୂତାଣୁ ଶରୀରରେ ଥିବା ସମୟରେ ଅନ୍ୟ ରୋଗସବୁ ବଢ଼ି ଯାଉଛି। ଫଳରେ ରୋଗୀର ମୃତ୍ୟୁ ଘଟୁଛି। ପାର୍ବଣ ପାଖେଇ ଆସୁଛି, ଆଗକୁ ଶୀତ ମଧ ଆସୁଛି। ଏହି ସମୟରେ ସଜାଗ ନ ହେଲେ ସଂକ୍ରମଣ ଅଧିକ ହେବା ଆଶଙ୍କା ରହିଛି। ତେବେ ଶୀତ ବଢ଼ିଲେ କରୋନା ବଢ଼ିବା ସମ୍ଭାବନା ରହିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଶେଷ ୨୪ ଘଣ୍ଟାରେ କରୋନା ମହାମାରୀ ଆଉ ୧୩ଜଣଙ୍କ ଜୀବନ ନେଇଛି। ମୃତକଙ୍କ ମଧ୍ୟରେ ମୟୂରଭଞ୍ଜରୁ ୪ଜଣ ଥିବାବେଳେ ପୁରୀରୁ ୩, ଭୁବନେଶ୍ୱରରୁ ୨, ଅନୁଗୋଳ, ନୂଆପଡ଼ା, ବଲାଙ୍ଗୀର ଓ ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ କରୋନା ମୃତ୍ୟୁ ସଂଖ୍ୟା ୧,୧୮୧କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ୧,୯୩୧ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୧୨୦ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଓ ୮୧୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୭୩ଜଣ ଚିହ୍ନଟ ହୋଇଥିବାବେଳେ କଟକ ୧୫୩, ଅନୁଗୋଳ ୧୨୦, ସୁନ୍ଦରଗଡ଼ରୁ ୧୦୪ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨,୭୪,୧୮୧ରେ ପହଞ୍ଚିଛି। ସେହିଭଳି ଆଉ ୨,୭୧୬ ଆକ୍ରାନ୍ତ କରୋନାରୁ ମୁକ୍ତ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୨,୫୪,୯୧୩ ଛୁଇଁଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।




**ଆଜିର ମନ୍ତବ୍ୟ**

“ସୁରକ୍ଷା ସମ୍ପର୍କିତ ଓ ଅପରାଧର ନୂଆ ଚ୍ୟାଲେଞ୍ଜକୁ ମୁକାବିଲା କରିବା ପାଇଁ ପୋଲିସ ବଳର ଆଧୁନିକୀକରଣ କରାଯାଉଛି।
-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଡୁଡୁଲ୍
ପରିବାରବର୍ଗ


ଶ୍ରୀ ଅକ୍ଷୟାନନ୍ଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ି ପିଢ଼ାରେ ଲାଉ,**
**ସବୁଦିନ କଥା ମନରେ ଥାଉ;**
**ଏକାଦିନେ ନେବି ଦାଉ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ, ହୀନସ୍ତା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଳ ଶୁଖଉଛି ପୋଖରୀ ତୁଠରେ**
**ପିନ୍ଧିଅଛି ରଙ୍ଗପାଟ**
**ଯାଆନ୍ତି ପାଖକୁ, ଚିହ୍ନନ୍ତି ତାହାକୁ**
**ସଳଖ ତ ନାହିଁ ବାଟ ।**

ଦୂରରୁ ଅଜଣା ନାରୀକୁ ଦେଖିଲେ ମନରେ ସ୍ୱତଃ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଯାଏ। ପାଖକୁ ଯାଇ ଭଲମନ୍ଦ ବୁଝିବାରେ ଅନେକେ ସାହସ ଜୁଟାଇ ପାରି ନ ଥାନ୍ତି। ପରୋକ୍ଷରେ ପ୍ରେମୀଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇପଡିଥାଏ। ପ୍ରେମର ବାଟ ସଳଖ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଥାନାରେ ହାଜର ହେଲେନି ଓଟିଭି ସାମ୍ବାଦିକ

**ଏମ୍‌ପି ଚନ୍ଦ୍ରାଣୀଙ୍କ ବିବାଦୀୟ ଭିଡିଓ ଭାଇରାଲ ଘଟଣା**

କେନ୍ଦୁଝର, ୨୧।୧୦(ସ୍ୱ.ପ୍ର.)-ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଓଟିଭି ସାମ୍ବାଦିକ ରମେଶ ରଥ କେନ୍ଦୁଝର ଟାଉନ ଥାନାରେ ହାଜର ହେଲେନାହିଁ । କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କ ନାମରେ ବିବାଦୀୟ ଭିଡ଼ିଓ ଭାଇରାଲ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଟାଉନ ଥାନା ପକ୍ଷରୁ ୨୧ ତାରିଖ(ବୁଧବାର)ରେ ହାଜର ହେବାକୁ ନୋଟିସ କରାଯାଇଥିଲା। ତେବେ ଅସୁସ୍ଥତା କାରଣ ଦର୍ଶାଇ ରମେଶ ଥାନାରେ ହାଜର ହୋଇ ନାହାନ୍ତି। ତଦନ୍ତକାରୀ ଅଧିକାରୀଙ୍କୁ ସେ ୧୫ ଦିନ ମହଲତ ମାଗିଥିବା ତାଙ୍କ ଓକିଲ ଧନଞ୍ଜୟ ନାୟକ କହିଛନ୍ତି।

# ହାଇଦ୍ରାବାଦ ବନ୍ୟା: ମୁଖ୍ୟମନ୍ତ୍ରୀଙ୍କ ୫ କୋଟି ସହାୟତା ଘୋଷଣା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ): ହାଇଦ୍ରାବାଦ ସମେତ ତେଲଙ୍ଗାନାର କିଛି ଅଞ୍ଚଳରେ ବନ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଓଡ଼ିଶା ଲୋକଙ୍କ ତରଫରୁ ଏହି ରାଶି ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

## କେନ୍ଦ୍ର ଆଣିବ ଆଉ ...

ପ୍ୟାକେଜ ଆଣିବା ଉପରେ ବିକଳ୍ପ ବନ୍ଦ ହୋଇ ନାହିଁ। କେନ୍ଦ୍ର ସରକାର ନିରନ୍ତର ଭିତ୍ତିରେ ପଦକ୍ଷେପ ଜାରି ରଖିଛନ୍ତି। ଅନେକ ପ୍ରସଙ୍ଗ ବିଚାର କରିବାକୁ ରହିଛି ବୋଲି ବଜାଜ ମତ ରଖିଛନ୍ତି। କରୋନାର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ କିଭଳି ରହିଛି ତା'ର ଆକଳନ କରିବା ଲାଗି କେନ୍ଦ୍ର ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। କେତେ ପରିମାଣର ଜିଡିପି ଏହା ଦ୍ୱାରା ପ୍ରଭାବିତ ହୋଇଛି ତା'ର ମଧ୍ୟ ଆକଳନ କରାଯିବ। ସୂଚନାଯୋଗ୍ୟ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ହ୍ରାସ ଘଟିଛି। ଜିଡିପି ପ୍ରାୟ ୧୦ରୁ ୧୫% ଖସିବ ବୋଲି ବିଶ୍ୱସ୍ତରୀୟ ଏଜେନ୍ସିଗୁଡ଼ିକ ଆକଳନ କରିଛନ୍ତି। ପୂର୍ବରୁ ଭାରତ ମାନ୍ଦାବସ୍ଥା ସହ ଲଢ଼େଇ କରୁଥିଲା। କରୋନା ଆସିବା ଫଳରେ ଏହା ବଜାରକୁ ଶକ୍ତ ଧକ୍କା ଦେଇଛି। ପୂର୍ବରୁ ଘୋଷଣା ହୋଇଥିବା ପ୍ୟାକେଜରେ ସରକାର ବିତ୍ତୀୟ ସହାୟତା ଭାବେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହା ଜିଡିପିର ମାତ୍ର ୧% ରହିଥିଲା। ୨୦ ଲକ୍ଷ କୋଟିର ପ୍ୟାକେଜ ମଧ୍ୟରୁ ଅଧିକାଂଶ ଋଣ ସହାୟତା ରହିଥିଲା। ହେଲେ ବଜାରରେ ଚାହିଦା ନ ଥିବା ପ୍ରଭାବିତ କମ୍ପାନୀ କିମ୍ବା ବ୍ୟକ୍ତିବିଶେଷ ଋଣ ପ୍ୟାକେଜ ଦ୍ୱାରା ଲାଭବାନ୍ ହେବେ ନାହିଁ ବୋଲି ବିଶେଷଜ୍ଞ କହିଥିଲେ। ସରକାରଙ୍କ ପ୍ୟାକେଜ ପରେ ବଜାରରେ ଚାହିଦା ଫେରିପାରୁନାହିଁ। ନିକଟରେ ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଚାହିଦା ବଢ଼ାଇବା ଲାଗି ୭୩ ହଜାର କୋଟି ଟଙ୍କାର ଆଉ ଏକ ଘୋଷଣା କରିଥିଲେ। ଏହା ବିଶେଷକରି ସରକାରୀ କର୍ମଚାରୀଙ୍କ ଲାଗି ରହିଥିଲା। କ୍ୟାଶ୍ ଭାଉଚର ସ୍କିମ୍, ଅଗ୍ରିମ, ବୋନସ ଏବଂ ପୁଞ୍ଜି ଖର୍ଚ୍ଚ ଏହା ମଧ୍ୟରେ ସାମିଲ ରହିଛି। ପ୍ରଭାବିତ ବଜାର ସ୍ଥିତିରେ ସରକାରଙ୍କ ଆଗାମୀ ପଦକ୍ଷେପ କ'ଣ ରହୁଛି ତାହା ଦେଖିବାକୁ ବାକି ରହିଲା।

## ଜମି ଲୋଭରୁ ଟ୍ରିପଲ ...

ସିଂ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହେବ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୀରବତୀଙ୍କ ପୁତ୍ର ସନ୍ତାନ ନ ଥିଲେ । ତାଙ୍କ ଝିଅ ସାବିତ୍ରୀଙ୍କ ସହ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ବଡକିର୍ମିରା ଗ୍ରାମର ଗିରିଧାରୀଙ୍କ ବିବାହ ହୋଇଥିଲା। ପ୍ରାୟ ୫ବର୍ଷ ହେଲା ଗିରିଧାରୀ ଶ୍ୱଶୁର ଘରେ ରହୁଥିଲେ। ଶ୍ୱଶୁର ଘର ଜମିବାଡି ଚାଷ କରୁଥିଲେ। ହେଲେ ପୀରବତୀଙ୍କ ପଡୋଶୀ ନବୀନଙ୍କ ସେହି ଜମି ଉପରେ ନଜର ରହିଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ ଲାଗି ରହିଥିଲା। ଏପରି କି ଏହି ମାମଲା କୋର୍ଟକୁ ଯାଇଥିଲା। ବୁଧବାର ଅପରାହ୍ନ ପ୍ରାୟ ୨ଟା। ଗିରିଧାରୀ ବିଲରେ କାମ କରୁଥିଲେ। ଅଚାନକ ନବୀନ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ତାଙ୍କ ବେକକୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଘଟଣାସ୍ଥଳରେ





ଗିରଫ ନବୀନ ଦେହୁରୀ ଓ ତାଙ୍କ ପୁଅ ହେମାନନ୍ଦ।

ଗିରିଧାରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ନବୀନ ଗାଁକୁ ଆସିଥିଲେ। ଏହି ସମୟରେ ସାବିତ୍ରୀ ନଳକୂପରୁ ପାଣି ନେବାକୁ ଆସିଥିଲେ। ଟିକେ ମାତ୍ର ବିଳମ୍ବ ନ କରି ନବୀନ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ଝିଅର ଚିତ୍କାର ଶୁଣି ପୀରବତୀ ଘରୁ ବାହାରି ଆସିଥିଲେ। ତାଙ୍କୁ ମଧ୍ୟ ନବୀନ ହତ୍ୟା କରିଥିଲେ । ଏପରି ଘଟଣା ପରେ ସାରା ଗାଁରେ ଆତଙ୍କ ଖେଳି ଯାଇଥିଲା। ନବୀନ ଓ ତାଙ୍କ ପୁଅ ହେମାନନ୍ଦ ଗାଁରେ ବୁଲି ଅନ୍ୟମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ଗାଁ ଶୂନ୍‌ଶାନ୍ ହୋଇଯାଇଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା।

# ପ୍ରଥମ ପୃଷ୍ଠାରୁ...

## ଆର୍‌ଟିଆଇ: ଉଦାସୀନତାରୁ ...

ଇତିମଧ୍ୟରେ ଦ୍ୱିତୀୟ ଅପିଲ ଓ କମ୍ପ୍ଲେଣ୍ଟଗୁଡ଼ିକ ସୂଚନା କମିଶନଙ୍କ ଅଫିସ ଫାଇଲ ଭିତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାନ୍ଧିହୋଇ ଯାଇଥିବାରୁ ସ୍ୱଚ୍ଛତା ଓ ନ୍ୟାୟର ଆନ୍ଦୋଳନକୁ ଶକ୍ତ ଧକ୍କା ଲାଗିଛି। ପଦବୀ ଖାଲି ପାଇଁ କମିଶନଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅପିଲ୍‌ଗୁଡ଼ିକର ଫଇସଲା କରିପାରୁ ନାହାନ୍ତି।

୨୦୨୦ ଅଗଷ୍ଟ ୨୬ରେ ତତ୍କାଳୀନ ସିଆଇସି ବିମଲ ଜୁଲ୍‌କାଙ୍କ ଅବସର ପରଠୁ ଏହି ପଦବୀ ଖାଲି ପଡ଼ିଛି। ଏହା ସହ କେନ୍ଦ୍ରୀୟ ସୂଚନା କମିଶନ ୬ ବର୍ଷ ମଧ୍ୟରେ ପଞ୍ଚମ ଥର ପାଇଁ ମୁରବି ବିହୀନ ହୋଇଯାଇଛି। କେବଳ ସେତିକି ନୁହେଁ, ଅନ୍ୟ ୫ ସୂଚନା କମିଶନର ପଦବୀ ମଧ୍ୟ ଖାଲି ପଡ଼ିଛି। ୨୦୧୪ ମେ ପରଠାରୁ ସିଆଇସିରେ ଯେତିକି ଥର ଖାଲି ପଦବୀ ପୂରଣ କରାଯାଇଛି ତାହା କେବଳ ସୂଚନା ଅଧିକାର କର୍ମୀମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ସରକାରଙ୍କଠାରୁ ଭ୍ୟାକେନ୍ସି ସମ୍ପର୍କରେ ସ୍ପଷ୍ଟୀକରଣ ଦାବି କରିବା ପରେ ହିଁ ହୋଇଛି। ସିଆଇସିଙ୍କ ଅଫିସ ଯେମିତି ଖାଲି ନ ପଡ଼ିବ ତାହା ସୁନିଶ୍ଚିତ କରିବା ଲାଗି ଅତୀତରେ ମାତ୍ର ଦୁଇଥର ମୁଖ୍ୟ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଉଭୟ ନିଯୁକ୍ତି ଉପା ସରକାର ଅମଳରେ ହୋଇଥିଲା, ଯେଉଁ ସରକାର କି ଏହି ଆଇନକୁ ପାର୍ଲାମେଣ୍ଟରେ ଗୃହୀତ କରାଇଥିଲା। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର କ୍ଷମତାସୀନ ହେବା ପରେ ୨୦୧୪-୧୫ରେ ୧୦ ମାସ ଧରି ସିଆଇସି ପଦବୀ ଖାଲି ପଡ଼ିଥିଲା। ୨୦୧୪ ଅଗଷ୍ଟରେ ରାଜୀବ ମାଥୁରଙ୍କ ଅବସର ପରେ ହାଇପ୍ରୋଫାଇଲ ଅଫିସଗୁଡ଼ିକ ବିରୋଧରେ ଦ୍ୱିତୀୟ ଅପିଲ୍‌ରେ ଆବେଦନକାରୀଙ୍କ ଆର୍‌ଟିଆଇ ତଥ୍ୟ ଦିଆଯାଇ ନ ଥିଲା। ୨୦୧୫ ଜୁନ୍‌ରେ ବିଜୟ ଶର୍ମାଙ୍କୁ ସିଆଇସି ନିଯୁକ୍ତ କରାଯାଇଥିଲା।

ବେଳ ଥାଉ ଥାଉ ସିଆଇସି ନିଯୁକ୍ତି ନ ଦେବା ମୋଦି ସରକାରଙ୍କ ଏକ ବଡ଼ ବିଫଳତା ବୋଲି କୁହାଯାଉଛି। ଏହା ହେଉଛି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ। କାରଣ ୨୦୧୯ ଫେବୃୟାରୀରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ ଭାବେ କହିଥିଲେ, ଯଦି ସିଆଇସିରେ ମୁଖ୍ୟ ସୂଚନା କମିଶନର ନାହାନ୍ତି ବା ଆବଶ୍ୟକ ପଦବୀ ପୂରଣ ହୋଇନାହିଁ ତେବେ ତାହା ଆର୍‌ଟିଆଇ ଆଇନର କାର୍ଯ୍ୟକାରିତା ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏପରି କି ଏହି ଆଇନ ଯେଉଁ ଉଦ୍ଦେଶ୍ୟ ନେଇ ପ୍ରଣୟନ କରାଯାଇଥିଲା ତାହାର ବିରୁଦ୍ଧାଚରଣ ହେବ। ତେଣୁ ପଦବୀ ଖାଲି ହେବାର ମାସେ କିମ୍ବା ଦୁଇମାସ ପୂର୍ବରୁ ଚୟନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ ବୋଲି ସେତେବେଳେ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ୨୦୧୯ ଡିସେମ୍ବରରେ ସିଆଇସି ଏବଂ ଏସ୍‌ଆଇସିଗୁଡ଼ିକରେ ୩ ମାସ ମଧ୍ୟରେ ସୂଚନା କମିଶନର ନିଯୁକ୍ତ କରି ଖାଲି ପଦବୀ ପୂରଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଟିଆଇ ଆଇନକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ପାଇଁ ଏହି ନିର୍ଦ୍ଦେଶନାମା ଗୁରୁତ୍ୱପୂର୍ଣ୍ଣ ବୋଲି ଶୀର୍ଷ ଅଦାଲତ କହିଥିଲେ। କିନ୍ତୁ ସରକାରମାନେ ଅଦାଲତଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇନାହାନ୍ତି।

ବରିଷ୍ଠତମ କମିଶନରଙ୍କୁ ସିଆଇସି ଭାବେ ନିଯୁକ୍ତି ଦିଆଯିବ ବୋଲି ଆର୍‌ଟିଆଇ ଆଇନରେ ନିୟମ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ସିଆଇସି ଚୟନ କରିବା ପରେ ନିଯୁକ୍ତି ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥାନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପରବର୍ତ୍ତୀ ସିଆଇସି ମୁଖ୍ୟଙ୍କ ନାମକୁ ନେଇ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସମେତ ସୁପ୍ରିମକୋର୍ଟ ଓ ଅନ୍ୟ ହାଇପ୍ରୋଫାଇଲ୍ ଦପ୍ତରରୁ ଦ୍ୱିତୀୟ ଅପିଲ୍‌ର ସୂଚନା ମିଳିବ ନାହିଁ। ଅର୍ଥାତ୍ ଏହି ଅଫିସଗୁଡ଼ିକରୁ ନାଗରିକଙ୍କ ସୂଚନା ପାଇବାର ଅଧିକାରକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ।

## ଏଲ୍‌ଏସିରେ ଲ୍ୟାଣ୍ଡମାଇନ୍ ...

ତେବେ ଏହି ଲଞ୍ଚରଗୁଡ଼ିକର ରେଞ୍ଜ କେତେ ତାହା କୁହାଯାଇ ନାହିଁ। କିନ୍ତୁ ସୂଚନା ମୁତାବକ ଏହାକୁ ଉଚ୍ଚ ଅଞ୍ଚଳରେ ଅବସ୍ଥାପିତ କରି 'କମ୍ବାଟ-ଲକ୍‌ଡାଉନ୍' କରାଯାଇପାରେ। ଚାଇନା ସେନା ଏହି ସ୍ୱତନ୍ତ୍ର ଲଞ୍ଚରର ଟେଷ୍ଟ ପ୍ରାୟ ୧୨ ହଜାର ଫୁଟ୍ ଉଚ୍ଚତାରେ କରିଛି। ବିଶେଷଜ୍ଞଙ୍କ ମତରେ ଚାଇନା ସେନା ଏହି ପରୀକ୍ଷଣ ଦୁଇଟି ବଡ଼ କାରଣରୁ କରିଛି। ପ୍ରଥମତଃ ଚାଇନା ସୈନ୍ୟଙ୍କୁ ଉଚ୍ଚସ୍ଥାନରେ ପହଞ୍ଚିବାରେ ଅସୁବିଧା ହୋଇଥାଏ। ବିଶେଷକରି ଶୀତଋତୁରେ ପ୍ରବଳ ଥଣ୍ଡା ଯୋଗୁ ସେମାନେ ଉଚ୍ଚସ୍ଥାନକୁ ଯାଇପାରି ନ ଥାନ୍ତି। ଦ୍ୱିତୀୟତଃ ଚାଇନାକୁ ଗୋଟିଏ ଭୟ ଘାରିଛି ଯେ, ଯଦି ଭାରତ ସହ ଆଲୋଚନା ବିଫଳ ହୋଇଯାଏ ତେବେ ଭାରତୀୟ ସେନା ଏଲ୍‌ଏସି ଅତିକ୍ରମ କରି ଆକ୍ରମଣ କରିବ। ତେଣୁ ଚାଇନା ନିଜ ସୀମାକ୍ଷେତ୍ରରେ ଏପରି ବିପଜ୍ଜନକ ଲ୍ୟାଣ୍ଡମାଇନ୍ ବିଛାଉଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ ଚାଇନା ପିଏଲ୍‌ଏର ପଦାତିକ ବାହିନୀ ସଂଖ୍ୟା ବଢ଼ାଇବା ସହିତ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଛି।

ଇତିମଧ୍ୟରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ କୌଣସି ଶକ୍ତି ଭାରତର ଏକ ଇଞ୍ଚ ମଧ୍ୟ ଭୂମି ନେଇ ପାରିବେ ନାହିଁ। ଲଦାଖ ସଂଲଗ୍ନ ଏଲ୍‌ଏସିରେ ମୁହାଁମୁହିଁ ହେବାବେଳେ ଭାରତୀୟ ଯବାନମାନେ ଏକ ଚମତ୍କାର କାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଦୁଇଦେଶର ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏ ସୈନ୍ୟଙ୍କ ମୃତାହତ ନେଇ ଚାଇନା ଅଦ୍ୟାବଧି କିଛି ସ୍ପଷ୍ଟ କରିନାହିଁ।

## ଦୁଇଦିନ ପ୍ରବଳ ...

ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୨୨ତାରିଖରେ ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେଥିପାଇଁ ଏସମସ୍ତ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ଏସବୁ ଜିଲାର ତଳିଆ ଅଞ୍ଚଳରେ ବର୍ଷା ପାଣି ଜମିବା ସହ ଭୂସ୍ଖଳନ ହେବା ଆଶଙ୍କା ରହିଛି। ପ୍ରବଳ ବର୍ଷା ଯୋଗୁ କଚ୍ଚାଘର ଭାଙ୍ଗିବାର ଆଶଙ୍କା ଥିବାରୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶ ଦେଇଛି। ସେହିପରି ଗଜପତି, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ ଓ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ଏସମସ୍ତ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା କନ୍ଧମାଳ, ବୌଦ୍ଧ, କେନ୍ଦୁଝର, ଅନୁଗୋଳ, ମାଲକାନଗିରି, ରାୟଗଡ଼ା ଜିଲାର ଅନେକ ସ୍ଥାନରେ ବର୍ଷା ହେବ। ସେହିପରି ୨୩ତାରିଖରେ ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ାରେ ବର୍ଷା ହେବାର ଅଛି। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ବୁଧବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ଗୋପାଳପୁରରେ ସର୍ବାଧିକ ୧୭ମି.ମି. ବର୍ଷା ହୋଇଥିବା ବେଳେ ଛତ୍ରପୁରରେ ୧୫ମି.ମି., ପୁରୀରେ ୧୧ମି.ମି., ଭୁବନେଶ୍ୱରରେ ୧୦ମି.ମି., କଟକରେ ୯ମି.ମି., ବାରିପଦାରେ ୭ମି.ମି., ପାରାଦୀପରେ ୬ମି.ମି., ଚନ୍ଦାବାଲିରେ ୪ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି।

## ୩୦ ଲକ୍ଷ କେନ୍ଦ୍ର ...

ପ୍ରଦାନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର ଖବରଦାତାଙ୍କୁ ବୁଧବାର ସୂଚନା ଦେଇଛନ୍ତି। ମଧ୍ୟବିତ୍ତଙ୍କୁ ଏଭଳି ଅର୍ଥ ପ୍ରଦାନ ଦ୍ୱାରା ବଜାରରେ ଚାହିଦା ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅକ୍ଟୋବର ୧୨ରେ ବିଭିନ୍ନ ଯୋଜନା ଘୋଷଣା କରିଥିଲେ। ପ୍ରଭାବିତ ଅର୍ଥ ବ୍ୟବସ୍ଥାରେ ଚାହିଦା ଫେରାଇ ଆଣିବା ଉପରେ ଏହି ଘୋଷଣାଗୁଡ଼ିକ ପର୍ଯ୍ୟବସିତ ରହିଥିଲା। ସରକାରୀ କର୍ମଚାରୀଙ୍କ ଖର୍ଚ୍ଚ ବଢ଼ାଇ ବଜାରରେ ଚାହିଦା ବୃଦ୍ଧି ଉପରେ ସରକାର ବର୍ତ୍ତମାନ ଫୋକସ ରଖିଛନ୍ତି। କର୍ମଚାରୀଙ୍କ ଅଗ୍ରିମ ଅର୍ଥ ପ୍ରଦାନ ଏବଂ ପୁଞ୍ଜି ଖର୍ଚ୍ଚ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ । କଳକାରଖାନା, ଜଳଜାତ ଦ୍ରବ୍ୟ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ଅବଶ୍ୟ ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** ସାମାଜିକ ସ୍ତରରେ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ । ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ । ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ କୌଣସି ଦୃଢ଼ ପଦକ୍ଷେପ ନେଲେ ଝମେଲା ଅଧିକ ବଢ଼ିଯାଇପାରେ । ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ ।

**କର୍କଟ** ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି । ଘର କଥା ନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ ଅବଶ୍ୟ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯିବ ।

**ସିଂହ** ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳିଯିବାରୁ ଏକପ୍ରକାର ମନ ହାଲୁକା ହୋଇଯିବ । କିନ୍ତୁ ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ,ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ । ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ ।

**କନ୍ୟା** ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ । ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝିଲା ଭଳି କାମ ହେବ । ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ପାଇ ଖୁସି ହେବେ ।

**ତୁଳା** ଦୀର୍ଘଦିନ ହେଲା ଆପଣ ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତିଟି ନିଜର ଫାଇଦା ହାସଲ କରିବା ସକାଶେ ସର୍ବଦା ଚେଷ୍ଟିତ ରହିବ । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ । କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ ।

**ବିଛା** ବିଭିନ୍ନ ପ୍ରକାର ରୁଚିବିରୁଦ୍ଧ କାର୍ଯ୍ୟ ମାନସିକ ଅସ୍ଥିରତା ସୃଷ୍ଟି କରିବ । ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ । କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ ।

**ଧନୁ** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ । କିଛି ଗୁପ୍ତକଥା,କଳାଧନ,କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି ।

**ମକର** ଆପଣ ଖର୍ଚ୍ଚାନ୍ତ ହେବେ ସିନା ଆଜି କୌଣସି କାମ ଅଟକିବ ନାହିଁ । ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘର ସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକିଥିବା କାମଟି ସହଜରେ ହାସଲ କରିବେ ।

**କୁମ୍ଭ** ଆଜି ଯାହା କରନ୍ତୁ କିମ୍ବା ଯୁଆଡେ ଯାଆନ୍ତୁନା କାହିଁକି ଲାଭବାନ୍ ନିଶ୍ଚିତ ହେବେ । ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ । ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ମୀନ** ଆପଣ କୌଣସି କ୍ଷେତ୍ରରେ ନିରାଶ ହେବେ ନାହିଁ ଏବଂ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରଣରୁ ମନ ହାଲୁକା ହୋଇଯିବ । ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ ।

ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷର ତପଃ ଷଷ୍ଠୀ ଗୁରୁବାର,ମୃଣ୍ମୟୀଦେବୀଙ୍କ ବିଲ୍ୱାଧିବାସ, ତ୍ରିଦିନାତ୍ମକ ଦୁର୍ଗାପୂଜା, ପୀଠେ ସପ୍ତମୀ ପୂଜା, ନବପତ୍ରିକା ପ୍ରବେଶ, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୭ ଗତେ ଘ.୦୭।୧୯ ମଧ୍ୟେ, ଘ.୦୧।୨୫ ଗତେ ଘ.୦୨।୫୭ ମଧ୍ୟେ, ସନ୍ଧ୍ୟା ଘ.୦୬।୦୪ ଗତେ ଘ.୦୯।୨୫ ମଧ୍ୟେ,ରାତ୍ରି ଘ.୧୧।୫୬ ଗତେ ଘ.୦୩।୧୭ ମଧ୍ୟେ, ଘ.୦୪।୦୭ ଗତେ ଘ.୦୫।୪୭ ମଧ୍ୟେ ଅମୃତବେଳା। ଦିବା ଘ.୧୨।୫୬ ଗତେ ଘ.୦୨।୨୨ ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302

real estate

**SALE**

URGENT SALE - 53Crore, Iconic building near Infosys1, Bhubaneswar. 1 Acre land, 63000sqft built-up Whatsapp: 943-751-3333. URGENT SALE. D-18662

**Well developed 30'road,** ଘରବାରୀ, **boundary,** ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ **sqft.650/-** ବିକ୍ରିହେବ। **Land owner-9437033320.** D-69181

Ready to move duplex and 3/2BHK flats available near V-2showroom Patrapada, Bhubaneswar. 9861037729, 9040337729 D-63990

**Ready to move flat for sale in a big lifestyle apartment near Airport, Sunderpada, Bhubaneswar. 9938569014, 9861433014.** D-18653

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ **1,2,3BHK Simplex/ Duplex** ଅଛି। **8327785834, 9658122456.** D-69182

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita-6370476317 D-69188

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

ଭୁବନେଶ୍ୱର ଖୋର୍ଦ୍ଧା **NH side** ପିତାପଲ୍ଲୀ ଛକ ନିକଟରେ **Electricity boundary** ରାସ୍ତାଥାଇ ପ୍ଲଟ ମିଳୁଅଛି। **Direct owner-9090963952** D-69192

**PURCHASE**

Land requires for plotting project in around, Bhubaneswar. 9937816565, 9937568585 D-18649

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

8000sqft. Godown space available on rent, long term basis at Mancheswar Industrial area. 9238352500 D-68387

**Godown space available near Puri bypass area 18000/-, open space 15000/-. 9938125254** D-18598

15000sqft. for Godown purpose (Rent) infront of Highway Honda Showroom N.H-16, Bhubaneswar. 9437256146 D-46290

healthcare

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Herbal full body massage by smart / expert therapist. Contact: 8338067247. D-69787

Get refreshment body massage by expert therapist contact for 7205084157. D-69791

Refreshing your mind & body with best therapy at Lotus Spa. 8018234866 D-69565

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଲୀନ ହେବ ବୌଦ୍ଧସ୍ତୂପ ପାରାଭାଡ଼ି

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ, ୨୧।୧୦**



ଅବହେଳିତ ଅବସ୍ଥାରେ ଥିବା ବୌଦ୍ଧସ୍ତୂପ।

- ହୀରକ ତ୍ରିଭୁଜରେ ହାସଲ କରିଛି ସ୍ୱତନ୍ତ୍ର ସ୍ଥାନ
- ୪୦ଫୁଟ୍‌ରୁ ଅବକ୍ଷୟ ହୋଇ ପହଞ୍ଚିଲାଣି ୧୫ ଫୁଟ୍‌ରେ
- କୀର୍ତ୍ତିରାଜି ସଂରକ୍ଷଣରେ ଟଙ୍କାଟିଏ ଖର୍ଚ୍ଚ ହୋଇନି

ମାନବ ସଭ୍ୟତାକୁ ଶାନ୍ତିର ବାର୍ତ୍ତା ଦେଇଛି ବୌଦ୍ଧ ଧର୍ମ। ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ହାସଲ କରିଛି ସ୍ୱତନ୍ତ୍ର ପରିଚୟ। ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ନେଇ ପରିକଳ୍ପିତ 'ହୀରକ ତ୍ରିଭୁଜ' ବିଶ୍ୱ ମାନଚିତ୍ରରେ ବୌଦ୍ଧ ଧର୍ମର ଗୁରୁତ୍ୱ ବଢ଼ାଇଛି। ହେଲେ ହୀରକ ତ୍ରିଭୁଜ ଅନ୍ତର୍ଭୁକ୍ତ ତଥା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀର ସର୍ବପୁରାତନ ବୌଦ୍ଧସ୍ତୂପ 'ପାରାଭାଡ଼ି' ରକ୍ଷଣାବେକ୍ଷଣ ଅଭାବରୁ ବିଲୀନ ହେବାକୁ ବସିଛି। ଅବକ୍ଷୟ ହୋଇ ଏହି ସ୍ତୂପର ଉଚ୍ଚତା ୪୦ ଫୁଟରୁ ୧୫ ଫୁଟରେ ପହଞ୍ଚିଲାଣି। ଏହି ଐତିହାସିକ ସ୍ମାରକର ସଂରକ୍ଷଣ ଲାଗି ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ନ ହେବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଅବହେଳାକୁ ପଦାରେ ପକାଇଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବନ୍ଦରେଶ୍ୱର ପାହାଡ଼ର ଶୀର୍ଷରେ ରହିଛି ବୌଦ୍ଧସ୍ତୂପ ପାରାଭାଡ଼ି। ୧୯୭୫-୮୨ ମସିହା ମଧ୍ୟରେ ଲଳିତଗିରିର ଉତ୍‌ଖନନ ସମୟରେ ଏହାର ସନ୍ଧାନ ମିଳିଥିଲା। ୧୯୯୪ରେ ଏହା ଏଏସ୍‌ଆଇ ଅଧୀନକୁ ଯାଇଥିଲା। ହେଲେ ଏହି ପ୍ରାଚୀନ ବୌଦ୍ଧପୀଠର ସଂରକ୍ଷଣ କିମ୍ବା ଉତ୍‌ଖନନ କରାଯାଇନାହିଁ। ଫଳରେ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ଏ ସମ୍ପର୍କରେ ସୂଚନା ଦେଇ ବିଶିଷ୍ଟ ଐତିହାସିକ ତଥା ବୌଦ୍ଧଧର୍ମ ଗବେଷକ ଡ. ହରିଶଚନ୍ଦ୍ର ପୃଷ୍ଟି କୁହନ୍ତି, ଚୀନ ପରିବ୍ରାଜକ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ଏହି ସ୍ତୂପର ଅନୁଧ୍ୟାନ କରିଥିଲେ। ସେ ନିଜ ପୁସ୍ତକରେ ପାରାଭାଡ଼ି ବିଷୟରେ ଉଲ୍ଲେଖ କରିଛନ୍ତି। ସାରନାଥ, ସାଞ୍ଚି, ନାଗାର୍ଜୁନ କେଣ୍ଡା ଓ ଜାଭାର ବର୍ବୋଦରସ୍ଥିତ ବୌଦ୍ଧ ମହାସ୍ତୂପଗୁଡ଼ିକ ସହ ପାରାଭାଡ଼ିର ଅନେକ ସାମଞ୍ଜସ୍ୟ ରହିଛି। ପାରାବୋଧିର ଅପଭ୍ରଂଶରୁ ପାରାଭାଡ଼ି ସୃଷ୍ଟି ହୋଇଛି। ଲଳିତଗିରି ସହ ପଞ୍ଚଗିରି ଅନ୍ତର୍ଗତ ପାରାଭାଡ଼ି ପାହାଡ଼ ଉପରେ ଯେଉଁ ସ୍ତୂପ ରହିଛି ତାକୁ ଗବେଷକମାନେ ପାରାବୋଧି ବୋଲି କହିଥାନ୍ତି। ଗୌତମ ବୁଦ୍ଧଙ୍କ ପଞ୍ଚଶିଷ୍ୟ ତପସୁ ଏବଂ ଭଲୁକ ଏହି ସ୍ତୂପ ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଲାଗି ଲଳିତଗିରିର ଲଣ୍ଡା ପାହାଡ଼ରେ ଥିବା ବୌଦ୍ଧ ସ୍ତୂପ ଓ ପାରାଭାଡ଼ି ସ୍ତୂପ ସମକାଳୀନ ଭାବେ ନିର୍ମାଣ କରାଯାଇଥିଲା। ସମ୍ରାଟ ଅଶୋକ ବିଶ୍ୱରେ ବୌଦ୍ଧଧର୍ମ ପ୍ରଚାର କରିବା ସହ ମୂଲ୍ୟବାନ ଦ୍ରବ୍ୟ ଏବଂ ସ୍ତୂପଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଲଳିତଗିରିର ସ୍ତୂପରୁ ବୁଦ୍ଧଙ୍କ ଅସ୍ଥି ପେଟିକା ମିଳିଥିଲା। ୩ ଫରୁଆରେ ସଂରକ୍ଷିତ ଏହି ପେଟିକାର ପ୍ରଥମ କାଠ, ଦ୍ୱିତୀୟ ରୂପା ଏବଂ ତୃତୀୟ ସୁନା ଫରୁଆରେ ଆବଦ୍ଧ ହୋଇ ରହିଥିଲା। ଗତବର୍ଷ ଲଳିତଗିରିରେ ନିର୍ମିତ ବୁଲେଟ୍ ପ୍ରୁଫ୍ ମ୍ୟୁଜିୟମରେ ଏହାକୁ ସଂରକ୍ଷିତ କରି ରଖାଯାଇଛି। ଏଏସ୍‌ଆଇ ଅଧୀନକୁ ଯିବା ସମୟରେ ପରାଭାଡ଼ି ସ୍ତୁପର ଉଚ୍ଚତା ୪୦ଫୁଟ ଥିଲା। ହେଲେ କ୍ରମାଗତ ଅବକ୍ଷୟ ଘଟି ଏହାର ଉଚ୍ଚତା ୧୫ ଫୁଟରେ ପହଞ୍ଚିଛି। ସେହିପରି ୨ଶହ ଏକର ଜମିରେ ଏହାର ପରିସୀମା ଚିହ୍ନଟ କରାଯାଇଥିଲେ ମଧ୍ୟ ଏହାର ସଂରକ୍ଷଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଯିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଛି। ଏଏସ୍‌ଆଇ ତରଫରୁ ପାରାଭାଡ଼ି ସ୍ତୂପକୁ ଉତ୍‌ଖନନ କରାଗଲେ ବୌଦ୍ଧଧର୍ମ ସଂକ୍ରାନ୍ତ ଅନେକ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଏଏସ୍‌ଆଇର ସହକାରୀ ଅଧୀକ୍ଷକ ମାନସ ରଞ୍ଜନ ସାହୁ କୁହନ୍ତି ୧୯୯୪ରୁ ଏହା ଏଏସ୍‌ଆଇ ଅଧୀନକୁ ଆସିଥିଲା। ଟଙ୍କା ଅଭାବରୁ ଏହାର ରକ୍ଷଣାବେକ୍ଷଣା ହୋଇପାରିନାହିଁ। ବଜେଟ କରାଗଲେ ଏହାର ଏହାର ଉତ୍‌ଖନନ ଓ ସଂରକ୍ଷଣ କରାଯାଇ ପାରିବ।

# ନଭେମ୍ବର ୧ରୁ ଗହୀରମଥାରେ କଟକଣା

**କେନ୍ଦ୍ରାପଡ଼ା ଅଫିସ, ୨୧।୧୦:** ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସୁରକ୍ଷା ପାଇଁ ଆସନ୍ତା ନଭେମ୍ବର ୧ରୁ ମେ ୩୧ ଯାଏ ଗହୀରମଥାର ସମୁଦ୍ରାଞ୍ଚଳ ମତ୍ସ୍ୟଜୀବୀଙ୍କ ପାଇଁ ନିଷିଦ୍ଧ ହେବ। ଚଳିତବର୍ଷ ସମୁଦ୍ରର ଏହି ନିଷିଦ୍ଧାଞ୍ଚଳର ଚିହ୍ନଟୀକରଣ ପାଇଁ ୧୦୦ ବୋ (ପ୍ଲାଷ୍ଟିକର ଭାସମାନ ବଲ୍ ସମୂହ) ଲାଗିବ। ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ହୁକିଟୋଲାଠାରୁ ଧାମରା ବନ୍ଦର ପର୍ଯ୍ୟନ୍ତ ୬୮ କିଲୋମିଟର ଲମ୍ବରେ ଏହି ବୋ ଲଗାଯାଇ ସୀମାରେଖା ଚିହ୍ନଟ କରାଯିବ। ଫଳରେ ସାମୁଦ୍ରିକ ସୀମାରେଖାକୁ ନେଇ ଉପୁଜୁଥିବା ସମସ୍ୟାର ସମାଧାନ ହେବ। ସମୁଦ୍ର ସୀମାରେଖାକୁ ନେଇ ବନ ବିଭାଗ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ହେଉଥିବା ବିବାଦ ସମ୍ପର୍କରେ ଧରିତ୍ରୀରେ ଗତ ୧୮ରେ ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମତ୍ସ୍ୟଜୀବୀ ଫୋରମର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ସ୍ୱାଇଁ କହନ୍ତି, ବୋ'ଗୁଡିକ ଉନ୍ନତମାନର ହେବା ଆବଶ୍ୟକ। ଦୁଇବର୍ଷ ପୂର୍ବେ ଲଗାଯାଇଥିବା ୧୫ଟି ବୋ ଜୁଆରରେ ନଷ୍ଟ ହୋଇଯାଇଛି।


## ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ବିଶିଷ୍ଟ ରାଜନୀତିଜ୍ଞ, ବାଗ୍ମୀ, ସୁସାହିତ୍ୟିକ ତଥା ସଂସ୍କୃତିପୁରୁଷଙ୍କୁ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆସନ୍ତା ତା. ୨୨-୧୦-୨୦୨୦ରିଖ ଗୁରୁବାର ଦିନ
**ଶ୍ରୀଯୁକ୍ତ ଶରତ କୁମାର କରଙ୍କ** ଅମର ଆତ୍ମା ପ୍ରତି ପୁଷ୍ପାର୍ଘ୍ୟ ଅର୍ପଣ କରାଯିବ।

ସ୍ଥାନ - ବୁଦ୍ଧ ମନ୍ଦିର (ହାଉସିଂବୋର୍ଡ଼ ଛକ ପାଖ)
ସମୟ : ଦିବା ୪ ଘଟିକାରୁ ୬ ଘଟିକା

ନିବେଦକ - ଶରତ କରଙ୍କ ପରିବାର

ବି.ଦ୍ର. : ସମସ୍ତ ଅତିଥିମାନଙ୍କୁ ନିବେଦନ ଦୟାକରି କୋଭିଡ଼୍ ନିୟମ ପାଳନ କରିବେ।


## ବଢ଼ିଲା ଶ୍ରମିକଙ୍କ ଦୈନିକ ମଜୁରି

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ରାଜ୍ୟର ଶ୍ରମିକଗୋଷ୍ଠୀଙ୍କ ଦୈନିକ ମଜୁରି ବୃଦ୍ଧି ପାଇଛି। ରାଜ୍ୟ ସର୍ବନିମ୍ନ ମଜୁରି ଉପଦେଷ୍ଟା ବୋର୍ଡର ୫୨ତମ ବୈଠକରେ କରାଯାଇଥିବା ସୁପାରିସକ୍ରମେ ସରକାର ସମସ୍ତ ୮୯ଟି ସିଡ୍ୟୁଲ୍ ସଂସ୍ଥାରେ କାର୍ଯ୍ୟକରୁଥିବା ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କ ପାଇଁ ମହଙ୍ଗା ଭତ୍ତାରେ ସଂଶୋଧନ ଆଣିଛନ୍ତି। ଅକ୍ଟୋବର ପହିଲାରୁ ସେମାନେ ମହଙ୍ଗାଭତ୍ତା ବାବଦକୁ ଦୈନିକ ୪ଟଙ୍କା ୬୫ ପଇସା ଅଧିକ ପାଇବେ। ରାଜ୍ୟ ସରକାର ଏନେଇ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଦୈନିକ ମଜୁରିରେ ସ୍ୱତନ୍ତ୍ର ଭତ୍ତା ବା ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ବାବଦରେ ଏହି ବର୍ଦ୍ଧିତ ମଜୁରି ବୋଲି ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାଏକ ସୂଚନା ଦେଇଛନ୍ତି। ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ଲାଗୁ ପରେ ଅଣକୁଶଳୀ ଶ୍ରମିକମାନଙ୍କ ଦୈନିକ ମଜୁରି ୩୦୮ ଟଙ୍କା ହୋଇଥିବାବେଳେ ଅର୍ଦ୍ଧ କୁଶଳୀଙ୍କ ମଜୁରି ୩୪୮ ଟଙ୍କା, କୁଶଳୀ ଶ୍ରମିକଙ୍କ ୩୯୮ ଟଙ୍କା ଏବଂ ଉଚ୍ଚ କୁଶଳୀଙ୍କ ମଜୁରି ୪୫୮ ଟଙ୍କା ହୋଇଛି।

# ୨୦୨୧ରେ ୧୦୬ ଦିନ ସରକାରୀ ଛୁଟି

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

୨୦୨୧ ମସିହା ପାଇଁ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ନିମନ୍ତେ ଛୁଟି ତାଲିକା ଘୋଷଣା କରିଛି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ। ଏନେଇ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୧ରେ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ମୋଟ ୧୦୬ଦିନ ଛୁଟିରେ ରହିବାର ସୁଯୋଗ ପାଇବେ। ଏଥିରେ ୨୯ ଦିନ ସରକାରୀ ଛୁଟି ରହିଥିବା ବେଳେ ୫୨ଟି ରବିବାର, ୨୪ଟି ଦ୍ୱିତୀୟ ଓ ଚତୁର୍ଥ ଶନିବାର ସମେତ ଗୋଟିଏ ଦିନର ଇଚ୍ଛାଧୀନ ଛୁଟି ସାମିଲ ଅଛି। ୮ଟି ଇଚ୍ଛାଧୀନ ଛୁଟିଦିନ ରହିଥିବାବେଳେ ସରକାରୀ କର୍ମଚାରୀ ଚାହିଁଲେ ଏହାମଧ୍ୟରୁ ଗୋଟିଏ ଦିନ ନିଜ ଇଚ୍ଛା ମୁତାବକ ଛୁଟି ନେଇପାରିବେ। ଇଚ୍ଛାଧୀନ ଛୁଟିରେ ଜାନୁୟାରୀ ୨୦ ଗୁରୁଗୋବିନ୍ଦ ସିଂ ଜୟନ୍ତୀ, ଜାନୁୟାରୀ ୨୫ ବ୍ରାହ୍ମସମାଜ ପ୍ରତିଷ୍ଠା ଦିବସ, ଏପ୍ରିଲ ୩ ଇଷ୍ଟର ଶନିବାର, ମେ' ୧୦ ଶବେ-ଇ-କାଦର, ମେ' ୨୬ ବୁଦ୍ଧପୂର୍ଣ୍ଣିମା ଓ ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ, ଜୁଲାଇ ୨୦ ବାହୁଡ଼ା, ନଭେମ୍ବର ୧୨ ଅଁଳାନବମୀ ଓ ଡିସେମ୍ବର ୨୪ ଖ୍ରୀଷ୍ଟମାସ୍ ଅବସରକୁ ଇଚ୍ଛାଧୀନ ଛୁଟି ଭାବେ ଘୋଷଣା କରାଯାଇଛି। ଏହି ଇଚ୍ଛାଧୀନ ଛୁଟିଗୁଡ଼ିକ ମଧ୍ୟରୁ କର୍ମଚାରୀମାନେ ନିଜର ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଦରଖାସ୍ତ ଦେଇ ଯେକୌଣସି ଗୋଟିଏ ଦିନ ଛୁଟି ନେଇପାରିବେ। ଅନ୍ୟପକ୍ଷରେ ସରକାରୀ କର୍ମଚାରୀଙ୍କ ୯ଟି ଛୁଟି ବେକାର ଯାଇଛି। ଏହି ୯ଦିନ ଛୁଟି ମଧ୍ୟରୁ ୩ଟି ରବିବାର ପଡ଼ିଥିବାବେଳେ ୫ଟି ଶନିବାର ଓ ଗୋଟିଏ ଦିନରେ ଅର୍ଥାତ୍ ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଆମ୍ବେଦକର ଜୟନ୍ତୀ ଓ ମହାବୀର ଜୟନ୍ତୀ ପଡୁଥିବାରୁ ଏହି ଛୁଟି ବେକାର ହୋଇଛି।

# ବାରାକ୍‌ରେ ମଦ ପିଇ ଏସ୍‌ଆଇ ନିଲମ୍ବିତ



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ।

**ନାଉଗାଁ,୨୧।୧୦(ସ୍ୱ.ପ୍ର.)**

ଥାନା ବାରାକରେ ମଦ୍ୟପାନ କରିବା ଜଣେ ପୋଲିସ ଏସ୍‌ଆଇଙ୍କ ପାଇଁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ କର୍ମଚାରୀ ମଦ୍ୟପାନ କରୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସମ୍ପୃକ୍ତ ଏସ୍‌ଆଇ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାର ବିବେକାନନ୍ଦ ସାହୁ। ସେ ଖୁଲମଖୁଲା ଭାବେ ଥାନା ବାରାକରେ ବସି ତାଙ୍କର ଜଣେ ସାଥୀଙ୍କ ସହ ମଦ୍ୟପାନ କରୁଥିଲେ। ଏଥିସହିତ ଚୋରାମଦ ବେପାରୀଙ୍କ ସହ ସମ୍ପର୍କ ରଖି ମଦ ଓ ମାଂସ ଆଦି ମାଗିବା ନେଇ ଏକ ଅଡିଓ ଓ ଫଟୋ ସୋସିଆଲ ମିଡିଆରେ ମଙ୍ଗଳବାର ଭାଇରାଲ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପ୍ରିୟରଞ୍ଜନ ମିଶ୍ର ତଦନ୍ତ ପାଇଁ ବୁଧବାର ନାଉଗାଁ ଥାନାରେ ପହଞ୍ଚିଥିଲେ। ତଦନ୍ତ ପରେ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଏସଆଇ ସାହୁଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶଯୋଗ୍ୟ, ଉକ୍ତ ଏସଆଇ ଯେବେ ଡାଏରି ଚାର୍ଜ ଅଫିସର(ଡିସିଓ) ଦାୟିତ୍ୱରେ ରୁହନ୍ତି, ସତେବେଳେ ଯେଉଁ ଅଭିଯୋଗ ଗ୍ରହଣ କରନ୍ତି ତାହାର ଅପରପକ୍ଷକୁ ଡକାଇ କାଉଣ୍ଟର ଏତଲା କରିବା ସହିତ ମୋଟା ଅଙ୍କର ଉତ୍କୋଚ ନେଇଥାନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଉକ୍ତ ଥାନା ଅଞ୍ଚଳରେ ଚୋରା ବାଲି ଚାଲାଣ, ଜୁଆ, ଗଞ୍ଜେଇ ଓ ଚୋରା ମଦ ବେପାରରେ ସମ୍ପୃକ୍ତ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ନିଲମ୍ବିତ ଏସ୍‌ଆଇ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

**ଦାୟିତ୍ୱହୀନ ସରକାରୀ କର୍ମଚାରୀ**

## ଲାଞ୍ଚ: ଧରାପଡ଼ିଲେ ୨ ପୌର କର୍ମଚାରୀ

**ଦେବଗଡ଼,୨୧।୧୦(ଡି.ଏନ୍.ଏ.)**

ଦେବଗଡ ପୌରପରିଷଦର ୨ ଜଣ କର୍ମଚାରୀ ବୁଧବାର କାର୍ଯ୍ୟାଳୟ ପରିସରରେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଦୁଇ ଅଭିଯୁକ୍ତ ହେଲେ ଟ୍ୟାକ୍ସ କଲେକ୍ଟର ରାଜେନ୍ଦ୍ର କୁମାର ନାଏକ ଏବଂ ପିଅନ ଅଜିତ କୁମାର ନାଏକ। ସେମାନଙ୍କ ନିକଟରୁ ରାସାୟନିକ ପ୍ରଲେପ ବୋଳା ଟଙ୍କା ଜବତ ହୋଇଛି।

ଦେବଗଡ଼ ସହରର ୫ ନଂ. ୱାର୍ଡ ବାସିନ୍ଦା ଶିବ ଶଙ୍କର ନାୟକ ତାଙ୍କ ଘର ନିର୍ମାଣ ପାଇଁ ଟାଉନପ୍ଲାନିଂ ଆପ୍ରୁଭାଲ ନିମନ୍ତେ ନୋ ଡିୟୁଜ୍ ସାର୍ଟିଫିକେଟ ଲାଗି ପୌର କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏଥି ପାଇଁ ପୌର ପରିଷଦ ଟ୍ୟାକ୍ସ କଲେକ୍ଟର ରାଜେନ୍ଦ୍ର ଆବେଦନକାରୀ ଶିବଶଙ୍କରଙ୍କୁ ୨ ହଜାର ଟଙ୍କା ଦାବି କରିଥିଲେ। ଶିବଶଙ୍କର ରାଜେନ୍ଦ୍ରଙ୍କ କଥାରେ ରାଜି ହେବା ସହ ଏ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ସେହି ଅନୁସାରେ ଭିଜିଲାନ୍ସ ଅଧିକାରୀମାନେ ବୁଧବାର ପୂର୍ବାହ୍ନରେ ପୌର କାର୍ଯ୍ୟାଳୟରେ ଛକି ରହିଥିଲେ। ଶିବଶଙ୍କର ରାଜେନ୍ଦ୍ରଙ୍କୁ ଟଙ୍କା ଦେଲାବେଳେ ସେମାନେ ତାଙ୍କୁ ଧରି ନେଇଥିଲେ। ଏହାପରେ ଏଥିରେ ଜଡ଼ିତ ପିଅନ ଅଜିତ ମଧ୍ୟ ଧରା ପଡ଼ିଥିଲେ। ଉଭୟଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା ଚାଲିଥିବା ବିଭାଗୀୟ ଡିଏସ୍‌ପି ବୀରେନ୍ଦ୍ର କୁମାର ନାଏକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୮ ତାରିଖରେ ଦେବଗଡ଼ ପୌର ନିର୍ବାହୀ ଅଧିକାରୀ ଭୁବନ ପ୍ରଧାନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରା ପଡ଼ି ଜେଲ ଯାଇଛନ୍ତି।




କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧ୍ୟମରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। -ଶ୍ରୀମା



# ମାଂସାହାର ଓ ପୁରୁଷତ୍ୱ



ମାନେକା ଗାନ୍ଧୀ

ମୁଁ ଆର୍ମି କ୍ୟାଣ୍ଟନମେଣ୍ଟରେ ରହୁଥିଲି ଓ ସେଇଠି ବଢ଼ିଛି। ସେତେବେଳେ ଦୈନିକ ଆମ ଡାଇନିଂ ଟେବୁଲରେ ମାଂସ ରହୁଥିଲା। ସୈନିକମାନେ 'ରିୟଲ' ମେନ୍ ବା ଅସଲି ପୁରୁଷ ହୋଇଥିବାରୁ ସେମାନେ ଏହାକୁ ଖାଉଥିଲେ ବୋଲି ସ୍ୱୀକାର କରାଯାଉଥିଲା। ମୋ ଜେଜେବାପାଙ୍କ ଘରେ ସମସ୍ତ ମହିଳା ଥିଲେ ଶାକାହାରୀ। କିନ୍ତୁ ଜେଜେବାପା ଦୁଇବେଳା ମାଂସ ଖାଉଥିଲେ ଓ ଘରର ମହିଳାମାନେ ତାହାକୁ ରୋଷେଇ କରୁଥିଲେ। ପରେ ମୁଁ ଯେତେବେଳେ ଶାକାହାରୀ ହୋଇଗଲି ସେତେବେଳେ କିଛି ପୁରୁଷ ଶାକାହାରଠାରୁ କିଭଳି ଦୂରେଇ ରହୁଥିଲେ ଓ ଅନ୍ୟଙ୍କୁ ଏହାଠାରୁ ଦୂରେଇ ରହିବାକୁ କହୁଥିଲେ ତାହା ମୋତେ ଶୁଣିବାକୁ ପଡିଥିଲା। କିନ୍ତୁ କୌଣସି ମହିଳାଙ୍କଠାରୁ ଏଭଳି ନିରର୍ଥକ କଥା ଶୁଣି ନ ଥିଲି।ମୁଁ ଜୟପୁର ଯାଇଥିବା ଅବସରରେ ସେବି (ଏସ୍ଇବିଆଇ)ର ପୂର୍ବତନ ମୁଖ୍ୟ ତଥା ଜୟପୁର ଫୁଟ୍ ମୁଭ୍ମେଣ୍ଟର ପ୍ରତିଷ୍ଠାତା ଡ.ମେହେଟାଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲି। ମୁଁ ଯେତେବେଳେ ତରକାରି ଖାଇଲି ଭୟ କରିଗଲି। ମୋତେ ତାହା ମାଂସ ତରକାରି ଭଳି ଲାଗିଲା। ତରକାରି କେମିତି ହୋଇଛି ଓ ତାହାକୁ କାହିଁକି ମୋ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି ତାହା ମୋତେ ସେ ବୁଝାଇଦେଲେ। ଦୁଇଶହ ବର୍ଷ ତଳେ ଜଣେ ସନ୍ଥ ରାଜସ୍ଥାନ ରାଜ ପରିବାରର ମହିଳାମାନଙ୍କୁ ଶାକାହାରୀ କରି ଦେଇଥିଲେ। କିନ୍ତୁ ସେତେବେଳେ ରାଜ ପରିବାରର ପୁରୁଷମାନେ ଶିକାର, ଯୁଦ୍ଧ ଓ ମାଂସ ଖାଇବାକୁ ପସନ୍ଦ କରୁଥିଲେ। ମହିଳାମାନେ ଲୁଚାଛପାରେ ଘିଅ ଓ ଅଟାରେ ମାଂସ ଭଳି ସ୍ୱାଦ ଭଳି ଏକ ପ୍ରକାର ତରକାରି କରି ଖାଉଥିଲେ। ସମସ୍ୟା ହେଉଛି ଏହାକୁ ପ୍ରସ୍ତୁତ କରିବା ଲାଗି ବହୁ ସମୟ ଲାଗିଥାଏ, ଯାହାଫଳରେ ଏବେ ଏହାକୁ ଆଉ ବେଶି କରାଯାଉନାହିଁ।

ଖାଦ୍ୟ ସହ ଲିଙ୍ଗଗତ ସମ୍ପର୍କ ଅତି ନିବିଡ । ଏହାର ପ୍ରଭାବ ମହିଳା ଓ ପୁରୁଷଙ୍କଠାରେ ରହିଛି। ଏହା ପୂର୍ବରୁ ରହିଥିଲା ଓ ରହିବ ମଧ୍ୟ। ମହିଳାମାନେ ସାଧାରଣତଃ ଦୟାଶୀଳ ଓ ଧର୍ମପରାୟଣା। ତେଣୁ ଶୁଦ୍ଧ ଶାକାହାରବାଦ ଓ ଶାକାହାରୀବାଦକୁ ନାରୀସୁଲଭ ପ୍ରବୃତ୍ତି ଭାବେ ଦେଖାଯାଏ। ପୁରୁଷମାନେ ରୁକ୍ଷ ଓ କଠୋର, ତେଣୁ ମାଂସ ଖାଇବା ସେମାନଙ୍କ ପୁରୁଷପଣିଆକୁ ସୂଚାଇଥାଏ। ସମସ୍ତେ ଜାଣନ୍ତି ମାଂସ ଖାଇବା ସ୍ୱାସ୍ଥ୍ୟ, ସମାଜ, ପରିବେଶ ଓ ଅର୍ଥନୀତି ପକ୍ଷେ କ୍ଷତିକାରକ। ଏହା ପ୍ରାଣୀମାନଙ୍କୁ ବି କ୍ଷତି ପହଞ୍ଚାଉଛି। କୋଭିଡ୍ ମହାମାରୀ ଏ ସବୁ ଆମକୁ ସୂଚାଇ ଦେଇଛି। ମାଂସ ଖାଇବା ବି କମିଯାଇଛି। ତେବେ ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର। ସମସ୍ୟା ହେଉଛି କେବଳ ଶାକାହାରୀ ଖାଦ୍ୟର ଉପକାର ସମ୍ପର୍କରେ କୁହାଯାଉଛି, କିନ୍ତୁ ମଣିଷ କାହିଁକି ମାଂସ ଖାଉଛି ତା'ର ମୂଳ କାରଣ ସମ୍ପର୍କରେ କିଛି କୁହାଯାଉନି। ଏହାଯୋଗୁ ସେମାନେ ନିଜକୁ ରିୟଲ ମେନ୍ ବୋଲି ମନେକରୁଛନ୍ତି ଏବଂ ଯାହା ହୋଇଯାଉ ପଛେ ଯେତେବେଳେ ଯେଉଁଠି ଯାହା ଚାହିଁବେ ତାହା ଖାଇବା ପାଇଁ ହକଦାର ବୋଲି ଧରି ନେଇଛନ୍ତି।

ପ୍ରାଗ୍ଐତିହାସିକ ଯୁଗର ଶିକାରୀ ମଣିଷ ମାଂସ ଖାଉଥିଲେ। ହେଲେ ଏବକାର ମଣିଷ ଯାହା ହୋଇଥାନ୍ତୁ ନା କାହିଁକି ଜଣେ ଶ୍ରେଷ୍ଠପୁରୁଷ ଭାବେ ମାଂସ ଖାଇ ପୁରୁଷତ୍ୱର ପ୍ରମାଣ ଦେବାକୁ ଚାହୁଁଛି। ଏହି ଧାରଣା ଏମିତି ବସା ବାନ୍ଧିଛି ଯେ, ଅନେକ ସମୟରେ ପୁରୁଷତ୍ୱ ସଙ୍କଟରେ ପଡିଥିବା ମେନେକରି ସେହି ପରିସ୍ଥିତିରେ ପୁରୁଷମାନେ ଅଧିକ ମାଂସ ଖାଇଥାନ୍ତି ବୋଲି ୟୁନିଭର୍ସିଟି ଅଫ୍ ହାୱାଇ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି। ଏହି କାରଣରୁ ବର୍ଷ ବର୍ଷ ଧରି ଜିଅନ୍ତା ପ୍ରାଣୀମାନଙ୍କୁ ଉଡାଜାହାଜରୁ ସୀମାବର୍ତ୍ତୀ ସେନା ଅଞ୍ଚଳରେ ପକାଯାଉଥିଲା। ତଟକା ମାଂସ ପାଇବା ଲାଗି ଏହା କରାଯାଉଥିଲା। ମୁଁ ଏହାକୁ ବନ୍ଦ ନ କରିବା ଯାଏ ଚାଲୁ ରହିଥିଲା। ଏଣୁ କାହିଁକି ଏଯାବତ ମାଂସ ଖାଇବାକୁ ପୁରୁଷତ୍ୱର ପ୍ରତୀକ ଭାବେ ଦେଖାଯାଉଛି? ଗଣମାଧ୍ୟମ ମାଂସକୁ ପୁରୁଷତ୍ୱର ପ୍ରତୀକ ଭାବେ ଦର୍ଶାଇ କିପରି ଏହାର ମାର୍କେଟିଂ କରିଛି ତାହା କାର୍ଲୋ ଆଡାମ୍ସ ତାଙ୍କ ପୁସ୍ତକ 'ଦି ସେକ୍ସୁଆଲ ପଲିଟିକ୍ସ ଅଫ୍ ମିଟ୍'ରେ ପ୍ରକାଶ କରିଛନ୍ତି। ଏହି ଧାରଣାକୁ କିଭଳି ଖୋଲାଖୋଲି ଭାବେ ଯୌନ ବିଜ୍ଞାପନରେ ପ୍ରଚାର କରାଯାଉଛି ତାହା ଆମେ ଦେଖୁଛେ। ଏହା ସହ ମେଡିକାଲ ତଥ୍ୟକୁ ଅଣଦେଖା କରି ମାଂସକୁ ପ୍ରୋଟିନ୍ର ଏକ ମୂଳ ଉତ୍ସ ଓ ଏହା ଶକ୍ତି ବୃଦ୍ଧି କରିଥାଏ ବୋଲି ମାର୍କେଟିଂ କରାଯାଉଛି। ମାଂସ ଖାଇବାକୁ ପୁରୁଷତ୍ୱର ପ୍ରତୀକ ଭାବେ ଦେଖାଯାଉଛି। ପୁରୁଷତ୍ୱ ପାଇଁ ରିସ୍କ ନେବା (ବିପଜ୍ଜନକ ଗାଡି ଚାଳନା,ଅତ୍ୟଧିକ ମଦ୍ୟପାନ କରିବା ) ଦରକାର ବୋଲି ଭ୍ରାନ୍ତଧାରଣା ବି ରହିଛି। ଏଣୁ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପୁରୁଷତ୍ୱ ମଧ୍ୟରେ ସମ୍ପର୍କ ରହିଥିବା ଏଥିରୁ ଜଣାପଡୁଛି। ଯଦି ଆପଣ ଜଣେ 'ରିୟଲ' ମେନ୍ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଉଚିତ ନୁହେଁ କି? ଏକାଧିକ ଅନୁଧ୍ୟାନରୁ ଜଣାପଡିଛି ଯେ, ବେଶି ଖାଇବା ଓ ଅସ୍ୱାସ୍ଥ୍ୟକର ଖାଦ୍ୟକୁ ପୁରୁଷତ୍ୱ ଭାବେ ଗ୍ରହଣ କରାଯାଉଥିବାବେଳେ ଅଳ୍ପ ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ନାରୀସୁଲଭତା ପ୍ରବୃତ୍ତି ଭାବେ ବିଚାର କରାଯାଉଛି।

ଲୋକମାନଙ୍କୁ ଶାକାହାରୀ ହେବାକୁ ବାଧା ଦେଉଛି ସାମାଜିକ ଆବେଗ। ବିଡମ୍ବନାର ବିଷୟ,ଏହି ତଥାକଥିତ ରିୟଲ ମେନ୍ ନାରୀ ଉପାଧି ପାଇଯିବା ଭୟରେ ମାଂସ ଛାଡ଼ିବାକୁ ଭୟ କରୁଛନ୍ତି। ପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଟୁଇଟର ସର୍ଭେରେ ଭାଗ ନେଇଥିବା ପୁରୁଷଙ୍କ ମଧ୍ୟରୁ ୪୫ ପ୍ରତିଶତ ସାମାଜିକ ବାଧା ଯୋଗୁ ଶୁଦ୍ଧ ଶାକାହାରୀ ହୋଇପାରୁ ନ ଥିବା ଜଣାଇଥିଲେ। ଏହା ସହ 'ବେଟା ମେଲ୍' ଆଖ୍ୟାର ଭୟ ଓ ମାଂସ ନ ଖାଇଲେ ଟେଷ୍ଟୋଷ୍ଟେରୋନ ସ୍ତର କମିବା,ଯିଏ ମାଂସ ନ ଖାଆନ୍ତି ସେମାନେ ପୁରୁଷ ନୁହନ୍ତି ଏଭଳି ଉକ୍ତିର ଭୟରେ ଶାକାହାରୀ ହେବାରେ ବାଧା ଉପୁଜାଇଥିବା ଏମାନେ ଦର୍ଶାଇଥିଲେ । ମାଂସ ନ ଖାଇବା ନାରୀସୁଲଭତା ଗୁଣର ପ୍ରତୀକ ଓ ଏହା ଯୋଗୁ ମହିଳାମାନେ ସେମାନଙ୍କୁ ନିୟନ୍ତ୍ରଣରେ ରଖିବା ଆଦି କଥା ଶୁଦ୍ଧଶାକାହାରୀ ହେବାରେ ବାଧା ପହଞ୍ଚାଇଥିବା ଜଣାଇଥିଲେ।

ଏବେ ଚଳିଆସୁଥିବା ଏଭଳି ରୂଢ଼ିବାଦୀ ଧାରଣାକୁ କଠୋର ଭାବେ ମୁକାବିଲା କରିବା ପାଇଁ ଏକ ନୂଆ ସମ୍ବେଦନଶୀଳତା ସମାଜରେ ବୃଦ୍ଧିପାଉଛି। ସବୁଠୁ ଜଣାଶୁଣା ଡକ୍ୟୁମେଣ୍ଟାରି'ଦି ଗେମ୍ ଚେଞ୍ଜର'ରେ ଜେମ୍ସ ୱିକ୍ କ୍ରସ୍ କଣ୍ଟ୍ରି ରନିଂ, ବକ୍ସିଂ,ରେସଲିଂ,ଫୁଟ୍ବଲ ଏବଂ ଫର୍ମୁଲା ୧ ରେସିଂ ଭଳି କଠିନ ଖେଳର ଖେଳାଳିମାନଙ୍କ ସମେତ ବଡି ବିଲ୍ଡର ଅର୍ନୋଲ୍ଡ ସ୍ୱାରେଜେନେଗରଙ୍କ ଭଳି ବିଶ୍ୱର ଶୀର୍ଷ ଖେଳାଳିମାନଙ୍କ ସଫଳତାର କାହାଣୀକୁ ପ୍ରଦର୍ଶନ କରିଛନ୍ତି। ସେମାନେ ସମସ୍ତେ ସେମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରଦର୍ଶନ ପାଇଁ ଶୁଦ୍ଧଶାକାହାର ଖାଦ୍ୟକୁ ଶ୍ରେୟ ଦେଇଛନ୍ତି। ଚାମ୍ପିୟନ ପାୱାରଲିଫ୍ଟର ନିକି ସ୍କୁଇରେସ୍ ଶୁଦ୍ଧଶାକାହାର ସମ୍ପର୍କରେ କହିଥିଲେ ଯେ, ପୁରୁଷମାନେ ଶୁଦ୍ଧଶାକାହାର ପ୍ରତି ବିମୁଖ ହେବାର ପଛରେ ପାରମ୍ପରିକ ଲିଙ୍ଗଗତ କାରଣ ରହିଛି। ମାଂସପେଶୀ ଗଠନ ପାଇଁ ଆନିମଲ ପ୍ରୋଟିନ ଆବଶ୍ୟକ କୁହାଯାଉଥିବା ଭ୍ରାନ୍ତ ଧାରଣାକୁ ଧରି ରଖିବା, ପୁରୁଷମାନେ ମସ୍କୁଲାର ହେବା ଦରକାର ଆଦି ମାନସିକତା କାରଣରୁ ସେମାନେ ମାଂସ ଖାଉଛନ୍ତି। ମାଂସପେଶୀ ଲାଗି ଏହା ଆବଶ୍ୟକ ନୁହେଁ, ଯାହାର ପ୍ରମାଣ ହେଉଛନ୍ତି ନିକ୍। ତେବେ ଆଉ ଏକ ଅନୁଧ୍ୟାନରୁ ଜଣାପଡିଛି, ଡାଇରୀ ଓ ମାଂସ ଅପେକ୍ଷା ପ୍ଲାଣ୍ଟ୍ପ୍ରୋଟିନ ଅଧିକ ସନ୍ତୁଷ୍ଟି ଦେଇଥାଏ। ଏହି ପ୍ରୋଟିନ ଅନ୍ତନାଡିରେ ଉପକାରୀ ବ୍ୟାକ୍ଟେରିଆ ବୃଦ୍ଧି କରିଥାଏ। ନିକଟରେ କରାଯାଇଥିବା ଆଉ ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ,ଉଚ୍ଚଶିକ୍ଷିତମାନେ କମ୍ ମାଂସ ଖାଇଥାନ୍ତି। କାରଣ ଉଚ୍ଚଶିକ୍ଷିତମାନେ ପୁରୁଷତ୍ୱର ଅର୍ଥକୁ ଠିକ୍ ଭାବେ ବୁଝିଥାନ୍ତି। ଯେଉଁମାନେ ପୁରୁଷତ୍ୱ ସମ୍ପର୍କରେ ଅଧିକ ଜାଣିଥିଲେ ସେମାନେ କମ୍ ମାଂସ ଖାଇବା ଗବେଷଣାରେ ଲକ୍ଷ୍ୟ କରାଯାଇଥିଲା। ସେମାନେ ମଧ ମାଂସ ଖାଇବା କମାଇବା ଲାଗି ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ଶାକାହାରୀମାନଙ୍କ ପ୍ରତି ସେମାନଙ୍କର ସକାରାତ୍ମକ ଦୃଷ୍ଟିକୋଣ ରହିଥିଲା। 'ଜର୍ନାଲ ଆପିଟାଇଟ'ରେ ମାଂସ , ଲିଙ୍ଗ ଓ ସାମାଜିକ ପ୍ରତିଷ୍ଠା ମଧ୍ୟରେ ରହିଥିବା ସମ୍ପର୍କର ଏକ ତଥ୍ୟ ବି ପ୍ରକାଶିତ ହୋଇଛି। ଯେଉଁମାନେ ସାମାଜିକ-ଅର୍ଥନୈତିକ ପ୍ରତିଷ୍ଠାରେ ପଛରେ ରହିଛନ୍ତି ବୋଲି ଧରିନେଇଥିଲେ ସେମାନେ ଅଧିକ ମାଂସ ବର୍ଗର ଖାଇବାକୁ ଚାହିଁଥିଲେ। ମାଂସର ବି କ୍ଷମତା ସହ ସମ୍ପର୍କ ରହିଛି। କ୍ଷମତା କମିଗଲେ ପୁରୁଷତ୍ୱର ପୁରୁଣାକାଳିଆ ପ୍ରତୀକ ମାଂସଖାଇବାର ସମ୍ଭାବନା ବେଶି ରହିଥିବା ଜଣାପଡିଥିଲା ଉକ୍ତ ଗବେଷଣାରୁ।

ମଣିଷ ଓ ମାଂସ ମଧ୍ୟରେ ଦୃଢ ସମ୍ପର୍କ ବିଶ୍ୱସ୍ଥିରତା ପ୍ରତି ସଙ୍କଟ । ପୁରୁଷତ୍ୱ ଅହଂକାର ତୁଳନାରେ ଏ ପୃଥିବୀ ଅଧିକ ବିପଦରେ ରହିଛି । ଖାଣ୍ଟି ପୁରୁଷମାନେ ଶାକାହାରୀ ହୁଅନ୍ତି ଓ ତାହାକୁ ଭଲ ପାଆନ୍ତି; ଏହାକୁ ସ୍ୱୀକାର କର।

Email: gandhim@nic.in

# ଏଇ ଭାରତରେ

ଜଣେ ଶିକ୍ଷକ ଦାୟିତ୍ୱ ତୁଲାଇବା ସହ ଚାଷରୁ ପାଖାପାଖି ୨୦ ଲକ୍ଷ ଟଙ୍କା ରୋଜଗାର କରିବା ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶରେ। ବାରବାଙ୍କି ଜିଲା ଦୌଲତପୁର ପ୍ରାଥମିକ ସ୍କୁଲର ଶିକ୍ଷକ ଅମରେନ୍ଦ୍ର ପ୍ରତାପ ସିଂଙ୍କ ଏଭଳି ସଫଳତା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ସେ ବର୍ଷକୁ ସ୍କୁଲରୁ ୧.୨ ଲକ୍ଷ ଟଙ୍କା ଦରମା ପାଉଥିବାବେଳେ ଚାଷରେ ବ୍ୟୟ କରୁଛନ୍ତି ୩୦ ଲକ୍ଷ ଟଙ୍କା ଓ ୧୫ରୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୨୦୧୪ରେ ସେ ଛୁଟିରେ ୩୦ ଏକର ପୈତୃକ ସମ୍ପତ୍ତିରେ ଚାଷ ଆରମ୍ଭ କରିଥିଲେ। ଅନ୍ଲାଇନ ଟ୍ୟୁଟୋରିଆଲ ଓ ୟୁଟ୍ୟୁବରୁ ଚାଷ ସମ୍ପର୍କିତ ଜ୍ଞାନ ହାସଲ କରି ପ୍ରଥମେ ୧ ଏକର ଜମିରେ କଦଳୀ ଚାଷ କରି ସେଥିରୁ ଲାଭ ପାଇବା ପରେ ହଳଦୀ,ଅଦା , କୋବି , ଧନିଆ,ରସୁଣ ଓ ମକା ଚାଷ କରିଥିଲେ । ଏସବୁ ଚାଷରେ ସଫଳତା ପାଇବା ପରେ ଏବେ ତରଭୁଜ, ଖରଭୁଜ,ଆଳୁ,ଛତୁ, କ୍ୟାପ୍ସିକମ୍ ଓ ଷ୍ଟ୍ରବେରୀ ,ଗହମ ମକା ଓ ବିଭିନ୍ନ ଫଳଚାଷ କରୁଛନ୍ତି। ଚାଷ ୬୦ ଏକରକୁ ବଢ଼ାଇଛନ୍ତି । ୨୦ ଏକର ଲିଜ୍ରେ ଆଣିଥିବାବେଳେ କିଣିଛନ୍ତି ୧୦ ଏକର। ମୋଟରେ ଚାଷରୁ ୧ କୋଟି ବ୍ୟବସାୟ ହେଉଛି ଓ ଲାଭ ମିଳୁଛି୧୦-୨୦ ଲକ୍ଷ ଟଙ୍କା। ଅତି ଦରକାର ହେଲେ ସେ ସମୟେ ସମୟେ ଛୁଟି ନିଅନ୍ତି। ଲକ୍ଷ୍ନୌ ତାଙ୍କ ଘର ପାଖରୁ ୭୦ କି.ମି .ଓ ଏଠାରେ ସବୁ ଉତ୍ପାଦକୁ ସେ ବିକ୍ରି କରିଥାନ୍ତି। ଚାଷକାର୍ଯ୍ୟରେ ସ୍ଥାନୀୟ ଲୋକମାନଙ୍କୁ ବି ନିଯୁକ୍ତି ଦେବା ସହ ୩୫୦ କୃଷକଙ୍କୁ ଚାଷ ଲାଗି ଉତ୍ସାହିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୫

- ବାଂଲାଦେଶର ଅଗ୍ରଣୀ ବ୍ୟବସାୟୀ ସଲମାନ ରହମାନ ସାର୍କ ଖାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ର ନୂତନ ସଭାପତି ରୂପେ ନିର୍ବାଚିତ।
- ଏଲ୍ଟିଟିଇ ଗରିଲାମାନେ ଦେଶର ପୂର୍ବାଞ୍ଚଳରେ ଥିବା ୩ଟି ଗ୍ରାମରେ ଚଢ଼ାଉ କରି ୭୦ ଗ୍ରାମବାସୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ଓ ଝଡ଼ତୋଫାନରେ ୬୬ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | | | E | | 9 | | | | | | | 6 | |
| 5 | | 3 | | 7 | | 8 | | 0 | | | | | | |
| | | B | | 2 | | | | | 3 | | | | | D |
| | 6 | 9 | | | 5 | | E | | | | 4 | | | 8 |
| 7 | E | | | | D | | | 3 | | | C | | | 2 |
| | | | | | | | | 1 | | C | | | 9 | 7 |
| | 3 | C | | | | | 4 | | | B | | | | |
| A | 2 | | 0 | | | 6 | | | | | | E | | 5 |
| 0 | | | 3 | B | C | | | | | 8 | | D | | |
| | | 5 | A | | 6 | D | B | | | | | 0 | | |
| B | 4 | | | 3 | 8 | C | | | | | 6 | | 2 | 0 |
| | | 8 | | 4 | | B | 7 | 9 | | | | | A | |
| | 7 | E | | | | | 6 | | | 1 | 2 | | | |
| D | | | 5 | | | | 8 | | | | 9 | 1 | | |
| | | A | | | E | | 1 | | | | | | 5 | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 9 | A | B | 6 | D | 7 | 2 | 0 | C | 8 | 1 | 4 | E |
| 7 | 8 | 2 | 1 | D | 5 | 6 | 4 | 0 | B | E | 9 | C | A | 3 |
| D | 6 | B | 2 | 3 | 8 | C | 1 | E | 5 | A | 4 | 9 | 7 | 0 |
| 1 | E | 4 | C | 0 | 9 | B | 8 | A | D | 3 | 7 | 5 | 6 | 2 |
| A | 0 | C | 4 | E | 7 | 5 | 9 | 3 | 1 | 6 | 2 | 8 | D | B |
| C | 5 | A | E | 2 | 4 | 9 | 0 | 7 | 3 | 8 | 6 | D | B | 1 |
| 2 | D | 8 | 3 | 6 | 0 | 4 | B | 1 | 7 | 9 | E | A | C | 5 |
| 9 | B | E | 5 | 8 | 1 | 2 | A | C | 4 | D | 0 | 7 | 3 | 6 |
| 4 | 1 | 6 | D | 7 | C | 3 | E | 5 | 2 | B | A | 0 | 9 | 8 |
| 3 | 7 | 0 | B | 9 | A | 8 | 6 | D | C | 5 | 1 | 2 | E | 4 |
| 6 | C | 5 | 0 | 4 | D | 7 | 2 | B | 9 | 1 | 3 | E | 8 | A |
| 0 | 9 | 3 | 8 | A | E | 1 | D | 4 | 6 | 2 | C | B | 5 | 7 |
| B | 4 | 7 | 6 | 5 | 2 | E | C | 8 | A | 0 | D | 3 | 1 | 9 |
| E | 2 | 1 | 7 | C | 3 | A | 5 | 9 | 8 | 4 | B | 6 | 0 | D |
| 8 | A | D | 9 | 1 | B | 0 | 3 | 6 | E | 7 | 5 | 4 | 2 | C |

ଗତକାଲିର ଉତ୍ତର

# ଚାଷୀ ଯେଉଁ ତିମିରେକୁ ସେଇ ତିମିରେ



ହରିହର ତ୍ରିପାଠୀ

ଦେଶରେ କୃଷକକୁ ସବୁଠାରୁ ସ୍ୱାଭିମାନୀ ବୋଲି କୁହାଯାଏ। ସେ ସ୍ୱାଧୀନ, ସେ କାହା ଉପରେ ନିର୍ଭର କରେ ନାହିଁ। ମୁଣ୍ଡଝାଳ ତୁଣ୍ଡରେ ମାରି ନିଜର ଜମିରେ ସୁନାର ଫସଲ ଫଳାଏ। ଏମିତି ଅନେକଗୁଡିଏ ପ୍ରଶଂସାରେ ସମସ୍ତେ ପୋତିପକାନ୍ତି କୃଷକକୁ। ହେଲେ କୃଷକର ଆର୍ଥିକ ସ୍ଥିତି ଏ ଦେଶରେ କେତେ ଯେ ଦୟନୀୟ ସେକଥା କେହି କଳ୍ପନା ବି କରିପାରିବେ ନାହିଁ। ଦିନକୁ ଜଣେ ଚାଷୀ ଯାହା ରୋଜଗାର କରେ ତାହା ଜଣେ ମୂଲିଆର ଦୈନିକ ମଜୁରିଠାରୁ ମଧ କମ୍! ସ୍ୱାଧୀନତା ପରଠାରୁ ବିଭିନ୍ନ ସମୟରେ ବିଭିନ୍ନ ସରକାର ଚାଷୀର ଆୟ ଦ୍ୱିଗୁଣିତ, ବହୁଗୁଣିତ କରିବା ଲାଗି କହିଆସୁଛନ୍ତି। ମାତ୍ର ସେ ପ୍ରକାର ହିସାବରେ ଚାଷୀକୁ କିଛି ବି ଲାଭ ମିଳିନି। ଏବେ ବି ଏ ଦେଶର ଚାଷୀଟିଏ ସମାଜର ସବୁବର୍ଗ ଓ ଜୀବିକାର ଲୋକଙ୍କଠାରୁ କମ୍ ରୋଜଗାର କରେ।

ଚାଷୀର ଆୟ ବଢାଇବାକୁ ସରକାରମାନେ ଯୋଜନା କରି ଆସୁଛନ୍ତି। ତେବେ ବାସ୍ତବରେ ଏହିସବୁ ଯୋଜନାରେ ଚାଷୀର ଆୟ ବଢୁଛି କି ନାହିଁ ସେକଥା କେହି ବି କହିପାରିବେ ନାହିଁ। କାରଣ ଆମର ଦୁର୍ଭାଗ୍ୟ ହେଲା ଆମର ଚାଷୀମାନେ ହିସାବରେ ବଡ଼ ଦୁର୍ବଳ। ଯେତେବେଳେ ସରକାରଙ୍କ ନିକଟରୁ ବିଭିନ୍ନ ଯୋଜନାରେ କିଛି ସିଧାସଳଖ ତାଙ୍କ ଆକାଉଣ୍ଟରେ ପାଉଛନ୍ତି ସେତେବେଳେ ତାଙ୍କର ସବୁ ହିସାବ ଭୁଲ୍ଭାଲ ହୋଇଯାଉଛି। ସେମାନେ ଏକଥା ବି ଭୁଲିଯାଉଛନ୍ତି ବର୍ଷକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ମିଶାଇ ଚାଷୀଟିଏ ମାତ୍ର ୧୬ ହଜାର ଟଙ୍କା ସହାୟତା ପାଇଲାବେଳେ ଦେଶରେ ଚତୁର୍ଥଶ୍ରେଣୀ ସରକାରୀ କର୍ମଚାରୀଟିର ଦରମା ସର୍ବନିମ୍ନ ୧୮ ହଜାର ଟଙ୍କା। ଏଇ ସରକାରୀ ଅର୍ଥକୁ ସେ ତା'ର ଚାଷରେ ଲଗାଇ ମାସକୁ ସର୍ବନିମ୍ନ ୧୮ ହଜାର ଟଙ୍କା ରୋଜଗାର କରିବା ଏକ ଦିବାସ୍ୱପ୍ନ। ସେଇଥିଲାଗି ସବ୍ସିଡି ପଇସାକୁ ସେ ଚାଷରେ ଯେତେ ନ ଲଗାଏ ତା'ଠାରୁ ଅଧିକ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଏ।

ଏବେ ସରକାର ଚାଷୀର ଆୟ ବଢାଇବାକୁ ବଜାର ବ୍ୟବସ୍ଥାରେ ସୁଧାର ଆଣିବାକୁ କୃଷି ବିଧେୟକ ଆଣିଛନ୍ତି। ସରକାର କହୁଛନ୍ତି ବିଧେୟକକୁ ନେଇ ବିରୋଧୀ ଦଳଗୁଡିକ ଦେଶରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଦେଶର ଅନ୍ନଦାତାଙ୍କୁ କେନ୍ଦ୍ର ସରକାର ଅଧିକ ସଶକ୍ତ କରିବା ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସେମାନଙ୍କ ଫସଲକୁ ସହଜରେ ଓ ଅଧିକ ମୂଲ୍ୟରେ ବିକ୍ରି କରିବାର ସୁବିଧା, ସୁରକ୍ଷା ଓ ପ୍ରୋତ୍ସାହନ ପ୍ରଦାନ ଲାଗି ଉକ୍ତ ବିଲ୍ରେ କୁଆଡ଼େ ବ୍ୟବସ୍ଥା କରାଯାଇଛି। ମାତ୍ର ବିରୋଧୀଙ୍କ କହିବା କଥା କେନ୍ଦ୍ର ସରକାର ସଂସଦରେ ଗୃହୀତ କରାଇଥିବା ବିଧେୟକ ଦେଶର କୃଷକମାନଙ୍କ ଲାଗି ମୃତ୍ୟୁର ପରୱାନା। ପ୍ରଶ୍ନ ଉଠୁଛି ଏହି ବିଲ୍ ଜରିଆରେ ସରକାର ଆପଣାଇଥିବା ବ୍ୟବସ୍ଥା ଆମେରିକା ପ୍ରଭୃତି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅର୍ଦ୍ଧଶତାବ୍ଦୀ ତଳୁ ପ୍ରଚଳିତ ହୋଇଛି। ମାତ୍ର ଦେଖାଯାଇଛି ସେସବୁ ଦେଶରେ କୃଷିକ୍ଷେତ୍ର ଲାଗି ଯେଉଁ ବଜାର ନୀତି ଗ୍ରହଣ କରାଯାଇଥିଲା ତାହା ବିଫଳ ହୋଇଛି। ବରଂ କୃଷକଙ୍କ ଉପରେ ଋଣର ପରିମାଣ ବହୁଗୁଣିତ ହୋଇଛି, ଏମିତି କି କୃଷକ ଆତ୍ମହତ୍ୟା ମଧ ବଢିବାରେ ଲାଗିଛି। ଆମେରିକା ତଥା ୟୁରୋପୀୟ ଦେଶଗୁଡ଼ିକରେ ବଡ଼ବଡ଼ କମ୍ପାନୀଙ୍କ ଲାଗି ଖାଦ୍ୟଶସ୍ୟ ଗଚ୍ଛିତ କରିବାର ନିୟନ୍ତ୍ରଣ ନାହିଁ। କଣ୍ଟ୍ରାକ୍ଟ ଫାର୍ମିଂ ଓ ମୁକ୍ତ ବଜାର ମଧ ଅଛି। ସାରା ଦୁନିଆ ସେ ଦେଶର କୃଷକ ଲାଗି ବଜାର। ସେଠାକାର କୃଷକ ଦୁନିଆର ଯେକୌଣସି ଜାଗାରେ ନିଜର ବ୍ୟବସାୟ କରିପାରେ। ଏହା ସତ୍ତ୍ୱେ ବି ସେଠାରେ କୃଷି ଉପରେ ଭୟଙ୍କର ସଙ୍କଟ ରହିଛି। ଜଣାଯାଇଛି ଫ୍ରାନ୍ସରେ ବର୍ଷକ ମଧ୍ୟରେ ୫୦୦ କୃଷକ ଆତ୍ମହତ୍ୟା କରିଛନ୍ତି। ଆମେରିକାରେ ୧୯୭୦ରୁ ଆଜି ପର୍ଯ୍ୟନ୍ତ ୯୩ ପ୍ରତିଶତ ଡାଇରୀ ଫାର୍ମ ବନ୍ଦ ହୋଇଯାଇଛି। ଇଂଲଣ୍ଡରେ ୩ ବର୍ଷରେ ୩୦ହଜାର ଡାଇରୀ ଫାର୍ମ ବନ୍ଦ ହୋଇଛି। ଆମେରିକା, ୟୁରୋପ ଏବଂ କାନାଡାରେ କେବଳ କୃଷି ଓ କୃଷକ ସବ୍ସିଡିକୁ ଆଧାର କରି ବଞ୍ଚିଛନ୍ତି। ତାଜା ଖବର ଅନୁସାରେ ପ୍ରତିବର୍ଷ ୨୪୬ ଅରବ ଡଲାରର ସବ୍ସିଡି ଧନୀ ଦେଶମାନେ ନିଜ ନିଜର କୃଷକଙ୍କୁ ଦେଉଛନ୍ତି। ସେଠାରେ ବଜାରଗୁଡ଼ିକ ଯଦି କୃଷି ଓ କୃଷକଙ୍କ ସହାୟତା କରୁଥାନ୍ତା ତେବେ ଏତେ ପରିମାଣର ସବ୍ସିଡିର ଆବଶ୍ୟକତା ପଡ଼ନ୍ତା କି? ଏଭଳିସ୍ଥିତିରେ ଆମେ ଏବେ କୃଷକମାନଙ୍କ ନିମନ୍ତେ ଯେଉଁ ମୁକ୍ତ ବଜାରର ପଶ୍ଚିମୀ ମଡେଲ ଆପଣାଇବାକୁ ଯାଉଛି ତାହା ଆମଲାଗି ଉପଯୋଗୀ ସାବ୍ୟସ୍ତ ହେବ ତ?

୨୦୦୬ ମସିହାରେ ବିହାରରେ କୃଷିଜାତ ସାମଗ୍ରୀ ବଜାର କମିଟି ଆକ୍ଟକୁ ଉଠାଇ ଦିଆଗଲା। କୁହାଗଲା ଯେ ଏହାଦ୍ୱାରା ଘରୋଇ ନିବେଶ ବଢିବ, ଘରୋଇ ବଜାର ହେବା ଫଳରେ କୃଷକଙ୍କୁ ଅଧିକ ଲାଭ ମିଳିବ। ଆଜି ବିହାରରେ ଯେଉଁ ଖାଦ୍ୟଶସ୍ୟ ପାଇଁ ଚାଷୀକୁ ୧୩୦୦ ଟଙ୍କା ମିଳୁଛି ପଞ୍ଜାବରେ ଚାଷୀକୁ ମିଳୁଛି ୧୯୨୫ ଟଙ୍କା। ସରକାର କହୁଛନ୍ତି ଯେ, ଆମେ ଏପିଏମ୍ସିକୁ ଛୁଇଁ ନାହୁଁ ଏବଂ ଏମ୍ଏସ୍ପି ମଧ ଚାଲୁ ରହିବ । ମାତ୍ର କୃଷକମାନଙ୍କୁ ଡର ଯେ ଯେତେବେଳେ କୃଷିଜାତ ସାମଗ୍ରୀ ବଜାର କମିଟିରେ ବ୍ୟବସାୟ କମ୍ ହେବ ସେତେବେଳେ ଏମ୍ଏସ୍ପି ମଧ କମିବ। ଶାନ୍ତକୁମାର କମିଟି କହିଛି ଯେ, ଦେଶର ମାତ୍ର ୬ ପ୍ରତିଶତ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟର ଫାଇଦା ମିଳିଥାଏ ଏବଂ ୯୪ ପ୍ରତିଶତ କୃଷକ ମୁକ୍ତ ବଜାର ଉପରେ ନିର୍ଭର କରିଥାନ୍ତି। ଏହା ସ୍ପଷ୍ଟ ଯେ ଯଦି ମୁକ୍ତ ବଜାର ଉପଯୋଗୀ ସାବ୍ୟସ୍ତ ହେଉଥାନ୍ତା ତେବେ ଆଜି ଦେଶର କୃଷକର ଏତେ ସମସ୍ୟା କାହିଁକି ରହିଥାନ୍ତା?

ଏକ ରିପୋର୍ଟ ଅନୁସାରେ ୨୦୦୦ରୁ ୨୦୧୬ ଭିତରେ ଭାରତର କୃଷକ ୪୫ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। କାରଣ ସେମାନଙ୍କୁ ଉଚିତ ମୂଲ୍ୟ ମିଳିନାହିଁ। ଆର୍ଥିକ ସର୍ବେକ୍ଷଣ ୨୦୧୬ ଅନୁସାରେ ଦେଶର ୧୭ଟି ରାଜ୍ୟ ବା ଅଧାରୁ ଅଧିକ ରାଜ୍ୟରେ କୃଷକ ପରିବାରର ବାର୍ଷିକ ଆୟ ବର୍ଷକୁ ୨୦ ହଜାର ଟଙ୍କା ମାତ୍ର । ପ୍ରଶ୍ନ ହେଉଛି ଏତେ କମ୍ ପଇସାରେ କୃଷକ ପରିବାର କେମିତି ବଞ୍ଚିବ? ଏବେ ସରକାର ୫ ବର୍ଷଲାଗି କଣ୍ଟ୍ରାକ୍ଟ ଫାର୍ମିଂକୁ ମଧ ଅନୁମତି ଦେଲେ। ଏଥିରେ ଉତ୍ପାଦନର ମୂଲ୍ୟ ପ୍ରଥମରୁ ସ୍ଥିର ହେବ। ଯଦି କୌଣସି ସମସ୍ୟା ଉପୁଜେ ତେବେ କୃଷକ କମ୍ପାନୀ ନିକଟକୁ ଯିବ। କହିବା ଅନାବଶ୍ୟକ ସରକାର ସବୁବେଳେ ଚାଷରେ ମୁଣ୍ଡ ପୂରାଇଥିବା କର୍ପୋରେଟ୍ମାନଙ୍କ କଥା ଆଗ ଶୁଣିବେ। ଅନ୍ୟଏକ ବଡ଼ କଥା ହେଲା ଯେ କେତେକ ଖାଦ୍ୟଶସ୍ୟର ଗଚ୍ଛିତକରଣର ସୀମା ହଟାଇ ଦିଆଯାଇଥିବାରୁ କଳାବଜାରର ବାଟ ଖୋଲିଯିବ। ଏହାଦ୍ୱାରା କୃଷକଙ୍କୁ କ'ଣ ଲାଭ ମିଳିବ ଜଣାପଡୁନି। ଆମେରିକାରେ ୱାଲମାର୍ଟ୍ ଭଳି ବଡ଼ କମ୍ପାନୀମାନେ ଅଛନ୍ତି। ସେମାନେ କେତେ ଖାଦ୍ୟଶସ୍ୟ ନିୟନ୍ତ୍ରଣ କରିବେ ତା' ଉପରେ କୌଣସି ଲଗାମ୍ ନାହିଁ, ମାତ୍ର ସେଠାରେ କୃଷକଙ୍କୁ କୌଣସି ଲାଭ ହୋଇଛି କି ? ଆମେରିକାରେ କୃଷକମାନଙ୍କୁ ମିଳୁଥିବା ସବ୍ସିଡି ୬୦ ହଜାର ଡଲାର ; ଯେତେବେଳେ କି ଭାରତରେ ଏହା ମାତ୍ର ୨ଶହ ଡଲାର। ଖୋଲାବଜାର ସତ୍ତ୍ୱେ ସେଠାରେ କୃଷକଙ୍କ ଲାଗି ଏତେ ସବ୍ସିଡିର ଆବଶ୍ୟକତା କାହିଁକି ପଡୁଛି? ନୂତନ ଯୋଜନା ଅନୁସାରେ ସମସ୍ତେ କହୁଛନ୍ତି କୃଷକଙ୍କୁ ବେଶ୍ ଭଲ ମୂଲ୍ୟ ମିଳିବ। ଭଲମୂଲ୍ୟ କହିଲେ, ଏମ୍ଏସ୍ପିଠାରୁ ଅଧିକ ହେବା ଦରକାର। ତେବେ ଏମ୍ଏସ୍ପିକୁ ସାରାଦେଶରେ ଆଇନଗତଭାବେ ଏକା କରାଯାଉନି କାହିଁକି?

କୃଷକକୁ ସେତେବେଳେ ସ୍ୱାଧୀନତା ମିଳିବ ଯେତେବେଳେ ସେ ଭାବିବ ଦେଶର ଯେଉଁସ୍ଥାନରେ ମୁଁ ମୋର ଖାଦ୍ୟଶସ୍ୟ ବିକିବି ମତେ ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବ। ସେମାନଙ୍କ ହାତକୁ ଅଧିକ ପଇସା ଆସିବ ତ ଅର୍ଥନୀତି ସୁଦୃଢ ହେବ। ଯଦି ସରକାର ସାରାଦେଶରେ ନ୍ୟୂନତମ ସମର୍ଥନ ମୂଲ୍ୟର ବ୍ୟବସ୍ଥା କରିପାରନ୍ତେ ତେବେ କୃଷକଙ୍କୁ ୮୦ ପ୍ରତିଶତ ଫସଲର ମୂଲ୍ୟ ମିଳିପାରନ୍ତା। ମାତ୍ର ସରକାର ତାହା କରିପାରୁ ନାହାନ୍ତି।

ମୋ:୯୪୩୯୦୩୨୨୦

# ପର୍ଯ୍ୟଟନକୁ ଅବହେଳା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ବୁଦ୍ଧିଷ୍ଟ ସର୍କିଟରୁ ଆରମ୍ଭ କରି ଟେମ୍ପୁଲ ସର୍କିଟ, ଇକୋ ଟୁରିଜମ୍, ଟ୍ରାଇବାଲ ଟୁରିଜମ୍, ୱାଇଲ୍ଡଲାଇଫ ଟୁରିଜମ୍, କୋଷ୍ଟାଲ ଟୁରିଜମ୍ ଭଳି କ୍ଷେତ୍ରରେ ଓଡ଼ିଶାରେ ରହିଛି ପର୍ଯ୍ୟାପ୍ତ ଭିତ୍ତିଭୂମି ; ଯାହା କି ପ୍ରତିବର୍ଷ ଦେଶ ବିଦେଶର କୋଟିଏରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। କିନ୍ତୁ ଏହାର ଭିତ୍ତିଭୂମି ବିକାଶ ଦିଗରେ ରାଜ୍ୟ କି କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟ ସରକାର କରୁଥିବା ଯୋଜନା କେବଳ ଘୋଷଣାରେ ସୀମିତ ରହିଯାଉଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି। ଗତ ୩ ବର୍ଷ ହେଲା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଦେଶ ଦର୍ଶନ ଯୋଜନାରେ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପର୍ଯ୍ୟଟନସ୍ଥଳୀ ଉନ୍ନତି ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଏଥିରେ ଓଡ଼ିଶାର ଗୋଟିଏ ବି ସ୍ଥାନ ନାହିଁ। ଏପରି କି ୨୦୧୫ରେ ଓଡ଼ିଶା ବୁଦ୍ଧିଷ୍ଟ ସର୍କିଟକୁ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ ଏଥିପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି। ୨୦୧୫ ଜାନୁୟାରୀରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୫ଟି ପ୍ରକଳ୍ପ ପାଇଁ ୨୦୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜମ୍ମୁ-କଶ୍ମୀର, ରାଜସ୍ଥାନ, ଉତ୍ତରାଖଣ୍ଡ, କେରଳ, ମହାରାଷ୍ଟ୍ର, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ଛତିଶଗଡ଼, ବିହାର, ପଶ୍ଚିମବଙ୍ଗ, ସିକିମ୍, ଆସାମ, ମେଘାଳୟ, ମିଜୋରାମ୍, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର ଓ ତ୍ରିପୁରାର ପର୍ଯ୍ୟଟନ କ୍ଷେତ୍ରକୁ ଏଥିରେ ସାମିଲ କରାଯାଇଛି।

ଉତ୍ତର-ପୂର୍ବ ରାଜ୍ୟର ୯ଟି ପ୍ରକଳ୍ପ ପାଇଁ ୮୨୧ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଆଦିବାସୀ ପର୍ଯ୍ୟଟନ ଲାଗି ନାଗାଲାଣ୍ଡ, ଛତିଶଗଡ଼ ଓ ତେଲଙ୍ଗାନାର ୩ଟି ପ୍ରକଳ୍ପ ପାଇଁ ୨୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ବିହାର ଓ ମଧ୍ୟପ୍ରଦେଶର ବୁଦ୍ଧିଷ୍ଟ ସର୍କିଟ ଲାଗି ୧୦୮.୧୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ହୋଇଛି। ୨୦୧୪-୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଉତ୍ତର-ପୂର୍ବ ଭାରତ ସର୍କିଟ, ବୁଦ୍ଧିଷ୍ଟ ସର୍କିଟ, ହିମାଳୟ ସର୍କିଟ, କୋଷ୍ଟାଲ ସର୍କିଟ, କ୍ରିଷ୍ଣା ସର୍କିଟ, ମରୁଭୂମି ସର୍କିଟ, ଆଦିବାସୀ ସର୍କିଟ, ଇକୋ ଟୁରିଜମ୍ ସର୍କିଟ, ୱାଇଲ୍ଡଲାଇଫ ସର୍କିଟ, ଗ୍ରାମାଞ୍ଚଳ ସର୍କିଟ, ଆଧ୍ୟାତ୍ମିକ ସର୍କିଟ, ରାମାୟଣ ସର୍କିଟ ଏବଂ ହେରିଟେଜ୍ ସର୍କିଟ ରହିଛି। ଏହି ସର୍କିଟଗୁଡ଼ିକର ଉନ୍ନତୀକରଣ କରିବା ସହ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଉପରୋକ୍ତ ୧୩ଟି ସର୍କିଟ ମଧ୍ୟରେ ସ୍ଥାନ ପାଇବା ଲାଗି ଓଡ଼ିଶାରେ ପର୍ଯ୍ୟାପ୍ତ ସୁବିଧା ରହିଥିଲେ ମଧ କେନ୍ଦ୍ର ସରକାରଙ୍କ ଅଣଦେଖା ଯୋଗୁ ଗୋଟିଏ ବି ସ୍ଥାନ ସ୍ୱଦେଶୀ ଦର୍ଶନ ଯୋଜନାରେ ସାମିଲ ହୋଇପାରି ନାହିଁ। ରାଜ୍ୟରେ ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ସାଙ୍ଗକୁ ଶିମିଳିପାଳ, ଚିଲିକା, ଭିତରକନିକା ଅଭୟାରଣ୍ୟ ରହିଛି। ଏହା ବ୍ୟତୀତ ପୁରୀ-କୋଣାର୍କ-ଏକାମ୍ର କ୍ଷେତ୍ରକୁ ନେଇ ହେରିଟେଜ୍ ସର୍କିଟ, ଲଳିତଗିରି-ରତ୍ନଗିରି-ଉଦୟଗିରି-ଧଉଳିକୁ ନେଇ ବୁଦ୍ଧିଷ୍ଟ ସର୍କିଟ ସ୍ଥାପନ କରାଯାଇଛି। ସେହିପରି ଓଡ଼ିଶାରେ ୬୨ଟି ଆଦିବାସୀ ଜନଜାତି ରହିଥିବା ବେଳେ ରାଜ୍ୟର ଅଧିକାଂଶ ଜିଲାରେ ଆଦିବାସୀ ବସବାସ କରୁଛନ୍ତି। ୨୦ରୁ ଅଧିକ ଇକୋ ଟୁରିଜମ୍ ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକି ବର୍ଷସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ମାତ୍ର କେନ୍ଦ୍ର ସରକାରଙ୍କ ପାତରଅନ୍ତର ନୀତି ଯୋଗୁ ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଏବେ ସାତସପନ ପାଲଟିଛି। କେବଳ ସ୍ୱଦେଶ ଦର୍ଶନ ନୁହେଁ, ୨୦୧୫-୧୬ ରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀକୁ ଗୁରୁତ୍ୱ ଦିଆଯାଇନାହିଁ। ୨୦୦୫-୦୬ରୁ ଇଣ୍ଡିଆନ୍ ଟୁରିଜମ୍ ଡେଭଲପମେଣ୍ଟ ଅଥରିଟି ମାଧ୍ୟମରେ ୩ଟି ସ୍ଥାନରେ ଲାଇଟ ଆଣ୍ଡ ସାଉଣ୍ଡ ଶୋ' ହେବାକୁ ଯୋଜନା ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଧଉଳିରେ କଷ୍ଟେମଷ୍ଟେ ସରିଥିବା ବେଳେ କୋଣାର୍କ ଓ ଉଦୟଗିରି ନିଷ୍ପତ୍ତି ଝୁଲି ରହିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧୀନରେ ରହିଥିବା ୭୯ କୀର୍ତ୍ତିରାଜିର ଅବସ୍ଥା ଦୟନୀୟ ହେବାରେ ଲାଗିଛି। ଏଗୁଡ଼ିକରେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ଶ୍ରୀମନ୍ଦିର ଏବଂ କୋଣାର୍କର ସଂରକ୍ଷଣ ଦିଗରେ ପଦକ୍ଷେପ ନେବାରେ ବିଳମ୍ବ କରାଯାଉଛି, ଯେଉଁଥିରୁ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ସ୍ପଷ୍ଟଭାବେ ଜଣାପଡୁଛି।

କଟିକଟା, ମଙ୍ଗଳପୁର, ଯାଜପୁର,
ମୋ :୯୪୩୮୨୭୬୭୬୦

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର
ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି
ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ।
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଖଣିମାଫିଆଙ୍କୁ ଧରାଯାଉ

ମହାଶୟ,

ଓଡ଼ିଶା ଏକ ଗରିବ ରାଜ୍ୟ। ଏହାର ଅଧିକାଂଶ ଲୋକ ଅଦ୍ୟାବଧି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇ ଦୟନୀୟ ଜୀବନଯାପନ କରୁଛନ୍ତି। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେଉଛନ୍ତି ; କିନ୍ତୁ ଏହି ରାଜ୍ୟର ଖଣିମାଫିଆମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ଲୁହାପଥର, ମାଙ୍ଗାନିଜ ଓ କୋଇଲା ପରି ମୂଲ୍ୟବାନ ଖଣିଜକୁ ବେଆଇନ ଖନନ ଓ ବିକ୍ରୟ କରୁଛନ୍ତି। ସେମାନଙ୍କ ପାଖରେ ହଜାର ହଜାର କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଶାହା କମିଶନଙ୍କ ରିପୋର୍ଟ ମୁତାବକ ଓଡ଼ିଶାରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ବେଆଇନ ଖଣିଜ ଉତ୍ତୋଳନ ହୋଇଛି ; ପ୍ରକୃତରେ ଏହା ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହେବ। କେବଳ ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଲୁହାପଥର ଖନନ ଓ ଚାଲାଣ ହୋଇଛି। ଖଣିମନ୍ତ୍ରୀଙ୍କ କହିବାନୁସାରେ ବେଆଇନ ଖଣିଜ ଉତ୍ତୋଳନ କରିଥିବା ୧୩୧ ଲିଜ୍ଧାରୀଙ୍କ ମଧ୍ୟରୁ ମାତ୍ର ୭୨ ଜଣ ଧାର୍ଯ୍ୟ ଜରିମାନା ପଇଠ କରିଛନ୍ତି। ସୁତରାଂ, କେନ୍ଦ୍ର ସରକାର ସିବିଆଇ ସଂସ୍ଥା ଦ୍ୱାରା ତଦନ୍ତ କରି ଓଡିଶାର ସବୁ ଖଣିମାଫିଆଙ୍କଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଉଦ୍ଧାର କରିପାରିଲେ, ଓଡ଼ିଶାର ଦାରିଦ୍ର୍ୟ ନିଶ୍ଚୟ ଦୂର ହୋଇପାରିବ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଯୁବକଙ୍କୁ ଦଳିଦେଲା ହାତୀ

ସଜନାଗଡ଼,(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତର କୁରିଆ ପାଟଣା ଗାଁରେ ବୁଧବାର ହାତୀ ଆକ୍ରମଣରେ ରାମଚନ୍ଦ୍ର ସାମଲଙ୍କ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଦ୍ୱାରିକା ଖୁମ୍‌କୁଟ ଜଙ୍ଗଲ ନିକଟସ୍ଥ ଚାଷଜମିକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚଲିଙ୍ଗେଶ୍ୱର ବିଟ ହାଉସ୍‌ର ଫରେଷ୍ଟ ଗାର୍ଡ ରାମେଶ୍ୱର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ୧୧୦୬ ସ୍କୁଲରେ ତାଲା ଝୁଲିବ

**ମୟୂରଭଞ୍ଜ**

ବାରିପଦା ଅଫିସ, ୨୧।୧୦

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦ରୁ କମ୍ ପିଲା ଥିବା ପ୍ରାଥମିକ ଓ ୨୫ରୁ କମ୍ ଛାତ୍ରୀଛାତ୍ର ଥିବା ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକ ବନ୍ଦ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା କାର୍ଯ୍ୟକାରୀ ହେଲେ ମୟୂରଭଞ୍ଜ ଜିଲାରେ ଥିବା ୧୧୦୬ ସ୍କୁଲରେ ତାଲା ଝୁଲିବ। ବିଭାଗୀୟ ଚିଠି ନଂ. ୫୫୩୮/୧୧।୩।୨୦ରୁ ଏହା ଜଣାପଡ଼ିଛି। ସ୍କୁଲରେ ଉପସ୍ଥାନ ବୃଦ୍ଧି, ଭିତ୍ତିଭୂମି ଉନ୍ନତି ଏବଂ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ ରହିଛି। ବନ୍ଦ ହେବାକୁ ଥିବା ସ୍କୁଲ କୋଠା ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ହସ୍ତାନ୍ତର କରାଯିବା ପରେ ପର୍ଯ୍ୟାୟକ୍ରମେ ଏହା ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯିବ।

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ମୟୂରଭଞ୍ଜ ଜିଲାର ୨୬ ବ୍ଲକରେ ୪୦୨୫ ସ୍କୁଲ ରହିଛି। ଏଥିରେ ୩ଲକ୍ଷ ୧୯ହଜାର ୪୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନଙ୍କୁ ଶିକ୍ଷାଦାନ ଲାଗି ୧୫ହଜାର ୪୯୬ ଶିକ୍ଷକ ନିୟୋଜିତ ଅଛନ୍ତି। ୨୬୯୧ ପ୍ରାଥମିକ ସ୍କୁଲରେ ୧ଲକ୍ଷ ୪ହଜାର ୪୫୧ ଜଣ, ୧୦୧୪ ଉଚ୍ଚ ପ୍ରାଥମିକ ସ୍କୁଲରେ ୧ଲକ୍ଷ ୨୮ହଜାର ୨୩୬ ଏବଂ ୩୨୦ ହାଇସ୍କୁଲରେ ୮୬ହଜାର ୭୭୮ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୨୦ରୁ କମ୍ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଏବଂ ଏକ କି.ମି. ମଧ୍ୟରେ ୨୫ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡ଼ିକୁ ନିକଟସ୍ଥ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଚିଠି ନଂ. ୫୪୬୫ରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। ଜିଲାର ୪୮୬ ପ୍ରାଥମିକ ସ୍କୁଲରେ ୨୦ରୁ କମ୍ ଏବଂ ୪୪୮ଟିରେ ୨୫ରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେହିପରି ୧୭୨ ଉଚ୍ଚ ପ୍ରାଥମିକ ସ୍କୁଲର ଉପସ୍ଥାନ କମ୍ ଥିବା ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ବିଭାଗକୁ ତଥ୍ୟ ପ୍ରଦାନ କରାଯାଇଥିଲା। ପରୀକ୍ଷା ଫଳ ଆଶାଜନକ କରିବା, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନୁପାତକୁ ବୃଦ୍ଧି, ଉତ୍ତମ ଭିତ୍ତିଭୂମି ଯୋଗାଇ ଦେବା, ଇ-ଶିକ୍ଷା ଏବଂ ସହ-ପାଠ୍ୟକ୍ରମ ସୁବିଧା ବ୍ୟବସ୍ଥା ଆଦି ଦିଗପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ତେବେ ଆଦିବାସୀ ଅଧ୍ୟୁଷିତ ଏହି ଜିଲାର ବିଭିନ୍ନ ସ୍ଥାନରେ ମୋବାଇଲର ବ୍ୟବହାର ହୋଇପାରୁ ନ ଥିବା ବେଳେ ଛାତ୍ରୀଛାତ୍ରମାନେ କିପରି ଇ-ଶିକ୍ଷାକୁ ଗ୍ରହଣ କରିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ ପ୍ରତି ୨୫ଜଣ ପିଲାରେ ଜଣେ ଶିକ୍ଷକ ରହିବାର ନିୟମ କରାଯାଇଛି। ପିଲା ସଂଖ୍ୟା ଅନୁପାତରେ ହିସାବକୁ ନେଲେ ଜିଲାରେ ୪୮୪୮ ଶିକ୍ଷକ ଅଧିକ ଅଛନ୍ତି। ସରକାରୀ ସ୍କୁଲରେ ଉପସ୍ଥାନ କମୁଥିବାବେଳେ ବଳକା ଶିକ୍ଷକମାନଙ୍କ ଦାୟିତ୍ୱ କ'ଣ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏଭଳି ବ୍ୟବସ୍ଥା ଦ୍ୱାରା ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ପଡ଼ିବ ନାହିଁ ବୋଲି କୁହାଯାଉଛି। ଫଳରେ ତାଲିମପ୍ରାପ୍ତ ସିଟି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରିବା ସହ ବୟସ ବୃଦ୍ଧି କାରଣରୁ ସେମାନେ ଶିକ୍ଷକତାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଶିକ୍ଷା ଭିତ୍ତିଭୂମିକୁ ଉନ୍ନତ କରା ନ ଗଲେ ଆଗାମୀ ଦିନରେ ବିଷମ ପରିସ୍ଥିତି ସୃଷ୍ଟି ହେବ ବୋଲି ବାରିପଦା ଅଞ୍ଚଳର ଅଭିଭାବକ ମାନସ କୁମାର ଜେନା, ରାମାନନ୍ଦ ଗୋସ୍ୱାମୀ, ପ୍ରସନ୍ନ କୁମାର ମହାପାତ୍ର, ବଡ଼ସାହି ଅଞ୍ଚଳର ରସାନନ୍ଦ ବଳ, ରଞ୍ଜିତ କୁମାର ଜେନା ପ୍ରମୁଖ ମତବ୍ୟକ୍ତ କରିଛନ୍ତି।



ମୟୂରଭଞ୍ଜ ଜିଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ।

# ଦାନ ସୁନାରେ ମହାପ୍ରଭୁଙ୍କ ଆଭୂଷଣ

- ଗଢ଼ାହେବ ଶ୍ରୀମୁଖ ପଦ୍ମ, ଝୋବାକର୍ଣ୍ଣି, ତଡ଼ଗୀ
- ପ୍ରାୟ ୫ କିଲୋ ସୁନା ଲାଗିବ
- ଡିଜାଇନକୁ ଅନୁମୋଦନ ମିଳିଲା

ପୁରୀ ଅଫିସ,୨୧।୧୦

ମହାପ୍ରଭୁଙ୍କୁ ଦାନ ଦେବାକୁ ଦାତାଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ଶ୍ରୀମନ୍ଦିରର ୩ଟି କବାଟ ରୁପା ଛାଉଣି ପାଇଁ ଆବଶ୍ୟକ ରୁପା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାକୁ ଜଣେ ଦାତା ପୂର୍ବରୁ ଆଗେଇ ଆସିଥିବାବେଳେ ଏବେ ଆଉଜଣେ ଦାତା ମହାପ୍ରଭୁଙ୍କ ଆଭୂଷଣ ପ୍ରଦାନ ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଦାତାଙ୍କ ଦାନ ସୁନାରେ ଠାକୁରଙ୍କର ଶ୍ରୀମୁଖ ପଦ୍ମ, ଝୋବାକର୍ଣ୍ଣି ଓ ତଡ଼ଗୀ ଆଉ ଗୋଟିଏ ଲେଖାଏ ସେଟ୍ ତିଆରି କରାଯିବ। ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ଆଭୂଷଣ ଡିଜାଇନକୁ ଅନୁମୋଦନ କରାଯାଇଛି। ପ୍ରାୟ ୫ କିଲୋ ସୁନାରେ ଉପରୋକ୍ତ ଆଭୂଷଣ ତିଆରି ହେବ ବୋଲି ଜଣାପଡ଼ିଛି।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଏବଂ ଥରେ ରଥ ଉପରେ ସୁନାବେଶ କରାଯାଇଥାଏ। ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଦାରୁବିଗ୍ରହ ଝଲସିଥାନ୍ତି। ତେବେ ଖରାପ ବା ପୁରୁଣା ହୋଇଯାଇଥିବା ଶ୍ରୀମୁଖ ପଦ୍ମ, ଝୋବାକର୍ଣ୍ଣି ଓ ତଡ଼ଗୀ ନୂତନ ଭାବେ ତିଆରି କରାଯିବ। ପୁରୁଣା ମଧ୍ୟ ମରାମତି ହେବ। ତେବେ ଜଣେ ଦାତା ନୂତନ ଭାବେ ନିର୍ମାଣ ହେବାକୁ ଥିବା ଶ୍ରୀମୁଖ ପଦ୍ମ, ୬ଟି ଝୋବାକର୍ଣ୍ଣି ଓ ତଡ଼ଗୀର ସମସ୍ତ ଖର୍ଚ୍ଚ ବହନ କରିବେ। ଏହି ଆଭୂଷଣ ତିଆରି ପାଇଁ ପ୍ରାୟ ୫ କିଲୋ ସୁନା ଲାଗିବ। ବୁଧବାର ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଆଭୂଷଣ ଡିଜାଇନ ଅନୁମୋଦନ ପାଇଁ ବୈଠକ ବସିଥିଲା। ଏଥିରେ ଛତିଶା ନିଯୋଗ ନାୟକ, ଦେଉଳକରଣ, ତଢ଼ାଉକରଣ, ଭଣ୍ଡାର ମେକାପ, ଶ୍ରୀମନ୍ଦିର କମାଣ୍ଡର ଏବଂ ପରିଚାଳନା କମିଟିର ୪ଜଣ ସେବାୟତ ପ୍ରତିନିଧି ମାଧବଚନ୍ଦ୍ର ପୂଜାପଣ୍ଡା, ରାମଚନ୍ଦ୍ର ଦାସମହାପାତ୍ର ମାଧବ ମହାପାତ୍ର, ଅନନ୍ତ ତିଆଡ଼ି ଉପସ୍ଥିତ ଥିଲେ। ପୁରୁଣା ତଥା ପାରମ୍ପରିକ ଢାଞ୍ଚାରେ ନୂଆ ଅଳଙ୍କାର ତିଆରି କରାଯିବ ବୋଲି ନିଷ୍ପତ୍ତି ନିଆଯିବା ସହ ଏହାର ଡିଜାଇନକୁ ଅନୁମୋଦନ କରାଯାଇଛି। ଫଳରେ ଆଉ ଗୋଟିଏ ଲେଖାଏ ଉପରୋକ୍ତ ଅଳଙ୍କାର ସେଟ୍ ଖୁବ୍‌ଶୀଘ୍ର ତିଆରି ହେବ। ଏ ସମ୍ପର୍କରେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଉଦ୍ୟମ ଫଳରେ ଜଣେ ଦାତା ସୁନା ଦେବା ପାଇଁ ଆଗେଇ ଆସିଛନ୍ତି। ପ୍ରାୟ ୫ କିଲୋ ସୁନାରେ ଉପରୋକ୍ତ ଅଳଙ୍କାର ତିଆରି କରାଯିବ। ପୁରୁଣା ଅଳଙ୍କାର ମଧ୍ୟ ମରାମତି ହେବ। ଫଳରେ ୨ ସେଟ୍ ଅଳଙ୍କାର ରହିଲେ ହଠାତ୍ ଆବଶ୍ୟକ ପଡ଼ିଲେ କାମରେ ଲାଗିପାରିବ।





କୋଭିଡ୍ ସହାୟତାରୁ ବଞ୍ଚିତ ଶ୍ରମିକଙ୍କୁ ୧୫ଶହ ଟଙ୍କା ସମେତ ୧୦ ଦଫା ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ଫେଡେରେଶନ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ତୀର ମାଡ଼ରେ ଯୁବକ ମୃତ

ବାରିପଦା ଅଫିସ/ରାଇରଙ୍ଗପୁର, ୨୧।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ କୁକୁଡ଼ାମୁଣ୍ଡି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତୀର ମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲ ସମରା ଦେହୁରୀ। ମୃତକଙ୍କ ଭାଇ ଦୁଃଖୁ ଦେହୁରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୭୦/୨୦) ରୁଜୁକରି ତଦନ୍ତ ଚଳାଇଛି। ଗିରଫ ଭୟରେ ଅଭିଯୁକ୍ତ ଛୋଟରାୟ ଦେହୁରୀ ଫେରାର ଥିବା ବେଳେ ହତ୍ୟାରେ ବ୍ୟବହୃତ ଧନୁ ଓ ତୀରକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ସମରା ଓ ଛୋଟରାୟଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ମଙ୍ଗଳବାର ରାତିରେ ସମରା ତାଙ୍କ ସ୍ତ୍ରୀ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଛୋଟରାୟ ତୀର ମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ସମରାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ସ୍ନେହାଶିଷ ସାହୁ, ଗୋରୁମହିଷାଣୀ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

# ଆଜି ୧୫ ମିନିଟ୍ ବିଦ୍ୟୁତ୍ ନ ଜାଳିବାକୁ ନିବେଦନ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ କରି ପ୍ରତୀକାତ୍ମକ ପ୍ରତିବାଦ ଲାଗି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସହ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଗୁରୁବାର ସନ୍ଧ୍ୟା ୬ଟାରୁ ୬ଟା ୧୫ ମିନିଟ୍ ପର୍ଯ୍ୟନ୍ତ ବିଜୁଳି ନ ଜାଳିବାକୁ ଲୋକଙ୍କୁ ନିବେଦନ କରାଯାଇଛି। କରୋନା ମହାମାରୀ ସମୟରେ ଲୋକଙ୍କ ଜୀବନ, ଜୀବିକା ବିପନ୍ନ ହୋଇପଡ଼ିଥିବାବେଳେ ସେମାନଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦି ଦିଆଯାଇଛି। ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ଶକ୍ତି ମନ୍ତ୍ରଣାଳୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ୮୪ କୋଟିଟଙ୍କାର ରିହାତି ପ୍ରଦାନ କରାଯିବା ସତ୍ତ୍ୱେ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବଢ଼ିଛି। ତେଣୁ ଏହା ବିରୋଧରେ ୧୫ ମିନିଟ୍ ବିଦ୍ୟୁତ୍ ବନ୍ଦ ରଖିବା ଲାଗି ଡାକରା ଦିଆଯାଇଥିବାବେଳେ ବାମ ଦଳ ସମେତ କଂଗ୍ରେସ ପକ୍ଷରୁ ଏହାକୁ ସମର୍ଥନ ଦିଆଯାଇଛି। ସୂଚନାଯୋଗ୍ୟ, ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ପକ୍ଷରୁ ୨୦୨୦-୨୧ ବର୍ଷ ଲାଗି ୪ ପ୍ରତିଶତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇଛି।

# ହ୍ରାସପାଇଛି ସଡ଼କ ଦୁର୍ଘଟଣା

**ଲକ୍‌ଡାଉନ୍ ଯୋଗୁ ୪୩.୫% କମିଛି ମୃତ୍ୟୁସଂଖ୍ୟା**

ଭୁବନେଶ୍ୱର,୨୧।୧୦(ବ୍ୟୁରୋ): କୋଭିଡ୍‌ଜନିତ ଲକ୍‌ଡାଉନ୍ ଯୋଗୁ ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ଲକ୍‌ଡାଉନ୍‌ର ୪ମାସରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିକ ମୃତ୍ୟୁସଂଖ୍ୟା ୪୩.୫% କମିଛି। ଏପ୍ରିଲରୁ ଜୁଲାଇ ମଧ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଥିବା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ବୁଧବାର ସୂଚନା ଦେଇଛନ୍ତି। ୨୦୧୯ ଏପ୍ରିଲରୁ ଜୁଲାଇ ମଧ୍ୟରେ ୧,୮୫୩ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୨୦୨୦ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ୧,୦୪୮ ଜଣଙ୍କ ଜୀବନ ଯାଇଛି। ଗତ ଏପ୍ରିଲ ମାସରେ ସଡ଼କ ଦୁର୍ଘଟଣା ଜନିତ ମୃତାହତଙ୍କ ସଂଖ୍ୟା ସର୍ବାଧିକ ୭୪% କମିଥିବା ବେଳେ ମେ' ମାସରେ ୪୨, ଜୁନ୍ ମାସରେ ୧୮ ଏବଂ ଜୁଲାଇ ମାସରେ ୧୯% କମିଥିବା କୁହାଯାଇଛି। ୨୦୨୦ର ପ୍ରଥମ ୭ ମାସରେ ଅର୍ଥାତ୍ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୩୦% କମିଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ମଧ୍ୟରେ ରାଜ୍ୟରେ ମୋଟ ୫,୧୨୫ ସଡ଼କ ଦୁର୍ଘଟଣା ଘଟିଛି। ଗତବର୍ଷ ଅର୍ଥାତ୍ ୨୦୧୯ର ଏହି ସମୟ ମଧ୍ୟରେ ୬,୬୯୦ ସଡ଼କ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିଲା। ସେହିଭଳି ୨୦୧୯ର ପ୍ରଥମ ୭ମାସରେ ୩,୪୨୬ ଜଣ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୨୦୨୦ର ଏହି ସମୟରେ ୨,୪୦୧ଜଣ ଜୀବନ ହରାଇଛନ୍ତି।

# ବିଧାୟକଙ୍କ ସମେତ ୬ଜଣଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**କେଲୁଆ ନଦୀବନ୍ଧରେ ମନୁଷ୍ୟକୃତ ଘାଇ ମାମଲା**

ଭୁବନେଶ୍ୱର,୨୧।୧୦(ବ୍ୟୁରୋ): ଗତ ଅଗଷ୍ଟ ବନ୍ୟାରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର କେଲୁଅ ନଦୀ ବନ୍ଧରେ ମନୁଷ୍ୟକୃତ ଘାଇ ଯୋଗୁ ଅନେକ ଗ୍ରାମ ଜଳବନ୍ଦୀ ହୋଇଥିଲା। ଏନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହି ମାମଲାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ, ଯାଜପୁର ଜିଲାପାଳ, ପାଣିକୋଇଲି ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଜାରକା ଜଳସେଚନ ଡିଭିଜନର ଉପନିର୍ବାହୀ ଯନ୍ତ୍ରୀ ଓ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଲିଖିତ ଭାବେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଧର୍ମଶାଳାରେ ବହୁ ଚର୍ଚ୍ଚିତ କେଲୁଆ ନଦୀ ଘାଇ ସମ୍ପର୍କରେ ସର୍ବେଶ୍ୱର ବେଉରା ନାମକ ଜଣେ ବ୍ୟକ୍ତି ଗତ ସେପ୍ଟେମ୍ବର ୮ରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଲୋକାୟୁକ୍ତ ଅକ୍ଟୋବର ୧୫ରେ ଏହି ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୩ରେ ହେବ ବୋଲି ଲୋକାୟୁକ୍ତ ଦିନ ଧାର୍ଯ୍ୟ କରିଛନ୍ତି।


**ବ୍ୟାଙ୍କ ଅଫ୍ ଇଣ୍ଡିଆ** — ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା, ପିନ୍-୭୫୧୦୧୫
**ନିଲାମ ବିକ୍ରୟ ନୋଟିସ୍**

ବ୍ୟାଙ୍କର ନିମ୍ନଲିଖିତ ଗାଡିଗୁଡିକ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ ବିକ୍ରୟ ପାଇଁ ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର.ନଂ. | ଶାଖା / କାର୍ଯ୍ୟାଳୟ | ଗାଡିର ପ୍ରକାର | ପଞ୍ଜିକୃତ ନମ୍ବର | ମଡେଲ | ଗାଡିର ଫ୍ଲୋର୍ ପ୍ରାଇସ୍ |
|---|---|---|---|---|---|
| ୧ | ଆଞ୍ଚଳିକ କାର୍ଯ୍ୟାଳୟ | ମାରୁତି ଏସ୍‌ଏକ୍ସ୪ | OR-02-K-7434 | ଏସ୍‌ଏକ୍ସ୪ | ଟ.୧,୩୦,୦୦୦/- |
| ୨ | ଆଞ୍ଚଳିକ କାର୍ଯ୍ୟାଳୟ | ଟାଟା ସୁମୋ | OD-02-AQ-8916 | ଟାଟା ସୁମୋ | ଟ.୩୦,୦୦୦/- |

ଆଗ୍ରହୀ ପକ୍ଷମାନେ ଉପରଲିଖିତ ଆମର ଆଞ୍ଚଳିକ କାର୍ଯ୍ୟାଳୟ ଠିକଣାରେ ଗାଡି ଗୁଡିକ **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଯାଞ୍ଚ କରିବା ନିମନ୍ତେ ଅନୁରୋଧ କରିପାରନ୍ତି। ଆଗ୍ରହୀ ପକ୍ଷମାନେ **'ବ୍ୟାଙ୍କ ଅଫ୍ ଇଣ୍ଡିଆ'** ସପକ୍ଷରେ ଡ୍ର କରାଯାଇଥିବା ଏବଂ **ଭୁବନେଶ୍ୱରକୁ ପୈଠ** ଦର୍ଶାଯାଇଥିବା **ଟ.୫,୦୦୦/-** ର **ଡିମାଣ୍ଡ ଡ୍ରାଫ୍ଟ**ର ଅମାନତ ରାଶି ସହିତ ପ୍ରସ୍ତାବ ଏବଂ କେୱାଇସି କାଗଜପତ୍ର **ତା.୧୨.୧୧.୨୦୨୦ରିଖ ସୁଦ୍ଧା** (ବିକ୍ରୟ ନୋଟିସ୍ ପ୍ରକାଶନ ତାରିଖ ଠାରୁ) ମୁଦ ଲଫାପାରେ ଦାଖଲ କରନ୍ତୁ। ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସର୍ବୋଚ୍ଚ ନିଲାମଧାରୀଙ୍କୁ ଗାଡି ବିକ୍ରୟ କରାଯିବ। କୌଣସି ସ୍ୱତନ୍ତ୍ର କାରଣ ନଦର୍ଶାଇ ବ୍ୟାଙ୍କ କୌଣସି କୋଟେସନ୍ (ପ୍ରସ୍ତାବ)କୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସମସ୍ତ ନିଲାମଧାରୀ ନିଲାମ ସମୟରେ ଉପସ୍ଥିତ ରହିବାକୁ ଅନୁରୋଧ। ସର୍ବୋଚ୍ଚ ନିଲାମଧାରୀଙ୍କୁ ନିଲାମ ତାରିଖ ଦିନ ଗ୍ରହଣ କରାଯାଇଥିବା ସମସ୍ତ ଅଫର ଅର୍ଥରାଶି ଦାଖଲ କରିବାକୁ ପଡିବ ଅନ୍ୟଥା ପ୍ରସ୍ତାବ ବାତିଲ କରାଯିବ। ଉକ୍ତ ଦିନ ସମ୍ପୂର୍ଣ୍ଣ ଅର୍ଥ ପୈଠ କରିବାରେ ବିଫଳ ହେଲେ ଉପରୋକ୍ତ ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ବ୍ୟାଙ୍କ ଦ୍ୱାରା ଗାଡିର ବିକ୍ରୟ ସ୍ଥିର କରାଯିବ। ନିଲାମ ଗାଡି ଗୁଡିକ ପ୍ରଦାନ କରିବା ସମୟରେ ବ୍ୟାଙ୍କ କୌଣସି ବକେୟା ରୋଡ୍ ଟିକସ/ପରମିଟ ଫି/ବୀମା ଦେୟ/ଭିସିଆର୍ କିମ୍ବା ଅନ୍ୟ କୌଣସି ଦେୟ ନିମନ୍ତେ ଦାୟୀ ରହିବ ନାହିଁ।

**"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଗାଡିଗୁଡିକ ପ୍ରଦାନ କରାଯିବ। କ୍ରେତା ନିଜ ଖର୍ଚ୍ଚରେ ମାଲିକାନା ହସ୍ତାନ୍ତରିତ ଟ୍ୟାକ୍ସ/ଇନ୍ସ୍ୟୁରାନ୍ସ ଦେୟ ପ୍ରଦାନ ଏବଂ ବକେୟା ଦେୟ, ରୋଡ୍ ପରମିଟ୍ ଇତ୍ୟାଦି ବହନ କରିବେ। ଗାଡି ଥରେ ବିକ୍ରୟ କରାଗଲେ ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବୀ ବ୍ୟାଙ୍କ ଦ୍ୱାରା ପ୍ରଶ୍ରୟ ଦିଆଯିବ ନାହିଁ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ନିଲାମକୁ ବାତିଲ, ସ୍ଥଗିତ ଓ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ତାରିଖ: ୨୧.୧୦.୨୦୨୦ — ଆଞ୍ଚଳିକ ପ୍ରବନ୍ଧକ, ଭୁବନେଶ୍ୱର ଅଞ୍ଚଳ



**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ** (SIDAC)
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
**ଏକାମ୍ର ହାଟ, ଭୁବନେଶ୍ୱର ରେ ଷ୍ଟଲ ଆବଣ୍ଟନ ନିମନ୍ତେ ଆବେଦନ**

ରାଜ୍ୟ ର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ମାନଙ୍କ ଠାରୁ ଏକାମ୍ର ହାଟରେ ୭୦ ଦିନିଆ ଷ୍ଟଲ ଆବଣ୍ଟନ ପାଇଁ ଜାନୁୟାରୀ ୨୦୨୧ ଠାରୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସାରଣୀ ରେ ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ତଥ୍ୟ, ସର୍ତ୍ତାବଳୀ ତଥା ଆବେଦନ ପତ୍ର ତା ୨୩.୧୦.୨୦୨୦ ପର ଠାରୁ ୱେବସାଇଟ www.sidacodisha.org.inରେ ଉପଲବ୍ଧ ହେବ। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ମାନେ ନିଜର ସୁବିଧା ମୁତାବକ ସର୍ବାଧିକ ଦୁଇ ମାସ ପାଇଁ ଆବେଦନ କରି ପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା ୨୩.୧୧.୨୦୨୦ ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ସଭ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ପିନ: ୭୫୧୦୩୦, ଯୋଗାଯୋଗ: ୦୬୭୪ ୨୩୫୦୩୧୮ ରେ ପହଞ୍ଚିବା ଆବଶ୍ୟକ। କର୍ତୃପକ୍ଷ ବିନା କୌଣସି କାରଣ ନ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନ କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ସଭ୍ୟ ସଚିବ



**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀମାନଙ୍କରେ ଖାଲି ପଡ଼ିଥିବା ସଭାପତି, ଉପସଭାପତି ପଦ ଏବଂ ସମ୍ପାଦକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ**

No. RR-50:- ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଚାରୁ ଓ କାରୁକଳା, ଚିତ୍ରକଳା, ସ୍ଥାପତ୍ୟ, ନାଟ୍ୟ ଓ ସଙ୍ଗୀତ, ଉର୍ଦ୍ଦୁ ଭାଷା ଓ ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଲଳିତ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ସଭାପତି, ଉପ ସଭାପତି ପଦ ଓ ସମ୍ପାଦକ ପଦବୀ ଏବଂ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଜୀବନୀ ତଥ୍ୟ (Bio-data) ସହ ଆସନ୍ତା ତା୧୧।୧୧।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବିଜେବି ନଗର, ଭୁବନେଶ୍ୱର-୧୪ଙ୍କୁ ଆବେଦନ କରିପାରିବେ। ଏ ସମ୍ପର୍କିତ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ଆବଶ୍ୟକ ନମୁନା ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ବିଭାଗୀୟ Website: www.odishaculture.inକୁ ପରିଦର୍ଶନ କରିପାରିବେ।
ବି.ଦ୍ର.: ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଆବେଦନ କରାଯାଇଥିବା ଦରଖାସ୍ତକୁ ନାକଚ କରାଯାଇପାରିବ।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03001/11/0008/2021



**ମ୍ୟାଲେରିଆ ନିରାକରଣ ଅଭିଯାନ**
DSPL-82
NVBDCP
**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ।**

ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ। ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ।

ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ। ସିଞ୍ଚନ ସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ।

ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ। ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ।

ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ପରିବେଶ ପରିଷ୍କାର ରଖନ୍ତୁ।

ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା, ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।

ସମ୍ମିଳିତ ପ୍ରଚେଷ୍ଟା ଓ ସଚେତନତା ଦ୍ୱାରା ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ଭବ ହୋଇପାରିବ। ମ୍ୟାଲେରିଆ ପ୍ରତିରୋଧ ମୂଳକ ଉପାୟ ଗୁଡିକୁ ପାଳନ କରନ୍ତୁ ଏବଂ ମ୍ୟାଲେରିଆ ମୁକ୍ତ ସମାଜ ଗଠନରେ ସହାୟକ ହୁଅନ୍ତୁ।

ଆସନ୍ତୁ, ମ୍ୟାଲେରିଆର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହେବା ସହିତ କରୋନା ପ୍ରତିଷେଧକ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା।

- ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ।
- ମାସ୍କ ବ୍ୟବହାର କରନ୍ତୁ।
- ସାମାଜିକ ଦୂରତା ବଜାୟ ରଖନ୍ତୁ।
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0027/2021

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

ପଡିଆ,୨୧।୧୦(ଡି.ଏନ.ଏ.)- ମାଲକାନାଗିରି ଜିଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ନିଲିଗୁଡା ଗ୍ରାମର ଜଣେ ବ୍ୟକ୍ତି ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପଦିଆ ପଡିଆମି। ମଙ୍ଗଳବାର ସନ୍ଧ୍ୟାରେ ନିଜ ଜମିରୁ କାମ ସାରି ଘରକୁ ଫେରିବା ପରେ ପଦିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସନ୍ଧ୍ୟା ହୋଇଯିବା ସତ୍ତ୍ୱେ ସେ ଘରକୁ ନ ଫେରିବାରୁ ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ବୁଧବାର ସକାଳେ ପଦିଆଙ୍କ ସ୍ତ୍ରୀ ଭିମେ ପଡିଆମି ଗାଆଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ପଦିଆଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ଭିମେ ଗ୍ରାମବାସୀଙ୍କୁ ଜଣାଇ ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଡିଆ ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ଅମୂଲ୍ୟ କୁମାର ଡୁରକା ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ କାଲିମେଳା ପଠାଇଥିଲ। ଥାନାରେ ୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

### ମାଲକାନଗିରି ଜିଲାରୁ ୩୮ ପଜିଟିଭ୍

ମାଲକାନଗିରି,୨୧।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ବୁଧବାର ୩୮ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୫୬୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୧୦ ଜଣ, ବାଲିମେଳା ଏନ୍ଏସିରୁ ୩, ମାଲକାନଗିରି ବ୍ଲକରୁ ୪, ପଡ଼ିଆ ଓ କାଲିମେଳା ବ୍ଲକରୁ ୭ ଲେଖାଏ, ଖଇରପୁଟ ବ୍ଲକରୁ ୪, ଚିତ୍ରକୋଣ୍ଡା ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଚୋରି କରି ୩ କୋର୍ଟ ଚାଲାଣ

କୋରାପୁଟ,୨୧।୧୦,(ସ୍ୱ.ପ୍ର.)- କୋରାପୁଟ ଟାଉନ ଥାନା ପକ୍ଷରୁ ଚୋରି ଅଭିଯୋଗରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି । ସେମାନେ କୋରାପୁଟ ସହରାଞ୍ଚଳର ଶରତ ଚନ୍ଦ୍ର ଖୋସ୍ଲା, ଆଦିତ୍ୟ ଖରା ଓ କିଶୋର କୁମାର ହିଆଲ। ଗତ ୨୯ ରାତିରେ କୋରାପୁଟ ସହରର ରେଲୱେ ଅଞ୍ଚଳରେ ଥିବା ରବି କ୍ରିଷ୍ଣାଙ୍କ ଘରୁ ସୁନା ଓ ବହୁ ଟଙ୍କା ଆଦି ଚୋରି ହୋଇଯାଇଥିଲା । ଏନେଇ ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଜାରି ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ଉପରୋକ୍ତ ୩ ଜଣଙ୍କୁ ଗିରଫ କରିଥିଲା।

### ଜାତୀୟ ଶିକ୍ଷାନୀତିକୁ ନେଇ ବୈଠକ

ଜୟପୁର,୨୧।୧୦(ଡି.ଏନ.ଏ./ନି.ପ୍ର.)- କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ୨୦୨୦ ଜାତୀୟ ଶିକ୍ଷାନୀତିକୁ ନେଇ ଅଖିଳ ଭାରତୀୟ ଛାତ୍ର ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ବୈଠକ କୋରାପୁଟ ଜିଲା ଜୟପୁରସ୍ଥିତ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରୋହିତ ହରିଜନଙ୍କ ଅଧ୍ୟକ୍ଷତାରେ ହୋଇଥବା ଏହି ବୈଠକରେ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ଶିକ୍ଷାକୁ ବ୍ୟବସାୟ, ଘରୋଇ, ସମ୍ପ୍ରଦାୟୀକରଣ କରାଯାଇ ସଙ୍କୋଚନ କରାଯାଉଥିବା ଅଭିଯୋଗ କରିଥିଲେ। ଅଶୋକ ପାଣିଗ୍ରାହୀ, ଜୟନ୍ତ ଦାଶ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାଶ, ପ୍ରଦୀପ ମହାରଣା ପ୍ରମୁଖ ନୂତନ ଶିକ୍ଷାନୀତି ବିଷୟରେ ନିଜ ମତ ରଖିଥିଲେ। ନଭେମ୍ବର ୧୫ ସୁଦ୍ଧା କୋରାପୁଟ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସହମତି ଖିଲ, ପ୍ରତମି ନାରାଜି, ସମୀର ହରିଜନ ଓ ରଘୁନାଥ ହରିଜନ ପରିଚାଳନା କରିଥିଲେ ।

### ବିପଦସଙ୍କୁଳ ଅବସ୍ଥାରେ ପରିବହନ

ଜୟପୁର, ୨୧।୧୦ (ନି.ପ୍ର.)-ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡା ରାସ୍ତାରେ ପ୍ରତ୍ୟେହ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି। ମ୍ୟାକ୍ସ ପିକଅପ ଭ୍ୟାନରେ ୩୦/୪୦ ଜଣ ଶ୍ରମିକଙ୍କୁ ଯାତାୟାତ ବେଳେ ନିଆଯାଉଛି। କୋଭିଡ ନାୟମକୁ ମଧ ପରିବହନକାରୀମାନେ ମାନୁନାହାନ୍ତି। କେହି ମାସ୍କ ପିନ୍ଧୁନାହାନ୍ତି କି ନିଜ ମଧରେ ଦୂରତା ରକ୍ଷା କରୁନାହାନ୍ତି।ପ୍ରତ୍ୟେକ ଦିନ ଏପରି ଦେଖିବାକୁ ମିଳୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

# ପାହାଡ଼ ଖନନକୁ ବିରୋଧ

ମାଲକାନଗିରି/ଖଇରପୁଟ, ୨୧।୧୦(ଡି.ଏନ୍.ଏ.)



ଜିଲା ପରିଷଦ ବୈଠକରେ ଉପସ୍ଥିତ ଅତିଥି।

ମାଲକାନଗିରି ଜିଲା ପରିଷଦ ବୈଠକ ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷା ସୁଲତା ମଣ୍ଡଳ, ମାଲକାନଗିରି ବିଧାୟକ ବିଧାୟକ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଖଇରପୁଟ ବ୍ଲକ ଅଧ୍ୟକ୍ଷା କୁମୁଦିନୀ କିର୍ଷାନି, ଜିଲାପାଳ ମନୀଷ ଅଗ୍ରୱାଲ, ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁଙ୍କ ସହ ସମସ୍ତ ଜିଲା ପରିଷଦ ସଦସ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ଖଇରପୁଟ ବ୍ଲକର ପୁରାଣ ପ୍ରସିଦ୍ଧ ତଥା ପ୍ରାକୃତିକ ପରିବେଶରେ ଥିବା ଆମାକୁଣ୍ଡ ଅଞ୍ଚଳର ପାହାଡ଼କୁ ପଥର ଖନନ ପାଇଁ ଆନ୍ଧ୍ରର କେତେକ କମ୍ପାନୀକୁ ଦେବାପାଇଁ ହେଉଥିବା ଉଦ୍ୟମକୁ ବିରୋଧ କରାଯାଇଥିଲା। ବ୍ରିଟିଶ ସମୟରୁ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀଙ୍କ ଅଧିକାରକୁ କ୍ଷୁଣ୍ଣ କରିବା, ତାଙ୍କ ଜଳ, ଜମି, ଜଙ୍ଗଲକୁ ନଷ୍ଟ କରିବା ପାଇଁ ଯେଉଁମାନେ ଉଦ୍ୟମ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ସଦସ୍ୟମାନେ ଦାବି କରିଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ବସବାସ କରୁଥିବା ଆଦିବାସୀମାନେ ଦେଶର ବିକାଶ ପାଇଁ ନିଜ ଅଞ୍ଚଳର ହଜାର ହଜାର ହେକ୍ଟର ଜଙ୍ଗଲକୁ ମାଛକୁଣ୍ଡ, ଅପରକୋଲାବ, ବାଲିମେଳା ଜଳଭଣ୍ଡାର ପାଇଁ ତ୍ୟାଗ କରିଛନ୍ତି। ଏପରିକି ଦଣ୍ଡକାରଣ୍ୟ ପ୍ରକଳ୍ପ ପାଇଁ ମାଲକାନଗିରି ଜିଲାରେ ୮୦ ହଜାର ହେକ୍ଟର ଜଙ୍ଗଲକୁ ମଧ୍ୟ ସେମାନେ ତ୍ୟାଗ କରିଛନ୍ତି। ପୁରୁଷ ପୁରୁଷ ଧରି ଆଦିବାସୀଙ୍କ ଜମିପଟ୍ଟା ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ ଭାଗବଣ୍ଟା ନଥିପତ୍ର ଆକାରରେ କରାଯାଇନାହିଁ। ଏପରିସ୍ଥଳେ ଆଦିବାସୀଙ୍କ ପରମ୍ପରା, ଜମି, ଜଳ ଓ ଜଙ୍ଗଲକୁ ଲୋପ କରିବା ପାଇଁ ଯେଉଁ ଅପଚେଷ୍ଟା କରାଯାଉଛି ତାହା ବରଦାସ୍ତ କରାଯିବନାହିଁ ବୋଲି ବିଧାୟକ ବାକା, ଅଧ୍ୟକ୍ଷ ପଡିଆମି କହିଥିଲେ। ସମସ୍ତ ଉପସ୍ଥିତ ଜନ ପ୍ରତିନିଧିମାନେ ଏହାକୁ ସମର୍ଥନ କରିଥିଲେ। ଗ୍ରାମସଭା ଓ ପଲ୍ଲିସଭା ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବାକୁ ଦାବି କରି ବିନା ନିଷ୍ପତ୍ତିରେ କୌଣସି କମ୍ପାନୀକୁ ପଥର ଖନନ ପାଇଁ ଅନୁମତି ମିଳିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପର ଖସଡ଼ାକୁ ଅନୁମୋଦନ କରାଯିବା ସହ ତୃତୀୟ ପର୍ଯ୍ୟାୟର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଯାଇ ମୁଖ୍ୟରାସ୍ତାଗୁଡ଼ିକୁ ସଂଯୋଗ କରୁଥିବା ଗ୍ରାମ, ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମଣ୍ଡି, ବ୍ୟାଙ୍କକୁ ରାସ୍ତା ସଂଯୋଗୀକରଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଯଦି ଆଉ କିଛି ରାସ୍ତାର ଆବଶ୍ୟକତା ଅଛି ତେବେ ଦୁଇଦିନ ମଧ୍ୟରେ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ପଠାଇବା ପାଇଁ ସଭ୍ୟାସଭ୍ୟଙ୍କୁ କୁହାଯାଇଥିଲା। ସ୍ୱାସ୍ଥ୍ୟ, କୃଷି, ଶିକ୍ଷା ପାନୀୟ ଜଳ ଯୋଗାଣ ନେଇ ବୈଠକରେ ଆଲୋଚନା ହୋଇଥିଲା।

**ଜିଲା ପରିଷଦ ବୈଠକ**
- ଗ୍ରାମସଭା, ପଲ୍ଲିସଭାରେ ହେବ ନିଷ୍ପତ୍ତି
- କୌଣସି କମ୍ପାନୀକୁ ପଥର ଖନନ ଅନୁମତି ମିଳିବନି
- ଜମି, ଜଳ ଓ ଜଙ୍ଗଲ ଲୋପକୁ ବରଦାସ୍ତ କରାଯିବନି

## ସମସ୍ୟା ସମାଧାନ ଦାବି କଲେ ପୂର୍ବତନ କାଉନସିଲର

ଜୟପୁର,୨୧।୧୦(ଡି.ଏନ.ଏ.)

କୋରାପୁଟ ଜିଲା ଜୟପୁର ସହରର ବିଭିନ୍ନ ସମସ୍ୟା ସମାଧାନ ନେଇ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନେବାକୁ ପୂର୍ବତନ କାଉନସିଲରମାନେ ଏକ ଦାବିପତ୍ର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଜୟପୁର ସହରରେ ଖେଳ ପଡ଼ିଆର ଅଭାବ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଖେଳକୁଦ କରିବାରେ ସମସ୍ୟା ହେଉଛି । ପ୍ରଶାସନ ପକ୍ଷରୁ ୫ ଏକର ଜମିରେ ଏକ ଖେଳପଡ଼ିଆ ନିର୍ମାଣ କରିବା,ପଞ୍ଚାନନ ମନ୍ଦିର ଛକରୁ ଖ୍ରୀଷ୍ଟିଆନ ସାହି ଛକ ପର୍ଯ୍ୟନ୍ତ ବାଇପାସ୍ ରୋଡ୍‌ରେ ଥିବା ଡ୍ରେନ୍ ବଡ କରି ନିର୍ମାଣ ସହ ପାଚେରି କରିବା, ପଞ୍ଚାନନ ମନ୍ଦିର ଛକରେ ଥିବା ପରିବା ବଜାରର ଭାଙ୍ଗିଯାଇଥିବା ପିଣ୍ଡିର ପୁନଃ ନିର୍ମାଣ, ଜନସ୍ୱାସ୍ଥ୍ୟ ବିଭାଗଠାରୁ ଜୟନଗର ପର୍ଯ୍ୟନ୍ତ ଜଗନ୍ନାଥ ସାଗର ପାର୍ଶ୍ୱବର୍ତ୍ତୀ ରାସ୍ତାକୁ ଉଠାଦୋକାନୀଙ୍କ କବଳରୁ ଜବରଦଖଲକରୁ ମୁକ୍ତ କରିବା, ମୁଖ୍ୟରାସ୍ତାର ସେଣ୍ଟ୍ରାଲ ପାର୍କିଂ ବ୍ୟବସ୍ଥା ଅସ୍ଥାୟୀ ବଦଳରେ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ କାଉନସିଲର ଦୁର୍ଗାପ୍ରସାଦ ମିଶ୍ର, ବାଦଲ ସାନ୍ତ୍ରାପାତ୍ର, ବି.ରାବଣା, ନବୀନ ପାତ୍ର, ଏ. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଳିଆଗଦାରେ ପଡ଼ିଛି ଭୋଟର ପରିଚୟ ପତ୍ର



ଅଳିଆଗଦାରେ ପଡିଥିବା ଭୋଟର ପରିଚୟ ପତ୍ର।

କୋରୁକୋଣ୍ଡା, ୨୧।୧୦ (ଡି.ଏନ. ଏ.)

ଭୋଟର କାର୍ଡ ଲୋକଙ୍କ ପରିଚୟପତ୍ର। ଏହା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସେବା ଓ ସୁଯୋଗ ମିଳିଥାଏ। କିନ୍ତୁ ଏହି ଭୋଟର ପରିଚିୟ ପତ୍ର ଲୋକଙ୍କୁ ମିଳିବା ବଦଳରେ ପଡିଛି ଅଳିଆଗଦାରେ । ଏପରି ୫୦ରୁ ଉର୍ଦ୍ଧ୍ୱ ପରିଚୟପତ୍ର ମାଲକାନଗିରି ଜିଲା ବାଲିମେଳା ଏନ୍ଏସି ଅଞ୍ଚଳର ମୁଖ୍ୟ ରାସ୍ତା କଡ଼ ଅଳିଆଗଦାରେ ପଡିଥିବା ଦେଖିବାକୁ ମିଳିଛି । ସରକାର ସ୍ଥାନୀୟ ଶିକ୍ଷକଙ୍କୁ ନିୟୋଜିତ କରି ଏହି ଭୋଟର ପରିଚୟପତ୍ର ଲୋକଙ୍କୁ ଦେବାକୁ ଦାୟିତ୍ୱ ଦେଇଥିଲେ। ମାତ୍ର ଏହା ଲୋକଙ୍କ ନିକଟରେ ନ ପହଞ୍ଚି ଅଳିଆ ଗଦାରେ ପଡିଛି। ଏହିସବୁ ପରିଚୟ ପତ୍ର କୋରକୁଣ୍ଡା ବ୍ଲକ ତାର୍ଲାକୋଟା ପାଞ୍ଚୟତର ବିଭିନ୍ନ ଗ୍ରାମର ବୋଲି ଜଣାପଡିଛି । ଏହାର ତଦନ୍ତ କରାଯଶଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ ଅଭିଯୋଗ

କୋରୁକୋଣ୍ଡା,୨୧।୧୦(ଡି.ଏନ.ଏ)



ଟଙ୍କା ଦେଇଥିବା ହିତାଧିକାରୀ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ବୁଦୁଗୁଡା ନିକଟସ୍ଥ ଗାଙ୍ଗରକୋଲି ଗ୍ରାମର କେତେଜଣ ହିତାଧିକାରୀଙ୍କୁ ଏମଜିଏନ୍ଆରଇଜିଏସ୍ ପ୍ରକଳ୍ପ ମାଧ୍ୟମରେ ମୋ ବଗିଚା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ନିଜ ବାରବଗିଚାରେ ପରିବା ଚାଷକରି ହିତାଧିକାରୀ କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ଥିଲା ଏହି ଯୋଜନାର ଲକ୍ଷ୍ୟ। ତେବେ କେତେଜଣ ହିତାଧିକାରୀଙ୍କଠାରୁ ସ୍ଥାନୀୟ ଗ୍ରାମସାଥୀ ବୁଦୁ ଆମ୍ବଗଛିଆ ଓ ରାଜେନ୍ଦ୍ର ବେହେରା ମୋ ବଗିଚା ଯୋଜନା ପାଇଁ ହିତାଧିକାରୀଙ୍କ ନିକଟକୁ ଆସିଥିବା ୬ହଜାର ଟଙ୍କାରୁ ସେମାନଙ୍କୁ କିଛି ଟଙ୍କା ଦେବାକୁ କହିଥିଲେ। ବୁଦୁ ଜମଧର ଗୌଡଙ୍କଠାରୁ ୧ହଜାର ଟଙ୍କା, ପ୍ରୀତମ ଗୌଡଙ୍କଠାରୁ ୧ହଜାର ଟଙ୍କା, ସୀତାରାମ ଗୌଙ୍କଠାରୁ ୫ଶହ ଟଙ୍କା ଓ ରାଜେନ୍ଦ୍ର ଗଙ୍ଗାଧର ଗୌଡଙ୍କଠାରୁ ୧୩୦୦ ଟଙ୍କା ପଞ୍ଚାୟତ ରୋଜଗାର ସହାୟକ କାଳାଚାନ୍ଦ ମଣ୍ଡଳଙ୍କ ନାମ କହି ଟଙ୍କା ଆଦାୟ କରିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଏନେଇ ପଞ୍ଚାୟତ ରୋଜଗାର ସହାୟକ କାଳାଚାନ୍ଦ ମଣ୍ଡଳଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ ତାଙ୍କ ନିକଟରୁ ଏନେଇ କୌଣସି ଅଭିଯୋଗ ଆସିନାହିଁ। ଯଦି କିଛି ଏପରି ହୋଇଛି ତେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

**ମୋ ବଗିଚା ଯୋଜନା**

## ୭ହଜାର ମୁହାଁ କୋରାପୁଟ ପଜିଟିଭ ସଂଖ୍ୟା

କୋରାପୁଟ,୨୧।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବୁଧବାର ୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୯୭୫କୁ ବୃଦ୍ଧି ପାଇଛି। ଚିହ୍ନଟ ୨୬ ଜଣଙ୍କ ମଧ୍ୟରେ (୧୧ ପୁରୁଷ ଓ ୧୫ ମହିଳା) କ୍ୱାରାଣ୍ଟାଇନ କେନ୍ଦ୍ରରୁ ୩, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୮ ଓ ୧୫ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜୟପୁର ଓ ସୁନାବେଡା ମ୍ୟୁନିସପାଲଟିରୁ ଜଣେ ଲେଖାଏ, କୋରାପୁଟ ମ୍ୟୁନିସପାଲଟିରୁ ୨ଜଣ ଆକ୍ରାନ୍ତ ରହିଛନ୍ତି। ସେହିଭଳି ବୋରିଗୁମ୍ମା ବ୍ଲକରୁ ଜଣେ, ବୈପାରିଗୁଡାରୁ ୩, ବନ୍ଧୁଗାଁରୁ ୧, ଜୟପୁର ବ୍ଲକରୁ ୨, ଦଶମନ୍ତପୁରରୁ ୧, କୋରାପୁଟରୁ ୪, କୋଟପାଡରୁ ୬, କୁନ୍ଦୁରାର ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

## ଷ୍ଟେଶନ ମ୍ୟାନେଜରଙ୍କୁ ବ୍ୟବସାୟୀଙ୍କ ଦାବିପତ୍ର

ଜୟପୁର,୨୧।୧୦(ଡି.ଏନ.ଏ )

**ପରିବନହ ଟ୍ରେନରେ ଲୋଡିଂ, ଅନ୍‌ଲୋଡିଂ ନିୟମକୁ ବିରୋଧ**

କୋରାପୁଟ ଜିଲା ଜୟପୁର ରେଳଷ୍ଟେଶନ ମାଲବାହୀ ଟ୍ରେନରେ ଲୋର୍ଡିଂ ଏବଂ ଅନଲୋର୍ଡିଂ ନେଇ ରେଳ ବିଭାଗର ପୂର୍ବ ନିୟମ ପୁନଃ ଲାଗୁ କରିବା ପାଇଁ ବିଭିନ୍ନ ସଂସ୍ଥାର ବ୍ୟବସାୟୀ ପ୍ରତିନିଧିମାନେ ଦାବି କରିଛନ୍ତି। ସେମାନେ ସୋମବାର ଇଷ୍ଟକୋଷ୍ଟ ରେଲୱେର ବରିଷ୍ଠ ବାଣିଜ୍ୟ ପରିଚଳାକଙ୍କ ଉଦ୍ଦେଶ୍ୟରେ ଜୟପୁର ଷ୍ଟେସନ ମ୍ୟାନେଜର ଜନ କୁଜୁରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଜୟପୁର ରେଳ ଷ୍ଟେଶନରେ ଯାତ୍ରୀ ପରିବହନ ଅପେକ୍ଷା ସାମଗ୍ରୀ ପରିବହନ ଅଧିକ ପରିମାଣରେ ହୋଇଥାଏ। ଏଥିରୁ ରେଳ ବିଭାଗ ଭଲ ପରିମାଣର ରାଜସ୍ୱ ପାଇଥାଏ। ପୂର୍ବରୁ ମାଲବାହୀ ଟ୍ରେନରେ ପୂର୍ବାହ୍ନ ୬ଟାରୁ ରାତି ୧୦ଟା ମଧ୍ୟରେ ସାମଗ୍ରୀ ଲୋର୍ଡିଂ ଏବଂ ଅନଲୋର୍ଡିଂ କରିବାକୁ ନିୟମ ଥିଲା। ଯେଉଁ ସଂସ୍ଥା ଏହି ଧାର୍ଯ୍ୟ ସମୟ ମଧ୍ୟରେ ଲୋର୍ଡିଂ ଓ ଅନଲୋଡିଂ କରିପାରିବ ନାହିଁ ଏବଂ ଏଥିପାଇଁ ଅଧିକ ସମୟ ନେଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ରେଳ ବିଭାଗ ଜରିମାନା କରୁଥିଲା। ମାତ୍ର ଗତ ଶନିବାରଠାରୁ ରେଳବିଭାଗର ନୂତନ ନିୟମ ଅନୁଯାୟୀ ୨୪ ଘଣ୍ଟିଆ ଲୋର୍ଡିଂ ଓ ଅନଲୋର୍ଡିଂ ବ୍ୟବସ୍ଥା ନେଇ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହି ସମୟ ମଧ୍ୟରେ ମାଲବାହୀ ଟ୍ରେନ ଯେ କୌଣସି ସମୟରେ ଷ୍ଟେଶନରେ ପହଞ୍ଚିବା ପରେ ଉକ୍ତ ନିୟମ ଲାଗୁ ହୋଇଯିବ । ମାଲବାହୀ ଟ୍ରେନରେ ଲୋର୍ଡିଂ ଓ ଅନଲୋର୍ଡିଂ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଦୂରଦୂରାନ୍ତର ଗ୍ରାମରୁ ଆସଥିବାରୁ ସେମାନେ ଷ୍ଟେଶନରେ ପହଞ୍ଚି ନ ଥିବେ। ଗ୍ରାମାଞ୍ଚଳରୁ ଆସୁଥିବା ଶ୍ରମିକଙ୍କ ପାଇଁ ଗମନାଗମନର ସୁବିଧା ମଧ୍ୟ ନାହିଁ । ଏପରିସ୍ଥଳେ ନୂତନ ନିୟମ ପରିବର୍ତ୍ତନ କରି ପୂର୍ବ ନିୟମ ଲାଗୁ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ୟବସାୟୀ ପ୍ରତିନିଧି ସଞ୍ଜୟ ଜୈନ, ସଚ୍ଚିଦାନନ୍ଦ ଚୌଧୁରୀ, ପ୍ରକାଶ ନାୟକ, ବି. ଶ୍ରୀନିବାସ, ଅବିନାଶ ପଟ୍ଟନାୟକ, ଇ.ପି. ପୋଲୁଶ ପ୍ରମୁଖ ଉପସ୍ଥିତ ଥିଲେ।

# ବଳିଦାନ ପାଇଁ ମନେ ପଡିଲେ ଶହୀଦ

ମାଲକାନଗିରି/କୋରାପୁଟ, ୨୧।୧୦ (ଡି.ଏନ୍.ଏ.)



କୋରାପୁଟରେ ପୋଲିସ ଶହୀଦ ଦିବସ ।



ମାଲକାନଗିରିରେ ପୋଲିସ ଅଧିକାରୀମାନେ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି।

ମାଲକାନଗିରି,୨୧।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୋଲିସ ପଡ଼ିଆଠାରେ ୬୧ତମ ପୋଲିସ ଶହୀଦ ଦିବସ ମାସ୍କ ପରିଧାନ ସହ ସାମାଜିକ ଦୂରତା ଅବଲମ୍ବନ କରି ବୁଧବାର ପାଳିତ ହୋଇଛି । ଏସ୍‌ପି ରିଷିକେଶ ଡି. ଖିଲାରି ଯୋଗଦେଇ ଦେଶମାତୃକାର ସେବାକରି ଜୀବନକୁ ବଳିଦାନ ଦେଇଥିବା ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏହାପୂର୍ବରୁ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଏଫ୍‌ଓ ପ୍ରଦୀପ ଦେବୀଦାସ ମୀରାସେ, ଏସ୍‌ଡିପିଓ ପ୍ରହଲ୍ଲାଦ ସହାଇ ମୀନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ଚରଣ ନାୟକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି କୋରାପୁଟ ଜିଲା ପୋଲିସ ପକ୍ଷରୁ ବୁଧବାର ସ୍ଥାନୀୟ ପୋଲିସ ପଡ଼ିଆଠାରେ ୬୧ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ମାତୃକାର ସୁରକ୍ଷା ପାଇଁ ନିଜ ଜିବନକୁ ତ୍ୟାଗ କରିଥିବା ୪୧ ଜଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଏସ୍‌ପି ମୁକେଶ କୁମାର ଭାମୁ ଯୋଗଦେଇ ଅସ୍ଥାୟୀ ଶହୀଦ ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ଆତ୍ମବଳି ଦେଇଥିବା ଯବାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଏସ୍‌ଡିପିଓ ଗୁଣନିଧି ମଲିକଙ୍କ ସମେତ ପ୍ରଥମ ଆଇଆର୍‌ବି, ସପ୍ତମ ସ୍ୱତନ୍ତ୍ର ଆଇଆର୍‌ବି ବାଟାଲିଆନ, ଓଏସ୍‌ଏପି ତୃତୀୟ ବାଟାଲିଅନର କମାଣ୍ଡାଣ୍ଟ ପୋଲିସ ପ୍ରଶାସନର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

**୬୧ ତମ ପୁଲିସ ଶହୀଦ ଦିବସ**

## ତଦନ୍ତରେ ବିଳମ୍ବ କରି ଚପାଇଦେବାକୁ ଉଦ୍ୟମ

ବୈପାରିଗୁଡ଼ା,୨୧।୧୦ (ଡି.ଏନ୍.ଏ.)

ବୈପାରିଗୁଡ଼ା ସମନ୍ୱିତ ଶିଶୁ ବିକାଶ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି । ମେଡିସିନ କିଟ୍ସ କିଣାରେ ଦୁର୍ନୀତି ନେଇ ଖବର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତଦନ୍ତରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଚପାଇଦେବାକୁ ମଧ୍ୟ ଉଦ୍ୟମ କରାଯାଉଛି। କର୍ମୀମାନଙ୍କଠାରୁ ସାଦା କାଗଜରେ ଦସ୍ତଖତ ନିଆଯାଉଛି । ପୂର୍ବରୁ ଯେଉଁ ବିଲ୍ ପ୍ରଦାନ କରାଯାଇଥିଲା ସେଥିରେ ମେଡିସିନର ବ୍ୟାଚ୍ ନମ୍ବର ଓ ଏକ୍ସପାଏରି ଡେଟ୍ ଉଲ୍ଲେଖ ନ ଥିଲା । ତଦନ୍ତକୁ ଡରି ଏବେ ପୁଣି ଥରେ ନୂଆ ବିଲ୍ ପ୍ରଦାନ କରାଯାଉଥିବା ଜଣାପଡିଛି । ଏସବୁ ମେଡିସିନ କିଟ୍ସ ବାବଦକୁ ଅଙ୍ଗନୱାଡି କର୍ମୀଙ୍କ ଜମାଖାତାକୁ ୧ ହଜାର ୫ ଶହ ଟଙ୍କା ଲେଖାଏ ଯାଇଥିଲା । ସେହି ଟଙ୍କାରେ ସେମାନେ ମିଡିସିନ୍ କିଣିବା କଥା । ମାତ୍ର ଉକ୍ତ ମେଡିସିନ ବୈପାରିଗୁଡ଼ାରୁ କିଣା ନ ଯାଇ ବାହାରୁ ଅଣାଯାଇଥିଲା। କୁନ୍ଦୁରା ବ୍ଲକର ଏକ ମେଡିସିନ୍ ଷ୍ଟୋର ନାମରେ ବିଲ୍ ଆସିଥିଲା। ସେତେବେଳେ ଉକ୍ତ ମେଡିସିନ୍ ଷ୍ଟୋର ମାଲିକ ବୈପାରିଗୁଡ଼ା ବ୍ଲକର କୌଣସି ଅଙ୍ଗନୱାଡି କେନ୍ଦ୍ରକୁ ମେଡିସିନ୍ ଦେବା ନେଇ ଅସ୍ୱୀକାର କରିଥିଲେ। ସେହିପରି ଏବେ ଅନ୍ୟ ଏକ ଅଭିଯୋଗ ଆସିଛି। ଗତ ୩ ମାସ ତଳେ ଅଙ୍ଗନୱାଡି କେନ୍ଦ୍ର ମାନଙ୍କୁ ଅଫିସ୍ ପକ୍ଷରୁ ମଗ୍,ବାଲ୍‌ଟି,ଟର୍କିସ,ଥାଳି ,ଗ୍ଲାସ୍, ଗିନା ଆଦି ସାମଗ୍ରୀ କିଣା ହୋଇଥିଲା। ସେସବୁ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଦେବା ବଦଳରେ ମିଶନ ଶକ୍ତି ଗୃହରେ ତାଲା ପକାଇ ରଖାଯାଇଛି ।

**ମେଡିସିନ କିଟ୍ସ କିଣାରେ ଦୁର୍ନୀତି ପ୍ରସଙ୍ଗ**

# ନିରାଶରେ ଫେରୁଛନ୍ତି ହିତାଧିକାରୀ

ଜୟପୁର,୨୧।୧୦(ଡି.ଏନ.ଏ )



ଆଧାରକାର୍ଡ ତ୍ରୁଟି ସଂଶୋଧନ କରିବାକୁ ଆସିଥିବା ହିତାଧିକାରୀ।

ବିଭିନ୍ନ ଭତ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସରକାର ଆଧାରକାର୍ଡ ଉପରେ ଗୁରୁତ୍ୱ ଦେଉଛନ୍ତି। ହିତାଧିକାରୀ ବିଭିନ୍ନ ଯୋଜନାରୁ ଲାଭ ଉଠାଇବା ଲାଗି ଆଧାରକାର୍ଡ ଜରୁରୀ। ତେବେ କୋରାପୁଟ ଜିଲାରେ ବିଭିନ୍ନ ଯୋଜନାରେ ଆଧାରକାର୍ଡ ସଂଯୋଗୀକରଣ ଏବଂ ନୂତନ ଆଧାରକାର୍ଡ ପାଇଁ ରହିଥିବା କାର୍ଯ୍ୟାଳୟ ବନ୍ଦ ରହିଛି। ଏଥିପାଇଁ ବ୍ଲକ କାର୍ଯ୍ୟାଳୟ ସମେତ ଅନ୍ୟ ୩ଟି ସ୍ଥାନରେ କାର୍ଯ୍ୟାଳୟ ରହିଥିଲା। ଏସବୁ କାର୍ଯ୍ୟାଳୟରେ ଆଧାରକାର୍ଡ ସଂଯୋଗୀକରଣ, ନୂତନ ଭାବେ ଆଧାରକାର୍ଡ ଆବେଦନ, ଫଟୋ ଉତ୍ତୋଳନ କରାଯିବା ବ୍ୟବସ୍ଥା ରହିଛି। ମାତ୍ର ଗତ ୩ ଦିନ ହେଲା ଜୟପୁର ବ୍ଲକ କାର୍ଯ୍ୟାଳୟଠାରେ ଥିବା ଆଧାର ଆବେଦନ କେନ୍ଦ୍ର ବନ୍ଦ ରହିଛି। ଫଳରେ ଦୂରଦୂରନ୍ତାରରୁ ଏହି କାର୍ଯ୍ୟରେ ଆସୁଥିବା ଗ୍ରାମବାସୀ ନିରାଶ ହୋଇ ଫେରୁଛନ୍ତି। ବୁଧବାର କଙ୍ଗା ପଞ୍ଚାୟତର ଭାଜିଗୁଡା ଗ୍ରାମର କୁନ୍ଦନ ଭତ୍ରା ଏବଂ ପ୍ରତିମା ରନ୍ଧାରୀ ସେମାନଙ୍କ ଆଧାରକାର୍ଡରେ ସଂଶୋଧନ ନେଇ ଜୟପୁର ମୁଖ୍ୟକାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ମାତ୍ର କାର୍ଯ୍ୟାଳୟ ବନ୍ଦ ଥିବାରୁ ଦୁଇଟି ଛୋଟ ଛୁଆଙ୍କୁ ଧରି ଏଠାରେ ୨ ଘଣ୍ଟା ଅପେକ୍ଷା କର ଫେରିଥିଲେ । ହିତାଧିକାରୀ କୁନ୍ଦନ ୪ଟି ସନ୍ତାର ମା’ ହୋଇଥିଲେ ସୁଦ୍ଧା ଆଧାରକାର୍ଡରେ ତାଙ୍କର ବୟସ ୧୫ ବର୍ଷ ଉଲ୍ଲେଖ ରହିଛି। ସେହିପରି ହିତାଧିକାରୀ ପ୍ରତିମାଙ୍କ ବୟସ ୬୦ରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ କାର୍ଡରେ ୫୩ ବର୍ଷ ରହିଛି ।ଏଥିପାଇଁ ସେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ଏନେଇ ବିଡିଓ ସୂରଜ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି କାର୍ଯ୍ୟ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଇଛି । ତେବେ କେଉଁ କାରଣରୁ କାର୍ଯ୍ୟାଳୟ ବନ୍ଦ ରହିଛି ତାହା ସେ ଯାଞ୍ଚ କରିବେ ବୋଲି କହିଥିଲେ।

**ଆଧାରକାର୍ଡ କାର୍ଯ୍ୟାଳୟ ବନ୍ଦ**

## ସଂକ୍ଷେପରେ

### ରାୟଗଡ଼ାରୁ ଆଉ ୨୫ ପଜିଟିଭ

ରାୟଗଡ଼ା ଅଫିସ,୨୧।୧୦- ରାୟଗଡ଼ା ଜିଲାରୁ ବୁଧବାର ୨୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଜିଲାର ଗୁଡ଼ାରି ବ୍ଲକ୍‌ରୁ ସର୍ବାଧିକ ୧୪ଜଣ ରହିଛନ୍ତି। ସେହିପରି ବିଷମକଟକରୁ ୩, କାଶୀପୁରରୁ ୨, ପଦ୍ମପୁରରୁ ୨, ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ ଏବଂ ଅନ୍ୟ ଜିଲାର ୩ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୭୯୬୭ରେ ପହଞ୍ଚିଛି। ସେଥିମଧ୍ୟରୁ ୭୭୫୪ ସୁସ୍ଥହୋଇ ଫେରିଥିବାବେଳେ ୪୦ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୭୩ ସକ୍ରିୟ ସଂକ୍ରମିତ ରହିଥିବା ସୂଚନା ମିଳିଛି।

### ଫର୍‌ଦିନନ୍ଦ ଏକ୍କାଙ୍କୁ ତହସିଲଦାର ଦାୟିତ୍ୱ

ଗୁଣପୁର,୨୧।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ତହସିଲଦାର ଲକ୍ଷ୍ମୀନାରାୟଣ ସାବତଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ରାମନାଗୁଡ଼ାର ଅତିରିକ୍ତ ତହସିଲଦାର ଫର୍‌ଦିନନ୍ଦ ଏକ୍କାଙ୍କୁ ଗୁଣପୁର ତହସିଲଦାରଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

### ଅଙ୍ଗଦ ପୂଜାରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଚନ୍ଦାହାଣ୍ଡି,୨୧।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ବରିଷ୍ଠ ସାମାଜିକ କର୍ମୀ ତଥା ଖଡିରତ୍ନ ସ୍ୱର୍ଗତ ଅଙ୍ଗଦ ପୂଜାରୀ ଙ୍କ ପ୍ରତିମୂର୍ତ୍ତି ତାଙ୍କ ନିଜ ଗ୍ରାମ ରାଜକୋଟରେ ସ୍ଥାପନ କରାଯାଇଛି। ବୁଧବାର ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ବରିଷ୍ଠ ନେତା ରୁଷ୍ଟୁ ବାଗ୍, ଜିଲା ପରିଷଦ ଜୋନ-୨ର ସୌରେନ୍ଦ୍ର କୁମାର ସୋରୀ, ସରପଞ୍ଚ ହର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମଧୁସୂଦନ ନାଗେଶ, ବଳରାମ ପଟ୍ଟନାୟକ, ସମିତି ସଭ୍ୟ ତ୍ରିନାଥ ଦାଶ, ଠଣସିଂ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି

ଟିକିରି,୨୧।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ବାଙ୍କାମ୍ବ ପଞ୍ଚାୟତ ଅଧୀନ ଉପର କୋଡ଼ିଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ରରୁ ସୋଲାର୍ ବ୍ୟାଟେରି ଏବଂ ଇନ୍‌ଭର୍ଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ୧୮ ତାରିଖରେ କେହି ଦୁର୍ବୃତ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଚୋରି କରିଥିବା ଅଙ୍ଗନୱାଡ଼ି କର୍ମୀ ରିବିକା ମାଣ୍ଡାଙ୍ଗି ଟିକିରି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ୧୮୫/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ବିଦ୍ୟାଳୟ ପରିସର ସଫା କଲେ ଶିକ୍ଷକ, ଅଭିଭାବକ

ଚନ୍ଦ୍ରପୁର,୨୧।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦରସ୍ଥିତ ଗ୍ରାମ ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରକୁ ସ୍କୁଲର ଶିକ୍ଷକ ଓ ଅଭିଭାବକମାନେ ସଫା କରିଛନ୍ତି। ବିଦ୍ୟାଳୟର ସଭାପତି ହାଡ଼ିବନ୍ଧୁ ବ୍ରେକେବେଡ଼ା ଏବଂ ପ୍ରଧାନଶିକ୍ଷକ ସୁଶାନ୍ତ ଦାସଙ୍କ ମିଳିତ ଉଦ୍ୟମରେ ଦୀର୍ଘ ଦିନ ଧରି ରହିଥିବା ଅନାବନା ଗଛ, ବୁଦା, ଘାସ ସଫା କରିଛନ୍ତି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ସାମିଲ ହୋଇଥିଲେ। ଆଗକୁ ସ୍କୁଲ ଖୋଲିବାକୁ ଯାଉଥିବାରୁ ଶିକ୍ଷକ ଏବଂ ଅଭିଭାବକମାନେ ସ୍କୁଲ ପରିସରକୁ ସଫା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ପ୍ରତାପ ଜେନା, ମୀନ ବ୍ରେଡେକା ପ୍ରମୁଖ ନିଜକୁ ନିୟୋଜିତ କରିଥିଲେ।

### ୪ ଜୁଆଡ଼ି ଗିରଫ

ନବରଙ୍ଗପୁର,୨୧।୧୦(ବି.ପ୍ର.) ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ସରୁଗୁଡା ଗ୍ରାମରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସ ଖବର ପାଇ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଶଙ୍କର ସୁନା(୩୩), ପ୍ରଦୀପ ହରିଜନ (୪୫), ଭାସ୍କର ରାଉତ (୫୬) ଓ ନକୁଳ ହରିଜନ (୩୨)। ସେମାନଙ୍କ ନିକଟରୁ ୨୧୬୩୦ ଟଙ୍କା, ୩ଟି ମୋବାଇଲ, ଗୋଟିଏ ତାସ ପ୍ୟାକେଟ ଜବତ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ୭ଟି ବାଇକ ଜବତ କରିଛି।

# ପୋଲିସ ବିଭାଗ କାର୍ଯ୍ୟ ନେଇ ଉଠିଲା ପ୍ରଶ୍ନ

**ଗୁଣପୁର ପଥର ଖାଦାନ ବିସ୍ଫୋରଣ ଘଟଣା**
- ସହରଠାରୁ ୫କି.ମି.ଦୂରରେ ଥିଲା ପଥର ଖାଦାନ
- ନ ଜାଣିବା ପରି ଆଖି ବୁଜି ବସିଥିଲା ପୋଲିସ
- ଉଚ୍ଚସ୍ତରୀୟ ତଦନ୍ତ ହେଲେ ଫିଟିବ ସବୁ ଗୁମର

ଗୁଣପୁର,୨୧।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନ-୧ରେ ବିସ୍ଫୋରଣ ଘଟି ୩ଜଣଙ୍କ ମୃତ୍ୟୁ ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅତିରିକ୍ତ ତହସିଲଦାର କୁଶ ଗରଡ଼ା, ରାଜସ୍ୱ ପରିଦର୍ଶକ ଶରତ ଚନ୍ଦ୍ର ଆନନ୍ଦ, ଠିକାରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ ସନ୍ତୋଷ ପଣ୍ଡା ଏବଂ ଏଆର୍‌ଆଇ ସନ୍ତୋଷ ଦାସଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ସେହିପରି ଏଆର୍‌ଆଇ ଅନୁପ ମାର୍ଥାଙ୍କୁ ନିଲମ୍ବନ କରାଯାଇଥିଲା। ଜିଲାପାଳଙ୍କ ସୁପାରିସ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବୁଧବାର ଗୁଣପୁର ତହସିଲଦାରଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ପୂର୍ବରୁ ବିସ୍ଫୋରକ ସାମଗ୍ରୀ ଦ୍ୱାରା ପଥର ଫଟା କାର୍ଯ୍ୟରେ ନିୟୋଜିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତେବେ ପୋଲିସ ବିରୋଧରେ ଏ ପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇଛି ତାହାକୁ ନେଇ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ବେଆଇନଭାବେ ଖାଦାନ ଚାଲିଥିବାବେଳେ କୌଣସି ପଦକ୍ଷେପ ନ ନେବା କାରଣରୁ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହେଲେ ପଥର ଫଟା କାର୍ଯ୍ୟରେ ବ୍ୟବହାର ହେଉଥିବା ବିସ୍ଫୋରକ ସାମଗ୍ରୀ ବାହାରୁ ଆସୁଥିବାବେଳେ ଏଥିରେ ପୋଲିସ କିପରି ସୂଚନା ପାଇଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ପୋଲିସ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହା ଆଲୋଚନାର ବିଷୟ ହୋଇଛି। ଗୁଣପୁର ସହରଠାରୁ ୫ କି.ମି. ଦୂରରେ ଏହି ପଥର ଖାଦାନ ରହିଛି। ଖାଦାନକୁ ବେଆଇନ ଭାବେ କିପରି ବିସ୍ଫୋରକ ସାମଗ୍ରୀ ଆସିବା ସହ ତାହାର ବ୍ୟବହାର ମଧ୍ୟ ହେଉଥିଲା। ବିସ୍ଫୋରଣ ଯୋଗୁ ୩ ନିରୀହ ଶ୍ରମିକଙ୍କ ଜୀବନ ଚାଲିଗଲା। ଏଥିରେ ପୋଲିସ ଦାୟୀ ନୁହେଁ କି ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଶ୍ରମ ବିଭାଗ ଠାରୁ ଆରମ୍ଭକରି ପରିବେଶ ଏବଂ ପ୍ରଦୂଷଣ ବିଭାଗ, ଜଙ୍ଗଲ ବିଭାଗ ସମେତ ଅନ୍ୟ କେତେକ ବିଭାଗର ଦାୟିତ୍ୱ ନେଇ ଆଙ୍ଗୁଳି ଉଠୁଛି। ଏହି ସମ୍ବେଦନଶୀଳ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ଗୁମର ଫିଟିବ ବୋଲି ଆଲୋଚନା ହେଉଛି।

# ବିନା ଶ୍ରଦ୍ଧାଳୁରେ ମଝିଘରିଆଣୀଙ୍କ ଷଷ୍ଠୀପୂଜା

ରାୟଗଡ଼ା ଅଫିସ, ୨୧।୧୦



କରୋନା ପ୍ରଭାବକୁ ଦୃଷ୍ଟିରେ ରଖି ଚଳିତବର୍ଷ ସମସ୍ତ ଦେବୀ ପୀଠରେ ବିନା ଭକ୍ତରେ ମା'ଙ୍କ ନବରାତ୍ରୀ ପୂଜା ଅନୁଷ୍ଠିତ ହେଉଛି। ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ପୀଠରେ ମଧ୍ୟ ନୀତି ଅନୁଯାୟୀ ନବରାତ୍ରୀ ପୂଜା ଚାଲିଛି। ହେଲେ ୯ଦିନ ଧରି ଅଖଣ୍ଡ ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ନାହିଁ। ମନ୍ଦିର ପ୍ରକୋଷ୍ଠ ମଧ୍ୟରେ ମା'ଙ୍କ ବିଜେ ପ୍ରତିମା ସ୍ଥାପନ କରାଯାଇ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ବୁଧବାର ମହାଷଷ୍ଠୀ ଅବସରରେ ମନ୍ଦିରରେ ପୂଜକଙ୍କ ଦ୍ୱାରା ବିଧି ପାଳନ ହୋଇଥିବାବେଳେ ଶ୍ରଦ୍ଧାଳୁମାନେ ବାହାରୁ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳିଥିଲା। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଦିନ ମା'ଙ୍କ ୫ ଖଣ୍ଡା ମଧ୍ୟରୁ ରାଇଜବୁଲି, ମଝିଘରିଆଣୀ, ସାତଭଉଣୀ ଏବଂ ଠାକୁରାଣୀ ଖଣ୍ଡା ମନ୍ଦିର ମଧ୍ୟରେ ପୂଜା ହୋଇଥାଏ। ତେବେ ଶାରଦୀୟ ପୂଜା ସମୟରେ ଏହି ୪ ଖଣ୍ଡା ସହ ଜୟଦୁର୍ଗାଙ୍କ ଖଣ୍ଡା ମଧ୍ୟ ପୂଜା ହୋଇଥାଏ। ଖଣ୍ଡାଗୁଡ଼ିକୁ ଝଞ୍ଜାବତୀ ନଦୀରେ ସ୍ନାନ କରାଯାଇ ପଞ୍ଚାମୃତରେ ସ୍ନାନ କରାଯାଇଥାଏ। ପରେ ପୁରୁଣା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣ ମା'ଙ୍କ ସ୍ଥାନରେ ପୂଜା କରାଯାଇଥାଏ। ତେବେ ଚଳିତବର୍ଷ କରୋନା କଟକଣା ଯୋଗୁ ନିରାଡମ୍ବରରେ କେବଳ ବିଧି ପାଳନ କରାଯାଉଥିବା ମା'ଙ୍କ ପୂଜକ ଚନ୍ଦ୍ର ସୂଚନା ଦେଇଛନ୍ତି।

# ମନେପଡ଼ିଲେ ବୀର ଶହୀଦ

**ରାୟଗଡ଼ା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ**

ରାୟଗଡ଼ା ଅଫିସ,୨୧।୧୦



ଶହୀଦଙ୍କୁ ସମ୍ମାନ ଦିଆଯାଉଛି ।

ରାୟଗଡ଼ା ଜିଲା ଚାନ୍ଦିଲି ରିଜର୍ଭ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ୬୧ତମ ପୋଲିସ ଶହୀଦ ଦିବସ ବୁଧବାର ପାଳିତ ହୋଇଯାଇଛି। ଏସ୍‌ପି ଡ. ସର୍ବଣା ବିବେକ ଏମ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିବା ସହ ଶହୀଦ ଏବଂ କରୋନା ଯୋଦ୍ଧାଙ୍କ ସ୍ମୃତିଚାରଣ କରିଥିଲେ। ୨୦୧୯ ସେପ୍ଟେମ୍ବର ୧ରୁ ଚଳିତ ବର୍ଷର ଅଗଷ୍ଟ ୩୧ ମଧ୍ୟରେ ଶହୀଦ ହୋଇଥିବା ଏବଂ ଚଳିତ ମାସ ୧୬ ତାରିଖ ଯାଏ ଯେଉଁ ଯବାନ କରୋନା ଡ୍ୟୁଟିରେ ଥାଇ ପ୍ରାଣ ହରାଇଛନ୍ତି ସେମାନଙ୍କ ନାମ କାର୍ଯ୍ୟକ୍ରମରେ ପାଠ କରାଯାଇଥିଲା। ରାୟଗଡ଼ା ଜିଲା ମୁନିଗୁଡ଼ା ଥାନାଧିକାରୀ ରାଜେନ୍ଦ୍ର ଦେଉରି କରୋନାରେ ପ୍ରାଣ ହରାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହି ଅବସରରେ ବୀର ଯବାନ ଏବଂ ଶହୀଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ଏସ୍.କେ., ଏସଡିପିଓ ତପନ ନାରାୟଣ ରଥ, ରାୟଗଡ଼ା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ, ଚାନ୍ଦିଲି ଥାନାଧିକାରୀ ନୀଳାମ୍ବର ଜାନିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିରଞ୍ଜନ ନାୟକ ପରେଡ୍ ପରିଚାଳନା କରିଥିଲେ।

# ଡାବୁଗାଁର ବିଭିନ୍ନ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍

ଡାବୁଗାଁ, ୨୧।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର, ଡ଼ଙ୍ଗରିଗୁଡା ଓ ଜୁନାପାଣି ପଞ୍ଚାୟତରୁ ବୁଧବାର ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଡ଼ଙ୍ଗରିଗୁଡା ପଞ୍ଚାୟତର ବ୍ଲକ କଲୋନୀରେ ଗୋଟିଏ ପରିବାରର ୫ ଜଣ, ଡାବୁଗାଁ ପଞ୍ଚାୟତ ସଦର ଏବଂ ଜୁନାପାଣି ପଞ୍ଚାୟତର ଜି. କାମତା ଗ୍ରାମରୁ ଜଣେ ଲେଖାଏ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହାପରେ ଡ଼ଙ୍ଗରୀଗୁଡା ବ୍ଲକ କଲୋନୀ କ୍ୱାଟର ନଂ-୭, ଡାବୁଗାଁର ବାଲାଜୀ ଟ୍ରେଡିଙ୍ଗ କୋ ନିକଟରୁ ତାରିଣୀ ମନ୍ଦିର ଛକ ପର୍ଯ୍ୟନ୍ତ, ଜୁନାପାଣି ପଞ୍ଚାୟତର ଜି. କାମତା ଗ୍ରାମର ସମ୍ପୂର୍ଣ୍ଣ ଭତରା ସାହିକୁ କଣ୍ଟେନମେଣ୍ଟ ଜୋନ ଭାବେ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏହି କଣ୍ଟେନମେଣ୍ଟ ଜୋନ ଅକ୍ଟୋବର ୩୧ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ସମ୍ପୂର୍ଣ୍ଣ କଣ୍ଟେନମେଣ୍ଟ ଜୋନକୁ ମଧ୍ୟ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳଗୁଡ଼ିକୁ ସିଲ୍ କରାଯାଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

# ଶହୀଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳି, ନୀରବ ପ୍ରାର୍ଥନା



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ନବରଙ୍ଗପୁର,୨୧।୧୦(ବି.ପ୍ର.)

ନବରଙ୍ଗପୁର ସହରସ୍ଥିତ ରିଜର୍ଭ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ୬୧ତମ ଶହୀଦ ଦିବସ ପାଳନ କରାଯାଇ ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଛି। କର୍ତ୍ତବ୍ୟରତ ପୋଲିସ ଅଧିକାରୀ ଓ ଯବାନମାନେ କାମ କରୁଥିବା ସମୟରେ ବିଭିନ୍ନ ସମୟରେ ଶତ୍ରୁ ପକ୍ଷ ଆକ୍ରମଣରେ ଶହୀହ ହୋଇଛନ୍ତି । ଶହୀଦଙ୍କ ସହ କରୋନାରେ ପ୍ରାଣବଳି ଦେଇଥିବା ଯବାନ ଓ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ନବରଙ୍ଗପୁର ଏସ୍‌ପି ନୀତିନ କୁସାଲକର ଓ ଜିଲାପାଳ ଅଜିତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

# ଲିଫ୍‌ଲେଟ୍ ବଣ୍ଟା ନେଇ ଥାନାରେ ଏତଲା

**ଅଙ୍ଗନୱାଡି କେନ୍ଦ୍ର ପୋଷାକ କିଣା ଘଟଣା**

ବୈପାରିଗୁଡ଼ା,୨୧।୧୦ (ଡି.ଏନ୍.ଏ.)

ଅଙ୍ଗନୱାଡି କେନ୍ଦ୍ରର ପିଲାଙ୍କ ପାଇଁ ପୋଷାକ କିଣାଯିବା ଘଟଣା ନେଇ ସ୍ଥାନୀୟ ଅଞ୍ଚଳର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବ୍ଲକର କେତେଜଣ ଖବରଦାତା ଓ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆପତ୍ତିଜନକ ଲିଫ୍‌ଲେଟ୍ ବାଣ୍ଟିବା, ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ନେଇ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଓ ବ୍ଲକ ଖବରଦାତା ସଂଘ ଥାନାର ଦ୍ୱାରସ୍ଥ ହୋଇ ପୃଥକ୍ ପୃଥକ୍ ଏତଲା ଦେଇଛନ୍ତି। ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖବରଦାତାମାନଙ୍କ ବିରୋଧରେ ଅପମାନସୂଚକ ଲିଫ୍‌ଲେଟ୍ ବାଣ୍ଟିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ସୂଚନାଯୋଗ୍ୟ, କିଛିଦିନ ତଳେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ପିଲାଙ୍କୁ ନିମ୍ନମାନର ପୋଷାକ ଦେବା ନେଇ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି ସମନ୍ୱିତ ଶିଶ ବିକାଶ ଅଧିକାରୀ ଜ୍ଞାନସୁନ୍ଦରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ଲକ ଅଧ୍ୟକ୍ଷା ଓ ଖବରଦାତାଙ୍କ ବିରୋଧରେ ଲିଫ୍‌ଲେଟ୍ ବାଣ୍ଟି ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷାଙ୍କ ଅଭିଯୋଗ ପାଇବା ପରେ ସିଡିପିଓ ଅଭିଯୋଗର ତଦନ୍ତ ନ କରି ସମ୍ପୃକ୍ତା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଢାଲ କରି ବ୍ଲକ ଅଧ୍ୟକ୍ଷା ଓ ଖବରଦାତାମାନଙ୍କୁ ସେ ପରୋକ୍ଷରେ ଟାର୍ଗେଟ କରୁଥିବା ସାଧାରଣରେ ଆଲୋଚନା ହେଉଛି।

# ଚୋରି କରି ୨ ଜେଲ ଗଲେ

ଦିଗପହଣ୍ଡି,୨୧।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ଏନ୍‌ଏସି ୧ ନଂ. ୱାର୍ଡ ରାମଚନ୍ଦ୍ର ନଗରରେ ଠିକାଦାର ଦୁର୍ଗା ମାଧବ ସାହୁଙ୍କ ଲୁହା ଶଟର ପ୍ଲେଟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ବୁଧବାର ଚୋରିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି।

# ବ୍ୟାଙ୍କ ସମସ୍ୟାର ସମାଧାନ ଦାବି କଲା ଭାଜପା

ତେନ୍ତୁଳିଖୁଣ୍ଟି, ୨୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଶାଖା ପରିଚାଳକଙ୍କ ସହ ଭାଜପା ଆଲୋଚନା କରିଛି। ସମସ୍ୟାଗୁଡିକର ଶୀଘ୍ର ସମାଧାନ ହେବ ବୋଲି ଶାଖା ପରିଚାଳକ ଶ୍ରୀକାନ୍ତ କୁମାର ମଲ୍ଲିକ ପ୍ରତିଶ୍ରୁତି ଦେଇଛନ୍ତି।

ଖାତିଗୁଡ଼ାସ୍ଥିତ ଏସ୍‌ବିଆଇରେ ୪୦ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ରହିଥିବାବେଳେ ଉକ୍ତ ଶାଖାରେ ମାତ୍ର ୫ରୁ ୬ଜଣ ଷ୍ଟାଫ୍ ଅଛନ୍ତି। ଫଳରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ ବୋଲି ଭାଜପା ଜିଲା ସଭାପତି ଜଗଦୀଶ ବିଶୋୟୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୌରୀଶଙ୍କର ମାଝି ଓ ହରେକୃଷ୍ଣ ମୁଦୁଲି ପ୍ରମୁଖ ଶାଖା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ୟାଙ୍କରେ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ନାହିଁ। ସ୍ଥାନ ଅଭାବ ହେତୁ ଶାଖା ବାହାରେ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ବାହାରେ ଛିଡା ହେବାକୁ ପଡୁଛି। ବ୍ୟାଙ୍କ ପରିସରରେ ଥିବା ଏଟିଏମ୍ ବିଭିନ୍ନ ସମୟରେ ଅଚଳ ରହୁଥିବାନେଇ ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଥିଲେ। ସପ୍ତାହ ମଧ୍ୟରେ ଏଟିଏମ୍ ଠିକ୍ କରାଯିବା ସହ ସେଡ୍ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ଶାଖା ପରିଚାଳକ ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ଶୌଚାଳୟ ସୁବିଧା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# 'ଦୁର୍ନୀତିର ତଦନ୍ତ ନ ହେଲେ ଲୋକାୟୁକ୍ତ କୋର୍ଟକୁ ଯିବୁ'

ଜୟପୁର,୨୧।୧୦(ଡି.ଏନ.ଏ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନବରଙ୍ଗପୁର ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରଦତ୍ତ ଅନୁଦାନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ୬୦ ଦିନ ମଧ୍ୟରେ ସାରିବାକୁ ନିର୍ଭୟ ସାମାଜିକ ଟ୍ରଷ୍ଟ ପକ୍ଷରୁ ଜୟପୁର ଭିଜିଲାନ୍ସ ଏସ୍‌ପି ଶଶି ଶେଖର ମହାପାତ୍ରଙ୍କ ନିକଟରେ ଦାବି କରାଯାଇଛି। ନଚେତ୍ ସେମାନେ ଲୋକାୟୁକ୍ତଙ୍କ କୋର୍ଟକୁ ଯିବେ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଏବଂ ସଦସ୍ୟ ଆଇନଜୀବୀ ତେଜେଶ୍ୱର ପଣ୍ଡା କହିଛନ୍ତି। ତେବେ ଅଭିଯୋଗର ତଦନ୍ତ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି । ଅଭିଯୋଗରୁ ଜଣାପଡିଛି ନବରଙ୍ଗପୁର ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପିଡି ଡିଆରଡିଏଙ୍କ ମାଧ୍ୟମରେ ୧୦ ବ୍ଲକର ବିଡିଓଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ବିଭିନ୍ନ ରାସ୍ତାଘାଟ, ଡ୍ରେନ ନିର୍ମାଣ, ଆବାସ ଯୋଜନା, ଏମଏନଆରଇଜିଏସରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ମାଗିଲେ ମଧ୍ୟ ଏହା ନ ଥିବା ଦର୍ଶାଇ କୌଣସି ତଥ୍ୟ ପ୍ରଦାନ କରାଯାଉନାହିଁ। ଏସବୁ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବାରୁ ଏହାକୁ ପ୍ରଦାନ କରାଯାଉ ନ ଥିବା ଟ୍ରଷ୍ଟ ଅଭିଯୋଗ କରିଛି। ଏପରିକି ଜିଲାରେ ଦୁର୍ନୀତିର ତଦନ୍ତ ପାଇଁ ଏମ୍‌ପିଙ୍କ ଅଧ୍ୟକ୍ଷତାରେ ଏକ କମିଟି ରହିଥିଲେ ସୁଦ୍ଧା ଏହି କମିଟି ମଧ୍ୟ ତଦନ୍ତ କିମ୍ବା ଏହାର ତଦାରଖ କରୁନାହିଁ ବୋଲି ସେମାନେ ପ୍ରକାଶ କରି ଏନେଇ ଜିଲାପାଳ ଏବଂ ପିଡି ଡିଆରଡିଏ ଦାୟୀ ବୋଲି ଉଭୟେ କହିଛନ୍ତି।

# ମକାମଣ୍ଡି କରିବାକୁ ଆଦିବାସୀ ମହାସଂଘର ଦାବି

ଜୟପୁର, ୨୧।୧୦ (ନି.ପ୍ର.)

ମକାମଣ୍ଡି ପ୍ରତିଷ୍ଠା ଦାବିରେ ଦୁରୁଆ ଆଦିବାସୀ ମହାସଂଘ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ମକା ମଞ୍ଜି ସରକାରୀ ମୂଲ୍ୟରେ ସରକାର କିଣିବା ଲାଗି ଏଥିରେ ଦାବି କରାଯାଇଛି। କୁନ୍ଦୁରା ବ୍ଲକ ବୁଦାଗୁଡା ଗ୍ରାମର ଦୁରୁଆ ଆଦିବାସୀ ମହିଳା ମହାସଂଘ ଓ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ଋଣ କରି ମକା ଚାଷ କରିଛନ୍ତି । କରୋନା ସେମାନଙ୍କୁ କ୍ଷତି ପହଞ୍ଚାଇଛି। ସରକାର ସେମାନଙ୍କଠାରୁ ମକା ମଞ୍ଜି କିଣିବା ଲାଗି କୁନ୍ଦୁରା, କୋଟପାଡ, ବୈପାରିଗୁଡା ବ୍ଲକରେ ମକା ମଣ୍ଡି କରିବା ପାଇଁ ସେମାନେ କହିଛନ୍ତି। ଏହି ସମୟରେ ମହାସଂଘର ଚକ୍ରବର୍ତ୍ତୀ ଦୁରୁଆ, କାବେରି ଦୁରୁଆ, ଚନ୍ଦ୍ର ସଗରିଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ଅଭିଯୋଗ କରିବାକୁ ଆସିଥିବା ଆଦିବାସୀ ।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ବିକାଶ ଉପରେ ଗୁରୁତ୍ୱ

**ଡାବୁଗାଁ ପଞ୍ଚାୟତ ସମିତି ବୈଠକ**

ଡାବୁଗାଁ, ୨୧।୧୦ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ସମନ୍ୱିତ ଶିଶୁ ବିକାଶ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା ଓ ପେନ୍‌ସନ ଏବଂ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

ବୈଠକ ଆରମ୍ଭରେ ପ୍ରଥମେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଦାଶିବ ସାହୁ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ଚାଷୀମାନଙ୍କ ପାଇଁ ଥିବା ବଳରାମ ଯୋଜନା ସମ୍ପର୍କରେ କୃଷି ବିଭାଗ ଅଧିକାରୀ କହିଥିଲେ। ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହାର ମରାମତି ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସିଡିପିଓ ସୂଚନା ଦେଇଥିଲେ। ଚଚରାଗୁଡା ଗ୍ରାମରେ ଅଙ୍ଗନୱାଡି କର୍ମୀ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଛି ବୋଲି ସରପଞ୍ଚ ଅଭିଯୋଗ କରିଥିଲେ। ସେଠାରେ ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି କରିବାକୁ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଛି ବୋଲି ନନ୍ଦପୁରା ସରପଞ୍ଚ ଅଭିଯୋଗ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନନ୍ଦପୁରା-୨ ଓ ବଡ଼ଓଲମା ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଯାଉଥିବା ନେଇ ସରପଞ୍ଚମାନେ ଅଭିଯୋଗ କରିଥିଲେ। ଏହାର ଶୀଘ୍ର ସମାଧାନ ପାଇଁ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚଦଶ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ଅନୁଦାନରେ ପ୍ରାଣୀଧନ ସହାୟକ କେନ୍ଦ୍ର ଗୃହ, ବିଦ୍ୟାଳୟ ଗୃହ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି କରାଯାଇପାରିବ ବୋଲି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସୁଷମା ବିଶୋୟୀ, ଜିଲା ପରିଷଦ ସଭ୍ୟା ମାଳତୀ ମାଝି, ଏମ୍‌ପି ପ୍ରତିନିଧି ଏମ୍.ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ସିଡିପିଓ ଯମୁନା ଭତ୍ରା, ବ୍ଲକ ପ୍ରାଣୀ ଚିକିତ୍ସାଧୀକାରୀ ବିଧୂତ ଶେଖର ମିଶ୍ର, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନି, ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଳୟ ପ୍ରଭଞ୍ଜନ ପ୍ରସାଦ ପାଢୀ, ଏବିଇଓ ମହେଶ ଚନ୍ଦ୍ର ଶାହା, ବନପାଳ ଲକ୍ଷ୍ମୀକାନ୍ତ ସାହୁ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଆତ୍ମସନ୍ତୋଷର ସ୍ଥାନ ନାହିଁ, ଅଧିକ ସତର୍କ ହୁଅ'

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନଫରେନ୍ସ ଜରିଆରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ସବୁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ ଏବଂ କୋଭିଡ୍ ଯୋଦ୍ଧାଙ୍କ କଠିନ ପରିଶ୍ରମ ତଥା ସମ୍ପୃକ୍ତ ବିଭାଗର ଉଦ୍ୟମ ଯୋଗୁ ସଂକ୍ରମଣ କମିଛି। ସମୁଦାୟ ଟେଷ୍ଟିଂ ସଂଖ୍ୟା ୪୦ ଲକ୍ଷରୁ ଅଧିକ ହୋଇଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ଅଢେଇ ଲକ୍ଷରେ ପହଞ୍ଚିଛି। ତଥାପି ଆତ୍ମସନ୍ତୋଷର ସ୍ଥାନ ନାହିଁ ବୋଲି କହି ସତର୍କ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଅଧିକ ସତର୍କ ହେବା ସହିତ କୋଭିଡ୍ ନିୟମ କଡାକଡି ପାଳନ ହେବା ଦରକାର। କୋଭିଡ୍ ସମ୍ପର୍କରେ ଜନସଚେତନତା ପାଇଁ ବ୍ୟାପକ ସୂଚନା ଅଭିଯାନ ଜାରି ରଖିବା ସହ କୌଣସି କ୍ଷେତ୍ରରେ ସାମାନ୍ୟ ଅବହେଳା ନ କରିବାକୁ ସେ ସତର୍କ କରାଇଛନ୍ତି। ତେବେ ଅଧିକ ରୋଗରେ ପୀଡିତ ଥିବା କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଉପରେ ଅଧିକ ଗୁରୁତ୍ୱ

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସ୍ଥିତି ସମୀକ୍ଷା




ଦେବା ଓ ଗରିବ ଲୋକଙ୍କ ଜୀବିକାକୁ ଦୃଷ୍ଟିରେ ରଖି ଅର୍ଥନୈତିକ କାର୍ଯ୍ୟକ୍ରମ ଯେପରି ଅବିରତଭାବେ ଜାରି ରହିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଶିଳ୍ପ ସଂସ୍ଥାଗୁଡିକ ନିର୍ବିଘ୍ନରେ ସେମାନଙ୍କ ଉତ୍ପାଦନ ଜାରି ରଖିବା ସହ ପୁଞ୍ଜି ବିନିଯୋଗ କାର୍ଯ୍ୟକାରୀ ପାଇଁ ସମସ୍ତ ଉଦ୍ୟମ ଜାରି ରଖିବାକୁ କହିଛନ୍ତି। ଏହି ଅବସରରେ ନବୀନ ସମସ୍ତ କୋଭିଡ୍ ଯୋଦ୍ଧା ଓ ତାଙ୍କ ପରିବାରକୁ ଦଶହରା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବୈଠକରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର ରାଜ୍ୟରେ କୋଭିଡ୍ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସେ କହିଛନ୍ତି, ସଂକ୍ରମଣ ହ୍ରାସ ଘଟୁଥିବା ସତ୍ତ୍ୱେ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଅଛି। ଦଶହରା ଓ ଦୀପାବଳି ପାଇଁ ଅଧିକ ସତର୍କତାମୂଳକ ପଦକ୍ଷେପ

- ଏକାଧିକ ରୋଗରେ ପୀଡିତ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସାକୁ ଗୁରୁତ୍ୱ
- ଜୀବିକାକୁ ଦୃଷ୍ଟିରେ ରଖି ଅର୍ଥନୈତିକ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ
- କୋଭିଡ୍ ଯୋଦ୍ଧାଙ୍କୁ ଦଶହରା ଶୁଭେଚ୍ଛା ଜଣାଇଲେ

ନିଆଯାଉଛି। ୫ ଜିଲା ଯଥା ଖୋର୍ଦ୍ଧା, କଟକ, ସୁନ୍ଦରଗଡ, ମୟୂରଭଞ୍ଜ ଓ ଅନୁଗୋଳରେ ସକ୍ରିୟ ରୋଗୀ ସଂଖ୍ୟା ହଜାରରୁ ଅଧିକ ରହିଥିବା ସୁରେଶ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ରାଜ୍ୟରେ ସଂକ୍ରମଣ ହାର ୦.୭୧ ପ୍ରତିଶତକୁ ହ୍ରାସ ଘଟିଥିବାବେଳେ ଆରୋଗ୍ୟ ହାର ୯୩ ପ୍ରତିଶତରେ ପହଞ୍ଚିଛି। ଏହା ଜାତୀୟ ହାରଠାରୁ ଅଧିକ। ଆର୍‌ଟି-ପିସିଆର ଟେଷ୍ଟ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଦିଆଯାଉଛି। ସଂକ୍ରମଣ ହାରରେ ହ୍ରାସ ଯୋଗୁ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଉତ୍ସାହିତ ହୋଇ ଅଧିକ ପରିଶ୍ରମ କରି ରୋଗୀସେବା ଜାରି ରଖିଛନ୍ତି। ଅଗଷ୍ଟ ୧୮ପରଠାରୁ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦ ହଜାର ତଳେ ଅଛି। ୧୫,୫୧୫ ରୋଗୀ ବର୍ତ୍ତମାନ ଗୃହ ସଙ୍ଗରୋଧରେ ଅଛନ୍ତି। ପଜିଟିଭି ହାର କମୁଥିବାରୁ ଲୋକେ ଟେଷ୍ଟିଂ ପାଇଁ ଆଗ୍ରହ ଦେଖାଉ ନାହାନ୍ତି। କିନ୍ତୁ ଲକ୍ଷଣ ଥିବା ରୋଗୀଙ୍କୁ ଟେଷ୍ଟିଂ ପାଇଁ ଆଗେଇ ଆସିବାକୁ ସେ ଅନୁରୋଧ କରିଛନ୍ତି। ପୂଜା ସମୟରେ କୋଭିଡ କଟକଣା ପାଳନ ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ପୋଲିସ ଡିଜି ଅଭୟ କହିଛନ୍ତି, ସବୁ ଏସ୍‌ପିଙ୍କ ସହ ଆଲୋଚନା କରି ରଣନୀତି ପ୍ରସ୍ତୁତ ହେବା ସହ ଅଧିକ ପୋଲିସ ମୁତୟନ ପାଇଁ ବନ୍ଦୋବସ୍ତ କରାଯାଇଛି। ସମ୍ବେଦନଶୀଳ ଜିଲା ଉପରେ ସ୍ୱତନ୍ତ୍ର ନଜର ରହିଛି। ବିଭିନ୍ନ ସହରର ପୂଜା କମିଟିକୁ ସଚେତନ କରାଯାଇଥିବା ସେ କହିଛନ୍ତି। ଅନ୍ୟପଟେ ଭୁବନେଶ୍ୱରରେ ସେରୋ ସର୍ଭେ ଶେଷ ହୋଇଥିବାବେଳେ କଟକ ଏବଂ ପୁରୀରେ ଦଶହରା ପରେ ପୁଣି ଆରମ୍ଭ ହେବ। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ।

## କଟକଣା ହଟିଲା: ଚିଲିକାରେ ଚାଲିଲା ଡଙ୍ଗା

**ଖୋର୍ଦ୍ଧା ଅଫିସ,୨୧।୧୦**

ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ ସ୍ୱାଭାବିକ ହୋଇଛି। ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣାକୁ ୭ମାସ ପରେ ବୁଧବାର ହଟାଇ ନିଆଯାଇଛି। ଚିଲିକାରେ ଡଙ୍ଗା ଚଳାଚଳ ଲାଗି ମା' କାଳୀଜାଈ ମୋଟରଚାଳକ ସଂଘ ଦାବି କରିଆସୁଥିଲା। କୋଭିଡ୍ ନିୟମ ପାଳନ ସହ ଡଙ୍ଗା ଚଳାଚଳ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଫଳରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସାନିଟାଇଜ କରିବା ସହ ମାସ୍କ ପିନ୍ଧି ସାମାଜିକ ଦୂରତା ରଖି ପର୍ଯ୍ୟଟକମାନେ ଡଙ୍ଗାରେ ବସି ଚିଲିକାର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିଛନ୍ତି। ତେବେ କରୋନା ସଂକ୍ରମଣକୁ ନଜରରେ ରଖି କାଳୀଜାଈ ପୀଠରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ବଳବତ୍ତର ରହିଛି। ଏଥିଯୋଗୁ ଗତ ମାର୍ଚ୍ଚ ୨୩ ତାରିଖରୁ ମା'ଙ୍କ ଦର୍ଶନ ବନ୍ଦ ରହିଛି। କାଳୀଜାଈ ପୀଠ ଖୋଲିଲେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ମୋଟରଚାଳକ ସଂଘ ସଭାପତି ଶରତ ନାୟକ କହିଛନ୍ତି।

## ସଂକ୍ଷେପରେ

### ୨୬ବର୍ଷ ହେଲା ମାମଲାରେ ଫସିଛନ୍ତି ୪୯ଜଣ

**ସୁଆଣ୍ଡୋ ସେତୁ ନିର୍ମାଣ ଲାଗି କରିଥିଲେ ଆନ୍ଦୋଳନ**

ସାକ୍ଷୀଗୋପାଳ,୨୧।୧୦(ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ସୁଆଣ୍ଡୋ ସହ ଆଖପାଖ ଗ୍ରାମକୁ ରାସ୍ତା ସଂଯୋଗ ନିମନ୍ତେ ଭାର୍ଗବୀ ନଦୀର ସୁଆଣ୍ଡୋ ଗ୍ରାମ ନିକଟରେ ସେତୁ ନିର୍ମାଣ ନିମନ୍ତେ ଆନ୍ଦୋଳନ କରି ଗତ ୨୬ ବର୍ଷହେଲା ମାମଲାରେ ଫସିଛନ୍ତି ୪୯ଜଣ ଅଞ୍ଚଳବାସୀ। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ ୩ଜଣ ମୃତ୍ୟୁବରଣ କରିଥିବା ବେଳେ ଗତ ୧୭ତାରିଖରେ ବଳଙ୍ଗା ଥାନା ପୋଲିସ ପ୍ରହ୍ଲାଦ ବେହେରା, ସୁଶାନ୍ତ ଯେନା, ରବୀନ୍ଦ୍ରନାଥ ବେହେରା, ଈଶ୍ୱର ବେହେରା ଓ ନରହରି ସେଠୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲେ। ଫଳରେ ଏହି ମାମଲାରେ ଫସିଥିବା ୪୯ଜଣ ବୁଧବାର ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ହୋଇ ଜାମିନରେ ଆସଛନ୍ତି। ସୂଚନାଯୋଗ୍ୟ, ସୁଆଣ୍ଡୋ ସେତୁ ସଂଗଠନର ଆବାହକ ଗୋବିନ୍ଦ ମହାପାତ୍ର, ସମ୍ପାଦକ ରତିକାନ୍ତ ମିଶ୍ର, ଧୁଶାସନ ବେହେରା, ମଙ୍ଗୁଳି ମୁରୁଡି ଓ ନକୁଳ ପଲେଇ ପ୍ରମୁଖଙ୍କ ନେତୃତ୍ୱରେ ସତ୍ୟବାଦୀରେ ଶତାଧିକ ସଂଖ୍ୟାରେ ଅଞ୍ଚଳବାସୀ ଆନ୍ଦୋଳନ ଚଳାଇ ରାଜପଥ ଅବରୋଧ କରିଥିଲେ। ସେତେବେଳେ ସତ୍ୟବାଦୀ ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଗିରଫ କରିଥିଲେ। ଜିଆର କେସ ନମ୍ବର ୧୬୮୧/ ୧୯୯୪ ମସିହାରେ ଦଫା ୧୪୩/୨୮୩/୩୪୧/୫୦୬/୧୪୯ ଓ ୭ କ୍ରିମିନିଲ ଆକ୍ଟିଭିଟି ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ସୁଆଣ୍ଡୋରେ ସେତୁ ନିର୍ମାଣ ହୋଇଛି। ମାତ୍ର ଏବେ ବି ସେମାନେ ମାମଲାରେ ଫସି ରହିଛନ୍ତି।

### ଟ୍ରକ୍‌ରୁ ଚାନ୍ଦା ମାଗି ଯୁବକ ଧରାପଡ଼ିଲେ

ବାରଙ୍ଗ,୨୧।୧୦(ଡି.ଏନ୍.ଏ.): ବାରଙ୍ଗ ଥାନା ପୋଲିସ ମଙ୍ଗଳବାର ରାତିରେ ଟ୍ରକ୍ ରୋକି ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ସେ ହେଲେ ଏହି ଥାନା ଅଧୀନ ମୁଣ୍ଡମୁହାଣ ଗ୍ରାମର ବିବୁଲା ରାଉତ। ତାଙ୍କଠାରୁ ଗୋଟି ମୋବାଇଲ ଫୋନ, ଆଦାୟ କରିଥିବା ୫୧୦ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ, ବିବୁଲା ଗତ କିଛି ମାସ ଧରି ବାରଙ୍ଗ ବାଟରେ ଯାଉଥିବା ବାଲି ବୋଝେଇ ଟ୍ରକକୁ ରୋକି ସେମାନଙ୍କଠାରୁ ଜବରଦସ୍ତ ଗାଡ଼ିପିଛା ୩୦ଟଙ୍କା ଆଦାୟ କରିଥାଏ। ମଙ୍ଗଳବାର ରାତିରେ ଓଆର୍୨୧ବି-୮୪୨୭ନଂ ଟ୍ରକ୍‌ଟି ବାଲି ନେଇ ଫୁଲନଖରା ଯାଉଥିବାବେଳେ ମୁଣ୍ଡମୁହାଣ ଛକରେ ବିବୁଲା ଟ୍ରକଟିକୁ ରୋକିଥିଲା। ଟ୍ରକ ଚାଳକ ସାଲୁ ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହ ୩୦ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ସାଲୁ ଭୟରେ ଟଙ୍କା ଦେଇଦେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୬୩/୨୦ରେ ଏକ ମାମଲା ରୁଜୁକରି ମୁଣ୍ଡମୁହାଣ ଛକରୁ ବିବୁଲାକୁ ଗିରଫ କରିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାଁଳା,୨୧।୧୦(ଡି.ଏନ୍.ଏ.): ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଫାଣ୍ଡି ନିକଟସ୍ଥ ଜଗନ୍ନାଥ ବିହାରର ଏକ ଘରରୁ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ହରିରାଜପୁରର ବିରେନ୍ଦ୍ର ମଙ୍ଗରାଜ। ସେ କିଛିବର୍ଷ ହେବ ଜଗନ୍ନାଥ ବିହାରରେ ରହିଆସୁଥିଲେ। ମଙ୍ଗଳବାର ରାତି ୧୦ଟାରେ ମାଆଙ୍କୁ ଖାଇବା ପାଇଁ କହି ବିରେନ୍ଦ୍ର ଛାତ ଉପରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତଳକୁ ନ ଆସିବାରୁ ପରିବାରଲୋକେ ଉପରକୁ ଯାଇଥିବାବେଳେ ଛାତର ଏକ ନିର୍ମାଣାଧୀନ କାନ୍ଥରେ ଥିବା ବାଉଁଶରେ ଗାମୁଛା ବେକରେ ବାନ୍ଧି ଝୁଲୁଥିବାର ଦେଖିଥିଲେ। ଖବରପାଇ ପୋଲିସ ବିରେନ୍ଦ୍ରଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ.୪୪/୨୦ରେ ଏକ ମାମଲା ରୁଜୁ ହୋଇଛି।



୬୧ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ଅବସରରେ ବୁଧବାର କଟକ ପୋଲିସ ମୁଖ୍ୟାଳୟଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ତୋପ ସଲାମୀ ଦିଆଯାଉଛି।

## ୬୧ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ

**କଟକ ଅଫିସ,୨୧।୧୦**

୬୧ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ବୁଧବାର କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୫୯ ଅକ୍ଟୋବର ୨୧ରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ଜଣ ଭାରତୀୟ ସିଆରପିଏଫ ଯବାନ ଚାଇନା ସୈନ୍ୟଙ୍କ ଆକ୍ରମଣରେ ପ୍ରାଣବଳି ଦେଇଥିଲେ। ସେବେଠାରୁ ପ୍ରତିବର୍ଷ ସେମାନଙ୍କ ସ୍ମୃତିରେ ପୋଲିସ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏଥିସହ ରାଜ୍ୟରେ କରୋନାରେ ୪୧ଜଣ ପୋଲିସ ଅଫିସର ମୃତ୍ୟୁବରଣ କରିଛନ୍ତି। ଏହି ଅବସରରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିରେ ପୋଲିସ ଡିଜି ଅଭୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଆରକ୍ଷୀ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଶହୀଦଙ୍କ ଉଦ୍ଦେଶ୍ୟରେ ତୋପସଲାମୀ ଦିଆଯାଇଥିଲା। ୧୯୬୦ ଠାରୁ ଏଯାବତ୍ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ୩୫ହଜାରରୁ ଊର୍ଦ୍ଧ୍ୱ ଯବାନ ଦେଶମାତୃକା ପାଇଁ ପ୍ରାଣବଳି ଦେଇଛନ୍ତି। ୨୦୧୯ ସେପ୍ଟେମ୍ବର ୧ରୁ ୨୦୨୦ ଅଗଷ୍ଟ ୩୧ ମଧ୍ୟରେ ଭାରତର ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଏବଂ ରାଜ୍ୟ ପୋଲିସର ୨୬୫ଜଣ ଶହୀଦ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଓଡିଶାରୁ ହାବିଲଦାର ପ୍ରକାଶ କୁମାର ସାହୁ ଅଛନ୍ତି। ସେ ଏସଓଜି ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ଗତ ସେପ୍ଟେମ୍ବର ୯ରେ ଓଡିଶାରୁ ଏସଓଜିର ଅନ୍ୟ ୨ଜଣ କମାଣ୍ଡୋ ସୁଧୀର କୁମାର ଟୁଡୁ ଓ କମାଣ୍ଡୋ ଦେବାଶିଷ ସେଠୀ ମାଓବାଦୀଙ୍କ ସହ ସଂଗ୍ରାମ କରି ଶହୀଦ ହୋଇଛନ୍ତି। ଏହା କାର୍ଯ୍ୟକ୍ରମରେ ଓଡିଶା ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ନିରାକାରପୁର, ୨୧।୧୦(ଡି.ଏନ୍.ଏ.)**

ନିରାକାରପୁର ଥାନା ଅଧୀନ କେଉଟିଝର ନିକଟରେ ବୁଧବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅଧୀନ ସାହୁପଡା ଗ୍ରାମର ଦଶରଥ ମଙ୍ଗରାଜ। ଏଥିରେ ଅନ୍ୟଜଣେ ବିନାୟକ ଜେନା ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଦଶରଥଙ୍କ ବଡ଼ଭାଇ ପ୍ରଶାନ୍ତ ମଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଦଶରଥ ଓ ବିନାୟକ ଚାନ୍ଦପୁରରୁ ଏକ ନୂଆ ଗାଡ଼ି ଧରି ଘରକୁ ଫେରୁଥିବାବେଳେ ଦ୍ରୁତଗତିରେ ଆସୁଥିବା ନଂ.ଓଆର୦୨ଝଏ ୦୦୫୮ ବିଶିଷ୍ଟ ପଥର ବୋଝେଇ ଟ୍ରକଟି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା।

## 'ନିଜକୁ ପ୍ରଥମେ ଟାଣୁଆ ସଂଗଠକ ଭାବେ ତିଆରି କର'

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ସବୁ ଦଳ ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନକୁ ନେଇ ତତ୍ପରତା ପ୍ରକାଶ କରିବା ସାଙ୍ଗକୁ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। କଂଗ୍ରେସ ମଧ୍ୟ ଦୁଇ ଉପନିର୍ବାଚନ ଲାଗି ପ୍ରାର୍ଥୀ ଦେବା ସାଙ୍ଗକୁ ଲୋକଙ୍କ ସମର୍ଥନ ପାଇଁ ଲାଗିପଡ଼ିଛି। ହେଲେ ଏହାରି ମଧ୍ୟରେ ଦଳର ସଙ୍ଗଠନକୁ ଜିଲା ଓ ବ୍ଲକସ୍ତରରେ ମଜଭୁତ କରି ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ନିକଟରେ ଦଳ ପକ୍ଷରୁ ୩୩ ସାଙ୍ଗଠନିକ ଜିଲା ପାଇଁ ନୂଆ ସଭାପତି ଚୟନ କରାଯାଇଥିବାବେଳେ ସେମାନଙ୍କୁ ନେତୃତ୍ୱର ଗୁରୁମନ୍ତ୍ର ଦେଇଛନ୍ତି ରାଜ୍ୟ ପ୍ରଭାରୀ ଏ ଚେଲ୍ଲା କୁମାର। ବୁଧବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ଏକ ବୈଠକ ବସିଥିଲା। ଏହି ଅବସରରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଚେଲ୍ଲା କୁମାର ନବନିଯୁକ୍ତ ଜିଲା ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ଅଧିକ ଦୃଢ଼ କରିବା ପାଇଁ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଥମେ ଜିଲାସ୍ତରରେ ନିଜକୁ ଟାଣୁଆ ସଙ୍ଗଠକଭାବେ ତିଆରି କର। ସମସ୍ତେ ଦଳକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିପାରିଲେ କଂଗ୍ରେସ ଶାସନ କ୍ଷମତାକୁ ଆସିପାରିବ। ପିସିସି ଓ ଜିଲା ସଭାପତିମାନେ ଦଳର ସମସ୍ତ କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ପହଞ୍ଚାଇ ଲୋକଙ୍କ ବିଶ୍ୱାସଭାଜନ ହେବା ଜରୁରୀ ବୋଲି ସେ କହିଥିଲେ। ଉପନିର୍ବାଚନ ସଂକ୍ରାନ୍ତରେ ଚେଲ୍ଲା କୁମାର କହିଲେ, ନିରବଚ୍ଛିନ୍ନ ପ୍ରତିବଦ୍ଧତାର ସହ କଂଗ୍ରେସର ୨ ପ୍ରାର୍ଥୀଙ୍କୁ ଜିତାଇବାକୁ ସମସ୍ତେ ସାହାଯ୍ୟ, ସହଯୋଗ ଓ ପ୍ରଚାର ପାଇଁ ସମୟ ବାହାର କର। ୨ ମାସରେ ଜିଲା ଓ ବ୍ଲକ ପୁନର୍ଗଠନ କରି ଜନସାଧାରଣଙ୍କ ବହୁବିଧ ସମସ୍ୟା ନେଇ କଂଗ୍ରେସ ଦୃଢ଼ତାର ସହ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ। ୨୦୨୪ରେ ପୁଣି କଂଗ୍ରେସକୁ ସରକାରକୁ ଫେରାଇ ଆଣିବା ଲକ୍ଷ୍ୟରେ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗ କରି ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଲାଗି ପ୍ରତିଶ୍ରୁତିବଦ୍ଧ ହେବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ। ବୈଠକରେ କଂଗ୍ରେସ ନେତା ସ୍ୱର୍ଗତ ଗୁରୁପଦ ନନ୍ଦ ଓ ହରମୋହନ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ଜିଲା ସଭାପତିଙ୍କୁ ନେତୃତ୍ୱର ଗୁରୁମନ୍ତ୍ର ଦେଲେ ଚେଲ୍ଲା କୁମାର




## ଯୁବତୀକୁ ବଞ୍ଚାଇଲେ ୪ ଯୁବକ

**ବାରଙ୍ଗ,୨୧।୧୦(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ସୁଭାଷ ବୋଷ ସେତୁ ଉପରୁ ଡେଇଁ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ବାରଙ୍ଗ ପ୍ରେସ କ୍ଲବର ସଦସ୍ୟ ସୁକାନ୍ତ ବେହେରା ଓ ତାଙ୍କ ସାଥୀ ମଳୟ ପରିଜା, ବାବୁଲି ପରିଡା ଓ ବିବୁଲି ସ୍ୱାଇଁ ସନ୍ଧ୍ୟା ଭ୍ରମଣରେ ଯାଉଥିବାବେଳେ ଜଣେ ଯୁବତୀ ସେତୁ ଉପରେ ଏକ ସ୍କୁଟି ରଖି ବାଡା ଉପରକୁ ଚଢ଼ି ଡେଇଁବାକୁ ଉଦ୍ୟମ କରୁଥିବା ଦେଖି କାବୁ କରିଥିଲେ। ପୋଲିସ ଯୁବତୀଙ୍କୁ ଥାନାକୁ ନେଇ ପରିବାର ଲୋକଙ୍କୁ ଖବର ଦେଇଥିବା ଜଣାପଡିଛି।

## ଆଚରଣ ବିଧି ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ ଦାବି କଲେ ବିରୋଧୀ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ଦଳ ମଧ୍ୟରେ ତତ୍ପରତା ସେତିକି ବଢ଼ିବାରେ ଲାଗିଛି। ଏ ପରିସ୍ଥିତିରେ ଶାସକ ବିଜେଡି ନିଜ ପ୍ରଚାର କାର୍ଯ୍ୟକ୍ରମରେ ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ କରି ଉଭୟ କଂଗ୍ରେସ ଓ ଭାଜପା ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୁଇ ଦଳ ନିବେଦନ କରିଛନ୍ତି।

କଂଗ୍ରେସର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତର କୀର୍ତ୍ତନପୁର ଗ୍ରାମର ଏକ ସରକାରୀ ଘରକୁ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ କରି ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି।

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲେ

ସେହିପରି ଭାଜପା ଅଭିଯୋଗ କରିଛି ଯେ, ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳକୁ ଖୋଦ୍ ବିଜେଡି ମନ୍ତ୍ରୀ ଓ ବିଧାୟକମାନେ ଅପବ୍ୟବହାର କରୁଛନ୍ତି। ସେମାନେ ବାଲେଶ୍ୱରରେ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରିଚାଲିଛନ୍ତି। ସରକାରୀ ସୁବିଧା ଓ ଅର୍ଥ ଲୋଭ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ଏ ସଂକ୍ରାନ୍ତରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡି କିପରି ସରକାରୀ କଳ ଲଗାଇ ରାସ୍ତା, ନଳକୂପ ଖନନ କରିବା ସହ ନେସ୍କୋ ସହାୟତାରେ ନୂଆ ଖୁଣ୍ଟ ପକାଇ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ ଚଳାଇଛି ସେନେଇ ବିଭିନ୍ନ ଫଟୋ ଓ ଭିଡିଓ ଦେଖାଇଛି। ଏହାର ନିରପେକ୍ଷ ତଦନ୍ତ କରି ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାସହ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି।

## ୧୦୦ ବର୍ଷ ପଛକୁ ଫେରିଗଲା କଟକ ଦଶହରା

**କଟକଣା ଭିତରେ ହଜିଗଲା ପୁରୁଣା ପରମ୍ପରା। ଯାହା ସହରର ପୁରୁଖା ତଥା ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ କେବେ ଦେଖି ନ ଥିଲେ, ତାହା ଚଳିତବର୍ଷ ଦେଖିବାକୁ ମିଳିଛି। ବିଭିନ୍ନ ମଣ୍ଡପରେ ମା'ଙ୍କ ଆରାଧନା ପାଇଁ ପ୍ରସ୍ତୁତି ହେଲାଣି, ହେଲେ ଆକର୍ଷଣୀୟ ସାଜସଜ୍ଜା ନ ଥିବାବେଳେ ବିଶେଷ ଉତ୍ସାହ କିମ୍ବା ସରସ ପରିଲକ୍ଷିତ ହେଉନାହିଁ। ମୃଣ୍ମୟୀ ପ୍ରତିମା ଉପରେ ସୁନା ଚାନ୍ଦି ନୁହେଁ, ରହିବ ମାଟି ତିଆରି ଶାଢ଼ି ଆଉ ଅଳଙ୍କାର। ତେଣୁ ଏଥର କଟକୀ ଦଶହରା ୧୦୦ ବର୍ଷ ପଛକୁ ଫେରିଗଲା ବୋଲି ଅନେକଙ୍କ ମତ..।**

**କଟକ ଅଫିସ,୨୧।୧୦**



ରୌପ୍ୟ ନଗରୀରେ ଏଥର ଚାନ୍ଦିମେଢ଼ ଝଲସିବା କଷ୍ଟକର। ମୂର୍ତ୍ତିରେ ଶେଷ ସ୍ପର୍ଶ ଦିଆଯିବା ସହ ସବୁ କାର୍ଯ୍ୟ କୋଭିଡ୍ କଟକଣାକୁ ମାନି କରାଯାଉଛି। ପୂର୍ବରୁ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ବେଶଭୂଷା ବେଶ୍ ଆକର୍ଷଣୀୟ ହୁଏ। ମାଟିର ପ୍ରତିମା ଉପରେ ଶାଢ଼ି ପିନ୍ଧାଯାଏ। ସୁନା, ରୁପା, ଚାନ୍ଦି ଅଳଙ୍କାର ଏଥିରେ ଖଞ୍ଜାଯାଏ। ଯାହା ପାଇଁ କଟକର ଦଶହରା ପ୍ରସିଦ୍ଧି ହାସଲ କରିଛି। ହେଲେ ଏଥର କରୋନା କଟକଣା ପାଇଁ ସବୁ ଫିକା। ଅଧିକାଂଶ ମଣ୍ଡପରେ ମାଟିରେ ଶାଢ଼ି, ଅଳଙ୍କାର ତିଆରି କରାଯାଇ ଦେବୀଙ୍କୁ ଆଭୂଷିତ କରାଯାଉଛି।

୧୯୮୪ରୁ ବିଶ୍ୱକର୍ମା ଦାୟିତ୍ୱ ତୁଲାଇ ଆସୁଛନ୍ତି ସାଲେପୁର ବ୍ଲକ ମୋହନାପୁର ଗ୍ରାମର କୁନୁ ବେହେରା। ସେ ରାଣୀହାଟ, ଚାନ୍ଦିନୀଚୌକ, ମାନସିଂପାଟଣା ଓ ରାଣୀହାଟ ମାଳିସାହିରେ ମେଢ ନିର୍ମାଣ କରନ୍ତି। କୁନୁଙ୍କ କହିବା ମୁତାବକ, ଖଡ଼ମାଠାରୁ ମୂର୍ତ୍ତି ୬ରୁ ୭ଫୁଟ ପର୍ଯ୍ୟନ୍ତ କରାଯାଏ। ରାଣୀହାଟ ମାଳିସାହି ମଣ୍ଡପରେ ମୂର୍ତ୍ତି ଖଡ଼ମାଠାରୁ ୧୦ରୁ ୧୧ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ। ହେଲେ ଏଥର ମୂର୍ତ୍ତି ଛୋଟ ଆକାର କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା, ପୂର୍ବରୁ ମା'ଙ୍କ ମୁଖ ଯେଉଁଭଳି ଆକର୍ଷଣୀୟ କରାଯାଉଥିଲା ତାହା ଏବର୍ଷ ହୋଇପାରିନାହିଁ। ଚାନ୍ଦିନୀଚୌକ ଦୁର୍ଗାମଣ୍ଡପରେ ଏକ ନିଜସ୍ୱ ପରମ୍ପରା ରହିଛି। ଏଠାରେ ମା'ଙ୍କ ମୁଖ ତିଆରି କରିବା ପାଇଁ ସ୍ୱତନ୍ତ୍ର ମୁଖା ବ୍ୟବହାର କରାଯାଏ। ଏହାକୁ ରାଜାଘର ମୁଖା କୁହାଯାଏ। ଶେଖ୍‌ବଜାରର ଜଣେ ବ୍ୟକ୍ତିଙ୍କ ଘରେ ଏହି ମୁଖା ପୂଜା ପାଏ। ପ୍ରତିବର୍ଷ ଦଶହରା ସମୟରେ ଏହାକୁ ଅଣାଯାଇ ମା'ଙ୍କ ମୁଖ ତିଆରି କରାଯାଏ। ରାଜାରାଜୁଡ଼ା ଅମଳରୁ ଏହି ମୁଖା ବ୍ୟବହାର ହୋଇଆସୁଥିବା ଲୋକଶ୍ରୁତି ରହିଛି। କିନ୍ତୁ ଚଳିତବର୍ଷ ଏହି ପରମ୍ପରା ବ୍ୟାହତ ହୋଇଛି। ପ୍ରଥମ ଥର ପାଇଁ ରାଜାଘର ମୁଖା ବ୍ୟବହାର ହୋଇ ନାହିଁ। କୁନୁ ଏକ ଛୋଟ ମୁଖା ତିଆରି କରିଛନ୍ତି। ହେଲେ ଏହା ପୂର୍ବଭଳି ଚମକପ୍ରଦ ହେବ କି ନାହିଁ ତାହା କହିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଉଛି ସୁନା, ରୁପା ଓ ଚାନ୍ଦି ଅଳଙ୍କାର ହିଁ କଟକ ଦଶହରାକୁ ଗୌରବାନ୍ୱିତ କରିଛି। ହେଲେ ଏଥର ଦେବୀ ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବାଦେବୀ ମଧ୍ୟ ମାଟିର ଅଳଙ୍କାର ପରିଧାନ କରିବେ। ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ସଭାପତି ପ୍ରତାପ କିଶୋର ସିଂ କହିଛନ୍ତି, ସମସ୍ତ ରୀତିନୀତିକୁ ଭାଙ୍ଗି ଚଳିତବର୍ଷର ଦଶହରା ପାଇଁ ପ୍ରସ୍ତୁତି ଚାଲିଛି। ମୁଖା ବ୍ୟବହାର ନ କରିବା ଆମ ପାଇଁ କଷ୍ଟଦାୟକ। ତଥାପି ଦୁର୍ଗାପୂଜା ହେବ। ମୁଖା ମଧ୍ୟ ପୂଜା ପାଇବେ। ତେବେ କଟକ ଦଶହରା ପ୍ରାୟ ଶହେ ବର୍ଷ ପଛକୁ ଫେରିଗଲା ବୋଲି କୁହାଯାଇପାରେ।

### ପ୍ରଥମ ଥର ପାଇଁ ବ୍ୟବହାର ହୋଇନି ରାଜାଘର ମୁଖା

## ୩୦ ହଜାର କୋଟି ପଇଠ କରିବ ଭିଡିଓକନ୍ ଗ୍ରୁପ୍

ବର୍ତ୍ତମାନ ଭିଡିଓକନ୍ ଗ୍ରୁପ୍ ଇନ୍‌ସଲଭେନ୍ସି ମାମଲାର ସମ୍ମୁଖୀନ ହୋଇଛି। ବ୍ୟାଙ୍କଗୁଡ଼ିକୁ ୩୦ ହଜାର କୋଟି ଟଙ୍କାର ଋଣ ପଇଠ କରିବା ଲାଗି କମ୍ପାନୀ ପ୍ରତିଷ୍ଠାତାଙ୍କ ପରିବାର ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଭିଡିଓକନ୍ ଗ୍ରୁପ୍‌ର ୧୩ କମ୍ପାନୀ ବିରୋଧରେ ବର୍ତ୍ତମାନ ଦେବାଳିଆ ପ୍ରକ୍ରିୟା ଚାଲିଥିବା ବେଳେ ଋଣ ପଇଠ କରି କମ୍ପାନୀଗୁଡ଼ିକୁ ଏହି ପ୍ରକ୍ରିୟାରୁ ବାହାରକୁ ଆଣିବା ଲାଗି ବେଣୁଗୋପାଳ ଧୂତଙ୍କ ପରିବାର ପ୍ରୟାସ କରିଛି। ଏ ସଂକ୍ରାନ୍ତ ପ୍ରସ୍ତାବକୁ କମିଟି ଅଫ୍ କ୍ରେଡିଟର(ସିଓସି) ନିକଟକୁ ପଠାଯାଇଥିବା ଗ୍ରୁପ୍‌ର ପ୍ରତିଷ୍ଠାତା ଧୂତ୍ କହିଛନ୍ତି।

# ଇ-କମର୍ସରେ ପାର୍ବଣ ବିକ୍ରି ୨୨ ହଜାର କୋଟି

ନୂଆଦିଲ୍ଲୀ,୨୧।୧୦



ପାର୍ବଣ ଉପଲକ୍ଷେ ବିଭିନ୍ନ ଇ-କମର୍ସ କମ୍ପାନୀରେ ସେଲ୍ ଜାରି ରହିଛି। ଗତ ୫ଦିନରେ କମ୍ପାନୀଗୁଡ଼ିକ ୨୨ ହଜାର କୋଟି ଟଙ୍କାର ସାମଗ୍ରୀ ବିକ୍ରି କରିଥିବା ରେଡସିର କନ୍‌ସଲଟିଂ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟ ପୂଜା ସେଲ୍‌ରେ ଆମାଜନ, ଫ୍ଲିପ୍‌କାର୍ଟ,ସ୍ନାପ୍‌ଡିଲ ଏବଂ ମିନ୍ତ୍ରା ଭଳି ଅନ୍ୟ କମ୍ପାନୀ ପ୍ରାୟ ୨୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର କରିବେ ବୋଲି ଆକଳନ କରାଯାଇଛି। ଗତ ବର୍ଷ କଥା ତୁଳନା କଲେ ଚଳିତ ବର୍ଷ ଫେଷ୍ଟିଭ ସେଲ୍‌ର ପ୍ରାରମ୍ଭିକ କିଛିଦିନ କାରବାରକୁ ଜୋର୍‌ଦାର ରେସ୍‌ପନ୍ସ ମିଳିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଅନ୍‌ଲାଇନରେ ବିକ୍ରି ଅଭିବୃଦ୍ଧି ଜୋର୍‌ଦାର ହେଉଥିବା ଏଥିରୁ ଅନୁମାନ କରିହେବ। ଏହି ସମୟରେ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ଭଲ ଅଫର ଦେଉଛନ୍ତି। ଟିୟର-୨ ସହରଗୁଡ଼ିକରେ ମୋବାଇଲ ଫୋନ ଅର୍ଡର ଉନ୍ନତ ରହିଛି। ଲକ୍‌ଡାଉନ ପରେ ଏହି ବର୍ଗରେ ଲୋକମାନେ ବେଶି ଅର୍ଡର କରୁଥିବା ନଜରକୁ ଆସିଛି। ଚଳିତ ବର୍ଷ ଫ୍ଲିପ୍‌କାର୍ଟର ବିଗ୍ ବିଲିୟନ ଡେଜ ଅକ୍ଟୋବର ୧୬ରୁ ୨୧ ଯାଏ ରହିଥିବା ବେଳେ ମିନ୍ତ୍ରାର ବିଗ୍ ଫ୍ୟାଶନ ଫେଷ୍ଟିଭାଲ ଅକ୍ଟୋବର ୧୬ରୁ ୨୨ଯାଏ ଉପଲବ୍ଧ।

ସେହିଭଳି ଆମାଜନର ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ଅକ୍ଟୋବର ୧୭ରୁ ଆରମ୍ଭ ହୋଇଛି। ଏହା ପ୍ରାୟ ମାସେ ଯାଏ ଚାଲିବ। ଆମାଜନ ପ୍ଲାଟ୍‌ଫର୍ମରେ ୧.୧ ଲକ୍ଷ ସେଲର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏମାନେ ୨୪ ଘଣ୍ଟା ଅର୍ଡର ଲାଭ କରୁଛନ୍ତି। ଛୋଟ ଛୋଟ ସହରରେ ଏହି ସେଲରମାନେ ରହିଥିବା କମ୍ପାନୀ ସୂଚନା ଦେଇଛି। କମ୍ପାନୀଗୁଡ଼ିକ କେତେ ସଂଖ୍ୟକ ଅର୍ଡର ଲାଭ କରିଛନ୍ତି ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପାର୍ବଣରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର ହେବା ନେଇ ଆକଳନ କରାଯାଇଛି। ସେହିଭଳି ସ୍ନାପ୍‌ଡିଲର ଫେଷ୍ଟିଭ ସିଜନ ଚଳିତ ମାସ ୨୦ ତାରିଖ ଯାଏ ଉପଲବ୍ଧ ରହିଥିଲା।

## ସଂକ୍ଷେପରେ

### ଶୀଘ୍ର ଫେରିବ ଆର୍ଥିକ ସ୍ଥିତାବସ୍ଥା: ଶକ୍ତିକାନ୍ତ



**ମୁମ୍ବାଇ,୨୧।୧୦:** କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ନେଇ ରିଜର୍ଭ ବ୍ୟାଙ୍କ ଗର୍ଭନର ଶକ୍ତିକାନ୍ତ ଦାସ ବୁଧବାର ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଆର୍ଥିକ ସ୍ଥିତାବସ୍ଥା ଶୀଘ୍ର ଫେରିବ। ଭାରତ ଏହାର ଦ୍ୱାରଦେଶରେ ରହିଛି। କୋଭିଡ୍-୧୯ ଚ୍ୟାଲେଞ୍ଜକୁ ନୀତି ନିର୍ଦ୍ଧାରକମାନେ ସଫଳ ଭାବେ ସାମ୍ନା କରିବାକୁ ସକ୍ଷମ ହେବେ। ମହାମାରୀ ଗଲା ପରେ ସରକାର ବିତ୍ତୀୟ ରୋଡ୍‌ମ୍ୟାପ୍ ପୁଣି ଥରେ ପ୍ରସ୍ତୁତ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ବ୍ୟାଙ୍କ ଏବଂ ଅଣ ବିତ୍ତ ଫାଇନାନ୍ସ କମ୍ପାନୀଗୁଡ଼ିକ ବର୍ତ୍ତମାନ ସମସ୍ୟା ସାମ୍ନା କରୁଛନ୍ତି। ଏଥି ଲାଗି ପୁଞ୍ଜି ଉପଲବ୍ଧ କରାଇବା ଉପରେ ଶକ୍ତିକାନ୍ତ ଗୁରୁତ୍ୱାରୋପ କରିଛନ୍ତି।

### ୫ଜି ପାଇଁ ଜିଓ-କ୍ୱାଲ୍‌କମ୍ ମିଳିତ ଉଦ୍ୟମ

**ମୁମ୍ବାଇ,୨୧।୧୦:** କ୍ୱାଲ୍‌କମ୍ ଟେକ୍ନୋଲୋଜିସ ଓ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜିଓ) ତଥା ଏହାର ସମ୍ପୂର୍ଣ୍ଣ ଅଧିକୃତ ସହଯୋଗୀ ସଂସ୍ଥା ରାଡିସିସ କର୍ପୋରେଶନ ଚୁକ୍ତିରେ ସାମିଲ ହୋଇଛନ୍ତି। ଭର୍ଚୁଆଲାଇଜଡ୍ ଆର୍‌ଏଏନ୍ ସହିତ ୫ଜି ସଲ୍ୟୁସନ ଭିତ୍ତିକ ଏକ ଓପନ ଓ ଇଣ୍ଟରଅପରେବଲ ଇଣ୍ଟରଫେସ୍ ସମ୍ବଳିତ ବ୍ୟବସ୍ଥାର ବିକଶିତ କରିବା ଲାଗି ଏଭଳି ବ୍ୟବସ୍ଥା ହାତକୁ ନିଆଯାଇଛି। ଭାରତରେ ସ୍ୱଦେଶୀ ୫ଜି ନେଟ୍‌ୱର୍କ ଭିତ୍ତିଭୂମି ଓ ସେବା ବିକଶିତ କରିବା ତଥା ପ୍ରଚଳନ ଆରମ୍ଭ କରିବା ହେଉଛି ଏହି କାର୍ଯ୍ୟର ଉଦ୍ଦେଶ୍ୟ। କ୍ୱାଲ୍‌କମ ୫ଜି ଆର୍‌ଏଏନ୍ ପ୍ଲାଟ୍‌ଫର୍ମକୁ ଉପଯୋଗ କରି ଜିଓ ୫ଜି ଏନ୍‌ଆର୍ ସଲ୍ୟୁସନରେ ସେକେଣ୍ଡ ପ୍ରତି ଏକ ଗିଗାବାଇଟ (୧ଜିବିପିଏସ୍)ରୁ ଅଧିକ ସ୍ପିଡ୍ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ଜିଓର ୫ଜି ଅଭିଜ୍ଞତା ଓ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ସହିତ ଗିଗାବାଇଟ ୫ଜି ଏନ୍‌ଆର୍ ଉତ୍ପାଦ ପୋର୍ଟଫୋଲିଓ କ୍ଷେତ୍ରରେ ସହାୟକ ହେବ। ୫ଜି ପ୍ରଯୁକ୍ତି ଜରିଆରେ ୟୁଜର ୫ଜି ଭିତ୍ତିକ ସ୍ମାର୍ଟଫୋନରୁ ଆରମ୍ଭ କରି ଏଣ୍ଟରପ୍ରାଇଜ ଲାପ୍‌ଟପ୍ ପର୍ଯ୍ୟନ୍ତ ଓ ଏଆର୍-ଭିଆର୍ ଉତ୍ପାଦରୁ ଆରମ୍ଭ କରି ଭର୍ଟିକାଲ ଆଇଇଟି ସମାଧାନ ଆଦିରେ ଉନ୍ନତ ଡିଜିଟାଲ ଅନୁଭୂତି ପାଇପାରିବେ।

### ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି ଏମ୍‌ଏଫ୍‌ଆଇ

**ଭୁବନେଶ୍ୱର,୨୧।୧୦:** ଋଣ ଜରିଆରେ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ମାଇକ୍ରୋଫାଇନାନ୍ସ ସଂସ୍ଥା(ଏମ୍‌ଏଫ୍‌ଆଇ)ଗୁଡ଼ିକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ଏହି ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ବନ୍ଧକହୀନ ଋଣ ଯୋଗାଇଦେଇ ନିମ୍ନ ଆୟକାରୀ ବ୍ୟକ୍ତିବିଶେଷଙ୍କ ଜୀବନରେ ବ୍ୟାପକ ଉନ୍ନତି ଆଣୁଛନ୍ତି। ସେହିପରି ଏହା ମଧ୍ୟ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ଜରୁରୀ ପୁଞ୍ଜି ଯୋଗାଉଛନ୍ତି। କ୍ଷୁଦ୍ର ଓ ମଧ୍ୟମ ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇଗୁଡ଼ିକ ଜୀବିକା ନିର୍ମାଣ ଏବଂ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ବିଶେଷ ଯୋଗଦାନ ରଖୁଛନ୍ତି। କ୍ଷୁଦ୍ର ଓ ମଧ୍ୟମ ଏମ୍‌ଏଫ୍‌ଆଇଗୁଡ଼ିକ ସେମାନଙ୍କର ବ୍ୟାପକ ପହଞ୍ଚ ଜରିଆରେ ବିଓପି ଋଣ ଗ୍ରହୀତାଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏ ସମ୍ପର୍କରେ ଜାଗରଣ ମାଇକ୍ରୋଫିନ୍‌ର ସିଇଓ ଜୟଦୀପ ଘୋଷ କହିଛନ୍ତି, ଡିଜାଇନ ଦୃଷ୍ଟିରୁ କ୍ଷୁଦ୍ର ଓ ମଧ୍ୟମ ଏମ୍‌ଏଫ୍‌ଆଇଗୁଡ଼ିକ ଗ୍ରାମୀଣ ଭାରତରେ ସମ୍ମୁଖୀନ ହେଉଥିବା ଆହ୍ୱାନମୂଳକ ପରିସ୍ଥିତି ସମ୍ପର୍କରେ ଅଧିକ ଅବଗତ ଅଛନ୍ତି। ସବୁ ପରିସ୍ଥିତି ଓ ସମସ୍ୟା ସତ୍ତ୍ୱେ ବିଭିନ୍ନ ଏମ୍‌ଏଫ୍‌ଆଇ ଗ୍ରାହକଙ୍କ ସୁବିଧା ପାଇଁ ସେବା ସ୍ତର ଏବଂ ଉତ୍ପାଦରେ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ସେ ମତ ଦେଇଛନ୍ତି। ବର୍ତ୍ତମାନ ସାରା ଦେଶରେ ମୋଟ ୩୨ ଟି କ୍ଷୁଦ୍ର ଓ ମଧ୍ୟମ ଏମ୍‌ଏଫ୍‌ଆଇ ୩୩ ଲକ୍ଷ ଋଣୀଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେଉଛନ୍ତି। ୨୦୨୦ ଜୁନ ୩୦ ସୁଦ୍ଧା ମୋଟ ୬୪୨୩ କୋଟି ଟଙ୍କାର ଋଣ କାରବାର କରାଯାଇଛି ବୋଲି ସୂଚନା ମିଳିଛି।

# କିଆ ସେଲ୍‌ଟସ୍‌ର ଆନିଭରସାରି ଏଡିଶନ



**ନୂଆଦିଲ୍ଲୀ,୨୧।୧୦:** କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ଏହାର କିଆ ସେଲ୍‌ଟସ୍ ଆନିଭରସାରି ଏଡିଶନକୁ ଭାରତ ବଜାରରେ ପ୍ରବେଶ କରାଯାଇଛି। ଏହି ନୂତନ ମଡେଲର ଲମ୍ବରେ ପୂର୍ବାପେକ୍ଷା ୬୦ ମି.ମି. ବୃଦ୍ଧି କରାଯାଇଛି। କିଆ ସେଲ୍‌ଟସ୍‌ର ସ୍ୱତନ୍ତ୍ର ଏଡିଶନ ଏକ୍ସ୍‌ଟିଏକ୍ସ ଟ୍ରିମର ଲିମିଟେଡ୍ ଷ୍ଟକ୍ ୬୦୦୦ ୟୁନିଟ ମଧ୍ୟ ବଜାରରେ ଉପଲବ୍ଧ ହେବ। ଏଥିରେ ରିମୋଟ ଇଞ୍ଜିନ ଷ୍ଟାର୍ଟ ମାନୁଆଲ ଟ୍ରାନ୍ସମିଶନ ବୈଶିଷ୍ଟ୍ୟ ସହ ୧୭ ଇଞ୍ଚର କିଆ ଲୋଗୋ ମଧ୍ୟ ରହିଛି। ଏହା ସହିତ ସିଲଭର ଡିଫ୍ୟୁଜର ଫିନ୍, ରାଭେନ ବ୍ଲାକ୍ ରିୟର ସ୍କିଡ୍ ପ୍ଲେଟ୍, ଟାଞ୍ଜରାଇନ ଫଗ୍ ଲ୍ୟାମ୍ପ ବେଜେଲ, ଟାଞ୍ଜରାଇନ ଡୁଆଲ ମଫଲର ଡିଜାଇନିଂ, ସାଇଡ୍ ସିଲ୍ ଭଳି ବୈଶିଷ୍ଟ୍ୟ ରହିଛି। ଏହାର ସ୍ମାର୍ଟଷ୍ଟ୍ରିମ ପେଟ୍ରୋଲ ୧.୫ ର ୬-ସ୍ପିଡ୍ ମାନୁଆଲ ଯଥାକ୍ରମେ ୬-ଏମ୍‌ଟି ଏବଂ ଆଇଭି-ଟି ଭ୍ୟାରିଆଣ୍ଟରେ ଉପଲବ୍ଧ। ଏହାର ମୂଲ୍ୟ ଯଥାକ୍ରମେ ୧୩,୭୫,୦୦୦ ଟଙ୍କା ଏବଂ ୧୪,୭୫,୦୦୦ ଟଙ୍କା ରହିଛି। ସେହିପରି ଡିଜେଲ ୧.୫ ର ୬-ସ୍ପିଡ୍ ମାନୁଆଲ ସିଆର୍‌ଡିଆଇ-ଭିଜିଟି ୬-ଏମ୍‌ଟି ଭାରିଆଣ୍ଟରେ ଉପଲବ୍ଧ । ଏହାର ମୂଲ୍ୟ ୧୪,୮୫,୦୦୦ ଟଙ୍କା ରଖାଯାଇଛି। ଏହା ଗୋଟିଏ ମନୋଟୋନ ଏବଂ ୩ ଟି ଡୁଆଲ ଟେନ ମୋଟ ୪ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି। କିଆ ଏକ୍ସ୍‌ଟିଏକ୍ସ ଟ୍ରିମରର ପ୍ରାରମ୍ଭିକ ମୂଲ୍ୟ ୧୩,୭୫,୦୦୦ ଟଙ୍କା ରହିଛି। ଏ ସମ୍ପର୍କରେ କିଆ ମୋଟର୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ କୁକ୍ଷୁନ ଶିମ କହିଥିଲେ, ନୂଆ ମଡେଲ ମଧ୍ୟ ବଜାରରେ ଭଲ କାରବାର କରିବ ବୋଲି ଆମର ଆଶା।

# ଏସ୍‌ବିଆଇ ପ୍ରିମିୟମ ଗୃହଋଣରେ ରିହାତି

ମୁମ୍ବାଇ,୨୧।୧୦

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ପ୍ରିମିୟମ ହୋମ୍‌ଲୋନ୍ କ୍ଷେତ୍ରରେ ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବର୍ଗରେ ବ୍ୟାଙ୍କ ପକ୍ଷରୁ ୨୫ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ରିହାତି ଲୋକଙ୍କୁ ମିଳିପାରିବ। ୭୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଉପରେ ଏହା ଲାଗୁ ହେବ। ଏଥିଲାଗି ବ୍ୟାଙ୍କର ଡିଜିଟାଲ ପ୍ଲାଟ୍‌ଫର୍ମ ୟୁନୋରେ ଆବେଦନ କରିବାକୁ ପଡ଼ିବ। ଗ୍ରାହକଙ୍କର ସିବିଲ ସ୍କୋର ଉନ୍ନତ ରହିଥିବା ଆବଶ୍ୟକ। ନିକଟରେ ବ୍ୟାଙ୍କ ପକ୍ଷରୁ ପାର୍ବଣ ଅଫର ଘୋଷଣା କରାଯାଇଥିଲା। ଏଥିରେ କ୍ରେଡିଟ ସ୍କୋର ଭିତ୍ତିକ ରିହାତି ସୁବିଧାକୁ ୨୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ୧୦ ବେସିସ୍ ପଏଣ୍ଟ ରହିଥିଲା। ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ୨ କୋଟି ମଧ୍ୟରେ ଋଣ ପାଇଁ ଏହା ଲାଗୁ ହେବ ବୋଲି କୁହାଯାଇଛି। ୮ ମେଟ୍ରୋ ସହରରେ ୩ କୋଟି ଟଙ୍କା ପର୍ଯ୍ୟନ୍ତ ହୋମ୍ ଲୋନ୍‌ରେ ଏଭଳି ରିହାତି ଲାଗୁ ହେବ। ୟୁନୋ ସହାୟତାରେ ଆବେଦନ କଲେ ଅତିରିକ୍ତ ୫ ବେସିସ୍ ପଏଣ୍ଟ ରିହାତି ମିଳିପାରିବ। ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ବ୍ୟାଙ୍କ ୬.୯୦ ପର୍ଯ୍ୟନ୍ତ ସୁଧହାର ରଖିଛି। ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଉପରେ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁଧ ଲାଗୁ ହେଉଛି। ଏଭଳି ବିଭିନ୍ନ ପଦକ୍ଷେପ ଦ୍ୱାରା ଗ୍ରାହକ ଲାଭବାନ ହୋଇପାରିବେ ବୋଲି ଆଶା ରହିଥିବା ବ୍ୟାଙ୍କର ଏମ୍‌ଡି ସି.ଏସ୍.ସେଟ୍ଟୀ ସୂଚନା ଦେଇଛନ୍ତି।

## ପିଆଜ ଆମଦାନୀ କଟକଣା କୋହଳ ହେଲା



**ନୂଆଦିଲ୍ଲୀ,୨୧।୧୦:** କେନ୍ଦ୍ର ସରକାର ପିଆଜ ଆମଦାନୀ ଉପରେ ରହିଥିବା କଟକଣାକୁ କୋହଳ କରିଛନ୍ତି। ଡିସେମ୍ବର ୧୫ ଯାଏ ଏହି ନିୟମ କୋହଳ କରାଯାଇଛି। ଘରୋଇ ବଜାରକୁ ପିଆଜ କିଭଳି ଶୀଘ୍ର ଆସିପାରିବ ତା' ଉପରେ ଧ୍ୟାନ ରଖାଯାଇଛି। ଏହା ହେଲେ ଘରୋଇ ବଜାରରେ ଯୋଗାଣ ଉନ୍ନତ ହେବା ସହ ରିଟେଲ ମୂଲ୍ୟକୁ ନିୟନ୍ତ୍ରଣ କରିବା ଦିଗରେ ସହାୟକ ହେବ ବୋଲି କୁହାଯାଉଛି। ସେହିଭଳି ଗଚ୍ଛିତ ରହିଥିବା ପିଆଜରୁ ବଜାରକୁ ଅଧିକ ପରିମାଣରେ ବଜାରକୁ ଛାଡ଼ିବା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଧ୍ୟାନ ରଖାଯାଇଛି। ଏହାଦ୍ୱାରା ଖୋଲାବଜାରର ଦର ନିୟନ୍ତ୍ରଣ କରାଯାଇପାରିବ। ଖରିଫ ଋତୁରେ ଉତ୍ପାଦନ ହୋଇଥିବା ପ୍ରାୟ ୩୭ ଲକ୍ଷ ଟନ୍ ପିଆଜ ଶୀଘ୍ର ମଣ୍ଡିକୁ ଆସିବା ନେଇ ଅନୁମାନ କରାଯାଇଛି। ଏହା ହେଲେ ବଜାରର ଚଢ଼ା ଦରକୁ ନିୟନ୍ତ୍ରଣ କରିବା ଦିଗରେ ଏହା ସହାୟକ ହୋଇପାରିବ।

# ସାମ୍‌ସଙ୍ଗ୍‌ର ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୧।୧୦:** ଦେଶର ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ୍ ପକ୍ଷରୁ ଫ୍ଲିପ୍‌କାର୍ଟ ବିଗ୍ ବିଲିୟନ୍ ଡେଜ ଏବଂ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ କାର୍ଯ୍ୟକ୍ରମ ଜରିଆରେ ସାମ୍‌ସଙ୍ଗ୍ ଟିଭି ଓ ଡିଜିଟାଲ ଆପ୍ଲାଏନ୍ସଗୁଡ଼ିକ ଉପରେ ମେଗା ଡିଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଗ୍ୟାଲାକ୍ସି ନୋଟ୍ ୧୦ ଲାଇଟ ଭଳି ନିଶ୍ଚିତ ଉପହାର ସମେତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍,ଏକ୍ସଚେଞ୍ଜ ଅଫର ଏବଂ ୮୦୫ ଟଙ୍କାରୁ ଆରମ୍ଭ ହେଉଥିବା ସର୍ବନିମ୍ନ ଅଫର ସହ ୨୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସୁବିଧା କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି ବୋଲି ସାମ୍‌ସଙ୍ଗ୍ ଇଣ୍ଡିଆ ପକ୍ଷରୁ ସୂଚନା ରହିଛି।

# ଜେଏସ୍‌ପିଏଲ୍ ରେଲ୍‌କୁ ରେଲୱେର ଅନୁମୋଦନ



**ଭୁବନେଶ୍ୱର,୨୧।୧୦:** ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ ପ୍ରସ୍ତୁତ ଗ୍ରେଡ୍ ରେଲ୍‌କୁ ଭାରତୀୟ ରେଳପଥର ଅନୁମୋଦନ ମିଳିଛି। କମ୍ପାନୀ ହାଇ ଏକ୍ସେଲ ଲୋଡ୍ ପ୍ରୟୋଗ ଲାଗି ୬୦ଇ୧ ୧୧୭୫ ହିଟ୍ ଟ୍ରିଟେଡ୍ ରେଲ୍‌ର ସଫଳତା ସହ ବିକଶିତ କରିଛି। ଭାରତୀୟ ରେଳପଥକୁ ବାର୍ଷିକ ୧.୮ ଲକ୍ଷ ମେଟ୍ରିକ ଟନ୍ ଏହି ବର୍ଗର ରେଲ ଆବଶ୍ୟକ ହୋଇଥାଏ। ୨୫ ଏମ୍‌ଟି ଏକ୍ସେଲ ଲୋଡ୍ ଏବଂ ଘଣ୍ଟା ପ୍ରତି ୨୦୦ କି.ମି. ବେଗ ବହନ କରିବା ଲାଗି ଭାରତୀୟ ରେଳପଥ ତା'ର ଟ୍ରାକ୍ ସିଷ୍ଟମକୁ ନବୀକରଣ କରିବା ଆରମ୍ଭ କରିଛି। ରେଲୱେର ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ ଜେଏସ୍‌ପିଏଲ୍ ଗ୍ରେଡ୍ ରେଲ୍‌କୁ ମଞ୍ଜୁରୀ ଦେଇଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ରେଲକୁ ମୁଖ୍ୟତଃ ମେଟ୍ରୋ ରେଳ କର୍ପୋରେଶନ, ହାଇସ୍ପିଡ୍ କରିଡର ଏବଂ ବୁଲେଟ ଟ୍ରେନ୍ ପ୍ରକଳ୍ପରେ ବ୍ୟବହାର କରାଯାଇପାରିବ। ରେଲୱେର ଆବଶ୍ୟକତା ପୂରଣ ଏବଂ ଆତ୍ମନିର୍ଭର ଭାରତ ଗଠନରେ ଯୋଗଦାନ ଜାରି ରହିବ ବୋଲି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭି.ଆର୍.ଶର୍ମା ସୂଚନା ଦେଇଛନ୍ତି।

# ନିଶାନ ଇଣ୍ଡିଆର ମ୍ୟାଗ୍‌ନାଇଟ ବି-ଏସ୍‌ୟୁଭି

**ନୂଆଦିଲ୍ଲୀ,୨୧।୧୦:** ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ନିଶାନ ଇଣ୍ଡିଆ ପକ୍ଷରୁ ନୂତନ ଅଲ-ନ୍ୟୁ ନିଶାନ ମାଗ୍‌ନାଇଟ ବି-ଏସ୍‌ୟୁଭିକୁ ବଜାର ପ୍ରବେଶ କରାଯାଇଛି। 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ଏହା ନିର୍ମାଣ ହୋଇଛି। ଏଥିରେ ନିଶାନ-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ଦେଖିବାକୁ ମିଳିବ। ନୂଆ ମଡେଲଟିକୁ ଭର୍ଚୁଆଲ ଇଭେଣ୍ଟ ଜରିଆରେ ଉନ୍ମୋଚନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ ସିନାନ ଓଜକୋକ୍ କହିଛନ୍ତି, ଅଲ୍ ନ୍ୟୁ ନିଶାନ ମାଗ୍‌ନାଇଟ ଆମର ନିଶାନ ନେକ୍ସଟ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ନୂଆ ଯାନରେ ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ ଇଞ୍ଜିନିୟରିଂ ରହିଛି। ସେହିଭଳି ଏଥିରେ ନିଶାନ ଇଣ୍ଟେଲିଜେଣ୍ଟ ମୋବିଲିଟି (ଏନ୍‌ଆଇଏମ୍)ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ସାମିଲ ରହିଛି। ବିବିଧ ଫିଚର ସହ ଅତ୍ୟାଧୁନିକ ଜ୍ଞାନକୌଶଳର ସୁବିଧା ଏବଂ ୯ଟି ଭିନ୍ନ ରଙ୍ଗ ଗ୍ରାହକ ଏଥିରେ ପାଇପାରିବେ। ୫ ବର୍ଷ ପାଇଁ ଏକ୍ସଟେଣ୍ଡେଡ୍ ୱାରେଣ୍ଟି ଓ ନିଶାନ ମାଗ୍‌ନାଇଟ ପ୍ରିପେଡ୍ ପ୍ୟାକେଜ ସହ ୪ ଟି ମାଗଣା ସର୍ଭିସ ଏବଂ ୧ ବର୍ଷ ପର୍ଯ୍ୟନ୍ତ ସମସ୍ତ ସର୍ଭିସ ପାର୍ଟ ଓ ଆସେସୋରିଜଗୁଡ଼ିକ ଉପରେ ୱାରେଣ୍ଟି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା: ୯୬ **ବିଜ୍ଞାପନ** ତା. : ୦୬।୧୦।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚୌଦ୍ୱାର, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ.ଆଇ.ଜି-୨-୧୧୭ (LIG-II-117) ଶ୍ରୀମତୀ ତମାଳଲତା ଦାଶ, ସ୍ୱା-୰ହରିହର ଦାଶ, ଗ୍ରା/ପୋ- ଗୋପାଳପୁର ଶାସନ, ଥା-ସୋରଡ଼ା, ଜି-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ତମଲତା ଦାସ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ମମତା ଷଡ଼ଙ୍ଗୀ, ସ୍ୱା- ଶ୍ରୀମନ୍ତ ଷଡ଼ଙ୍ଗୀ, ଗ୍ରା-ଟାଙ୍ଗିଜକନା, ପୋ- କୋଟସାହି, ଥା- ଟାଙ୍ଗି, ଜି-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



**SHORT TENDER CALL NOTICE**

Sealed tenders are invited from the interested Travel Agencies/ Tour Operators/Private individuals for providing of 01 No. of Petrol/Diesel driven vehicle (Preferably Bolero/Scorpio/Marazzo) without Driver for use in District Project Office, Samagra Shiksha, Kalahandi on monthly rental basis. Conformity to the detail specification, terms and conditions are available in the District website, please visit- www.kalahandi.nic.in or the notice board of the Office of the DPC, Samagra Shiksha, Kalahandi.

**Sd./-By Order of Collector-cum-Chairman**
**Samagra Shiksha, Kalahandi**



Government of Odisha
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, SAMBALPUR**
Tel.: 0663-2548268, E-mail ID: serwcirclesbp@yahoo.com
**1st Corrigendum Call Notice No. 1874, Dated 16.10.2020**

No. O-483: In continuation to e-tender Call Notice No. road tender online RWCSBP-04 called vide this office letter No. 1714 Dt.30.09.2020 the following changes have been made as below.

Date and Time

| Sl. No. | Description | Schedule | Re-Schedule |
|---|---|---|---|
| 1 | Period of availability Online | From 11.00 hrs. of 09.10.2020 to 4.00 hrs. of 26.10.2020 | From 11.00 hrs. of 21.10.2020 to 4.00 hrs. of 04.11.2020 |
| 2 | Date & time of Opening of Bid | At 11.00 hrs. of 27.10.2020 | At 11.00 hrs. of 05.11.2020 |

All other terms and conditions remain unchanged.
**Superintending Engineer, Rural Works Circle, Sambalpur**
OIPR-25091/11/0005/2021



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC)**
**KHORDHA (DISTRICT)**
**Phone: 9438200049, District Website: www.khordha.nic.in**
**Tender No. 7111** **Dt.21.10.2020**

No. CAD-627: District Manager, Odisha State Civil Supplies Corporation Ltd., **KHORDHA** (District) invites tenders through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment transport contractor for transportation of paddy from mandi to Mill Points. |
| 2 | Availability of bid document in the portal | From 23.10.2020 |
| 3 | Last date/time for receipt of bids in the portal | Dt.12.11.2020 upto 5.30 P.M. |
| 4 | Date/time of Opening of Technical Bid | Dt.13.11.2020 at 11.00 A.M. |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above website.

**Sd./- District Manager**
**OSCSC Ltd., Khordha**
OIPR-07007/11/0002/2021



GOVERNMENT OF ODISHA No. A-255
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
AT/P.O.- LAXMIPOSI, DIST.- MAYURBHANJ
**Government of Odisha "e" PROCUREMENT NOTICE**
**Bid Identification No. 07/20-21 of CEBM, SBB, Laxmiposi**

| | | |
|---|---|---|
| i | Name of Works | a. Excavation of Agda Distributary from RD 6000M to RD 8200M with Dahikuti Sub Minor-I & II including Cement concrete lining, Service road and it's Structures. b. Excavation of Palbani Minor, Janjadapal Sub-Minor, Raikadjharana Sub Minor, Jiani Sub Minor of Haladia Left Main Distributary including Cement concrete lining, Structures and Service Road. |
| ii | Estimated Cost | a. Rs.680.98 lakh & b. Rs.662.14 lakh |
| iii | Period of Completion | 18 (Eighteen) Calendar Months for each |
| iv | Date & time of availability of bid document in the portal | 27.10.2020 at 10 A.M. |
| v | Last date/time for receipt of bid in the portal | 10.11.2020 upto 5 P.M. |
| vi | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in.**
**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
**cebmsbb2019@gmail.com**
OIPR-32074/11/0008/2021



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୦୩୫୭/IND-II-PH-846 ତାରିଖ ୨୧।୧୦।୨୦୨୦

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ୍ ଓଡ଼ିଶାର ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲା ଅନ୍ତର୍ଗତ ୪୨୮.୦୭୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ କଡିଙ୍ଗାମାଳି ବକ୍ସାଇଟ୍ ମାଇନ୍‌ର ବାର୍ଷିକ ଉତ୍ପାଦନ କ୍ଷମତା (ରାୟଗଡ଼ା ଜିଲ୍ଲା ପାଇଁ) ୩.୦ ଏମ୍‌ଟିପିଏରୁ ୬.୦ ଏମ୍‌ଟିପିଏକୁ ବୃଦ୍ଧି କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୫।୧୧।୨୦୨୦ରିଖ ଦିବା ୧୧.୦୦ ଘଟିକା ସମୟରେ ରାୟଗଡ଼ା ଜିଲ୍ଲା, କାଶୀପୁର ତହସିଲ, ପୁହୁଣ୍ଡି, ପୋଡ଼ାପଦି ଅନ୍ତର୍ଗତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଖେଳପଡିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ. ୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ରାୟଗଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ରାୟଗଡ଼ା ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାୟଗଡ଼ା ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସ୍ୱା./-ସଦସ୍ୟ ସଚିବ

# ୟାମିଙ୍କ ଜିଦ୍ ରହିଲା



ୟାମି ଗୌତମ ଯାହା ଜିଦ୍ ଧରିଥିଲେ ଶେଷକୁ ତାହା ରହିଲା। ବେଶ୍ କିଛି ଦିନ ଆଲୋଚନା ପରେ ପ୍ରଯୋଜକ ଏପରି ଶଟ୍‌କୁ କାହାଣୀରୁ ବାଦ୍ ଦେବାକୁ ରାଜି ହୋଇଥିଲେ। କଥା କ'ଣ କି ନିକଟରେ ୟାମିଙ୍କୁ ଏକ ନୂଆ ହିନ୍ଦୀ ସିନେମା ଅଫର ମିଳିଥିଲା। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମରେ ୨-୩ଟି ଲିପ୍-ଲକ୍ ସିନ୍ ଥିଲା। ଏକଥା ଜାଣିବା ପରେ ୟାମି ଦୋଛକିରେ ପଡିଯାଇଥିଲେ। ହେଲେ ମନକୁ ଦୃଢ଼ କରି ସେ କଦାପି ଏପରି ଶଟ୍ ଦେବେ ନାହିଁ ବୋଲି ସିଧାସଳଖ କହିଥିଲେ। ଶେଷରେ ୟାମିଙ୍କ ଜିଦ୍‌କୁ ମାନି ନେଇ ଏହି ଫିଲ୍ମରୁ ଲିପ୍-ଲକ୍ ଶଟ୍‌ଗୁଡିକୁ ବାଦ୍ ଦେବାକୁ ପ୍ରଯୋଜକ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରାରମ୍ଭିକ କାମ ଏବେ ଚାଲୁରହିଛି ଏବଂ ଚଳିତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଏହାର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ବଡ଼ ବ୍ରେକ୍ ଅପେକ୍ଷାରେ ସୋନାକ୍ଷୀ

ପ୍ରଥମେ ସେ ମେଲୋଡି ପାର୍ଟିରେ ଗୀତ ଗାଉଥିଲେ। ହେଲେ ଧୀରେ ଧୀରେ



ସୋନାକ୍ଷୀ ସାହୁ

ଅଭିନୟ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା। ହେଲେ ତା' ପୂର୍ବରୁ ସେ ବେଶ୍ କେତୋଟି ଓଡ଼ିଆ ଭଜନ ଆଲବମ ଏବଂ ଆଧୁନିକ ଆଲବମରେ ଅଭିନୟ କରି ନିଜ ଲକ୍ଷ୍ୟ ପଥରେ ଆଗେଇଥିଲେ। ସମୟକ୍ରମେ ସେ ଓଡ଼ିଆ ସିନେମା ଏବଂ ଧାରାବାହିକାରେ ଆକ୍ଟିଂ କରିବାର ସୁଯୋଗ ପାଇଥିଲେ ଏବଂ ତାହାକୁ ପାଥେୟ କରି ସେ ନିଜ ଅଭିନୟ କ୍ୟାରିୟରକୁ ଆଗକୁ ଆଗେଇ ନେଉଛନ୍ତି। ସେ ହେଲେ ସୋନାକ୍ଷୀ ସାହୁ (ବେବି)। ଭଦ୍ରକରେ ଜନ୍ମିତା ଏବଂ ବର୍ତ୍ତମାନ ଭୁବନେଶ୍ୱରରେ ରହୁଥିବା ଏହି ଅଭିନେତ୍ରୀ କହନ୍ତି, 'ଏ ପର୍ଯ୍ୟନ୍ତ ମୋତେ ଯେତିକି ସୁଯୋଗ ମିଳିଛି ସେଥିରେ ମୋ ନିଜ ଅଭିନୟ ଦକ୍ଷତା ଦେଖାଇବାକୁ ଶତ ପ୍ରତିଶତ ଚେଷ୍ଟା କରିଛି। ଦର୍ଶକଙ୍କର ମୋ ପ୍ରତି ସ୍ନେହ ଏବଂ ଭଲ ପାଇବାକୁ ମୁଁ କଦାପି ଭୁଲି ପାରିବି ନାହିଁ। ୟା ଭିତରେ ମୁଁ ଓଡ଼ିଆ ଚଳଚ୍ଚିତ୍ର 'ସୁପର ମିଚ୍ଛୁଆ' ଏବଂ 'ଛାତି ତଳେ ଡିଂ ଡଙ୍ଗ'ରେ ଅଭିନୟ କରିସାରିଛି। ତା'ସହ ଧାରାବାହିକ 'ମିଷ୍ଟର ନନ୍‌ସେନ୍ସ' ଏବଂ 'ଖାଡେଙ୍ଗା ଫ୍ୟାମିଲି'ରେ ମଧ୍ୟ ଆକ୍ଟିଂ କରିଛି। ହେଲେ ବଡ଼ ପରଦାରେ ମୁଁ ଏକ ବଡ଼ ବ୍ରେକ୍ ସନ୍ଧାନରେ ଅଛି। ବାକି ସବୁ ଭଗବାନଙ୍କ ଉପରେ ନିର୍ଭର କରେ।'

## ଏଥର ଦ୍ରୌପଦୀ



ଦୀପିକା ତ୍ରିପାଠୀ

ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଟାଇଗର' ନାୟିକା ଭାବରେ ଦୀପିକା ତ୍ରିପାଠୀଙ୍କୁ ବ୍ରେକ୍ ମିଳିଥିଲା। ପରବର୍ତ୍ତୀ ସମୟରେ ସେ 'ଫିୟର ଅଫ୍ ଦ ଇୟର' ଏବଂ 'ଦିଲ୍ କା ରାଜା'ରେ ମଧ୍ୟ ଅଭିନୟ କରିଥିଲେ। 'ସରଗମ୍' ଧାରାବାହିକ ପରେ ଏବେ ସେ ପୁଣି ଛୋଟପରଦାରେ ଅଭିନୟ କରୁଛନ୍ତି। ଆଉ ଏଥିରୁ ସେ ପ୍ରଶଂସା ସାଉଁଟି ଚାଲିଛନ୍ତି। ହଁ, ସେହି ଧାରାବାହିକଟି ହେଲା 'ସୁଭଦ୍ରା'। ସମ୍ପ୍ରତି ପୌରାଣିକ କଥାବସ୍ତୁକୁ ଆଧାର କରି ଏହି ଧାରାବାହିକ ଜୀ ସାର୍ଥକ ଚ୍ୟାନେଲରେ (ସୋମବାର-ଶୁକ୍ରବାର, ସମୟ-ରାତି ୯-୯.୩୦) ପ୍ରସାରିତ ହେଉଛି। ଏପରି ଏକ ସୁଯୋଗ ପାଇବା ପରେ ଦୀପିକାଙ୍କ ଖୁସି କହିଲେ ନ ସରେ। ''ଓଡ଼ିଆ ଫିଲ୍ମରେ ମୋତେ ପ୍ରଥମେ ପ୍ରଯୋଜକ ରମେଶ ବାରିକ ସୁଯୋଗ ଦେଇଥିଲେ। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। 'ସୁଭଦ୍ରା' ଧାରାବାହିକରେ ମୁଁ ଦ୍ରୌପଦୀ ଭୂମିକାରେ ଅଭିନୟ କରୁଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ତୁଲାଇବା ଏତେ ସହଜ ନୁହେଁ। ହେଲେ ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି କହନ୍ତି ଦୀପିକା।''

## ସୋସିଆଲ ମିଡିଆରେ ପାନ



ପରିଣିତି

ଏବେ ତ କୋଭିଡ୍ ଗାଇଡଲାଇନ୍ ଭିତରେ ହିନ୍ଦୀ ସିନେମାର ଶୁଟିଂ ଚାଲିଛି। ତେଣୁ ପ୍ରାୟ ଅନେକ କଳାକାର ନିଜ ନିଜ ଫିଲ୍ମର ଶୁଟିଂକୁ ନେଇ ବ୍ୟସ୍ତ। ହେଲେ ତା' ଭିତରେ ସମୟ ମିଳିଲେ ପରିଣିତି କ'ଣ କରୁଛନ୍ତି ଜାଣନ୍ତି ? ସୋସିଆଲ ମିଡିଆ ସହ ନିଜକୁ ଜଡିତ ରଖୁଛନ୍ତି। ନିଜର ବିଭିନ୍ନ ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏ ନେଇ ପରିଣିତି କହନ୍ତି, 'ପ୍ରଶଂସକଙ୍କ ସହ ଯୋଡିହୋଇ ରହିବାର ଅନ୍ୟତମ ପ୍ରମୁଖ ପ୍ଲାଟଫର୍ମ ହେଲା ସୋସିଆଲ ମିଡିଆ। ମୋ ଫଟୋ ଉପରେ ସେମାନେ ଯେଉଁ ମନ୍ତବ୍ୟ ଦେଉଛନ୍ତି ସେଥିପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇବା ଲାଗି ମୋ ନିକଟରେ ଭାଷା ନାହିଁ। ନିକଟରେ ମୁଁ ଦୁଇଟି ନୂଆ ସିନେମା ସାଇନ୍ କରିଛି ଏବଂ ସେଗୁଡିକର ଶୁଟିଂ ବ୍ୟାକ୍-ଟୁ-ବ୍ୟାକ୍ ଆରମ୍ଭ ହେବ।'

## ସିନେମାଟୋଗ୍ରାଫର ପୀୟୂଷ
# ବାଲେଶ୍ୱରରୁ ବଲିଉଡ୍

ଦୃଢ଼ ସଂକଳ୍ପ ଆଉ ଆତ୍ମବିଶ୍ୱାସକୁ ଆଧାରକରି ସେ ନିଜ ଲକ୍ଷ୍ୟ ପଥରେ ଆଗେଇ ଥିଲେ। ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଭାଙ୍ଗି ନ ପଡ଼ି ଆଗକୁ ପାଦ ବଢ଼ାଇଥିଲେ। ଆଉ ପରବର୍ତ୍ତୀ ସମୟରେ ବଲିଉଡ୍‌ରେ ନିଜକୁ ଜଣେ ସିନେମାଟୋଗ୍ରାଫର ଭାବରେ ପରିଚିତ କରାଇପାରିଛନ୍ତି। ସେ ହେଲେ ବାଲେଶ୍ୱରରେ ଜନ୍ମିତ ପୀୟୂଷ ଘୋଷ। ପ୍ରଥମେ ବାଲେଶ୍ୱର ସହରରେ ଏକ ବଡ଼ ଅତ୍ୟାଧୁନିକ ଷ୍ଟୁଡିଓ ପ୍ରତିଷ୍ଠା କରିବା ପାଇଁ ତାଙ୍କର ଇଚ୍ଛା ଥିଲା। ଦିଲ୍ଲୀସ୍ଥିତ ଏସିଆନ ଏକାଡେମୀ ଅଫ୍ ଫିଲ୍ମ ଆଣ୍ଡ ଟେଲିଭିଜନ (ଏଏଏଫ୍‌ଟି)ରେ କ୍ୟାମେରା ସ୍ପେଶିଆଲାଇଜେଶନ୍ ଉପରେ ଶିକ୍ଷା ତଥା ତାଲିମ ଗ୍ରହଣ କଲେ। ତା'ପରେ ସେ ଅନ୍ୟ ୩ଜଣ ସହପାଠୀଙ୍କ ସହ ମିଶି ୧୯୯୮ରେ ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ବହୁ ସମସ୍ୟା ଓ ସଂଘର୍ଷର ସାମ୍ନା କରିବାକୁ ପଡ଼ିଥିଲା। ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଘରେ ପେଇଙ୍ଗ୍ ଗେଷ୍ଟ ଭାବେ ରହୁଥିଲେ। ତେବେ କିଛିମାସ ପରେ ପୀୟୂଷ କିଛି ଛୋଟ କାମ ପାଇଲେ। ସେଥିରୁ ଯେତିକି ପାରିଶ୍ରମିକ ମିଳୁଥିଲା ସେଥିରେ ଭଲରେ ମୁଠାଏ ଖାଇପିଇ ଚଳିବା କଷ୍ଟକର ହେଉଥିଲା। ୨୦୦୩ରେ ସେ ସ୍ୱାଧୀନ ଅପରେଟର ଭାବେ ବିଭିନ୍ନ ସଂସ୍ଥା ପାଇଁ ସିରିଏଲ୍, ଆଡ୍ ଫିଲ୍ମ ଏବଂ ଫିଲ୍ମ ଶୁଟ୍ କଲେ। ୨୦୦୩ରେ 'ଅବ୍ ତୁମ୍ହାରେ ହ୍ୱତନ ହାୱାଲେ ସାଥିୟୋଁ' (ଅମିତାଭ ବଚ୍ଚନ, ଅକ୍ଷୟ କୁମାର ଅଭିନୀତ), ୨୦୦୪ରେ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ 'ବ୍ଲାକ୍' ସମେତ ବିଭିନ୍ନ ଫିଲ୍ମ ଶୁଟିଂ କଲେ। ଏହାପରେ ୨୦୦୫ରେ ସେ ନିଜସ୍ୱ ସଂସ୍ଥା 'ପିଏନ୍‌ପି ଇକ୍ୟୁପମେଣ୍ଟ୍ସ' ପ୍ରତିଷ୍ଠା କଲେ। ଏହି ସଂସ୍ଥା ମାଧ୍ୟମରେ ସେ ବଡ଼ ବଡ଼ ଫିଲ୍ମ, ଆଡ୍ ଫିଲ୍ମ, ସିରିଏଲ ଆଦି ଶୁଟିଂ କରି ଆସୁଛନ୍ତି। ଅଦ୍ୟାବଧି ୩୦୦ରୁ ଊର୍ଦ୍ଧ୍ୱ ଫିଲ୍ମ, ୫୦ଟି ସିରିଏଲ ଏବଂ ୨ ହଜାର ଆଡ୍ ଫିଲ୍ମ ଶୁଟିଂ କରିସାରିଲେଣି। ଫିଲ୍ମଗୁଡ଼ିକ ମଧ୍ୟରେ ଗଜ୍‌ନୀ, ପି.କେ, ଦବଙ୍ଗ, ସୁଲତାନ୍, ଥ୍ରୀ ଇଡିୟଟସ୍, ଫନା, ଓମ୍ ଶାନ୍ତି ଓମ୍, ରବ୍‌ନେ ବନାଦି ଯୋଡି, ଏକ୍ ଥା ଟାଇଗର ଆଦି ରହିଛି। ସେହିପରି ବିଗ୍ ବି ଅମିତାଭ ବଚ୍ଚନ, ସଲମାନ ଖାଁ, ଆମିର ଖାଁ, ଶାହରୁଖ ଖାଁ, ଦୀପିକା ପାଦୁକୋନ୍, ଅନୁଷ୍କା ଶର୍ମା, ରାଣୀ ମୁଖାର୍ଜୀଙ୍କ ପରି ବିଶିଷ୍ଟ କଳାକାରଙ୍କ ସହ କାମ କରି ପ୍ରଶଂସା ଓ ସଫଳତା ସାଉଁଟିଛନ୍ତି। ଫିଲ୍ମ ଶୁଟିଂ ପାଇଁ ସେ ଦକ୍ଷିଣ ଆଫ୍ରିକା, ସୁଇଜରଲାଣ୍ଡ, ପୋଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଅଷ୍ଟ୍ରେଲିଆ ଆଦି ୨୦ରୁ ଊର୍ଦ୍ଧ୍ୱ ଦେଶ ଭ୍ରମଣ କରି ସେଠାକାର



ପରିବାର ସହ ପୀୟୂଷ

ଟେକ୍ନିସିଆନଙ୍କଠାରୁ ଅଭିଜ୍ଞତା ହାସଲ କରିଛନ୍ତି। ଏବେ ତାଙ୍କ ହାତରେ ସଲମାନଙ୍କ ରାଧେ, ଆମିର ଖାଁଙ୍କ ଲାଲସିଂ ଚଡ୍ଡା ଭଳି ବଡ଼ ବ୍ୟାନରର ୪/୫ଟି ଫିଲ୍ମ ରହିଛି। ଗାଗାରିନ ମିଶ୍ରଙ୍କ ପ୍ରେରଣା, ସହଧର୍ମିଣୀ ନମିତାଙ୍କ ସହଯୋଗ ଓ ପରିବାରର ସମର୍ଥନ ଯୋଗୁ ସେ ଆଜି ଏଇଠି ଆସି ପହଞ୍ଚିବାରେ ସକ୍ଷମ ହୋଇଛନ୍ତି ବୋଲି କୁହନ୍ତି। ତାଙ୍କର ଦୁଇ ଝିଅ ପ୍ରତୀକ୍ଷା ଏବଂ ପ୍ରାଡିଟୀଙ୍କଠାରେ ମଧ୍ୟ କଳା ନିପୁଣତା ରହିଛି। ପୀୟୂଷ କହିଛନ୍ତି, ଓଡ଼ିଶାରେ ଏକ ଦ୍ୱିଭାଷୀ(ଉଭୟ ଓଡ଼ିଆ ଏବଂ ବଙ୍ଗଳା) ବ୍ଲକବଷ୍ଟର ଫିଲ୍ମ ନିର୍ମାଣ ଲାଗି ଯୋଜନା କରୁଛନ୍ତି। ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର ସହ ଓଡ଼ିଆ ଫିଲ୍ମରେ ଏକ ନୂଆ ଧାରା ସୃଷ୍ଟି ଲାଗି ତାଙ୍କର ଲକ୍ଷ୍ୟ ରହିଛି।

୧୯୯୮ରେ ପ୍ରଥମେ ତାଙ୍କୁ ଜଣେ ଷ୍ଟିଲ ଫଟୋଗ୍ରାଫରଙ୍କ ପାଖରେ ସହାୟକ ଭାବେ କାମ କରିବାର ସୁଯୋଗ ମିଳିଲା। ୧୯୯୯ରେ ଖ୍ୟାତିସମ୍ପନ୍ନ ଓଡ଼ିଆ ସିନେମାଟୋଗ୍ରାଫର ଗାଗାରିନ୍ ମିଶ୍ରଙ୍କ ସହ ସାକ୍ଷାତ ବରଦାନ ସଦୃଶ ହୋଇଥିଲା। ସେ ତାଙ୍କୁ ପୂର୍ଣ୍ଣଭାବେ ସହଯୋଗ କଲେ। ଆଉ ସେ ତାଙ୍କର ଆସିଷ୍ଟାଣ୍ଟ ଭାବେ କାମ କରିବାର ସୁଯୋଗ ପାଇଲେ। ସେଠାରେ ୪/୫ ବର୍ଷ ସେ ଜୀ ଟିଭି, ଷ୍ଟାର ଟିଭି ଆଦି ଚ୍ୟାନେଲ ଲାଗି ସିରିଏଲ୍ ଶୁଟିଂ କଲେ। ଏଥିପାଇଁ ତାଙ୍କୁ ଦିନକୁ ୩୦୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଅନେକ ଅଭିଜ୍ଞତା ହାସଲ ପରେ ସେ ଚିଫ୍ ଆସିଷ୍ଟାଣ୍ଟ ଏବଂ ଆସୋସିଏଟ୍ କ୍ୟାମେରାମ୍ୟାନ ହୋଇପାରିଲେ। ପୀୟୂଷ ୨୦୦୨ରେ 'ଜିମ୍ମି ଜିବ୍' (ନିୟୁ ଟେକ୍ନୋଲୋଜି କ୍ୟାମେରା) କିଣିବା ସହ ଆଗକୁ ବଢ଼ିଲେ।

**- ଅନନ୍ତ ନାରାୟଣ ମିଶ୍ର**

## ଟ୍ରେନ୍ ସିଙ୍ଗରରୁ ଅଭିନେତା

ଦିନ ଥିଲା ରୋଜଗାର କରିବା ପାଇଁ ତାଙ୍କୁ ଟ୍ରେନ୍‌ରେ ଗୀତ ଗାଇବାକୁ ପଡୁଥିଲା। କିନ୍ତୁ ନିଜର ସାମର୍ଥ୍ୟ ବଳରେ ସେ ଏବେ ବଲିଉଡର ଜଣେ ଅନ୍ୟତମ ଆଗଧାଡିର ଅଭିନେତା। ଏହି ଆକ୍ଟର ଜଣକ ହେଲେ ଆୟୁଷ୍ମାନ ଖୁରାନା। କଲେଜରେ ପଢ଼ିବା ସମୟରେ ସେ ସାଙ୍ଗମାନଙ୍କ ସହ ଟ୍ରେନ୍‌ରେ ଗୀତ ଗାଇ ଦି' ପଇସା ରୋଜଗାର କରୁଥିଲେ। ପରବର୍ତ୍ତୀ ସମୟରେ ସେ ସାମ୍ବାଦିକତାରେ ମାଷ୍ଟରଡିଗ୍ରୀ ହାସଲ କଲେ। ରେଡିଓ ଜକି ଭାବରେ କିଛି ଦିନ କାମକରି ସେ 'ବିଗ୍ ଚାୟି' ଏବଂ 'ମେଁ ତେରା ଆୟୁଷ୍ମାନ' ପରି ଶୋ'ର ସଂଚାଳନ କରି ସାଉଁଟିଥିଲେ ଅନେକ ପ୍ରଶଂସା। କଲେଜରେ ପଢ଼ିବା ସମୟରେ ସେ ପଡ଼ିଯାଇଥିଲେ ଅଭିନୟ ମାୟାରେ। ସାଙ୍ଗମାନଙ୍କୁ ନେଇ ସେ 'ଆଗାଜ୍' ନାମକ ଏକ ଥିଏଟର ଗ୍ରୁପ୍ ଗଠନ କରିଥିଲେ। ଖାସ୍ କଥା ହେଲା, ତାଙ୍କର ମନ ପସନ୍ଦର ହିନ୍ଦୀ ସିନେମା ମଧ୍ୟରେ 'ତେଜାବ' ଅନ୍ୟତମ। ସେ ଯେତେବେଳେ ଏହାକୁ ଦେଖିଥିଲେ ସେତେବେଳେ ତାଙ୍କର ବୟସ ହୋଇଥିଲା ମାତ୍ର ଚାରି ବର୍ଷ। ଆୟୁଷ୍ମାନଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୨ରୁ ଆଉ ଫିଲ୍ମଟି ଥିଲା 'ଭିକି ଡୋନର୍'। ସେହିବର୍ଷ ମଧ୍ୟ ସେ ନିଜ ପିଲାଦିନର ସାଙ୍ଗ ତଥା ପ୍ରେମିକା ତାହିରା କାଶ୍ୟପଙ୍କୁ ବିବାହ କରିଥିଲେ।



ଆୟୁଷ୍ମାନ

# କବିତା

## ବେଶ ବଦଳ

**ଅଶ୍ୱିନୀ କୁମାର ମିଶ୍ର**

ଶଂଖ ଅଥବା ରୁଦ୍ରାକ୍ଷ ମାଳଟେ ଗଳେଇ
ତପସ୍ୱୀର ସାଜିଲା ଚେହେରା ଧରି
କେଉଁ ପାହାଡ଼ୀ ଝର୍ଣା, ନଈକୂଳିଆ
ଛାୟାଘନ ଆସ୍ଥାନଟିରେ
ବୁଜିଲା ଆଖି ମୁଦ୍ରାରେ ବସିପଡ଼ିଲେ
ହୁଏତ ଖୋଜିବାକୁ ନ ପଡ଼ିପାରେ
ପୁଅର ନାମଲେଖା ପାଇଁ
ମାନ୍ୟତାର ଶିକ୍ଷାନିକେତନ
ପତ୍ନୀର ଶ୍ୱାସ ପାଇଁ
ଜଡ଼ିବୁଟି, ରାତିବେଳା ଡ୍ୟୁଟି ପାଇଁ
ଗୋଡ଼ କାଢ଼ିବାକୁ ଫ୍ୟାକ୍ଟ୍ରି କଡ଼ିକୁ।

କେମିତି ଅସଫଳ ଜାତକଟିଏ
ତିଆରିଲା ଜ୍ୟୋତିଷ, ଏ ଯାବତ୍
ଜୀବନ ଗଡ଼ି ଆସିଲା ଆଦେଶ ଶୁଣିବାରେ
କେଉଁ ଗ୍ରହଦୋଷ ମୁଣ୍ଡେଇଲି ଯେ
ଯେବେ ଦେଖିଲେ
ଯେଉଁ ଚେଲାକୁ ସେଇ ଚେଲା
ଖାଲି ସ୍ୱପ୍ନରେ ଦିଶେ
ଗୁରୁ ପଦବୀର ଚୌକିଟି
ମୁଣ୍ଡନୁଆଁରେ ବୋହିଯାଏ ଜୀବନ
ବର୍ଷରୁ ଦଶକ, ଦଶକରୁ ଊର୍ଦ୍ଧ୍ୱ ଦଶକ
ଆଡ଼କୁ।

ବଦଳେଇବି ଜାମାପଟା
ହାତମୁଠାରେ ବେଦବେଦାନ୍ତ,
ଦର୍ଶନର ପୋଥି
କପାଳରେ ତିନି ଆଙ୍ଗୁଳିର
ଚନ୍ଦନ ଗାର, ମନକୁ କିନ୍ତୁ ମାଜୁଥିବି
ବେଳେବେଳେ, ଚମ୍ପକ ଅଙ୍ଗୁଳି ଭିଜା
କଲେଜ ବେଳର ସହପାଠିନୀଙ୍କ
ପାଲିସ୍ ନଖଙ୍କ ଦୃଶ୍ୟମାଳାରେ।

ବକ୍ତୃତାରେ, ରୂପସଜ୍ଜାରେ
ଥୋଇଦେବି ଶରୀରକୁ
ଛଣମୂର୍ତ୍ତିରେ ଡାଙ୍ଗଟିଏ ଭଳି
ଯିଏ ଅନେଇବ, ବିଶ୍ୱାସିବ
ମୋ' ମହାନତା, ଉଦାରତାକୁ

ତେବେ ଆଖି, ସେମିତି ସତର୍କ ଥିବେ
କେହି ଲଣ୍ଡଭଣ୍ଡିଆ ଯେମିତି
ନିଆଁହୁଳା ହାତରେ ଧରି
ଦୌଡ଼ି ନ ଆସେ ମୋ'ଠିକି
ଚେଲା ସାଜିବାକୁ।

ମୋ- ୯୪୩୮୬୧୫୭୪୨



## ମା' ଆସିବେ

**ସ୍ୱାଗତିକା ଜେନା**

ଆକାଶରେ ଖଣ୍ଡଖଣ୍ଡ ଭସା ବାଦଲ
ଧରାର ସବୁଜ ଗାଲିଚା ଉପରେ
ସଫେଦ୍ ଚାଦର ବିଛାଇଦେଇ
ଚାହିଁ ବସିଛି ଶରତରାଣୀ
ମା' ଆସିବେ।

ପାର୍ବଣ ଆସିଛି
ଗାଁ ଗୋହିରିର ସୁଆଡି ସନ୍ଧ୍ୟା
ନଈପଠାରେ ଲହଡ଼ିଭାଙ୍ଗେ
କାଶତଣ୍ଡୀ ମତୁଆଲା ପବନରେ
ଶିହରିତ ହୁଏ ତନୁମନ
ମା' ଆସିବେ।

ମହୁରି ଯୋଡ଼ିନାଗରାର
ସୁମଧୁର ତାନ
ସତେ କି ଶୁଭିବ ମା'!
ତୋ' ସନ୍ତାନଗଣ ଆତଙ୍କିତ ଆଜି
ଅଜଣା ମହାମାରୀର କରାଳ ଛାୟା
କବଳିତ କରିଛି ସାରା ପୃଥିବୀକୁ
ମା' ଆସିବେ।

ଧରାବତରଣ କରି
ବିନାଶିବେ ମହିଷାରୂପୀ ମହାମାରୀକୁ
ଚାହିଁଛନ୍ତି ମର୍ତ୍ତ୍ୟବାସୀ
ଉଶ୍ୱାସିବେ ଆର୍ତ୍ତଜନଙ୍କ ଦୁଃଖ
ମା' ଆସିବେ।

ମୋ: ୯୩୩୭୬୭୯୧୪୬

# କାଳକାଳକୁ



'ଆମେ ପରସ୍ପର ସହ ମିଳିତ ହେଉ,
ପରସ୍ପରଠୁଁ ଅଲଗା ହେବା ପାଇଁ।
ଏହା ଜୀବନର ନିୟମ।
ଏହାର ବିରୁଦ୍ଧାଚରଣ ହିଁ
ଆମ ଦୁଃଖର କାରଣ।''

**-ଆର୍.କେ. ନାରାୟଣ**

**ଆର୍.କେ. ନାରାୟଣ**ଙ୍କ ଜନ୍ମ ୧୦ ଅକ୍ଟୋବର ୧୯୦୬ରେ ଚେନ୍ନାଇରେ। ଭାରତୀୟ ଇଂଲିଶ୍ ସାହିତ୍ୟର ଆଦି ପର୍ଯ୍ୟାୟରେ ସେ ଥିଲେ ଅନ୍ୟତମ ପ୍ରମୁଖ ଲେଖକ। ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ି ଉପରେ ପର୍ଯ୍ୟବସିତ 'ମାଲଗୁଡ଼ି ଡେଜ୍' (୧୯୪୩) ତାଙ୍କର ସବୁଠୁଁ ପ୍ରସିଦ୍ଧ ଗଳ୍ପଗ୍ରନ୍ଥ। ଲେଖକଙ୍କ ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ଆୟାର୍ ନାରାୟଣ ସ୍ୱାମୀ। ପ୍ରଖ୍ୟାତ କାର୍ଟୁନିଷ୍ଟ ଆର୍.କେ. ଲକ୍ଷ୍ମଣ ତାଙ୍କ ଭାଇ। ଭାରତୀୟ ଇଂଲିଶ୍ ସାହିତ୍ୟକୁ ନିଜର ଅତୁଳନୀୟ ଅବଦାନ ପାଇଁ ସେ ପଦ୍ମଭୂଷଣ ଓ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ। 'ଲେଖିବା ଏକ ଯୋଗ'- ଏହା ଥିଲା ନାରାୟଣଙ୍କ ସୃଜନ-ବିଚାର। ୧୩ମେ ୨୦୦୧ରେ ୯୪ ବର୍ଷ ବୟସରେ ଏହି ମହାନ୍ ଲେଖକଙ୍କର ତିରୋଧାନ ହୋଇଥିଲା।

# ଗଳ୍ପ: ଭଡ଼ାଘର

**ମାୟାଧର ସାହୁ**

ଅବସ୍ଥିତି ଦୃଷ୍ଟିରୁ ଘରଟି ଥିଲା ଅନନ୍ୟ। ଅନିଶ୍ଚିତ ରୂପେ ଏପରି ଘରଟିଏ ଭଡ଼ାରେ ମିଳିବା ଆପାତତଃ ଅସମ୍ଭବ। ସେଠି ରହିବାର ସୁବିଧା ଥିଲା ଅନେକ ଏବଂ ମତେ ସେଠି ରହିବାକୁ ଭାରି ଭଲ ଲାଗୁଥିଲା। ପାଖରେ ପାର୍କ, ସ୍କୁଲ୍, ଔଷଧ ଦୋକାନ, ଅନତିଦୂରରେ ଦୋକାନ ବଜାର ଓ ବଜାରୀୟ ହଇଚଇ ଗୋଳଚୋଳ, କିଛି ଦୂର ଗଲେ ମୋ' ଅଫିସ୍। ସବୁ ଥିଲା ଆଖପାଖରେ। ଆହା ଯେମିତି ଏ ଘର ମୋ' ପାଇଁ ହିଁ ବନିଥିଲା, ମାଲିକ ଯିଏ ହୁଅନ୍ତୁ ପଛକେ ମୋର ହିଁ ରହିବାର ଥିଲା। ଭୋଗ କରିବାର ଥିଲା। ମାଲିକ ମୁମ୍ବାଇରେ କାମ କରନ୍ତି। ଘରର ଦେଖାଶୁଣା ଭଲଭାବେ କରିବା ପରି ଭଦ୍ରଲୋକ ଜଣଙ୍କୁ ଭଡ଼ାରେ ଦେବାକୁ ଖୋଜୁଥିଲେ। ମୁଁ ଘର ସନ୍ଧାନୀ ଦୈବାତ୍ ମିଳିଗଲି ତାଙ୍କୁ। ଘରଟି ସୁବିଧାରେ ମିଳିଗଲା ମତେ। ମୋ' ଲାଗି ସେ ଘର ଓ ଘର ପାଇଁ ମୁଁ ଯେମିତି କି ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ।

ଦଶବର୍ଷ ଧରି ମୁଁ ଏ ଘରେ ରହି ଆସୁଛି। କିନ୍ତୁ ମତେ ଅନ୍ୟତ୍ର ଘର ଖୋଜି ଏ ଘର ଖାଲି କରି ଚାଲିଯିବାକୁ ହେବ। ଘରମାଲିକ ଚାକିରିରୁ ଏବେ ଅବସର ନେଲେ। ତାଙ୍କର ଏଇ ନିଜଘରକୁ ଫେରି ଆସିବେ। ଏଇଠି ହିଁ ସେଟଲ୍ ହେବେ ସେ। କିଛିଦିନ ଭିତରେ ମୋର ସବୁ ଯୋଗାଡ଼ଯନ୍ତ୍ର ହୋଇଗଲା। ମୁଁ ସିଫ୍ଟିଙ୍ଗ୍ ପାଇଁ ରେଡି ହୋଇଗଲି। ତୋସନିବାଲ୍ ପ୍ୟାକରସ୍ ଏଣ୍ଡ୍ ମୁଭର୍ସ ସାମାନ୍ ସବୁ ବନ୍ଧାବନ୍ଧି କରୁଥାଆନ୍ତି, ପ୍ୟାକିଂ କରୁଥାଆନ୍ତି ଆଉ ଟ୍ରକ୍‌ରେ ନେଇ ଲୋଡ୍ କରୁଥାଆନ୍ତି। ମୁଁ ଅନ୍ତିମ ଚରଣର ତଦାରଖ କରୁଥାଏ।

ମୋର ଦୁଇଟିଯାକ ପିଲା ସୋନି ଓ ମୋନୁ ଏଇଠି ଜନ୍ମ ହୋଇଥିଲେ। ପାଖ ସ୍କୁଲ୍‌ରେ ପଢ଼ନ୍ତି। ମୋ' ପତ୍ନୀ ସୁନୀତା ଓ ମୁଁ ଏଇ ଛାତ ତଳେ, ଏଇ କାନ୍ଥମାନଙ୍କ ଆବଦ୍ଧତା ଭିତରେ ପରିବାରଟିଏ ଗଢ଼ିବାକୁ ଚେଷ୍ଟା କରିଥିଲୁ। ସୁନୀତା ନୂଆ ବୋହୂ ହୋଇ ଏଠି ଘରକରଣା ଆରମ୍ଭ କରିଥିଲା।

ଆମ ସୁଖ ଦୁଃଖ ବିଜଡ଼ିତ ଅନେକ ଅମ୍ଳାନ ସ୍ମୃତି ଏଇ ଘରେ ଛନ୍ଦିହେଲା ପରି ବିଛାଡ଼ି ହୋଇ ପଡ଼ିରହିଛି। ମୁଁ ରୋଷେଇ ଘରର ପଛ ଦରଜା ଖୋଲି ବାହାରକୁ ଆସିଲି। ଆମର ପ୍ରିୟ କିଚେନ୍ ଗାର୍ଡେନ୍ ନଜରକୁ ଆସିଗଲା। ସଜନା ଗଛରୁ କଅଁଳିଆ ଛୁଇଁଗୁଡ଼ା ସାପଛୁଆଙ୍କ ପରି ଝୁଲୁଥିଲେ। ସୁନୀତା ହିଁ ଏ ଗଛ ଲଗାଇଥିଲା। ଡାହାଣ ପାଖେ ଧାଡ଼ିଏ ଅମୃତଭଣ୍ଡା ଗଛ ଓ ସୂର୍ଯ୍ୟମୁଖୀ ଲଙ୍କାର କୁନି କିଆରିଟିଏ। ବାଁ କଡ଼େ ଛନଛନ ଶାଗୁଆ ପୁଦିନା କିଆରି। ତା' ପାଖରେ ପଡ଼ିଥିବା ମାଙ୍କଡ଼ାପଥର ଉପରେ ମାଟି ପଲମ ଥୁଆହୋଇଛି। ସେଠି ସୁନୀତା ଚଢ଼େଇମାନଙ୍କ ଖାଇବା ପାଇଁ ଦାନା ରଖେ। ଭଙ୍ଗା ମାଠିଆରେ ପାଣି। ବିଭିନ୍ନ ଉଡ଼ା ଚଢ଼େଇଙ୍କ ଭୋଜନାନ୍ତ କିଚିରିମିଚିରିର ମୃଦୁ କୋଳାହଳରେ ନିନାଦିତ ହୋଇଉଠେ ଆମ ଘରବାଡ଼ି। କିଚେନ୍ ଗାର୍ଡେନ୍‌ର ସବୁଜିମାମୟ ଏ ଜୀବନ୍ତ ପରିବେଶରେ ସୁନୀତାର ଛାପ ରହିଗଲା ପରି ବୋଧ ହେଉଥାଏ। ବାଁ କଡ଼ ଦେଇ ବୁଲି ଆସିଲି ଘରର ସାମ୍ନା ପଟକୁ। ମୁଖ୍ୟ ପ୍ରବେଶ ଦ୍ୱାରଠାରୁ ଅନତିଦୂରରେ ତୁଳସୀ ଚଉଁରା। ପ୍ରତି ସନ୍ଧ୍ୟାରେ ଆମେ ଧୂପଦୀପ ଦେଉ କେବେ ସୁନୀତା ତ କେବେ ମୁଁ।

ଦେଖିଲି ରାସ୍ତା ଉପରେ ଠିଆ ହୋଇଥିବା ଆମ କାର୍ ଭିତରେ ବସି ସୋନି, ମୋନୁ ଓ ସୁନୀତା ମୋତେ ଅପେକ୍ଷା କରିଛନ୍ତି। ସାମାନ୍ ଭରା ଟ୍ରକ୍ ଆଗେଆଗେ ନୂଆ ଘର ଆଡ଼େ ଚାଲିଗଲାଣି। ପିଲା ଦୁଇଜଣଙ୍କ ଜନ୍ମ ଏଇଠାରେ। ଏ ଘରକୁ ସେମାନେ ନିଜର ଭାବି ଆସିଛନ୍ତି ଆଉ ଘରର ମମତାରେ ବାନ୍ଧି ହୋଇଛନ୍ତି। କାନ୍ଦି କରି ଉଚ୍ଛନ୍ନ ହେଲେ ଯେ ସେ ଏ ଘରୁ ଯିବେନାହିଁ। ବହୁତ ବୁଝେଇ ଶେଷକୁ ମିଛ କହିବାକୁ ପଡ଼ିଲା ଯେ ନୂଆଘର



ଆହୁରି ଭଲ। ଏ ପୁରୁଣା ଘର ଭାଙ୍ଗିଯିବ। ଭାଙ୍ଗିପଡ଼ିବା ଆଗରୁ ଆମର ପଳେଇଯିବା ଉଚିତ। କୌଣସିମତେ ରାଜି ହେଲେ। ଏବେ ନୂଆ ଘରର କୌତୂହଳ ନେଇ ଗାଡ଼ିରେ ମତେ ଅପେକ୍ଷା କରିଛନ୍ତି। ମତେ ଦେଖି ଦୁହେଁ ସମବେତ କଣ୍ଠରେ ପାଟି କରିଉଠିଲେ, ''ବାପା ଶୀଘ୍ର ଆସ''। ଆସୁଛି ବୋଲି କହି ମୁଁ ସବୁ ରୁମ୍ ଚେକ୍ କରିବାକୁ ଲାଗିଲି। ଟିକିଏ ମୋହ ଛଡ଼ା ଆଉ କିଛି ଛାଡ଼ି ଯାଇନାହୁଁ ଆମେ। ତୋଷନିବାଲ୍ ପ୍ୟାକର୍ସ ଏଣ୍ଡ୍ ମୁଭର୍ସ ଖୁବ୍ ଭଲ। ମୋବାଇଲ ରିଂ ହେଲା। ଆରପାଖରୁ କହୁଥିଲେ ଘର ମାଲିକ। ମୁଁ କହିଲି, ''ହଁ ସାର୍। ଘର ଖାଲି କରିଦେଲି। ସବୁ ଠିକ୍‌ଠାକ୍ ଅଛି। ଆପଣଙ୍କ ବିଶ୍ୱାସ ଆଉ ଭରସା ମୁଁ ଯଥାସାଧ୍ୟ ରକ୍ଷାକରିଛି ସାର୍। ଆପଣ କହିବା ମୁତାବକ ଘରଚାବି ମୁଁ ଗୋକୁଳି ବାବୁଙ୍କ ଦୋକାନରେ ଦେଇଦେବି, ନମସ୍କାର।'' କଥାସାରି ମୁଁ ଡ୍ରଇଂରୁମ୍‌କୁ ପଶିଆସିଲି। ଫାଙ୍କାଫାଙ୍କା ଘର। ରୁମ୍‌ଟି ଅପେକ୍ଷାକୃତ ବଡ଼। ବାଁ ପାଖ କାନ୍ଥରେ ଗଛ ଆଇନାଟିଏ ଫିଟ୍ ହୋଇ ରହିଛି ଆଗରୁ। ମନ କିଛିଟା ଭାରାକ୍ରାନ୍ତ ଲାଗୁଥାଏ। ଆଇନା ସାମ୍ନାରେ ଆସି ଠିଆହେଲି। ଦେଖିଲି ଆଇନା ଭିତରେ ମୋ' ଆଗରେ ମୋର ଆଭାସୀ ପ୍ରତିବିମ୍ବ ମତେ ଚାହିଁ ରହିଛି। କାହିଁକି କେଜାଣି ଆଜି ନିଜର ପ୍ରତିବିମ୍ବ ଅଧିକ ଆପଣାର ପରି ବୋଧହେଲା ମତେ। ତା'ରି ଆଡ଼କୁ ଚାହିଁ ରହି ମୋ' ସାରା ଶରୀର ଆଉଁଶିବାକୁ ଲାଗିଲି ମୁଁ। ସିଏ ବି ଠିକ୍ ସେମିତି କରିବାକୁ ଲାଗିଲା। ଦର୍ପଣ ଭିତରେ ନିଜକୁ ନିବିଡ଼ ଭାବେ ଦେଖୁଦେଖୁ ହଠାତ୍ ଗୋଟାଏ ଭାବନା ମନକୁ ଆସି ମୋ' ରୁମ ଟାଙ୍କୁରି ଉଠିଲା। ଇଏ ବି ତ ଏକ ଭଡ଼ାଘର। ଲୁହା, ଇଟା, ସିମେଣ୍ଟ, କାଠରେ ଗଢ଼ା ଏଇ କୋଠାଟି ପରି ପଞ୍ଚଭୂତର ଅଂଶ ନେଇ ଗଢ଼ାହୋଇଛି ମୋର ଏ ଏକାନ୍ତ ଭଡ଼ାଘର। ଏ ଭଡ଼ାଘର ମତେ ଆଜନ୍ମ ଥାନ ଦେଇଆସିଛି। ଏ ଘରକୁ ବି ଦିନେ ମତେ ଖାଲି କରିବାକୁ ପଡ଼ିବ। ଘରଛାଡ଼ି ଚାଲିଯିବାକୁ ହେବ। ସେତେବେଳେ ପ୍ୟାକର୍ସ ଏଣ୍ଡ୍ ମୁଭର୍ସର ଦରକାର ପଡ଼ିବନାହିଁ। କିଛି ବି ସାଙ୍ଗରେ ନେବାକୁ ହେବନି। ଖାଲି ଖାଲି, ଏକା ଏକା ମୁଁ ଏ ଘର ଛାଡ଼ି ଚାଲିଯିବି ଦିନେ। କୌଣସି ଅଗ୍ରୀମ ନୋଟିସ୍ ନଥିବ, ତଲବ ଆସିଲେ ସଙ୍ଗେସଙ୍ଗେ ଏ ଘର ଛାଡ଼ିବାକୁ ହେବ। ଯନ୍ତ୍ରଚାଳିତ ପରି ମୁଁ ଦର୍ପଣ ପାଖକୁ ଲାଗି ଆସି ମୋର ଆଭାସୀ ଛାୟାକୁ ବିହ୍ୱଳ ହୋଇ ଦେଖିବାକୁ ଲାଗିଲି। ଆବେଗରେ ଛୁଇଁବାକୁ ଚେଷ୍ଟାକଲି ତାକୁ ଆଇନାରେ ହାତମାରି। ବିଫଳ ମୁଁ, କିଛି ଆଉ ଭାବିବା ଆଗରୁ ଆଇନାରେ ମୁହଁ ରଖି ଚୁମିଦେଲି ତାକୁ। ଖାଲି ମୁହଁ ଆଉ ନାକର ବାମ୍ଫରେ ଆଇନାର କାଚ ଅସ୍ୱଚ୍ଛ ଦିଶିଲା। ଦି'ଆଖିରେ ଲୁହ ଜକେଇ ଆସିଲା। ସବୁ କିଛି ମତେ ଝାପ୍ସା ଝାପ୍ସା ଦେଖାଗଲା। ରୁମାଲରେ ଆଖି ଆଉ ଆଇନାର କାଚ ପୋଛିଲାବେଳେ କାର୍ ଭିତରୁ ସୁନୀତାର ପାଟି ଶୁଭିଲା, ''ଶୀଘ୍ର ଆସ। କ'ଣ କରୁଛ ଏତେ ସମୟ? ବେଶୀ ଭାବପ୍ରବଣ ହେବା ଦରକାର ନାହିଁ। ଭଡ଼ାଘର ବୋଲି କ'ଣ ମନେ ନ ଥିଲା କି? ଦିନେ ନା ଦିନେ ତ ଛାଡ଼ିବାକୁ ହେବ। ଭଡ଼ାଘର ଲାଗି ଏତେ ମାୟା ତମର? ଏତେ ମୋହ?''

ଆଖି ପୋଛିପୋଛି ମୁଁ ଡ୍ରଇଂରୁମ୍‌ର କବାଟ ବନ୍ଦକରି ତାଲା ଦେଲି। ଧୀରେଧୀରେ କାର୍ ପାଖକୁ ଯାଇ ଭିତରେ ବସିବା ଆଗରୁ ଥରେ ପଛକୁ ଅନେଇଦେଲି। ଘରକୁ ଚାହିଁ ବାଷ୍ପାକୁଳ କଣ୍ଠରେ ଫିସ୍ କରି କହିଦେଲି, 'ମୁଁ ଚାଲିଲି।' ତା'ପରେ ଆମେ ସମସ୍ତେ ଚାଲିଗଲୁ।

ମୋ- ୮୩୩୨୯୮୩୨୫୩

# ଏକାଠି ଜୀବନ ଏକାଠି ମୃତ୍ୟୁ

ମୂଳ ଇଂରାଜୀ: **ବାର୍ବାରା ଡି ଆଙ୍ଗେଲିଶ୍**
ସଂଗ୍ରହ ଓ ଅନୁବାଦ: **ନିରୁପମା ଆଚାର୍ଯ୍ୟ**




''ଅନେକ ପ୍ରେମିକ ପ୍ରେମିକା ଚିରଦିନ ଜୀବନ୍ତ ଓ ମୃତ୍ୟୁରେ ମଧ୍ୟ ଏକାଠି ରହିବା ପାଇଁ ଶପଥ କରିଥାନ୍ତି। କିନ୍ତୁ ମୁଁ କେବେ ବି ବିଶ୍ୱାସ କରିବି ନାହିଁ କାହାର ଆନୁଗତ୍ୟ ଓ ଭକ୍ତିଭାବ ଶ୍ରୀମତୀ ଇସିଡୋର ଷ୍ଟାରୁଶ୍‌ଙ୍କ ସହିତ ସମାନ ହୋଇପାରିବ।

୧୯୧୨ ମସିହାର କଥା। ଶ୍ରୀମତୀ ଇସିଡୋର ଷ୍ଟାରୁଶ୍ ଓ ତାଙ୍କ ସ୍ୱାମୀ ଟାଇଟାନିକ୍ ଜାହାଜ ଯେଉଁଟା ବୁଡ଼ିଗଲା ତା' ଯାତ୍ରୀମାନଙ୍କୁ ନେଇ ସେଥିରେ ବସି ଯାଉଥିଲେ। ଅବଶ୍ୟ ବହୁତ ସ୍ତ୍ରୀଲୋକ ଓ ଶିଶୁଙ୍କୁ ଉଦ୍ଧାର କରାଯାଇ ପାରିଥିଲା ହେଲେ ଶ୍ରୀମତୀ ଷ୍ଟାରୁଶ୍ ସେଇ ଅଳ୍ପ ସଂଖ୍ୟକ ସ୍ତ୍ରୀ ଲୋକଙ୍କ ଭିତରେ ରହିଲେ ଯେଉଁମାନେ ଉଦ୍ଧାର ପାଇପାରିଲେ ନାହିଁ। ତା'ର କାରଣ ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ିଦେଇ ଯାଇପାରିଲେ ନାହିଁ।

ଶ୍ରୀମତୀ ଷ୍ଟାରୁଶ୍‌ଙ୍କ ପରିଚାରିକା ମାବେଲ ବାର୍ଡ ଯେ ସେହି ଭୟଙ୍କର ଦୁର୍ଘଟଣାରୁ ରକ୍ଷା ପାଇ ଯାଇଥିଲେ ପରେ ଏ କଥାଟି ସେ ବର୍ଣ୍ଣନା କରିଥିଲେ।

ତାଙ୍କ ଭାଷାରେ- ''ଯେମିତି ଟାଇଟାନିକ୍ ବୁଡ଼ିବାକୁ ଆରମ୍ଭ କଲା, ଭୟରେ କାତର ହେଉଥିବା ସ୍ତ୍ରୀଲୋକ ଓ ପିଲାମାନଙ୍କୁ ପ୍ରଥମ ଜୀବନ ତରୀଗୁଡ଼ିକରେ ବସାଇ ଦିଆଗଲା। ଶ୍ରୀ ଓ ଶ୍ରୀମତୀ ଷ୍ଟାରୁଶ୍ ଧୀରସ୍ଥିର ଭାବରେ ସେଇ ସ୍ତ୍ରୀଲୋକମାନଙ୍କୁ ଜୀବନ ତରୀରେ ବସିବା ପାଇଁ ସାହାଯ୍ୟ କରୁଥାନ୍ତି ଓ ଦୁହେଁ ସେମାନଙ୍କୁ ନ ଡରିବା ପାଇଁ ବୁଝାଉଥାନ୍ତି। ସେମାନେ ମତେ ଚତୁର୍ଥ କି ପଞ୍ଚମ ଜୀବନତରୀ ଭିତରକୁ ପଠାଇ ଦେଲେ। ଶ୍ରୀମତୀ ଷ୍ଟାରୁଶ୍ ମୋ' ଉପରେ ବେଶ୍ ଗୋଟେ ମୋଟା କମ୍ବଳ ଘୋଡ଼ାଇ ଦେଲେ। ତା' ପରେ ଶ୍ରୀଯୁକ୍ତ ଷ୍ଟାରୁଶ୍ ତାଙ୍କ ସ୍ତ୍ରୀଙ୍କୁ ଜୀବନତରୀ ଭିତରକୁ ଯିବାକୁ ଅନୁରୋଧ କଲେ। ସେଥିରେ ତାଙ୍କ ପରିଚିତ ପରିଚାରିକା ଅଛି ଓ ସେ ତାଙ୍କର ଯତ୍ନ ନେବ ବୋଲି କହୁଥାନ୍ତି। ଶ୍ରୀମତୀ ଆମ ତରୀ ଭିତରକୁ ଯିବାକୁ ଗୋଡ଼ ବଢ଼ାଇଲେ। ପୁଣି ହଠାତ୍ ତାଙ୍କ ମନ ବଦଳାଇ ବୁଲିପଡ଼ିଲେ ଓ ବୁଡ଼ି ଯାଉଥିବା ଜାହାଜ ଭିତରକୁ ଗୋଡ଼ ଉଠାଇ ଆଣିଲେ।

''ଶୁଣ, ମୋ' କଥା ମାନ। ଦୟାକରି ସେ ଜୀବନତରୀ ଭିତରକୁ ଚାଲିଯାଅ'' ତାଙ୍କ ସ୍ୱାମୀ ତାଙ୍କୁ ବାରମ୍ବାର ଅନୁରୋଧ କରୁଥାନ୍ତି। ମୁଁ ଦେଖିପାରିଲି- ସେ ତାଙ୍କ ସ୍ୱାମୀଙ୍କ ଆଖିକୁ ଭଲ କରି ଚାହୁଁଥାନ୍ତି। ଭାବୁଥାନ୍ତି ବୋଧେ- ଯାହାଙ୍କ ସହିତ ସେ ତାଙ୍କ ଜୀବନର ସବୁ ସମୟ କଟାଇ ଆସିଛନ୍ତି, ଯେଉଁ ମଣିଷ ଜଣକ ତାଙ୍କର ପ୍ରିୟ ବନ୍ଧୁ, ତାଙ୍କ ହୃଦୟର ପ୍ରକୃତ ସାଥି- ତାଙ୍କ ଆତ୍ମାର ପ୍ରକୃତ ସାହାଯ୍ୟକାରୀ ତାଙ୍କୁ ଛାଡ଼ିଦେଇ...।

'ନାଇଁ'! ଶ୍ରୀମତୀ ଷ୍ଟାରୁଶ୍ ନିଜ କଥାରେ ଜୋର୍ ଦେଇ କହିଲେ- ''ନା, ମୁଁ ସେ ଜୀବନତରୀ ଭିତରକୁ ଯିବିନାହିଁ। ଆମେ ଦୁହେଁ ଏକାଠି ଅଛେ ଅନେକ ବର୍ଷ ଧରି। ଏବେ ଆମେ ବୁଢ଼ାବୁଢ଼ୀ ହୋଇଗଲେଣି। ମୁଁ ତୁମକୁ ଛାଡ଼ିଦେଇ ଯିବିନାହିଁ। ତୁମେ ଯେଉଁଠିକି ଯିବ ମୁଁ ସେଇଠିକି ଯିବି।''

ମୁଁ ଏତିକି ସେମାନଙ୍କୁ ଶୁଣି ପାରିଲି। ଦେଖିପାରିଲି ହାତ ଉପରେ ହାତ ଛନ୍ଦି ଠିଆ ହୋଇଛନ୍ତି ଦୁହେଁ ଡେକ୍ ଉପରେ। ଏହି ସାହସିନୀ ସ୍ତ୍ରୀଲୋକଟି ସାହସର ସହିତ ତାଙ୍କ ସ୍ୱାମୀଙ୍କୁ ନିଜ ଆଡ଼କୁ ବଢ଼ାଇ ଧରିଥାନ୍ତି। ଆଉ ସେଇ ପ୍ରେମିକ ସ୍ୱାମୀଟି ତାଙ୍କୁ ରକ୍ଷା କଲାପରି ଆଉଜାଇ ଧରିଥାନ୍ତି ନିଜ ଦେହରେ-

ଜାହାଜ ବୁଡ଼ି ଯାଉଥାଏ-

ଦୁହେଁ ଚିରଦିନ ପାଇଁ ଏକାଠି ରହିଗଲେ।

*ଦୂରଭାଷ: ୦୬୭୪-୨୫୪୯୭୫୫*

# ଭଲ ସମ୍ପାଦକ ଲେଖକ ଗଢ଼େ, ନିଜକୁ ଭୁଲେ

ମାନସ ରଞ୍ଜନ ମହାପାତ୍ରଙ୍କ ଜନ୍ମ ୧୫ ଜୁନ୍ ୧୯୬୦ରେ, ମାର୍କଣ୍ଡେଶ୍ୱର ସାହି ପୁରୀରେ। ପ୍ରକାଶିତ କବିତାଗ୍ରନ୍ଥ- 'ମାଟିରୁ ଆକାଶ ପର୍ଯ୍ୟନ୍ତ' (୧୯୯୨), 'ଚିତ୍ରକରର ସକାଳ' (୧୯୯୨), 'ଆମେ ଦୁହେଁ ସମୟ ସାମ୍ନାରେ' (୧୯୯୪) ଓ 'ସମ୍ମୋହନରେ ଜୀବନ' (୨୦୦୫)। ୧୯୮୫ରେ ଉପନ୍ୟାସିକା 'ନିଃସଂଗ' ଓ ୧୯୯୪ରେ ଗଳ୍ପ ପୁସ୍ତକ 'ଇଉନିଟ୍ ତିନିର ପ୍ରେମିକା' ପ୍ରକାଶିତ। ହିନ୍ଦୀ ଓ ଇଂଲିଶ୍‌ରୁ ଅର୍ଦ୍ଧଶତାଧିକ ଶିଶୁ ପୁସ୍ତକର ଅନୁବାଦ ତାଙ୍କ ଅନୁବାଦକୀୟ ପ୍ରତିବଦ୍ଧତାର ପ୍ରମାଣ। ପ୍ରାପ୍ତ ପୁରସ୍କାର ଓ ସମ୍ମାନ: 'ଚନ୍ଦ୍ରଭାଗା ସମ୍ମାନ', 'ଆସାମ ସାହିତ୍ୟ ସଭା ସମ୍ମାନ' ଓ 'ପୂର୍ବୋତ୍ତର ହିନ୍ଦୀ ଏକାଡେମୀ ସମ୍ମାନ' (ଶିଲଂ)। ଏନ୍.ବି.ଟି. ଇଣ୍ଡିଆରୁ ୨୦୨୦ରେ ଅବସରପ୍ରାପ୍ତ ଏହି କବିଙ୍କର ରହଣି ଏବେ ପୁରୀରେ...

**ପ୍ର:** ଓଡ଼ିଆ କବିତାକୁ ଆପଣଙ୍କ କବିତାର ବିଶେଷ ଅବଦାନ କ'ଣ ବୋଲି ଆପଣ ଭାବନ୍ତି?

**ଉ:** ବିଶ୍ୱଦୃଷ୍ଟି, ଅନୁଭବର ବିଶାଳତା। ଜୀବନକୁ ବିଭିନ୍ନ ଭାବରେ ଦେଖିବାର ପ୍ରୟାସ।

**ପ୍ର:** ଆପଣ କିଛି ଗଳ୍ପ ବି ଲେଖିଛନ୍ତି। କବିତା ଲେଖୁଲେଖୁ ଆପଣ ଗଳ୍ପ ପାଇଁ ଆକୃଷ୍ଟ ହେଲେ ଓ ଛାଡ଼ିଦେଲେ। ଏହାର କାରଣ କ'ଣ ହୋଇପାରେ?

**ଉ:** ୧୯୭୬ରୁ ୧୯୯୪ ମଧ୍ୟରେ ମୁଁ ପ୍ରାୟ ଶହେ ଗପ ଲେଖିଛି। କବିତା ଓ ଗଳ୍ପ ଏକ ସମୟରେ ଲେଖୁଥିଲି। ମାତ୍ର ପାରିଲି ନାହିଁ। କାରଣଟି ଅତି ସହଜ। ଗପର ପୃଥିବୀ ଓ କବିତାର ପୃଥିବୀ ଅଲଗା ଅଲଗା। ମୋର ଗଳ୍ପ ସଂକଳନ 'ଇଉନିଟ୍ ତିନିର ପ୍ରେମିକା' ଲାର୍କ ବୁକ୍‌ସ ୧୯୯୪ରେ ଛାପିଥିଲେ।

**ପ୍ର:** ଶ୍ରୀଜଗନ୍ନାଥ ଓ ମହୋଦଧିକୁ ନେଇ କୌଣସି ଅନୁଭୂତି ଆପଣଙ୍କର କିଛି କବିତାରେ ଅଛି କି, ଯଦି ଅଛି ଏହାର ପୃଷ୍ଠଭୂମି କ'ଣ?

**ଉ:** ମୋର ପ୍ରଥମ କବିତା ସଂକଳନ 'ମାଟିରୁ ଆକାଶ ପର୍ଯ୍ୟନ୍ତ' ଶ୍ରୀଜଗନ୍ନାଥ ଓ ସମୁଦ୍ରକୁ ନେଇ। ଅନ୍ୟ କବିତା ସଂକଳନଗୁଡ଼ିକରେ ମୁଁ ପୁରୀକୁ ନେଇ ଅନେକ କବିତା ଲେଖିଛି। ଯେଉଁଠି ଥାଏ ମୁଁ- ମୋ' ଛାତିରେ ଥା'ନ୍ତି ଶ୍ରୀଜଗନ୍ନାଥ ଓ ପୁରୀ। ପୃଥିବୀ ବୁଲିଛି, କିନ୍ତୁ ଜଗନ୍ନାଥ ଓ ସମୁଦ୍ରକୁ ନିଜଠାରୁ ଅଲଗା କରିପାରିନି। ଆମେ ଏକାତ୍ମ।

**ପ୍ର:** ଅନାମ ଆନ୍ଦୋଳନ ସମ୍ପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ?

**ଉ:** ଅନାମ ଆନ୍ଦୋଳନରେ ମୁଁ କିଛି ବର୍ଷ ଥିଲି। ଏହା ଏକ ସ୍ୱତନ୍ତ୍ର ମତବାଦକୁ ନେଇ ଗଢ଼ିଉଠିଥିଲା। କବି କୁମାର ମହାନ୍ତିଙ୍କ ମୃତ୍ୟୁ ସହ ଏ ଆନ୍ଦୋଳନର ପରିସମାପ୍ତି ଘଟିଲା। ଅନେକେ ଏହାକୁ ନେଇ ବ୍ୟବସାୟ କରିବାକୁ ଚାହିଁଲେ। ନିଜର ପରିଚୟ ବଢ଼ାଇଲେ, ବଞ୍ଚାଇବାକୁ ଚାହିଁଲେ ନାହିଁ। ଅନାମ ଏକ ଜୀବନଧାରା। ଏହାର ଲକ୍ଷ୍ୟ ଏକ ବେସାଲିସ୍ ଆଦର୍ଶ, ଶ୍ରେଣୀହୀନ ସମାଜର ପ୍ରତିଷ୍ଠା। ମୁଁ ଅନାମ ଥିଲି, ଅଛି ଓ ରହିବି।

**ପ୍ର:** ଆପଣ ଜଣେ ସମ୍ପାଦକ। ଜଣେ ସମ୍ପାଦକର ଭୂମିକା କ'ଣ ହେବା ଉଚିତ୍ ବୋଲି ଭାବନ୍ତି?

**ଉ:** ସମ୍ପାଦକ ନିଜ କୃତିକୁ ଭୁଲି ଅନ୍ୟର କୃତିକୁ ସୁନ୍ଦର କରିବାରେ ଲାଗିପଡ଼େ। ମୁଁ ସମ୍ପାଦକ ଭାବେ ଅନ୍ୟର ପାଣ୍ଡୁଲିପି ସଜାଡ଼ିଲି। ୨୦୦୪ ମସିହା ପରେ ନିଜ କବିତାର ପାଣ୍ଡୁଲିପିଟିଏ ତିଆରି କରିପାରିଲି ନାହିଁ। ଭଲ ସମ୍ପାଦକ ଲେଖକ ଗଢ଼େ, ନିଜକୁ ଭୁଲେ।

**ପ୍ର:** ଇଣ୍ଟରନେଟ୍ ଯୁଗରେ ମୁଦ୍ରିତ ଅକ୍ଷରର ଭବିଷ୍ୟତ କ'ଣ? ତା' ଦ୍ୱାରା ସାହିତ୍ୟ କିଛି ପ୍ରଭାବିତ ହୋଇଛି କି?

**ଉ:** କିଛି ଅଛି, କିଛି ନାହିଁ। ଛପା ଅକ୍ଷର ଓ ବୈଦ୍ୟୁତିକ ଗଣମାଧ୍ୟମ ଅଲଗା ଅଲଗା। କାଗଜରେ ନ ଛାପିଲେ ସାହିତ୍ୟ ପଢ଼ିବାର ଆନନ୍ଦ ଆସେ ନାହିଁ। ହେଲେ ଡିଜିଟାଲ ଦୁନିଆରେ ଏବେ ସାହିତ୍ୟ! ଇଣ୍ଟରନେଟ୍ ହିଁ ସାହିତ୍ୟର ଯଥେଷ୍ଟ କ୍ଷତି କରିଛି। କଳ୍ପନାଶୀଳତା ସମ୍ପୂର୍ଣ୍ଣ ଭାବେ ହଜିଯାଇଛି। ଏବେ କରୋନା କାଳରେ ସଭାସମିତି, କବିତାପାଠ, ସାହିତ୍ୟ ଆଲୋଚନା ସବୁ ବନ୍ଦ। ଯାହା ଚାଲିଛି ସବୁ ଡିଜିଟାଲ ମାଧ୍ୟମରେ। ମୁଁ ସେଇ ଦୁନିଆରେ ନାହିଁ। ରହିବାକୁ ଚାହେଁ ନାହିଁ।

**ପ୍ର:** ନୂତନ ପ୍ରଜନ୍ମର କବି, ଲେଖକମାନଙ୍କ ପାଇଁ ଆପଣଙ୍କର ବାର୍ତ୍ତା କ'ଣ?

**ଉ:** ବେଶୀ ପଢ଼, କମ୍ ଲେଖ। ପୁରସ୍କାର ପଛରେ ଧାଅଁ ନାହିଁ। ତାହା ଏକ ମରୀଚିକା। ଯାହା ଲେଖୁଚ ଜୀବନ ଅନୁଭବରୁ ଲେଖ। ତୁମ ଅନୁଭବ ଯଦି ମୌଳିକ, ସମୟ ତା'ର ମୂଲ୍ୟ ଦେବ ନିଶ୍ଚୟ। ଗୁଡ଼ାଏ ଛାପିଲେ ତୁମେ ମହାନ୍ ଲେଖକ ହୋଇଯିବ ନାହିଁ।

### ସୃଜନ-ଆଳାପ



ମାନସ ରଞ୍ଜନ ମହାପାତ୍ର

**ପ୍ରସ୍ତୁତି : ଶ୍ୟାମ ପ୍ରକାଶ ସେନାପତି**

# ପୁସ୍ତକ ପରିଚୟ

## ପରକାୟା ପରକୀୟା




**କବି:** ପଞ୍ଚାନନ ମିଶ୍ର
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

'ପରକାୟା ପରକୀୟା'ର ଆଧାର ହେଉଛି ବିଦ୍ୟାର୍ଣ୍ଣସ୍ୱାମୀଙ୍କ ରଚିତ ଶଙ୍କରଙ୍କ ଜୀବନୀ ଓ ମାଧବୀୟ 'ଶଙ୍କର ଦିଗ୍‌ବିଜୟ'। ଜଗଦ୍‌ଗୁରୁ ହେବାର ଅଭିଯାନରେ ମା'ଙ୍କଠାରୁ ବିଦାୟ ନେଇ ଯିବାପରେ ଶଙ୍କରଙ୍କ ଜୀବନରେ ଯାହା ଯାହା ଘଟିତ, ତା'ର ଏଡ଼େ ସରଳ ଓ ଚମତ୍କାର ରୂପଯେ କବିତାରେ ସମ୍ଭବ, ପଞ୍ଚାନନଙ୍କର ଏ ବହିଟି ନ ପଢ଼ିଲେ ଜାଣି ହୁଏନାହିଁ। କାମକଳା ସମ୍ପର୍କରେ ଅନଭିଜ୍ଞ ଶଙ୍କର ନିଜ ଶରୀରରୁ ବାହାରି ମୃତରାଜା ଅମରୁକଙ୍କ ଶରୀରରେ ପ୍ରବେଶ କରି ରାଣୀଙ୍କ ସହ ଏକ ମାସ ରତିକ୍ରୀଡ଼ାରେ ମଗ୍ନ ରହିବା ଅନାଚାର ନୁହେଁ, ଆଧ୍ୟାତ୍ମିକ ସିଦ୍ଧିର ଏକ ଅପରିହାର୍ଯ୍ୟ ସୋପାନ। କୁମାରିଲ ଭଟ୍ଟ, ମଣ୍ଡନ ମିଶ୍ର ଓ ଶଙ୍କରଙ୍କ ସମ୍ବାଦ ବହିଟିରେ ଯେପରି ଚିତ୍ରିତ, ତା'ର ତୁଳନା ନାହିଁ। ଶଙ୍କରଙ୍କ ସହ ସମ୍ଭୋଗବେଳେ ରାଣୀଙ୍କ ଭିନ୍ନ ଉପଲବ୍ଧିର ବର୍ଣ୍ଣନା ବେଶ୍ ଅକୃତ୍ରିମ: ''ମୁଁ ଭାବିଲି, ସ୍ୱାମୀ ତ ଏପରି କେବେ/ ଦିଶୁନଥିଲେ ଆଗରୁ/ ଆଜି ଏ ନୂଆ କମ୍ପନ/ ଶିହରଣ ନ ଥିବା ଦେହରେ/ ଅପୂର୍ବ ଶିହରଣ/ ମୋତେ ଲାଗିଲା, ଏ ଅନ୍ତର୍ବାସନା ଅଭିନବ/ ଅନ୍ୟ କାହାର, ମୁଁ ପଡ଼ିରହିଲି/ ନିଷ୍ପ୍ରାଣ ମୃଗୁଣୀ ପରି କଳକଳ ଝରଣାକୂଳରେ।''(ପୃ: ୬୧) ଶଙ୍କର ଚାଲିଯିବା ପରେ ରାଣୀଙ୍କ ଭାବାନ୍ତର ବହିଟିକୁ ପ୍ରେମ ଓ ସନ୍ନ୍ୟାସର ଏକ ସଫଳ କାବ୍ୟରେ ପରିଣତ କରିଛି। ''ତଥାପି ବାନ୍ଧିଛି ଆଶା ହେବାକୁ/ ତୁମର କପାଳ ଚନ୍ଦନଟୀକା/ ତୁମେ ପିନ୍ଧିଥିବା ଯୋଗୀ ବସନର/ ଗେରୁ ରଂଗ ହେବି ପଡ଼ିବି ନାହିଁ ମୁଁ ଫିକା।'' ମତ୍ସେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ପ୍ରସଙ୍ଗ କବିତାକୁ ଗପ କରିଛି ଓ ଗପକୁ କବିତା।

## କଥା ଉପକଥା




**ଲେଖକ:** ହଂସନାଥ ମୁଦୁଲି
**ପ୍ରକାଶକ:** ଆତ୍ମମ୍, ଖଣ୍ଡଗିରି, ଭୁବନେଶ୍ୱର-୩୦
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/-

ମୋଟ ୨୪ଟି ଗଳ୍ପ ଗ୍ରନ୍ଥଟିରେ ସ୍ଥାନିତ। ଜୀବନରେ ଘଟିଥିବା ସଂଖ୍ୟାହୀନ ଘଟଣା, ଯାହା ଲେଖକଙ୍କ ଜୀବନକୁ ସ୍ପର୍ଶ କରିଛି, ତାକୁ ସେ ଏହି ଗଳ୍ପଗୁଡ଼ିକରେ ସ୍ଥାନିତ କରିଛନ୍ତି। ସତ ଘଟଣା ଓ ଫିଚରଧର୍ମୀ କିଛି ଘଟଣା ବର୍ଣ୍ଣିତ ହୋଇଥିବାରୁ ସଂକଳନର ନାମ ରଖିଛନ୍ତି 'କଥା ଉପକଥା'। 'ଭାଇଭାଗ', 'ସନ୍ଦେହ', 'ବଡ଼ଶଙ୍ଖରୁ ବରମୁଣ୍ଡା', 'ମନ ଦୃଢ଼ କଲେ', 'ଅଜବ ଏକ ଅନ୍ଧବିଶ୍ୱାସ', 'ଡର', 'ଅଜଣା ଆନନ୍ଦ' ଓ 'ଗୁମର' ଆଦି ଗଳ୍ପ ଯେପରି ଶିକ୍ଷଣୀୟ ସେହିପରି ଭାଷାର ସରଳ-ସୌକୁମାର୍ଯ୍ୟରେ ଅଭିମଣ୍ଡିତ। ବହିଟି ବୟସ ନିର୍ବିଶେଷରେ ପାଠିକାପାଠକମାନଙ୍କୁ ଆଗ୍ରହାନ୍ୱିତ କରିବ ବୋଲି ଆଶା।



# ସାଇକେଲରେ ମହାରାଷ୍ଟ୍ରରୁ ବୈଷ୍ଣୋଦେବୀ

## ୨୨ଶହ କି.ମି. ଗଲେ ୬୮ ବର୍ଷୀୟା ମହିଳା

**ମୁମ୍ବାଇ:** ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଦୁନିଆରେ ଯେ କୌଣସି କାର୍ଯ୍ୟ ସମ୍ଭବପର ହୋଇଥାଏ। ମହାରାଷ୍ଟ୍ରର ଜଣେ ୬୮ ବର୍ଷୀୟା ବୃଦ୍ଧା ଏହା ପ୍ରମାଣିତ କରିଦେଖାଇଛନ୍ତି। ବୁଲ୍‌ଢ଼ାଣା ଜିଲା ଖାମଗାଁଓ ଅଞ୍ଚଳର ରେଖା ଦେବଭଙ୍କର ସାଇକେଲରେ ବୈଷ୍ଣୋଦେବୀ ଯାତ୍ରା କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ଭିଡିଓକୁ ପସନ୍ଦ କରିବା ସହ ବୃଦ୍ଧାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଜଣେ ବ୍ୟକ୍ତି ଭିଡିଓଟିକୁ ଶେୟାର କରି ଲେଖିଛନ୍ତି, ୬୮ ବର୍ଷୀୟା ମରାଠି ମହିଳା ଏକାକୀ ସାଇକେଲ ଯୋଗେ ମା'ଙ୍କ ଦର୍ଶନ ନିମନ୍ତେ ବୈଷ୍ଣୋଦେବୀ ଯାତ୍ରା କରୁଛନ୍ତି। ଖାମ୍‌ଗାଁଓରୁ ବୈଷ୍ଣୋଦେବୀ ୨୨ଶହ କି.ମି. ଯାତ୍ରା। ତେଣୁ ମଦର୍ସ ପାୱାର୍ କହି ସେ ତାଙ୍କୁ ସମ୍ମାନ ଜଣାଇଛନ୍ତି। ଅନ୍ୟ ଜଣେ ଭିଡିଓ ଉପରେ ମନ୍ତବ୍ୟ ରଖି ଲେଖିଛନ୍ତି, ଏବେକା ସମୟରେ ତାଙ୍କ ଭଳି ସାହସ, ଶକ୍ତି ଏବଂ ବିଶ୍ୱାସ ଦେଖିବା କଷ୍ଟକର। ଆମକୁ ବୟସ୍କମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି। ତେବେ ବୃଦ୍ଧା ଜଣଙ୍କ ଜୁଲାଇ ୨୪ରେ ଯାତ୍ରା ଆରମ୍ଭ କରିଥିବାବେଳେ ଏହା ମଧ୍ୟରେ ସେ ମଧ୍ୟପ୍ରଦେଶ ଅତିକ୍ରମ କରିଛନ୍ତି। ପ୍ରତ୍ୟେକ ଦିନ ସେ ୪୦ କି.ମି ଯାତ୍ରା କରୁଥିବା କୁହନ୍ତି। ସାହସ ପ୍ରମାଣିତ କରିଛି, ବୟସ ଏକ ସଂଖ୍ୟା ମାତ୍ର।

ପ୍ରଥମ ଜନ୍ମଦିନର ଶୁଭେଚ୍ଛା

(ଗୁଗୁଲ୍)
ଦିବ୍ୟସାଇ ଧଳ
ଗ୍ରାମ: ବିଲିପଡ଼ା, ପୋଷ୍ଟ: ଭୋଟକା, କୁଆଖିଆ, ଯାଜପୁର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ପ୍ରଦାନ କରନ୍ତୁ, ଏତିକି ପ୍ରାର୍ଥନା।
:ଶୁଭେଚ୍ଛା ସହ:
ପ୍ରଭାକର ଧଳ (ଜେଜେବାପା), ବାସନ୍ତୀ ଧଳ (ଜେଜେମା'), ସୌମ୍ୟଦୀପ୍ତ ଧଳ (ପାପା), ସୁସ୍ମିରେଖା ଧଳ (ମାମା), ନେହା (ଦିଦି), ବନ୍ଧୁ ଓ ପରିବାରବର୍ଗ।
ଧ-୧୮୬୯୭

# ଲଢ଼େଇ ଜିତିଲେ ସଞ୍ଜୟ


ସଞ୍ଜୟ ଦତ୍ତ

**ମୁମ୍ବାଇ:** ଜିତିଲେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଞ୍ଜୟ ଦତ୍ତ, ହାରିଲା କର୍କଟ। କିଛିମାସ ତଳେ ସେ ଫୁସ୍‌ଫୁସ୍ କର୍କଟ ରୋଗରେ ପୀଡ଼ିତ ଥିବା ନେଇ ଖବର ଆସିଥିବା ବେଳେ ଏବେ ସେ କର୍କଟ ରୋଗ ସହ ଲଢେଇ କରି ଜିତିଥିବା ଜଣାପଡିଛି। ଏହି ଖବର ସଞ୍ଜୟ ଦତ୍ତ ନିଜ ଇନ୍‌ଷ୍ଟା ଓ ଟୁଇଟର ଆକାଉଣ୍ଟ ଜରିଆରେ ଦେଇଛନ୍ତି। ଏହି ଖବର ପାଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କର୍କଟ ସହ ତାଙ୍କ ଲଢେଇରେ ତାଙ୍କ ସହ ଛିଡା ହୋଇଥିବାରୁ ଟୁଇଟ୍‌ରେ ସେ ତାଙ୍କ ପରିବାର, ବନ୍ଧୁ ଏବଂ ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, 'ଗତ କିଛି ସପ୍ତାହ ମୋ ପାଇଁ ଏବଂ ମୋ ପରିବାର ପାଇଁ ବହୁତ କଷ୍ଟସାଧ ଥିଲା। କିନ୍ତୁ କଥାରେ ଅଛି, ଭଗବାନ ବଡ଼ ଲଢେଇ ଲଢ଼ିବା ପାଇଁ ନିଜର ସବୁଠାରୁ ଶକ୍ତିଶାଳୀ ଯୋଦ୍ଧାକୁ ପଠାଇଥାନ୍ତି। ପୁଅର ଜନ୍ମଦିନରେ ଏହି ଯୁଦ୍ଧ ଜିତି ଫେରିଥିବାରୁ ସେ ଖୁସି ଜାହିର କରିଛନ୍ତି। ଏହି ଲଢେଇ ଆପଣମାନଙ୍କ ବିନା ଜିତିପାରି ନ ଥାନ୍ତି। ଆପଣମାନଙ୍କ ସମର୍ଥନ ଏବଂ ସହଯୋଗ ପାଇଁ ଆଜି କର୍କଟ ଭଳି ରୋଗକୁ ହରାଇ ପାରିଛି ବୋଲି ସଞ୍ଜୟ ଭାବବିହ୍ୱଳ ହୋଇ କହିଛନ୍ତି। ସୂଚନା ମୁତାବକ, ଅଗଷ୍ଟ ୧୨ରେ ସଞ୍ଜୟ ଦତ୍ତ ଫୁସ୍‌ଫୁସ୍ କର୍କଟ ରୋଗରେ ପୀଡ଼ିତ ଥିବା ଜଣା ପଡ଼ିଥିଲା। ପରେ ସେ ଚିକିତ୍ସା ପାଇଁ ଆମେରିକା ଯାଇଥିଲେ।

# ମୃତ୍ୟୁ ଇଞ୍ଜେକ୍ସନ

*୧୬ବର୍ଷ ତଳେ ଆମେରିକାରେ ସଂଘଟିତ ଏକ ନୃଶଂସ ହତ୍ୟା ମାମଲାରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ହେଲେ ତାଙ୍କୁ ଫାଶୀ ପରିବର୍ତ୍ତେ ବିଷ ଇଞ୍ଜେକ୍ସନ ଦିଆଯିବ। ମୃତ୍ୟୁର ଏହି ଇଞ୍ଜେକ୍ସନ ମାତ୍ର କେଇ ମିନିଟ୍ ମଧ୍ୟରେ ଜୀବନ ନେଇଯିବ, ଅଥଚ ଦୋଷୀଙ୍କୁ ଅଧିକ କଷ୍ଟ ହେବ ନାହିଁ।*



ଡିସେମ୍ବର ୮ରେ ଲିସା ମଣ୍ଟେଗୋମରୀ ନାମକ ଜଣେ ଆମେରିକୀୟ ମହିଳା କିଲରଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ମୃତ୍ୟୁଦଣ୍ଡର ଏକ ପ୍ରମୁଖ ମାଧ୍ୟମ ଫାଶୀରେ ଦୋଷୀ ଯନ୍ତ୍ରଣାରେ କଲବଲ ହୋଇଥାନ୍ତି। ଏଥିରେ ତାଙ୍କୁ ଅତ୍ୟଧିକ କଷ୍ଟ ହୋଇଥାଏ। ତେଣୁ କଷ୍ଟମୁକ୍ତ ମୃତ୍ୟୁ ପାଇଁ ଲିସାଙ୍କୁ 'ଲିଥଲ ଇଞ୍ଜେକ୍ସନ' ଦିଆଯିବ। ଏହାର ପ୍ରଭାବରେ ଦୋଷୀ ମୁହୂର୍ତ୍ତକ ମଧ୍ୟରେ ଅଚେତ ହୋଇଯିବେ ଏବଂ ତାଙ୍କର ମୃତ୍ୟୁ ଘଟିବ। ଦୀର୍ଘବର୍ଷ ବ୍ୟବଧାନ ପରେ ଆମେରିକାରେ ପୁନର୍ବାର ମୃତ୍ୟୁଦଣ୍ଡ ଦିଆଯାଉଛି। ତେବେ ଅନ୍ତିମ ସମୟରେ ଦୋଷୀ ଯେପରି ମାନସିକ ଏବଂ ଶାରୀରିକ ଭାବେ ଅଧିକ କଷ୍ଟ ନ ପାଆନ୍ତି ସେଥିଲାଗି ଏହି ଇଞ୍ଜେକ୍ସନର ବ୍ୟବହାର କରାଯିବ ବୋଲି ସ୍ପଷ୍ଟ ହୋଇଛି।

'ଲିଥଲ ଇଞ୍ଜେକ୍ସନ' ଦୁଇରୁ ଅଧିକ ଔଷଧର ମିଶ୍ରଣରେ ପ୍ରସ୍ତୁତ। ଆମେରିକାରେ ଏହି ଇଞ୍ଜେକ୍ସନର ବ୍ୟବହାର କେବଳ ମୃତ୍ୟୁଦଣ୍ଡରେ ଦଣ୍ଡିତ ବ୍ୟକ୍ତିଙ୍କ କ୍ଷେତ୍ରରେ ହୋଇଥାଏ। ଏବେ ଅନେକ ଦେଶ ଦୋଷୀଙ୍କୁ ଯନ୍ତ୍ରଣାବିହୀନ ମୃତ୍ୟୁ ଦେବାକୁ ଏହି ପଦ୍ଧତିକୁ ଅନୁକରଣ କରୁଛନ୍ତି। ଏହି ଇଞ୍ଜେକ୍ସନ ଦେବାର କେଇ ମିନିଟ୍ ପରେ ବ୍ୟକ୍ତି ଚେତାଶୂନ୍ୟ ହୋଇଯାଏ। ଶ୍ୱାସତନ୍ତ୍ର ଗଭୀର ଭାବେ ପ୍ରଭାବିତ ହୁଏ। ମାଂସପେଶୀ ସ୍ଥାଣୁ ପାଲଟିଯାଏ। ହୃଦ୍‌ସ୍ପନ୍ଦନ ଥମିଯାଏ ଏବଂ ଶେଷରେ ମୃତ୍ୟୁ ଘଟିଥାଏ।

୧୮୯୦ ଯାଏ ଆମେରିକାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉଥିଲା। ଏହାପରେ ବିଦ୍ୟୁତ୍ ଚେୟାର ବ୍ୟବହାର କରାଗଲା। ୧୮୯୨ରେ ଟେକ୍ସାସରେ ପ୍ରଥମଥର 'ଲିଥଲ ଇଞ୍ଜେକ୍ସନ' ବ୍ୟବହାର କରି ଜଣେ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଦେଶରେ ମୃତ୍ୟୁଦଣ୍ଡ ଭୋଗୁଥିବା ପ୍ରତି କଏଦୀଙ୍କୁ ମୃତ୍ୟୁର ମାଧ୍ୟମ ଚୟନ କରିବାର ଅଧିକାର ରହିଛି। ହେଲେ ଯନ୍ତ୍ରଣାବିହୀନ ମୃତ୍ୟୁ ଲାଗି ଅଧିକାଂଶ କଏଦୀ 'ଲିଥଲ ଇଞ୍ଜେକ୍ସନ' ଚୟନ କରିଥାନ୍ତି। ଏହା ଏତେ ଭୟଙ୍କର ଯେ, ଏହାକୁ ଦିଆଯିବା ପରେ କୌଣସି ବ୍ୟକ୍ତି ବଞ୍ଚିଥିବା ନଜିର ନାହିଁ। ମୃତ୍ୟୁଦଣ୍ଡ ଲାଗି ଏହାକୁ ପ୍ରଥମେ ଆମେରିକାରେ ବିକାଶ କରାଯାଇଥିଲା। ଏବେ ଚାଇନା, ଥାଇଲାଣ୍ଡ, ଗୁଏମାଲା, ତାଇୱାନ, ମାଳଦ୍ୱୀପ, ଭିଏତନାମ ଆଦି ଦେଶରେ ଲିଥଲ ଇଞ୍ଜେକ୍ସନ ଜରିଆରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଛି। ତେବେ ଉପରୋକ୍ତ ଦେଶଗୁଡ଼ିକ ମଧ୍ୟରୁ ଅନେକ ଦେଶରେ ଦୀର୍ଘବର୍ଷ ହେଲା ମୃତ୍ୟୁଦଣ୍ଡ ଦିଆଯାଇନାହିଁ।

ଲିଥଲ ଇଞ୍ଜେକ୍ସନ ଦିଆଯାଇ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ପଛରେ ମୁଖ୍ୟତଃ ଦୁଇଟି କାରଣ ରହିଛି। ପ୍ରଥମତଃ ଏହା ଫାଶୀ ପ୍ରକ୍ରିୟା ତୁଳନାରେ ଅଧିକ ଶସ୍ତା। ଦ୍ୱିତୀୟତଃ ଏହାକୁ କମ୍ ଅମାନବୀୟ ବୋଲି ବିବେଚନା କରାଯାଏ। ଆମେରିକୀୟ ଡାକ୍ତର ଜୁଲିୟସ ମାଉଣ୍ଟବ୍ଲେୟାର ୧୮୮୮ ଜାନୁୟାରୀ ୧୭ରେ ପ୍ରଥମ କରି ଲିଥଲ ଇଞ୍ଜେକ୍ସନ ପ୍ରସ୍ତାବ ଦେଇଥିଲେ। ତେବେ ଅନ୍ୟ ଏକ ତଥ୍ୟ ଅନୁଯାୟୀ ଏହାକୁ ନାଜି ଜର୍ମାନୀ ପ୍ରଥମେ ବିକଶିତ କରିଥିଲା। ଏହାକୁ ଆକ୍ସନ ଟି-୪ ୟୁଥେନେସିଆ କାର୍ଯ୍ୟକ୍ରମ ଅଧୀନରେ ବିକଶିତ କରାଯାଇଥିଲା। ବ୍ରିଟିଶ ରୟାଲ କମିଶନ ଅନ୍ କ୍ୟାପିଟଲ ପନିଶମେଣ୍ଟ ମଧ୍ୟ ଏହାକୁ କିଛି ବର୍ଷ ବ୍ୟବହାର କରିଥିଲା। ପରବର୍ତ୍ତୀ ସମୟରେ ବ୍ରିଟିଶ ମେଡିକାଲ ଆସୋସିଏଶନ (ବିଏମ୍ଏ) ଚାପରେ ଏହାକୁ ଖାରଜ କରି ଦିଆଯାଇଥିଲା।

# ଡାକ୍ତରଙ୍କ ମାସ୍କ ଟାଣିଲା ନବଜାତ ଶିଶୁ

**ନୂଆଦିଲ୍ଲୀ:** କରୋନା ମହାମାରି ସମସ୍ତଙ୍କ ଜୀବନକୁ ବଦଳାଇ ଦେଇଛି। ଭୟ ଏବଂ ମାନସିକ ଚାପ ବଢ଼ିଯାଇଛି। ଏହି ପରିସ୍ଥିତିରୁ ମୁକୁଳି ପୁଣି ପୁରୁଣା ସମୟକୁ ଫେରିବାକୁ ସମସ୍ତଙ୍କ ମନରେ ଆଶା ରହିଛି। ବିନା ମାସ୍କ ଏବଂ ସତର୍କତାରେ ଯେପରି ଜୀବନ ବଞ୍ଚିପାରିବେ ତାହାକୁ ସମସ୍ତଙ୍କ ଅପେକ୍ଷା। ଏଭଳି ଏକ ପରିସ୍ଥିତିରେ ଏକ ଭାଇରାଲ ଫଟୋ ସମସ୍ତଙ୍କ ମନରେ ଖୁସି ଆଣିବା ସହ ଆଶାର କିରଣ ପାଲଟିଛି। ଫଟୋରେ ଏକ ନବଜାତ ଶିଶୁ ଡାକ୍ତରଙ୍କ ସର୍ଜିକାଲ ମାସ୍କକୁ ଟାଣୁଥିବାବେଳେ ଡାକ୍ତର ଜଣଙ୍କ ହସୁଥିବା ନଜରକୁ ଆସିଛି। ଏହାକୁ ଦେଖି ଲୋକଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିଛି। ଏହି ଫଟୋରେ ସମସ୍ତେ ଏକ ସୁନ୍ଦର ଭବିଷ୍ୟକୁ ଦେଖୁଛନ୍ତି। ବିଶ୍ୱ କରୋନା ମୁକ୍ତ ହେବ ବୋଲି ଅନେକ ଲୋକ ମନ୍ତବ୍ୟ ରଖିଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ର ଜଣେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ସମୀର ଚାଇବ୍ ଉକ୍ତ ଫଟୋଟିକୁ ଶେୟାର କରିଛନ୍ତି। ଡାକ୍ତର ଫଟୋ ସହ ଉଲ୍ଲେଖ କରିଛନ୍ତି ଯେ, ଆମେ ସମସ୍ତେ ଏଭଳି ଏକ ସଙ୍କେତର ଅପେକ୍ଷାରେ ଯେ, କେବେ ଆମ ମୁହଁରୁ ମାସ୍କ ହଟିବ। ଫଟୋଟି ଭାଇରାଲ ହେବା ସହ ସମସ୍ତଙ୍କ ମନକୁ ଛୁଇଁଛି। ଅନ୍ୟ କେତେଜଣ ଏହା ୨୦୨୦ ବର୍ଷର ଫଟୋ ହେବା ଉଚିତ ବୋଲି କମେଣ୍ଟ କରିଛନ୍ତି। ସେହିପରି ଜଣେ ବ୍ୟକ୍ତି ଏହା ସବୁଠାରୁ ସୁନ୍ଦର ଫଟୋ, ଆମେ ଶୀଘ୍ର ମାସ୍କରୁ ମୁକ୍ତି ପାଇବା ବୋଲି କମେଣ୍ଟ କରିଛନ୍ତି।

## ଲୋକେ ଦେଖିଲେ ସୁନ୍ଦର ଭବିଷ୍ୟତର ସଙ୍କେତ



# ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ଉତ୍ତରପ୍ରଦେଶ

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ୨୦୧୯ ମସିହାରେ ସର୍ବାଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି। ଦି ଇଣ୍ଡିଆନ୍ ଟୁରିଜମ୍ ଷ୍ଟାଟିଷ୍ଟିକ୍ସ (ଆଇଟିଏସ୍) ୨୦୨୦ର ଘୋଷଣା ଅନୁଯାୟୀ ଏହି ରାଜ୍ୟ ତାଲିକାର ସର୍ବୋଚ୍ଚ ସ୍ଥାନରେ ରହିଛି। ପ୍ରାୟ ୫୩.୬ କୋଟି ଘରୋଇ ପର୍ଯ୍ୟଟକ ୨୦୧୯ରେ ଉତ୍ତରପ୍ରଦେଶକୁ ବୁଲିବାକୁ ଆସିଥିବା ତଥ୍ୟରୁ ଜଣାପଡ଼ିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଭାରତ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୨୩.୧ ପ୍ରତିଶତ ଉତ୍ତର ପ୍ରଦେଶ ଭ୍ରମଣରେ ଆସିଥିବା ସୂଚନା ମିଳିଛି। ଏହି ସଂଖ୍ୟା ୨୦୧୮ ତୁଳନାରେ ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି। ୨୦୧୮ରେ ତାମିଲନାଡୁ ପ୍ରଥମ ସ୍ଥାନରେ ରହିଥିବାବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଥିଲା। ଗତବର୍ଷ ପ୍ରାୟ ୪୭ଲକ୍ଷ ବିଦେଶୀ ପର୍ଯ୍ୟଟକ ଉତ୍ତର ପ୍ରଦେଶ ଭ୍ରମଣରେ ଆସିଥିବା ଜଣାପଡ଼ିଛି। ଏହି ସଫଳତା ନେଇ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମୁକେଶ ମେଶ୍ରମ୍ କୁହନ୍ତି, ପର୍ଯ୍ୟଟନର ପ୍ରଚାର ପ୍ରସାର ଦିଗରେ ଉତ୍ତର ପ୍ରଦେଶ ସରକାରଙ୍କ ପ୍ରଚେଷ୍ଟା ହିଁ ସଫଳତାର ରହସ୍ୟ। ରାଜ୍ୟରେ ରହିଥିବା ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ସ୍ଥଳ ସମେତ ବିଭିନ୍ନ ବନ୍ୟପ୍ରାଣୀ ଉଦ୍ୟାନର ପ୍ରଚାର ପ୍ରସାର ପର୍ଯ୍ୟଟକଙ୍କ ଆଗମନ ନିମନ୍ତେ ସହାୟକ ହୋଇଛି। ଘରୋଇ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଅଞ୍ଜଳି ମିଶ୍ର (ଲିଲି)
ସ୍ଥାନ: ୨୭୫/୨୭୬, ହଳଦୀ ପଡ଼ିଆ, ଶାରଳା ନଗର, ଲକ୍ଷ୍ମୀ ସାଗର, ଭୁବନେଶ୍ୱର:୭୫୧୦୦୬
ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକାକୁଳ ପରିବାର:-
ହତଭାଗ୍ୟ ସ୍ୱାମୀ: କାଳୀପ୍ରସାଦ ମିଶ୍ର, ପୁତ୍ର ଏବଂ ପୁତ୍ରବଧୂ: ସୁରେଶ ମିଶ୍ର (ଟୁଟୁ), ସଙ୍ଗୀତା ମିଶ୍ର (ସିନୁ); ପ୍ରଦ୍ୟୋତ ଦାଶ, ସୁପ୍ରଭା, ଶୁଦ୍ଧତତ୍ତ୍ୱ କର, ନୀନା, ସୃଷ୍ଟି, ଶୁଭଦୀପ, ବେଦାନ୍ତ, ରୈନା, ଅମ୍ରିତ।
ଧ-୧୮୬୯୪

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଵମାଳତୀ ଲତା ପଣ୍ଡା
ସ୍ୱାମୀ: ଵଗୋପୀନାଥ ପଣ୍ଡା
N6-505, ଜୟଦେବ ବିହାର
ଆବିର୍ଭାବ: ୧୫।୧୧।୧୯୪୩
ତିରୋଧାନ: ୧୧।୧୦।୨୦୨୦
ମା' ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଜ୍ୟୋତ୍ସ୍ନା, ଦିଗମ୍ବର, ମିଟୁ, ବିଭୁତି, ଟୁଟୁ, ସୌମ୍ୟନ୍ଦ୍ର, ଟିଲି, ଅମ୍ଳାନ, କୁନା, ଝିଲି, ନାତି, ନାତୁଣୀ ଓ ନାତୁଣୀବୋହୂ।
ଧ-୧୮୬୯୩

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ।
Bausnpola, Bijepur, Bargarh
7656825220
7656825217

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି।
ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରୋଗୀଙ୍କ ପାଇଁ ନାଚିଲେ ଡାକ୍ତର

**ଦିସ୍‌ପୁର:** ଆଜିକାଲି ଅଧିକାଂଶ ଡାକ୍ତର ଅର୍ଥ ଲୋଭରେ ରୋଗୀଙ୍କ ଚିକିତ୍ସା କରୁଛନ୍ତି। କିନ୍ତୁ ଏବେ ବି ସମାଜରେ ଏଭଳି କେତେଜଣ ଡାକ୍ତର ଅଛନ୍ତି, ଯେଉଁମାନେ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଯେ କୌଣସି ପ୍ରକାରର ଚ୍ୟାଲେଞ୍ଜ ନେବାକୁ ବି ପଛାନ୍ତି ନାହିଁ। ଠିକ୍ ଏମିତି ଏକ ଉଦାହରଣ ହେଉଛନ୍ତି ଆସାମର ଜଣେ ଡାକ୍ତର, ଯିଏ ନିଜ ରୋଗୀମାନଙ୍କ ମନୋବଳ ବୃଦ୍ଧି କରିବା ନିମନ୍ତେ ପିପିଇ କିଟ୍ ପିନ୍ଧି ନାଚିବାକୁ ବି ପଛାଇଲେ ନାହିଁ। ଡାକ୍ତର ଜଣଙ୍କର ଏଭଳି କାର୍ଯ୍ୟକୁ ସବୁ ଅଞ୍ଚଳର ଲୋକେ ପ୍ରଶଂସା କରୁଛନ୍ତି।

ଆସାମର ଇଏନ୍‌ଟି ସର୍ଜନ ହେଉଛନ୍ତି ଡକ୍ଟର ଅରୂପ ସେନାପତି। ଡାକ୍ତରଖାନାର ଆଇସିୟୁ ବେଡ୍‌ରେ ଚିକିତ୍ସିତ ହେଉଥିବା କରୋନା ରୋଗୀମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସେ ଯଥାସମ୍ଭବ ପ୍ରୟାସ କରିଥାନ୍ତି। ଏମିତି କି ସେମାନଙ୍କୁ ଖୁସି କରିବା ପାଇଁ ସେ ନାଚ ମଧ୍ୟ କରୁଛନ୍ତି। ନିକଟରେ ସେ ବଲିଉଡ୍ ଅଭିନେତା ହୃତିକ୍ ରୋଶନ୍ ଓ ବାଣୀ କପୁରଙ୍କ ପ୍ରସିଦ୍ଧ ସଙ୍ଗୀତ ଘୁଙ୍ଗୁରୁରେ ଡାକ୍ତରଖାନାରେ ଏଭଳି ନାଚ କରିଛନ୍ତି, ଯାହା ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ତାଙ୍କର ଏହି ନାଚକୁ ପ୍ରଥମେ ତାଙ୍କର ଜଣେ ସହଯୋଗୀ ଡାକ୍ତର ସାୟିଦ୍ ଫୈଜାନ୍ ଅହମ୍ମଦ୍ ଟୁଇଟରରେ ଶେୟାର କରିଥିଲେ। ଏହାପରେ ଏହି ଭିଡିଓଟି ଏବେ ଭାଇରାଲ୍ ହେବାରେ ଲାଗିଛି। ଏକ ମିନିଟ୍‌ର ଏହି ଭିଡିଓରେ ଡାକ୍ତରଜଣକ ପିପିଇ କିଟ୍ ପିନ୍ଧି ବେଶ୍ ସୁନ୍ଦରଭାବେ ନାଚ କରୁଛନ୍ତି। ବହୁ ସଂଖ୍ୟାରେ ଲୋକେ ଏହି ଭିଜୁଆଲ ଦେଖି ସୁନ୍ଦର କମେଣ୍ଟ ଦେଇଛନ୍ତି। ଡାକ୍ତର ଅରୂପଙ୍କୁ ପ୍ରଶଂସା କରି ତାଙ୍କ ଭଳି ଅନ୍ୟ ଡାକ୍ତରମାନେ ହେବା ଉଚିତ ବୋଲି କହିଛନ୍ତି। ଡାକ୍ତରଙ୍କ ପ୍ରଫେଶନ୍ ନାଚ କରିବା ନ ହେଲେ ବି ଅରୂପଙ୍କ ପଦକ୍ଷେପ ରୋଗୀମାନଙ୍କୁ ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରିବାରେ ସାହାଯ୍ୟ କରିବ ବୋଲି ଅନେକେ ମତ ଦେଇଛନ୍ତି।



# ସିରାଜଙ୍କ ଘାତକ ବୋଲିଂ, ଆର୍‌ସିବିର ଦମ୍‌ଦାର ବିଜୟ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମହମ୍ମଦ ସିରାଜ ।

ଆବୁଧାବି, ୨୧।୧୦

ପେସ୍ ବୋଲର ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ସହାୟତାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ କୋଲକାତା ନାଇଟ ରାଇଡର୍ସଙ୍କୁ ୮ ଉଇକେଟରେ ପରାସ୍ତ କରିଛି। ଆରସିବି ବୋଲରଙ୍କୁ ମୁକାବିଲା କରି ନ ପାରି କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୮୪ ରନ କରିଥିଲା। ଜବାବରେ ଆରସିବି ୧୩.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଆରସିବି ୧୦ ମ୍ୟାଚରୁ ୭ମ ବିଜୟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଟେବୁଲ ଟପ୍ପର ଦିଲ୍ଲୀ କ୍ୟାପିଟାଲ୍ସ ସମାନ ୧୪ ପଏଣ୍ଟ ପାଇଥିଲେ ହେଁ ଉନ୍ନତ ରନ୍ ହାରରେ ଉପରେ ରହିଛି। ଅନ୍ୟପକ୍ଷରେ କୋଲକାତା ୧୦ ମ୍ୟାଚରୁ ୫ମ ପରାଜୟ ସହ ୪ର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଟସ୍ ଜିତି କୋଲକାତା ଅଧିନାୟକ ଇଅନ ମୋର୍ଗାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହା ପରୋକ୍ଷରେ ଆର୍‌ସିବିକୁ ଫାଇଦା ଦେଇଥିଲା। ମ୍ୟାଚରେ ଘାତକ ବୋଲିଂ କରିଥିଲେ ମହମ୍ମଦ ସିରାଜ। ଶାହାବାଜ ଅହମ୍ମଦଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିବା ସିରାଜ ନିଜ ପ୍ରଥମ ଦୁଇ ଓଭରରେ କୌଣସି ରନ ନ ଦେଇ ୩ଟି ଉଇକେଟ ନେଇ କୋଲକାତାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଆଇପିଏଲ୍ ଇତିହାସରେ କ୍ରମାଗତ ୨ଟି ମେଡେନ ନେବାରେ ସେ ପ୍ରଥମ ବୋଲର ହୋଇଥିଲେ। ସେ ନିଜ ପ୍ରଥମ ଓଭରର ତୃତୀୟ ବଲ୍‌ରେ ରାହୁଲ ତ୍ରିପାଠୀ(୧) ଓ ୪ର୍ଥ ବଲ୍‌ରେ ନୀତୀଶ ରାଣା(୦)ଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଟମ୍ ବାଣ୍ଟନ ହ୍ୟାଟ୍ରିକ ହେବାକୁ ଦେଇ ନ ଥିଲେ ହେଁ ଏହା ଏକ ଡବଲ ଉଇକେଟ ମେଡେନ ଓଭର ଥିଲା। ଏହାପରେ ସିରାଜ ନିଜ ଦ୍ୱିତୀୟ ଓଭରର ୩ୟ ବଲ୍‌ରେ ବାଣ୍ଟନ(୧୦)ଙ୍କୁ ପ୍ୟାଭିଲିୟନ ଫେରାଇ ଆର୍‌ସିବି ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଏହା ମଧ୍ୟ ଉଇକେଟ ମେଡେନ ଓଭର ଥିଲା। ନବଦୀପ ସଇନି ନିଜ ପ୍ରଥମ ଓଭରରେ ସାମାନ୍ୟ ମହଙ୍ଗା ହୋଇ ୧୦ ରନ ବ୍ୟୟ କରିଥିଲେ ହେଁ ଇନ୍‌ଫର୍ମ ଓପନର ଶୁମବନ ଗିଲ୍(୧)ଙ୍କୁ ଆଉଟ କରି କୋଲକାତାକୁ ବିପଦରେ ପକାଇଥିଲେ। ଫଳରେ ୪ ଓଭର ଶେଷ ବେଳକୁ କୋଲକାତା ସ୍କୋର ୧୪/୪ ହୋଇ ଯାଇଥିଲା। ସିରାଜ ନିଜ ୩ୟ ଓଭରରେ ମାତ୍ର ୨ ରନ ବ୍ୟୟ କରିଥିଲେ। ଫଳରେ ପାୱାରପ୍ଲେ ୬ ଓଭର ବେଳକୁ କୋଲକାତା ମାତ୍ର ୧୭ ରନ ସ୍କୋର କରିଥିଲା। ଚଳିତ ଆଇପିଏଲର କୌଣସି ପାୱାରପ୍ଲେରେ ଏହା ସର୍ବନିମ୍ନ ସ୍କୋର। ଦଳର ବିପର୍ଯ୍ୟୟ ସମୟରେ ବିଦାୟୀ ଅଧିନାୟକ ଦୀନେଶ କାର୍ତ୍ତିକ ଓ ଅଧିନାୟକ ଇଅନ ମୋର୍ଗାନଙ୍କ ଉପରେ ଚାପ ବଢ଼ିଥିଲା। ଦୁହେଁ ସତର୍କତାର ସହିତ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଆରସିବି ଅଧିନାୟକ ବିରାଟ କୋହଲି ଆକ୍ରମଣାତ୍ମକ ଆଭିମୁଖ୍ୟରେ ନିଜ ମୁଖ୍ୟ ବୋଲରମାନଙ୍କୁ ଲଗାଇଥିଲେ। ତାହା କାମ ଦେଇଥିଲା। ତାରକା ସ୍ପିନର ୟୁଜବେନ୍ଦ୍ର ଚହଲ ନିଜ ପ୍ରଥମ ଓଭରର ୪ର୍ଥ ବଲ୍‌ରେ କାର୍ତ୍ତିକ (୪)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି କୋଲକାତା ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ। ୮.୪ ଓଭରରେ କୋଲକାତା ସ୍କୋର ୩୨/୫ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ୟାଟ୍ କୁମିନ୍ସ ସ୍ୱାଭାବିକ ବ୍ୟାଟିଂ ନ କରି ଧିମା ଖେଳିଥିଲେ। ମାତ୍ର ସେ ୧୭ ବଲ୍‌ରୁ ୪ ରନ କରିଥିବାବେଳେ ଚହଲଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୧୫ ଓଭରରେ କୋଲକାତା ସ୍କୋର ୫୦ ଛୁଇଁଥିଲା। ଆଇପିଏଲ ଇତିହାସରେ ଏହା ସବୁଠାରୁ ଧିମା ସ୍କୋର। ପୂର୍ବରୁ ୨୦୦୯ରେ ଡର୍ବାନଠାରେ ଚେନ୍ନାଇ ବିପକ୍ଷରେ ପଞ୍ଜାବ ୧୩.୧ ଓଭରରେ ୫୦ ରନ ପୂରଣ କରି ଏହି ଅଲୋଡ଼ା ରେକର୍ଡର ଅଧିକାରୀ ଥିଲା। ପରେ ଆସିଥିଲା ଯୁବ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ପାଳି। ସେ ମୋର୍ଗାନଙ୍କ ପ୍ରାଇଜ୍ ଉଇକେଟ ହାସଲ କରିଥିଲେ। ସୁନ୍ଦରଙ୍କ ଶର୍ଟ ଅଫ୍ ଲେନ୍ଥ ବଲ୍‌କୁ ପୁଲ୍ କରିବାକୁ ଯାଇ ମୋର୍ଗାନ ଡିପ୍ ମିଡ୍ ଉଇକେଟରେ ଗୁରକୀରଟ ସିଂଙ୍କୁ କ୍ୟାଚ ଦେଇଥିଲେ। ୩୪ଟି ବଲ୍ ଖେଳିଥିବା ମୋର୍ଗାନ ୩ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିଲେ। ମ୍ୟାଚ ଶେଷରେ ସିରାଜଙ୍କ ବୋଲିଂ ସ୍ପେଲ୍ ଥିଲା ୪-୨-୮-୩। ଦୁଇ ସ୍ପିନର ଚହଲ ୪-୦-୧୫-୨ ଓ ସୁନ୍ଦର ୪-୧-୧୪-୨ ମଧ୍ୟ ବଢ଼ିଆ ସ୍ପେଲ କରିଥିଲେ। ଫଳରେ କୋଲକାତା ଇନିଂସ ୨୦ ଓଭରରେ ୮୪/୮ରେ ସୀମିତ ରହିଥିଲା। ଅନ୍ୟ ଆରସିବି ବୋଲର ମଧ୍ୟରେ ସଇନୀ ଗୋଟିଏ ଉଇକେଟ ନେଇଥିଲେ। ଲୋକି ଫର୍ଗୁସନ ୧୬ ବଲ୍‌ରୁ ୧୯ ରନରେ ଅପରାଜିତ ରହିଥିଲେ।

୮୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଆରସିବି ପକ୍ଷରୁ ଦୁଇ ଓପନର ଦେବଦତ୍ତ ପଡିକାଲ ଓ ଆରୋନ ଫିଞ୍ଚ୍ ଭଲ ଆରମ୍ଭ କରିଥିଲେ। ଓପନିଂ ଯୋଡ଼ିରେ ୩୮ ବଲ୍‌ରୁ ୪୬ ରନ ଯୋଗ ହେବାପରେ କୋହଲିଙ୍କ ଦଳକୁ ଡବଲ୍ ଝଟ୍‌କା ଲାଗିଥିଲା। ଫିଞ୍ଚ୍ ୨୧ ବଲ୍‌ରୁ ୧୬(୨ ଚୌକା) ରନ କରି ଲୋକି ଫର୍ଗୁସନ ବଲ୍‌ରେ ଆଉଟ ହୋଇଥିବାବେଳେ ଠିକ୍ ପରବର୍ତ୍ତୀ ବଲ୍‌ରେ ପଡିକାଲ ରନ୍‌ଆଉଟ ହୋଇ ଯାଇଥିଲେ। ସେ ୧୭ ବଲ୍‌ରୁ ୨୫(୩ ଚୌକା) ରନ କରିଥିଲେ। ବ୍ୟାଟିଂ କ୍ରମରେ ୩ ନମ୍ବର ସ୍ଥାନରେ ଆସିଥିବା ଗୁରକୀରଟ ସିଂ ମାନ୍ ଓ କୋହଲି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ୩ୟ ଉଇକେଟ ଯୋଡ଼ିରେ ୩୯ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟୀ କରାଇଥିଲେ। ଗୁରକୀରଟ ୨୧(୨୬ ବଲ, ୪ ଚୌକା) ଓ କୋହଲି ୧୮(୧୭ ବଲ, ୨ ଚୌକା) ରନରେ ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୮୪/୮(ମୋର୍ଗାନ-୩୦, ସିରାଜ-୩/୮, ଚହଲ-୨/୧୫, ସଇନି-୧/୨୩, ସୁନ୍ଦର-୧/୧୪)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୩.୩ ଓଭରରେ ୮୫/୨ (ପଡିକାଲ-୨୫, ଗୁରକୀରଟ-୨୧*, କୋହଲି-୧୮*, ଫର୍ଗୁସନ-୧/୧୭)।

## ବିଳମ୍ବିତ ନିଷ୍ପତ୍ତି ଥିଲା: କୋହଲି

ସତ କହିବାକୁ ଗଲେ ମହମ୍ମଦ ସିରାଜଙ୍କୁ ନୂଆ ବଲ୍ ଦେବା ବିଳମ୍ବିତ ନିଷ୍ପତ୍ତି ଥିଲା। ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଭଲ କାମ ଦେଲା ବୋଲି ମ୍ୟାଚ ପରେ ନିଜ ପ୍ରତିକ୍ରିୟାରେ ଆରସିବି ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛନ୍ତି। ଆମ ଯୋଜନାକୁ ଖେଳାଳିମାନେ ପଡ଼ିଆରେ ସଫଳ ରୂପଦେଲେ। ଆମେ ପ୍ଲାନ୍-ଏ, ପ୍ଲାନ୍-ବି ସହିତ ପଡ଼ିଆକୁ ଓହ୍ଲାଇଥାଉ। ଆବଶ୍ୟକ ଅନୁସାରେ ନିଷ୍ପତ୍ତି ନିଆ ଯାଇଥାଏ। ଆତ୍ମବିଶ୍ୱାସ ବଡ଼ କଥା। ଜଣେ ବଡ଼ ଖେଳାଳି ହେଲେ ବି ଆତ୍ମବିଶ୍ୱାସ ନ ଥିଲେ ଭଲ କରି ପାରିବନି। ମାତ୍ର ଏଠାରେ ସିରାଜ ଦୃଢ଼ତା ଦେଖାଇଲେ। ଗତବର୍ଷ ସିରାଜଙ୍କ ପାଇଁ ଭଲ ନ ଥିଲା। ଅନେକ ଲୋକ ତାଙ୍କୁ କଟୁ ସମାଲୋଚନା କରିଥିଲେ। ମାତ୍ର ସେ କଠିନ ପରିଶ୍ରମ କରିବାରୁ ଫଳାଫଳ ଏବେ ସମସ୍ତେ ଦେଖୁଛନ୍ତି। ଆମେ ତାଙ୍କୁ ଦଳରେ ଅପରିବର୍ତ୍ତିତ ରଖିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୭ | ୩ | ୧୪ | +୦.୭୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୭ | ୩ | ୧୪ | +୦.୧୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | +୧.୨୦୧ |
| ନାଇଟ ରାଇଡର୍ସ | ୧୦ | ୫ | ୫ | ୧୦ | -୦.୮୨୮ |
| କିଙ୍ଗ୍ସ ଇଲେଭେନ | ୧୦ | ୪ | ୬ | ୮ | -୦.୧୭୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୪ | ୬ | ୮ | -୦.୫୯୧ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ | +୦.୦୦୮ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୬୩ |

## ଆଇପିଏଲ୍ ୨୦୨୦

### କମ୍ ରନରେ ୩ ଉଇକେଟ ହରାଇଥିବା ଦଳ

- ୧/୩: ଡେକାନ ଚାର୍ଜର୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ, ଇଷ୍ଟ ଲଣ୍ଡନ, ୨୦୦୯
- ୧/୩: କୋଚି ଟସ୍କର୍ସ କେରଳ ବନାମ ଡେକାନ ଚାର୍ଜର୍ସ, କୋଚି, ୨୦୧୧
- ୩/୩: ରାଜସ୍ଥାନ ରୟାଲ୍ସ ବନାମ ଡେକାନ ଚାର୍ଜର୍ସ, ପୋର୍ଟ ଏଲିଜାବେଥ, ୨୦୦୯
- ୩/୩: ଚେନ୍ନାଇ ସୁପରକିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା, ୨୦୧୩
- ୩/୩: କୋଲକାତା ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଆବୁଧାବି, ୨୦୨୦।

### ପାୱାରପ୍ଲେରେ ଦଳଗତ ସର୍ବନିମ୍ନ ସ୍କୋର

- ୧୭/୪: କୋଲକାତା ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଆବୁଧାବି
- ୨୩/୩: ଦିଲ୍ଲୀ କ୍ୟାପିଟାଲ୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ, ଦୁବାଇ
- ୨୫/୨: କୋଲକାତା ନାଇଟ ରାଇଡର୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ, ଆବୁଧାବି
- ୨୬/୨: ଚେନ୍ନାଇ ସୁପରକିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦୁବାଇ
- ୨୬/୧: ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ, ଦୁବାଇ

## ଆଇପିଏଲ୍‌ରେ 'ବ୍ଲାକ୍ ଲାଇଭ୍ ମ୍ୟାଟର' ଆନ୍ଦୋଳନ ସାମିଲ ନ ହେବାରୁ ହୋଲ୍ଡର ଦୁଃଖିତ



ଜାସନ ହୋଲ୍ଡର

ଦୁବାଇ,୨୧।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ 'ବ୍ଲାକ୍ ଲାଇଭ୍ ମ୍ୟାଟର' ଆନ୍ଦୋଳନ ସାମିଲ ନ ହେବା ଦୁଃଖଦାୟକ ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ବିଶ୍ୱର ଶ୍ରେଷ୍ଠ କ୍ରିକେଟ ଲିଗ୍ ବିବେଚିତ ହେଉଥିବା ଆଇପିଏଲ୍‌ରେ ଦଳଗୁଡିକ ଏ ନେଇ ଆଦୌ ନିଜର ଉତ୍ସାହ ପ୍ରକଟ କରିନାହାନ୍ତି। ଆଇପିଏଲ୍‌ରେ ଏହି ଆନ୍ଦୋଳନକୁ ଆଦୌ ଗୁରୁତ୍ୱ ଦିଆଯାଇନାହିଁ।

ହୋଲ୍ଡର ସନରାଇଜର୍ସ ହାଇଦ୍ରାବାଦ ଦଳର ସଦସ୍ୟ ରହିଛନ୍ତି। କ୍ରିକେଟ ରାଇଟର୍ସ କ୍ଲବ୍ ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ ସେରିମନିରେ ୱେଷ୍ଟଇଣ୍ଡିଜ ଦଳ ତରଫରୁ ହୋଲ୍ଡର ପିଟର ସ୍ମିଥ୍ ପୁରସ୍କାର ଗ୍ରହଣ କରିବା ଅବସରରେ ହୋଲ୍ଡର ଏହି କଥା କହିଛନ୍ତି। ସର୍ବସାଧାରଣଙ୍କ ପାଇଁ କ୍ରିକେଟର ପ୍ରସ୍ତୁତି ବା ଉପସ୍ଥାପନାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପିଟର ସ୍ମିଥ୍ ପୁରସ୍କାର ପ୍ରଦାନ କରାଯାଇଥାଏ। ଆଇପିଏଲ୍‌ରେ ଏହି ଆନ୍ଦୋଳନକୁ ଆଦୌ ଗୁରୁତ୍ୱ ଦିଆ ନ ଯିବ ନିହାତି ଦୁର୍ଭାଗ୍ୟଜନକ ବୋଲି ହୋଲ୍ଡର କହିଛନ୍ତି ଓ ଏହା କ୍ରିକେଟ ୱେଷ୍ଟଇଣ୍ଡିଜ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ଆନ୍ଦୋଳନକୁ ଉଜ୍ଜୀବିତ ରଖିବାରେ କ୍ରିକେଟ ୱେଷ୍ଟଇଣ୍ଡିଜ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଛି। ଇଂଲଣ୍ଡରେ ଏକ ସିରିଜ ଖେଳିବା ଅବସରରେ ୱେଷ୍ଟଇଣ୍ଡିଜ ମହିଳା ଦଳ ବ୍ଲାକ ଲାଇଭ୍ସ ମ୍ୟାଟର ଲୋଗ ଚିହ୍ନିତ ପୋଷାକ ପିନ୍ଧିଥିଲେ।

ଉଲ୍ଲେଖଥାଉ କି, ଜଣେ ଆଫ୍ରିକୀୟ ଆମେରିକା ନାଗରିକ ଜର୍ଜ ଫ୍ଲୋଏଡଙ୍କୁ ଜଣେ ଗୋରା ପୋଲିସ ଅଧିକାରୀ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ସାରା ବିଶ୍ୱରେ ଏହି ଆନ୍ଦୋଳନ ତେଜିଥିଲା। ପାକିସ୍ତାନ ଓ ଅଷ୍ଟ୍ରେଲିଆ ଗସ୍ତରେ ଏହି ଆନ୍ଦୋଳନ ଥମିଯାଇଥିଲା।

## ସୋହେଲ କାଣ୍ଡି ଫ୍ରାଞ୍ଚାଇଜ୍ ମାଲିକ

କଲମ୍ବୋ,୨୧।୧୦

ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ରେ ବଲିଉଡ୍‌ର ଏଣ୍ଟ୍ରି ହୋଇଛି। ବଲିଉଡ୍ ଅଭିନେତା, ପ୍ରଯୋଜକ, ଲେଖକ ତଥା ଫିଲ୍ମ ନିର୍ମାତା ସୋହେଲ ଖାନ୍ କାଣ୍ଡି ଫ୍ରାଞ୍ଚାଇଜ୍‌ର ମାଲିକ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଟି୨୦ ଲିଗ୍ ନଭେମ୍ବର ୨୧ରୁ ଆରମ୍ଭ ହୋଇ ଡିସେମ୍ବର ୧୩ ତାରିଖରେ ଶେଷ ହେବ। ପାଲିକେଲ ଓ ହାମ୍ବାନଟୋଟାରେ ଲିଗ୍‌ର ମ୍ୟାଚ୍ ସବୁ ଆୟୋଜନ ହେବ।


ସୋହେଲ ଖାନ୍

### ଲଙ୍କା ପ୍ରିମିୟର ଲିଗ୍

ସୋମବାର କାଣ୍ଡି ଫ୍ରାଞ୍ଚାଇଜ୍ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ଖେଳାଳି କ୍ରିସ୍ ଗେଲ୍‌ଙ୍କୁ ପ୍ଲେୟର୍ସ ଡ୍ରାଫ୍ଟରେ ସାମିଲ କରିଛି। ସ୍ଥାନୀୟ ଖେଳାଳି କୁଶଲ ପେରେରାଙ୍କ ସମେତ ଟି୨୦ ସ୍ପେଶାଲିଷ୍ଟ କୁଶଲ ମେଣ୍ଡିସ୍, ନୂଆନ ପ୍ରଦୀପ ଓ ଇଂଲଣ୍ଡ ଡାହାଣହାତୀ ଦ୍ରୁତ ବୋଲର ଲିଅମ ପ୍ଲଙ୍କେଟ୍‌ଙ୍କୁ ମଧ୍ୟ ଏହି ଡ୍ରାଫ୍ଟରେ ସାମିଲ କରାଯାଇଛି। କାଣ୍ଡି କୋଚିଂ ଷ୍ଟାଫ୍‌ରେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ହାଶନ ତିଳକରତ୍ନେ ସାମିଲ ହୋଇଛନ୍ତି। ଏଲ୍‌ପିଏଲ୍ ଲିଗ୍‌ରେ ସାମିଲ ହୋଇ ଆମେ ବହୁତ ଖୁସି ଅଛୁ। ଏହି ଲିଗ୍‌ର ଯଥେଷ୍ଟ କ୍ଷମତା ଓ ଗୁରୁତ୍ୱ ରହିଛି ବୋଲି ସୋହେଲ କହିଛନ୍ତି। କ୍ରିକେଟକୁ ନେଇ ଶ୍ରୀଲଙ୍କା ଖେଳାଳିମାନେ ବେଶ୍ ଉତ୍ସାହିତ ରହି ଆସିଛନ୍ତି। ତେଣୁ ଲିଗ୍‌ରେ ଆମ ଦଳ ସହ ବହୁ ପ୍ରଶଂସକ ସାମିଲ ହେବେ। ଗେଲ୍‌ଙ୍କ ସହ ଦଳର ଏକାଧିକ ଖେଳାଳି ବିଶ୍ୱସ୍ତରୀୟ । ଆମ ଦଳ ବେଶ୍ ସନ୍ତୁଳିତ। ଅତିକମ୍‌ରେ ଦଳ ଫାଇନାଲରେ ପ୍ରବେଶ କରିବ ବୋଲି ସୋହେଲ ଆଶା ପ୍ରକାଶ କରିଛନ୍ତି। ଅନ୍ୟପଟେ ସୋହେଲ ଖାନ୍‌ଙ୍କ ଭଳି ଜଣେ ବଲିଉଡ୍ ସୁପରଷ୍ଟାର ଏଲ୍‌ପିଏଲ୍‌ରେ ସାମିଲ ହେବା ଏକ ବଡ଼ କଥା। କ୍ରିକେଟ ଓ ମନୋରଞ୍ଜନର ଅପୂର୍ବ ମିଳନ ହେବାକୁ ଯାଉଥିବାରୁ ଲିଗ୍ ଲୋକପ୍ରିୟ ହେବ। ସୋହେଲଙ୍କ ଉପସ୍ଥିତିକୁ ଶ୍ରୀଲଙ୍କା ପ୍ରଶଂସକ ବେଶ୍ ଉପଭୋଗ କରିବେ ବୋଲି ଶ୍ରୀଲଙ୍କା କ୍ରିକେଟ ଉପ ସଭାପତି ତଥା ଏଲ୍‌ପିଏଲ୍ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ରବିନ ବିକ୍ରମାରତ୍ନେ କହିଛନ୍ତି।

## ବିଜୟ ଏକମାତ୍ର ଲକ୍ଷ୍ୟ

ଦୁବାଇ, ୨୧।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୁରୁବାର ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଉଭୟ ଦଳ ପଏଣ୍ଟ ଟେବୁଲର ନିମ୍ନଭାଗରେ ଥିବାରୁ ଆଗାମୀ ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛନ୍ତି। ତେଣୁ ଏହି ମ୍ୟାଚରେ ଉଭୟ ଦଳପାଇଁ ବିଜୟ ଏକମାତ୍ର ଲକ୍ଷ୍ୟ ହେବ। ରାଜସ୍ଥାନ ୧୦ ମ୍ୟାଚରୁ ୪ ବିଜୟ ଓ ୬ ପରାଜୟ ସହ ୮ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୯ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟରେ ରହିଛି। ଏହି ଦୁଇ ଦଳ ଯଥାକ୍ରମେ ଟେବୁଲର ୬ଷ୍ଠ ଓ ୭ମ ସ୍ଥାନରେ ରହିଛନ୍ତି। ଉଭୟ ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସନ୍ତୁଳିତ ଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ରହି ପାରିନାହିଁ। ଫଳସ୍ୱରୂପ ଉପରକୁ ଉଠିବା ପାଇଁ ସଂଘର୍ଷ ଜାରି ରହିଛି। ସିନିୟର ଖେଳାଳିଙ୍କ ବିଫଳତା ଯୋଗୁ ଅନେକ ସମୟରେ ସନ୍‌ରାଇଜର୍ସର ଯୁବ ଖେଳାଳି ପ୍ରିୟମ ଗର୍ଗ ଓ ଅବଦୁଲ ସମଦ ଏବଂ ରୟାଲ୍ସର ରିୟାନ ପରାଗ ଓ କାର୍ତ୍ତିକ ତ୍ୟାଗୀଙ୍କ ଉପରେ ଚାପ ବଢ଼ୁଛି।

ଚଳିତ ଲିଗ୍‌ରେ ଉଭୟ ଦଳ ମଧ୍ୟରେ ପ୍ରଥମ ମୁକାବିଲାରେ ରୟାଲ୍ସ ୫ ଉଇକେଟରେ ବିଜୟୀ ହୋଇଥିଲା। ଏବେ ରିଟର୍ନ ମ୍ୟାଚରେ ପରାଜୟର ମଧୁର ପ୍ରତିଶୋଧ ପାଇଁ ହାଇଦ୍ରାବାଦ ଦଳ ନିକଟରେ ସୁଯୋଗ ରହିଛି। ସନ୍‌ରାଇଜର୍ସ ଯଦି ଆଗାମୀ ମ୍ୟାଚ ହାରେ ତେବେ ପ୍ଲେ-ଅଫ୍ ଆଶା ମଉଳି ଯିବ। ତେଣୁ ଦଳପାଇଁ ଆଗାମୀ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ ରାଜସ୍ଥାନ ଏହାର ବିଜୟଧାରା ବଜାୟ ରଖିବାକୁ ଚାହିଁବ। ତେବେ ଏଥିପାଇଁ ଦଳର ବିଦେଶୀ ଖେଳାଳିଙ୍କୁ ଭଲ ପ୍ରଦର୍ଶନ ଅପରିବର୍ତ୍ତିତ ରଖିବାକୁ ପଡ଼ିବ। କ୍ରମାଗତ ୩ ପରାଜୟ ପରେ ସନ୍‌ରାଇଜର୍ସ ଏହି ମ୍ୟାଚ ଖେଳିବାକୁ ଯାଉଛି। ବିଶେଷ କରି ପୂର୍ବ ମ୍ୟାଚରେ ସୁପରଓଭରରେ କୋଲକାତା ନାଇଟ ରାଇଡର୍ସ ନିକଟରୁ ପରାଜୟ ଦଳକୁ କ୍ଷତି ପହଞ୍ଚାଇଛି। ଏହି ହାଇପ୍ରୋଫାଇଲ୍ ଲିଗ୍‌ରେ ତିଷ୍ଠି ରହିବାକୁ ହେଲେ ଡେଭିଡ ୱାର୍ନରଙ୍କ ନେତୃତ୍ୱାଧୀନ ଦଳକୁ ବିଶେଷ କିଛି କରି ଦେଖାଇବାକୁ ପଡ଼ିବ। ଜନି ବେୟାରଷ୍ଟୋ, ୱାର୍ନର, ମନୀଷ ପାଣ୍ଡେ ଓ କେନ୍ ୱିଲିୟମସନଙ୍କୁ ନେଇ ଗଠିତ ଟପ୍ ଅର୍ଡରକୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ।

ସେହିପରି ରାଜସ୍ଥାନ ପାଇଁ ମଧ୍ୟ ଆଉ ଏକ ପରାଜୟ ମହଙ୍ଗା ପଡ଼ିପାରେ। ଜୋଫ୍ରା ଆର୍ଚର ବୋଲିଂ ଆକ୍ରମଣର ମେରୁଦଣ୍ଡ ସାଜିଛନ୍ତି। ମିଡିଲ ଓଭରରେ ଦୁଇ ରିଷ୍ଟ ସ୍ପିନର ଶ୍ରେୟାସ ଗୋପାଳ ଓ ରାହୁଲ ଟେୱାଟିଆ ମଧ୍ୟ ଭଲ କରୁଛନ୍ତି। ଗତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଜୋସ୍ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ଅଧିନାୟକ ଷ୍ଟିଭ୍ ସ୍ମିଥ୍‌ଙ୍କୁ ଆଶ୍ୱସ୍ତ କରିଛି। ତେବେ ଦଳକୁ ବଡ଼ ପାର୍ଟନରଶିପ୍ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିବାବେଳେ ରବିନ୍ ଉଥପ୍ପା ଖରାପ ଫର୍ମଦେଇ ଗତି କରୁଛନ୍ତି। ତେଣୁ ଆଗାମୀ ମ୍ୟାଚରେ ପଞ୍ଜାବର ମନନ ଭୋରାଙ୍କୁ ସୁଯୋଗ ମିଳିପାରେ। ସଞ୍ଜୁ ସାମ୍‌ସନଙ୍କ ଫର୍ମ ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ଅନ୍ୟ ସିଜନଭଳି ଏଥର ମଧ୍ୟ ସାମସନ୍ ଭଲରୁ ଖରାପ ଏବଂ ଏବେ ଅତି ଖରାପ ପ୍ରଦର୍ଶନରେ ପହଞ୍ଚିଛନ୍ତି।

### ଆଇପିଏଲ୍

(ଗୁରୁବାର ମ୍ୟାଚ୍)
ରାଜସ୍ଥାନ ରୟାଲ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ରାଜସ୍ଥାନ ରୟାଲ୍ସ

ଷ୍ଟିଭ୍ ସ୍ମିଥ(ଅଧିନାୟକ), ମହୀପାଲ ଲାମରୋର, ମନନ ଭୋରା, ରିୟାନ ପରାଗ, ରବିନ ଉଥପ୍ପା, ଡେଭିଡ ମିଲର, ଅଙ୍କିତ ରାଜପୁତ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଲ, ବରୁଣ ଆରୋନ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗି, ଆକାଶ ସିଂ, ଓଶାନେ ଥୋମାସ, ଆଣ୍ଡ୍ର୍ୟୁ ଟାଏ, ବେନ୍ ଷ୍ଟୋକ୍ସ, ରାହୁଲ ଟେୱାଟିଆ, ଶଶାଙ୍କ ସିଂ, ଯଶସ୍ୱୀ ଜୟସ୍ୱାଲ, ଅନିରୁଦ୍ଧ ଜୋଶୀ, ଟମ୍ କୁରାନ, ଜୋସ୍ ବଟଲର, ସଞ୍ଜୁ ସାମସନ, ଅନୁଜ ରାୱତ।

### ସନ୍‌ରାଇଜର୍ସ ହାଇଦ୍ରାବାଦ

ଡେଭିଡ ୱାର୍ନର(ଅଧିନାୟକ), କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ବିରାଟ ସିଂ, ପ୍ରିୟମ ଗର୍ଗ, ଅବଦୁଲ ସମଦ, ଖଲିଲ ଅହମଦ, ସନ୍ଦୀପ ଶର୍ମା, ସିଦ୍ଧାର୍ଥ କୌଲ, ବିଲି ଷ୍ଟାନଲେକ୍, ଟି. ନଟରାଜନ, ଅଭିଷେକ ଶର୍ମା, ଶାହାବାଜ ନଦୀମ, ଜାସନ ହୋଲ୍ଡର, ଫାବିଆନ ଆଲେନ, ବିଜୟ ଶଙ୍କର, ମହମ୍ମଦ ନବି, ରଶିଦ ଖାଁ, ସଞ୍ଜୟ ଯାଦବ, ଜନି ବେୟାରଷ୍ଟୋ, ଋଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ବାଭାଙ୍କା ସନ୍ଦୀପ, ପୃଥ୍ୱୀରାଜ ୟାରା, ବାସିଲ ଥାମ୍ପି। ।



ନେଟ୍ସରେ ବୋଲିଂ କରୁଛନ୍ତି ଡେଭିଡ୍ ୱାର୍ନର।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଅକ୍ଟୋବର ୨୨/୨୦୨୦ Rayagada, Thursday, October 22/ 2020


## ସିଡ୍‌ନୀରେ ଭାରତୀୟ ଖେଳାଳି କ୍ୱାରାଣ୍ଟାଇନରେ ରହି ଅଭ୍ୟାସ କରିବେ

**ଅଷ୍ଟ୍ରେଲିଆ ଗସ୍ତ**

**ସିଡନୀ,୨୧।୧୦ (ପି.ଟି.):** ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଖେଳାଳି ନ୍ୟୁ ସାଉଥ୍ ୱେଲ୍ସ (ଏନ୍‌ଏସ୍‌ଡବ୍ଲ୍ୟୁ) ରାଜ୍ୟର ରାଜଧାନୀ ସିଡ୍‌ନୀରେ ଅବତରଣ କରିବା ସହ ସେଠାରେ କ୍ୱାରାଣ୍ଟାଇନ୍‌ରେ ରହିବା ସହ ଅଭ୍ୟାସ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଅନୁରୋଧ କରିଛି ବୋଲି ନ୍ୟୁ ସାଉଥ୍ ୱେଲ୍ସ କ୍ରୀଡ଼ାମନ୍ତ୍ରୀ ଷ୍ଟୁଆର୍ଟ ଆରେଜ୍ କହିଛନ୍ତି। ଭାରତ ସହିତ ଅଷ୍ଟ୍ରେଲିଆ ଦଳ ମଧ୍ୟ ଏଠାରେ କ୍ୱାରାଣ୍ଟାଇନରେ ରହିବ ଓ ଟ୍ରେନିଂ ନେବ ବୋଲି ସେ କହିଛନ୍ତି। ଭାରତୀୟ ଖେଳାଳିଙ୍କ ସମେତ ସ୍ୱଦେଶ ଫେରିବାକୁ ଥିବା ଅଷ୍ଟ୍ରେଲିଆ ଖେଳାଳି ସିଡନୀରେ କ୍ୱାରାଣ୍ଟାରଇନ୍‌ରେ ରହିବା ସହ ଟ୍ରେନିଂ ନେବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ନ୍ୟୁ ସାଉଥ ୱେଲ୍ସ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି। ଏହି ପ୍ରସ୍ତାବ ନେଇ ଏନ୍‌ଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷ ଆକଳନ କରୁଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପୋଲିସ୍ ବିଭାଗ ସହ ଆଲୋଚନା ଜାରି ରହିଛି। କ୍ରିକେଟ ଅଷ୍ଟ୍ରେଲିଆ ଭାରତ ବିପକ୍ଷ କାର୍ଯ୍ୟସୁଚୀ ସ୍ଥିର କରିବ। ଏଥି ସହିତ କ୍ୱାରାଣ୍ଟାଇନ ପ୍ରସ୍ତାବ ନେଇ ଆମର ମୂଲ୍ୟାଙ୍କନ ପ୍ରଭାବିତ ହେବ ନାହିଁ। ଯଦି କ୍ରିକେଟ ଅଷ୍ଟ୍ରେଲିଆ ଓ ଏନ୍‌ଏସ୍‌ଡବ୍ଲ୍ୟୁ ସରକାର ଏ ନେଇ କୌଣସି ଚୁକ୍ତି କରନ୍ତି ତେବେ ବିସିସିଆଇକୁ ଏକ ସଂଶୋଧିତ ଯୋଜନା ପ୍ରଦାନ କରାଯିବ। ବିସିସିଆଇ ଏହାକୁ ଅନୁମୋଦନ କରିବାର ଆବଶ୍ୟକତା ରହିଛି।

## ବାଦ୍‌ପଡ଼ିଲେ ଡ୍ୱେନ୍ ବ୍ରାଭୋ




**ଆଇପିଏଲ୍**

**ଦୁବାଇ,୨୧।୧୦(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତାରକା ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ବାଦ୍ ପଡିଛନ୍ତି। ଗ୍ରୋନ୍ ଇଞ୍ଜୁରି କାରଣରୁ ସେ ଆଇପିଏଲ୍‌ର ଆଗାମୀ ମ୍ୟାଚ୍‌ଗୁଡିକ ଖେଳିପାରିବେ ନାହିଁ। ଫଳରେ ଟୁର୍ନାମେଣ୍ଟରେ ଏଥର ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ସଂଘର୍ଷ କରୁଥିବା ଚେନ୍ନାଇକୁ ଶକ୍ତ ଧକ୍କା ଲାଗିଛି। ୩୭ ବର୍ଷୀୟ ବ୍ରାଭୋ ଦୀର୍ଘ ବର୍ଷଧରି ଚେନ୍ନାଇ ତରଫରୁ ଖେଳି ଆସୁଥିଲେ। ଗତ ୧୭ ତାରିଖରେ ଶାରଜାରେ ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଇଞ୍ଜୁରି କାରଣରୁ ଅନ୍ତିମ ଓଭର ବୋଲିଂ କରିପାରି ନ ଥିଲେ। ଫଳରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଅନ୍ତିମ ଓଭର ବୋଲିଂ କରିବାକୁ ଦେଇଥିଲେ ଓ ତାଙ୍କୁ ଅକ୍ଷର ପଟେଲ ୩ଟି ଛକା ମାରିଥିଲେ।

ଗ୍ରୋନ ଇଞ୍ଜୁରି କାରଣରୁ ବ୍ରାଭୋ ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି ବୋଲି ସିଏସ୍‌କେ ମୁଖ୍ୟ କାର୍ଯ୍ୟନିର୍ବାହୀ କାଶୀ ବିଶ୍ୱନାଥନ କହିଛନ୍ତି। ୬ଟି ମ୍ୟାଚ୍ ଖେଳି ବ୍ରାଭୋ ୨ଟି ଇନିଂସରେ ମାତ୍ର ୭ ରନ ସଂଗ୍ରହ କରିଛନ୍ତି। ତେବେ ଭଲ ବୋଲିଂ କରି ସେ ୮.୫୭ ରନ ହାରରେ ୬ଟି ଉଇକେଟ ହାସଲ କରିଛନ୍ତି। ଚେନ୍ନାଇ ୧୦ଟି ମ୍ୟାଚ୍ ଖେଳି ୭ଟି ପରାଜୟ ବରଣ କରିଛି। ମାତ୍ର ୩ଟି ବିଜୟ ସହ ୬ ପଏଣ୍ଟ ହାସଲ କରି ଚେନ୍ନାଇ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ସୁରେଶ ରାଇନା, ହରଭଜନ ସିଂଙ୍କ ଭଳି ଅଭିଜ୍ଞ ଖେଳାଳି ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରୁ ଓହରିଯିବା ଫଳରେ ଚେନ୍ନାଇର ପ୍ରଦର୍ଶନ ଏଥର ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ଧୋନୀ ଓ କେଦାର ଯାଦବଙ୍କ ଭଳି ଖେଳାଳିଙ୍କ ଦୁର୍ବଳ ଫର୍ମ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ